# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୫/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, January 5/2023 Page 16 ₹ 7.00

୪୯ଶ ଭାଗ ୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 43 ମୂଲ୍ୟ₹୭/-





## ସଂକ୍ଷେପରେ

### ସୋନିଆ ହସ୍ପିଟାଲରେ



**ନୂଆଦିଲ୍ଲୀ,୪।୧:** ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ବୁଧବାର ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସହ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହସ୍ପିଟାଲ ଯାଇଥିଲେ। ସୋନିଆଙ୍କର ଶ୍ୱାସନଳୀରେ ସଂକ୍ରମଣ ହୋଇଥିବା କୁହାଯାଉଛି। ମଙ୍ଗଳବାର ସେ ଅସୁସ୍ଥ ଥିବାରୁ ଉତ୍ତରପ୍ରଦେଶରେ ଭାରତ ଯୋଡ଼ୋ ଯାତ୍ରାରେ ଥିବା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ସନ୍ଧ୍ୟାରେ ନୂଆଦିଲ୍ଲୀ ଫେରିଥିଲେ। ବୁଧବାର ସକାଳେ ପୁଣି ପଦଯାତ୍ରା ଆରମ୍ଭ ହୋଇଛି।

### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା



**ନୂଆଦିଲ୍ଲୀ, ୪।୧:** ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ସୁବିଧା ଯୋଗାଇ ଦେବା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଛି। ଦେଶର ଯେ କୌଣସି ସ୍ଥାନକୁ ଯାତ୍ରା କରିବାବେଳେ ବୋଷଙ୍କ ସୁରକ୍ଷାରେ ୨୫ରୁ ୩୦ ଆର୍ମଡ୍ ଫୋର୍ସ ତାଙ୍କ ପାଖରେ ଉପସ୍ଥିତ ରହିବେ। ଅବସର ପ୍ରାପ୍ତ ଆଇଏଏସ୍ ଅଫିସର ବୋଷ ଗତବର୍ଷ ନଭେମ୍ବରରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନର ଉପରାଷ୍ଟ୍ରପତି ଜଗଦୀପ ଧନ୍କର ପୂର୍ବରୁ ପଶ୍ଚିମବଙ୍ଗ ରାଜ୍ୟପାଳ ଦାୟିତ୍ୱରେ ଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ମଧ ଜେଡ୍ ପ୍ଲସ୍ ସିକ୍ୟୁରିଟି ଯୋଗାଇ ଦିଆଯାଇଥିଲା।

### ମହିଳା ଇଞ୍ଜିନିୟରଙ୍କ ଉପରେ ଟ୍ରକ୍ ମାଡ଼ିଗଲା

**ଚେନ୍ନାଇ,୪।୧:** ଚେନ୍ନାଇର ଜଣେ ୨୨ ବର୍ଷୀୟ ମହିଳା ଇଞ୍ଜିନିୟର ମଙ୍ଗଳବାର ରାସ୍ତାରେ ପଟ୍‌ହୋଲ୍‌କୁ ଏଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ସ୍କୁଟିରୁ ପଡ଼ିଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଏକ ଟ୍ରକ୍ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଶୋଭନା ନାମ୍ନୀ ଏହି ଇଞ୍ଜିନିୟର ଜୋହୋ ନାମକ ଏକ ଘରୋଇ ଟେକ୍‌ନିକାଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ସ୍କୁଟିରେ ତାଙ୍କ ଭାଇ ହରିଶଙ୍କୁ ନେଇ ଏନ୍‌ଇଇଟି କୋଚିଂ କ୍ଲାସ୍‌ରେ ଡ୍ରପ୍ କରିବାକୁ ଯାଉଥିବାବେଳେ ମଦୁରାଭୋୟାଲସ୍ଥିତ ସର୍ଭିସ୍ ରୋଡ୍‌ରେ ଦୁର୍ଘଟଣା ଘଟିଥିଲା। ତାଙ୍କ ଭାଇ ମଧ ଦୁର୍ଘଟଣାରେ ଆହତ ହୋଇଛନ୍ତି।

### ୪ ବର୍ଷରେ ଟ୍ରେନ୍‌ଧକ୍କାରେ ୬୩,୩୪୫ ପ୍ରାଣୀଙ୍କ ମୃତ୍ୟୁ

**ସିଏଜି ରିପୋର୍ଟ**

**ନୂଆଦିଲ୍ଲୀ, ୪।୧:** ୨୦୧୭-୧୮ରୁ ୨୦୨୦-୨୧ ବର୍ଷ ମଧରେ ୬୩,୩୪୫ ପ୍ରାଣୀ ରେଳ ଧକ୍କାରେ ପ୍ରାଣ ହରାଇଥିବା ସିଏଜି (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମୃତ ପ୍ରାଣୀଙ୍କ ମଧରେ ୪ ଏସିଆଟିକ୍ ସିଂହ ଏବଂ ୭୩ ହାତୀ ରହିଛନ୍ତି। ଏ ଦୁର୍ଘଟଣାକୁ ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ଲାଗି ସିଏଜି ରେଳ ବିଭାଗ ଏବଂ ପରିବେଶ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛି। ଏସିଆଟିକ୍ ସିଂହଙ୍କ ସୁରକ୍ଷା କ୍ଷେତ୍ରରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରାଯାଉ ନ ଥିବା ସିଜେଆଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ହାଇପରସୋନିକ୍ ମିଶାଇଲ ପ୍ରସ୍ତୁତ

## ଆଟଲାଣ୍ଟିକ୍ ଓ ଭାରତ ମହାସାଗରକୁ ରୁଷିଆ ପଠାଇଲା ଯୁଦ୍ଧଜାହାଜ



ଭ୍ଲାଡିମିର ପୁଟିନ୍



ପ୍ରତୀକାତ୍ମକ ଚିତ୍ର

**ମସ୍କୋ,୪।୧**

ୟୁକ୍ରେନ୍ ଆକ୍ରମଣର ୩୧୫ ଦିନ ପରେ ମଧ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଖୋର ମନୋଭାବ ଯାଇନାହିଁ। ସେ ହାଇପରସୋନିକ୍‌କ୍ରୁଜ୍‌ମିଶାଇଲ ବୋଝେଇ ଯୁଦ୍ଧଜାହାଜ ଆଡ୍‌ମିରାଲ ଗୋର୍ଶକୋଭ୍‌କୁ ଆଟ୍‌ଲାଣ୍ଟିକ୍ ଏବଂ ଭାରତ ମହାସାଗରରେ ମୁତୟନ କରିଛନ୍ତି। ରୁଷୀୟ ସୈନ୍ୟଙ୍କୁ ୟୁକ୍ରେନୀୟ ସେନା ମୁହଁତୋଡ଼ ଜବାବ ଦେଉଥିବାବେଳେ ପୁଟିନ୍ ଏଭଳି ଢଙ୍ଗରେ ନିଜ ସାମରିକ ଶକ୍ତି ପ୍ରଦର୍ଶନ କରିଛନ୍ତି।

ରୁଷିଆ ରାଷ୍ଟ୍ରପତି ପୁଟିନ୍ ବୁଧବାର ଆଡ୍‌ମିରାଲ ଗୋର୍ଶକୋଭ୍ ଯୁଦ୍ଧଜାହାଜର ମୁତୟନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଫ୍ରିଗେଟ୍‌ର କମାଣ୍ଡର ଆଇଗୋର କ୍ରୋଖମାଲଙ୍କ ସହ ଆଲୋଚନା କରିଛନ୍ତି। ପୁଟିନ୍ କହିଛନ୍ତି, ଏହି ଯୁଦ୍ଧଜାହାଜରେ ସଦ୍ୟତମ ହାଇପରସୋନିକ୍ ମିଶାଇଲ ସିଷ୍ଟମ୍ 'ଜିର୍କୋନ୍' ରହିଛି। ଦେଶମାତୃକାର ସେବା ପାଇଁ କ୍ରିଉଙ୍କୁ ସଫଳତା କାମନା କରୁଛି। ଜଳ ଓ ସ୍ଥଳରେ ଶତ୍ରୁପକ୍ଷଙ୍କୁ ପ୍ରତିହତ କରିବା ଲାଗି ଲକ୍ଷ୍ୟସ୍ଥଳକୁ ଭେଦ କରିବାରେ ଏହା ସକ୍ଷମ। ଏହି ମିଶାଇଲ ସିଷ୍ଟମ୍‌ରେ ୧,୦୦୦ କି.ମି. ଦୂର ପର୍ଯ୍ୟନ୍ତ ଟାର୍ଗେଟ କରାଯାଇପାରିବ। ହାଇପରସୋନିକ୍ କ୍ଷେପଣାସ୍ତ୍ରଗୁଡ଼ିକର ବେଗ ଶବ୍ଦର ଗତିଠାରୁ ୫ ଗୁଣା ଅଧିକ। ଆମେରିକା ଓ ଚାଇନା ମଧରେ ହାଇପରସୋନିକ୍ କ୍ଷେପଣାସ୍ତ୍ର ବିକଶିତ କରିବା ନେଇ ପ୍ରତିଯୋଗିତା ଚାଲିଥିବାବେଳେ ରୁଷିଆ ଜିର୍କୋନ୍‌କୁ ଗତବର୍ଷ ଯୁଦ୍ଧଜାହାଜ ଓ ବୁଡ଼ାଜାହାଜରୁ ପରୀକ୍ଷଣ କରିଥିଲା। ରୁଷିଆ ପ୍ରତି ବିପଦ ସୃଷ୍ଟି ହେଲେ ଏବଂ କ୍ଷେତ୍ରୀୟ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଶତ୍ରୁପକ୍ଷର ମୁକାବିଲା ସକାଶେ ଏହାକୁ ବିକଶିତ କରାଯାଇଛି ବୋଲି ଶୋଇଗୁ କହିଛନ୍ତି।

➥ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ କହିଛନ୍ତି, ଡୋନେସ୍କ ରିଜିୟନ୍‌ର ମସ୍କୋ ନିୟନ୍ତ୍ରଣରେ ଥିବା ମାକିଭ୍‌କା ସହରରେ ୟୁକ୍ରେନ୍ ସୈନ୍ୟଙ୍କ ଆକ୍ରମଣରେ ୮୯ ରୁଷୀୟ ସୈନ୍ୟ ନିହତ ହୋଇଛନ୍ତି।

➥ରୁଷୀୟ ସୈନ୍ୟମାନେ ବିନା ଅନୁମତିରେ ମୋବାଇଲ ଫୋନ୍ ବ୍ୟବହାର କରିଥିବାରୁ ୟୁକ୍ରେନୀୟ ପ୍ରତିପକ୍ଷ ସେମାନଙ୍କୁ ଟାର୍ଗେଟ କରିବାରେ ସକ୍ଷମ ହୋଇଥିଲେ।

➥ଯୁଦ୍ଧରେ ପ୍ରାଣ ହରାଇଥିବା ରୁଷୀୟ ସୈନ୍ୟମାନଙ୍କ ବିଧବାଙ୍କୁ ସମର୍ଥନ କରୁଥିବା ଏକ ଜାତୀୟତାବାଦୀ ଗୋଷ୍ଠୀ ପୁଟିନ୍‌ଙ୍କୁ ୟୁକ୍ରେନ୍ ଉପରେ ବିଜୟ ହାସଲ ସୁନିଶ୍ଚିତ କରିବାକୁ କହିଛି। ଏଥିଲାଗି ସୀମାକୁ ଅନେକ ନିୟୁତ ସୈନ୍ୟ ପ୍ରେରଣ ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦେଇଛି।

➥ୟୁକ୍ରେନ୍‌କୁ ଯୁଦ୍ଧରେ ଜର୍ମାନୀ ସମର୍ଥନ କରୁଛି। ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ବର୍ଲିନ୍‌ରେ ବିକ୍ଷୋଭକାରୀମାନେ ଆହ୍ୱାନ ଦେଇଛନ୍ତି। କାରଣ ଗ୍ୟାସ୍ ପାଇଁ ଜର୍ମାନୀ ରୁଷିଆ ଉପରେ ନିର୍ଭରଶୀଳ।



"ବର୍ତ୍ତମାନ ୟୁକ୍ରେନ୍‌କୁ ଆମର ସର୍ବାଧିକ ସାମରିକ ସହାୟତା ଆବଶ୍ୟକ।
–ଇମାନ୍ୱେଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି

➥ୟୁକ୍ରେନ୍‌କୁ ଦୀର୍ଘକାଳୀନ ସାମରିକ ସହଯୋଗ କରିବା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ମତ ଦେଇଛନ୍ତି।

➥ୟୁକ୍ରେନ୍ ଓ ୟୁରୋପୀୟ ସଂଘ (ଇୟୁ) ମଧରେ ଫେବୃୟାରୀ ୩ରେ କିଭ୍‌ରେ ବୈଠକ ହେବ। ଆର୍ଥିକ ଓ ସାମରିକ ସହାୟତା ପ୍ରଦାନ ନେଇ ଉକ୍ତ ବୈଠକରେ ଆଲୋଚନା ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅଫିସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

## ନୂଆ ଦଲାଇ ଲାମା ଚୟନରେ ହସ୍ତକ୍ଷେପ କରିବ ଚାଇନା



ପେନ୍ପା ସେରିଙ୍ଗ

**କୋଲକାତା,୪।୧**

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନରେ ଚାଇନା ହସ୍ତକ୍ଷେପ କରିବ। ଏଥିପାଇଁ ବେଜିଂ ୧୫ ବର୍ଷ ହେଲା ପ୍ରସ୍ତୁତି ଚଳାଇଥିବା ତିବ୍ବତ ନିର୍ବାସିତ ସରକାରର ମୁଖ୍ୟ ପେନ୍‌ପା ସେରିଙ୍ଗ କହିଛନ୍ତି। ଗଣତାନ୍ତ୍ରିକ ଉପାୟରେ ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ବୋଲି ସେରିଙ୍ଗଙ୍କ ପ୍ରଶାସନ ଚାହାନ୍ତି। ପୂର୍ବରୁ ଦଲାଇଲାମା ଚୟନ କରିଥିବା ଉତ୍ତରାଧିକାରୀଙ୍କୁ ସାଧାରଣ ନଜରରୁ ହଟାଇ ଦିଆଯାଇ ଚାଇନାର କମ୍ୟୁନିଷ୍ଟ ସରକାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପଞ୍ଚେନ୍ ଲାମାଙ୍କୁ ନିଯୁକ୍ତି ଦେଇଥିଲା। ଆଗାମୀ ଦିନରେ ଏହାର ପୁନରାବୃତ୍ତି ହୋଇପାରେ ବୋଲି କୋଲକାତା ଗସ୍ତରେ ଆସିଥିବା ସେରିଙ୍ଗ୍ କହିଛନ୍ତି। ଚାଇନା-ତିବ୍ବତ ବିବାଦର ସମାଧାନ ନ ହେଲେ ଦଲାଇଲାମାଙ୍କ ପରଲୋକ ପରେ ତିବ୍ବତୀୟଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାରେ ଚାଇନା ନିଶ୍ଚୟ ହସ୍ତକ୍ଷେପ କରିବ ବୋଲି ତିବ୍ବତ ନିର୍ବାଚିତ ସରକାରର ମୁଖ୍ୟ କହିଛନ୍ତି।

## ୬ ଭାରତୀୟ ବଂଶୋଦ୍ଭବଙ୍କୁ ପୁନଃ ମନୋନୀତ କଲେ ବାଇଡେନ୍

**ୱାଶିଂଟନ,୪।୧**

**ଆମେରିକାର ପ୍ରଶାସନିକ ପଦବୀ**

ଆମେରିକା ପ୍ରଶାସନର କେତେକ ଶୀର୍ଷ ପଦବୀକୁ ଅନ୍ୟୂନ ୬ ଜଣ ଭାରତୀୟ ବଂଶୋଦ୍ଭବଙ୍କୁ ରାଷ୍ଟ୍ରପତି ଜୋ ବାଇଡେନ୍ ପୁନଃ ମନୋନୀତ କରିଛନ୍ତି। ସେଗୁଡ଼ିକୁ ସିନେଟ ଅନୁମୋଦନ ନିମନ୍ତେ ପଠାଯାଇଛି। ରିଚାର୍ଡ ବର୍ମା (୫୪)ଙ୍କୁ ପରରାଷ୍ଟ୍ର ବିଭାଗର ପରିଚାଳନା ଓ ସମ୍ବଳ ବିଭାଗ ଉପସଚିବ ପାଇଁ ମନୋନୀତ କରାଯାଇଥିବାବେଳେ ଡ. ବିବେକ ହାଲେଗେରେ ମୂର୍ତ୍ତିଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କାର୍ଯ୍ୟନିର୍ବାହୀ ବୋର୍ଡର ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ବର୍ମା ପୂର୍ବରୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିଲେ। ଏବେ ସେ ମୁଖ୍ୟ ନ୍ୟାୟିକ ଅଧିକାରୀ ଏବଂ ମାଷ୍ଟରକାର୍ଡରେ ଗ୍ଲୋବାଲ ପବ୍ଲିକ୍ ପଲିସି ମୁଖ୍ୟ ଅଛନ୍ତି। ସେହିପରି ମୂର୍ତ୍ତି ଆମେରିକାର ୨୧ତମ ସର୍ଜନ ଜେନେରାଲ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧରେ ଅଞ୍ଜଳି ଚତୁର୍ବେଦୀଙ୍କୁ ବରିଷ୍ଠ ବ୍ୟାପାର ବିଭାଗ ଜେନେରାଲ କାଉନସିଲ, ରବି ଚୌଧରୀଙ୍କୁ ଆମେରିକା ବାୟୁସେନାର ସହକାରୀ ସଚିବ, ଗୀତା ରାଓ ଗୁପ୍ତାଙ୍କୁ ବିଶ୍ୱ ମହିଳା ପ୍ରସଙ୍ଗରେ ଆମ୍ବାସଡର ଆଟ୍ ଲାର୍ଜ ଏବଂ ରାଧା ଆୟେଙ୍ଗାର ପ୍ଲମ୍ବଙ୍କୁ ପ୍ରତିରକ୍ଷା ବିଭାଗ ଉପ ଅନୁସଚିବ ଭାବେ ମନୋନୀତ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଉପରୋକ୍ତ ନାମକୁ ସିନେଟକୁ ପଠାଇଥିଲେ ମଧ ତାହା ଅନୁମୋଦନ ହୋଇପାରି ନ ଥିଲା। ମଙ୍ଗଳବାର ୧୧୮ତମ କଂଗ୍ରେସର ପ୍ରଥମ ଦିନରେ ସିନେଟରମାନେ ଶପଥ ନେବା ସହ ପ୍ରତିନିଧି ସଭାର ବାଚସ୍ପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି।

## ମୁମ୍ବାଇକୁ ମିଳିଲା ପ୍ରଥମ ସ୍ୱତନ୍ତ୍ର ପୋଲିସ କମିଶନର

**ମୁମ୍ବାଇ,୪।୧**



ମହାରାଷ୍ଟ୍ର ସରକାର ମୁମ୍ବାଇ ପାଇଁ ସ୍ୱତନ୍ତ୍ର ପୋଲିସ କମିଶନର ନିଯୁକ୍ତ ଭାବେ ବରିଷ୍ଠ ଆଇପିଏସ୍ ଅଫିସର ତଥା ଅତିରିକ୍ତ ପୋଲିସ ଡିଜି ଦେବେନ ଭାରତୀଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଥମ ଥର ଲାଗି ରାଜ୍ୟ ସରକାର ମୁମ୍ବାଇ ପାଇଁ ସ୍ୱତନ୍ତ୍ର ପୋଲିସ କମିଶନର ପଦବୀ ସୃଷ୍ଟି କରିଛନ୍ତି। ଭାରତୀ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର।

## ଏମ୍‌ପି ସରକାରଙ୍କ ବିରୋଧରେ ୧୦ ହଜାର କୋଟିର ମାମଲା

**ଇନ୍ଦୋର,୪।୧**

**ମିଛ ଅଭିଯୋଗରେ ୨ ବର୍ଷ ଜେଲ**

ମଧ୍ୟପ୍ରଦେଶର ପଟଲମ୍ ଅଞ୍ଚଳର ଜଣେ ଆଦିବାସୀଙ୍କୁ ମିଛ ଅଭିଯୋଗରେ ୬୬୬ ଦିନ ଜେଲରେ ରଖାଯାଇଥିଲା। ଗତବର୍ଷ ଅକ୍ଟୋବରରେ ତାଙ୍କୁ ଗଣବଳାତ୍କାର ମାମଲାରେ ଦୋଷମୁକ୍ତ କରାଯାଇଥିଲା। ଏହି ବ୍ୟକ୍ତି ଜଣକ ବିନା ଦୋଷରେ ଜେଲ ଯାଇଥିବାରୁ ମଧ୍ୟପ୍ରଦେଶ ସରକାର ତାଙ୍କୁ ୧୦,୦୦୬ କୋଟି ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରି ମାନହାନି ମାମଲା ଦାଏର କରିଛନ୍ତି। ଆବେଦନକାରୀ କନ୍ତୁ ଓରଫ କାନ୍ତିଲାଲ ଭିଲ୍ (୩୫)ଙ୍କୁ ଯୌନ ସୁଖରୁ ବଞ୍ଚିତ କରାଯାଇଥିବାରୁ ସେ ଏତେ ପରିମାଣରେ ଅର୍ଥରାଶି ଦାବି କରିଛନ୍ତି। ଏବେ ବି ସେ ଜେଲ ସମୟର ଯନ୍ତ୍ରଣାକୁ ଭୁଲିପାରି ନାହାନ୍ତି। ଏହା ତାଙ୍କର ସଂସାରକୁ ଓଲଟପାଲଟ କରିଦେଇଥିଲା। ତାଙ୍କ ସ୍ତ୍ରୀ, ପିଲା ଓ ବୃଦ୍ଧା ମାଆ ନାହିଁ ନ ଥିବା ହଇରାଣ ହୋଇଥିଲେ। ଜେଲରେ ରହିବାରୁ ତାଙ୍କୁ ଚର୍ମରୋଗ ସମେତ ଅନ୍ୟାନ୍ୟ ରୋଗ ହୋଇଥିଲା, ଯାହା ଏବେ ମଧ ଅନୁଭୂତ ହେଉଛି ବୋଲି କନ୍ତୁ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।

## ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣା: ଅଭିଯୁକ୍ତଙ୍କୁ ବ୍ୟାନ୍ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୪।୧**

ନଭେମ୍ବର ମାସରେ ଏୟାର ଇଣ୍ଡିଆ ବିମାନର ବିଜ୍‌ନେସ୍ କ୍ଲାସ୍‌ରେ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଆଉ ଜଣେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାରେ ଏୟାର ଲାଇନ୍ସ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ୩୦ ଦିନିଆ ବ୍ୟାନ୍ ଲଗାଯାଇଛି। ବିମାନ ଯାତ୍ରା ନିୟମକୁ ପାଳନ କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ବିମାନ ଉଡ଼ାଣ ତାଲିକାରୁ ବାଦ୍ ଦିଆଯିବା ନେଇ ନିୟମ ଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବୁଧବାର କହିଛି। ଏ ନେଇ ଏୟାର ଇଣ୍ଡିଆ ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ମହିଳା ଜଣକ ଏୟାର ଇଣ୍ଡିଆ ଗ୍ରୁପ୍ ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍‌ର ବିଜ୍‌ନେସ୍ ଶ୍ରେଣୀର ନିଶାସକ୍ତ ବ୍ୟକ୍ତି ଆଉଜଣେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ। ଏହାପରେ ମହିଳାଙ୍କ ପୋଷାକ, ବ୍ୟାଗ୍ ଏବଂ ଜୋତା ପରିସ୍ରାରେ ଭିଜିଯାଇଥିବା ମହିଳାଜଣକ କ୍ରିଉଙ୍କୁ ଜଣାଇଥିଲେ। ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଏୟାର ଲାଇନ୍ସ ପକ୍ଷରୁ କୁହାଯାଇଥିବାବେଳେ ଦିଲ୍ଲୀ ବିମାନ ବନ୍ଦରରେ ବିମାନ ଅବତରଣ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

## ଡ୍ରମ୍‌ରୁ ମିଳିଲା ମହିଳାଙ୍କ ଗଳିତ ମୃତଦେହ

**ବେଙ୍ଗାଲୁରୁ, ୪।୧**

ବେଙ୍ଗାଲୁରୁର ଯଶୋବନ୍ତପୁର ରେଳ ଷ୍ଟେଶନ୍‌ର ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଛି। ବୁଧବାର ସକାଳେ ଜଣେ ରେଳ ଷ୍ଟେଶନର ସଫେଇ କର୍ମଚାରୀ ଡ୍ରମ୍ ସଫା କରିବାକୁ ଯାଇଥିବାବେଳେ ମୃତଦେହ ଦେଖିଥିଲେ। ଫୋରେନ୍ସିକ୍ ଟିମ୍ ରେଳଷ୍ଟେଶନ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ତେବେ ତାଙ୍କ ବୟସ ଅନ୍ୟୂନ ୨୦ ବର୍ଷ ହେବ ବୋଲି ଅନୁମାନ କରୁଥିବାବେଳେ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଦାୟିତ୍ୱ ଗ୍ରହଣ କରିବାର ୨ ଦିନ ପରେ ବୁଧବାର ବ୍ରାସିଲିଆରେ ତାଙ୍କ ଆର୍ଥିକ ନୀତିକୁ ବିରୋଧକରି ବିକ୍ଷୋଭ କରାଯାଉଛି।

## ଶୁଣାଣିରୁ ଓହରିଲେ ଜଷ୍ଟିସ୍ ତ୍ରିବେଦୀ

**ନୂଆଦିଲ୍ଲୀ,୪।୧(ପି.ଟି.)**



ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ

**ବିଲ୍‌କିସ୍ ମାମଲା**

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ୧୧ ଜଣ ଦୋଷୀଙ୍କୁ ଦଣ୍ଡ ଅବଧି ପୂରଣ ହେବା ପୂର୍ବରୁ ମୁକ୍ତ କରିଦିଆଯିବା ଘଟଣାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହାର ଶୁଣାଣିରୁ ବିଚାରପତି ବେଲା ଏମ୍. ତ୍ରିବେଦୀ ବୁଧବାର ଓହରିଯାଇଛନ୍ତି। ଜଘନ୍ୟ ଅପରାଧ ମାମଲାରେ ଦୋଷୀଙ୍କୁ ସମୟ ପୂର୍ବରୁ ମୁକ୍ତ କରିଦେବା ଘଟଣାକୁ ସିପିଆଇ(ଏମ୍) ନେତା ସୁଭାଷିନୀ ଅଲି, ସାମ୍ବାଦିକ ରେବତୀ ଲାଉଲ, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ରୂପରେଖା ବର୍ମା ଏବଂ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୈତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଜୟ ରାସ୍ତୋଗୀ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ପିଟିଶନଗୁଡ଼ିକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଆବେଦନକାରୀମାନେ ମାମଲାରେ ସେମାନଙ୍କର ଶୁଣାଣି ଅଧିକାର ପ୍ରମାଣ କରିବାକୁ ଚାହୁଁଛନ୍ତି ବୋଲି ଅପରାଧୀ ପକ୍ଷଙ୍କ ଓକିଲ ଋଷି ମାଲହୋତ୍ରା କହିଥିଲେ। ଆବେଦନକାରୀ ପକ୍ଷଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର ଏବଂ ଅପର୍ଣ୍ଣା ଭଟ୍ଟ ଏହାକୁ ବିରୋଧ କରିଥିଲେ। ଫେବୃୟାରୀରେ ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଭଟ୍ଟ ଅନୁରୋଧ କରିବା ପରେ ଖଣ୍ଡପୀଠ ଏଥିରେ ରାଜି ହୋଇଥିଲେ। ପୂର୍ବରୁ ଜଷ୍ଟିସ୍ ତ୍ରିବେଦୀ ପୀଡ଼ିତା ବିଲ୍‌କିସ୍‌ଙ୍କ ଶୁଣାଣିରୁ ଓହରିଯାଇଥିବା ତାଙ୍କ ଓକିଲ ଶୋଭା ଗୁପ୍ତା କହିବା ପରେ ଜଷ୍ଟିସ୍ ରସ୍ତୋଗୀ ତାଙ୍କ ସହ ଆଲୋଚନା କରିଥିଲେ। ଜଷ୍ଟିସ୍ ତ୍ରିବେଦୀ ପୀଡ଼ିତାଙ୍କ ଆବେଦନର ଶୁଣାଣିରୁ ଓହରିଯାଇଥିବାରୁ ବର୍ତ୍ତମାନର ଶୁଣାଣିରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଅନ୍ୟ ଖଣ୍ଡପୀଠରେ ମାମଲାଗୁଡ଼ିକ ଶୁଣାଣି ହେବ ବୋଲି ଜଷ୍ଟିସ୍ ରସ୍ତୋଗୀ କହିଥିଲେ।

## ଆଲ୍ଲାହାବାଦ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ

**ନୂଆଦିଲ୍ଲୀ,୪।୧**

■ଓବିସି ସଂରକ୍ଷଣ ବିନା ୟୁପି ପୌର ନିର୍ବାଚନ

■ଯୋଗୀ ସରକାରଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି



ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ବିନା ପୌର ନିର୍ବାଚନ କରାଇବାକୁ ଆଲ୍ଲାହାବାଦ ହାଇକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ବୁଧବାର ଉକ୍ତ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ପୌର ନିର୍ବାଚନରେ ସଂରକ୍ଷଣକୁ ନେଇ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ମିଳିବ ବୋଲି ୟୁପି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ପୌର ନିର୍ବାଚନରେ ସଂରକ୍ଷଣ ସୁବିଧା ଦେବା ନିମନ୍ତେ ଓବିସି ମାନଙ୍କର ରାଜନୈତିକ ଅନଗ୍ରସରତା ସମ୍ପର୍କରେ ମାର୍ଚ୍ଚ ୩୧ ସୁଦ୍ଧା ରିପୋର୍ଟ ଦେବାକୁ ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଉତ୍ତରପ୍ରଦେଶ ପୌର ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାର ଡିସେମ୍ବର ୫ରେ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୭ ତାରିଖରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଏହାକୁ ଖାରଜ କରିଦେଇଥିଲେ। ବିନା ଓବିସି କୋଟାରେ ନିର୍ବାଚନ କରାଇବା ଲାଗି ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଓବିସି କମିଶନ ଗଠନ ସରିଛି ଏବଂ ମାର୍ଚ୍ଚ ସୁଦ୍ଧା ଏହାର କାର୍ଯ୍ୟ ଶେଷ କରିବ ବୋଲି ୟୁପି ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବିନା ସଂରକ୍ଷଣରେ ପୌର ନିର୍ବାଚନ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଥିଲେ। ସମାଜବାଦୀ ପାର୍ଟି ମଧ୍ୟ ଲକ୍ଷ୍ନୌ ବେଞ୍ଚ୍‌ର ରାୟକୁ ବିରୋଧକରି ସୁପ୍ରିମକୋର୍ଟରେ ସ୍ପେଶାଲ ଲିଭ୍ ପିଟିଶନ ଦାଏର କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୫/୨୦୨୩ | Bhubaneswar, Thursday, January 5/2023 | ପୃଷ୍ଠା-୧



## ପନ୍ତଙ୍କୁ ଏୟାରଲିଫ୍ଟ

ଦୁର୍ଘଟଣାରେ ଆଘାତପ୍ରାପ୍ତ ହୋଇଥିବା ଭାରତୀୟ କ୍ରିକେଟ ଦଳର ସଦସ୍ୟ ଋଷଭ ପନ୍ତଙ୍କୁ ଡେରାଡୁନରୁ ମୁମ୍ବାଇକୁ ଏୟାରଲିଫ୍ଟ କରାଯାଇଛି।

୧୪

୦୯

## କୋହଲିଙ୍କ ସହ ବୃନ୍ଦାବନରେ ଅନୁଷ୍କା

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ସ୍ୱାମୀ ବିରାଟ କୋହଲିଙ୍କ ସହ ବୃନ୍ଦାବନ ଭ୍ରମଣରେ ଯାଇଛନ୍ତି।





ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ବୁଧବାର ଗୋଟିଏ ବଡ଼ ଲୁହାବିମ୍ ଲଗାଯାଉଛି।

# ୧୨୦ ବର୍ଷ ପରେ ଖୋଲିବ ସୂର୍ଯ୍ୟମନ୍ଦିର ଗର୍ଭଗୃହ

### ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ବାଲି କଢ଼ାଯିବ

- ଲିଫ୍ଟ ପାଇଁ ଲାଗିଲା ପ୍ଲାଟଫର୍ମ, ବିମ୍
- କାର୍ଯ୍ୟ ସରିବାକୁ ଲାଗିବ ୩ ବର୍ଷ

**କୋଣାର୍କ, ୪।୧(ଡି.ଏନ୍.ଏ)**

୧୩ ଶହ ଶତାବ୍ଦୀରେ ନିର୍ମିତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହ ଦୀର୍ଘ ୧୨୦ ବର୍ଷ ପରେ ପୁଣି ଖୋଲାଯିବ। ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଏଭଳି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଗର୍ଭଗୃହରୁ ବାଲି କଢ଼ାଯିବା ଦ୍ୱାରା ଜଗମୋହନ ସୁରକ୍ଷା ସହ ମନ୍ଦିର ମୁଖଶାଳା ଦେଇ ପ୍ରଥମ ସୂର୍ଯ୍ୟୋଦୟର କିରଣ ପଡୁଥିବା ପଥରକୁ ପର୍ଯ୍ୟଟକମାନେ ଦେଖିପାରିବେ। ଏ ନେଇ ପ୍ରକ୍ରିୟା ଆରମ୍ଭ ପରେ ଏଏସ୍ଆଇ ଏବଂ ବିଡିଆର୍ କନଷ୍ଟ୍ରକ୍ସନ ଲିମିଟେଡ୍ କମ୍ପାନୀର ନିର୍ମାଣ ବିଭାଗ ପକ୍ଷରୁ ଲିଫ୍ଟ ପାଇଁ ପ୍ଲାଟଫର୍ମ ମୂଳଦୁଆ ଓ ଉତ୍ତର-ପଶ୍ଚିମ କୋଣରେ ରାସ୍ତା ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି। ବୁଧବାର ଗୋଟିଏ ବଡ଼ ଲୁହାବିମ୍‌କୁ ମନ୍ଦିରର ଉତ୍ତର କୋଣରେ ଲଗାଯାଇଛି। ଆହୁରି ତିନୋଟି ଏହିଭଳି ପ୍ଲାଟଫର୍ମ ବିମ୍ ଲଗାଯିବ। ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଏହି ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ଗର୍ଭଗୃହରେ ଥିବା ବାଲିକୁ ପର୍ଯ୍ୟାୟ କ୍ରମେ ମନ୍ଦିର ପାଦଦେଶକୁ ☞ପୃଷ୍ଠା-୨

# ଗୁଜରାଟରେ ବିକ୍ଷୋଭ ଅପରାଧ

### ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର

- ଶକ୍ତିଶାଳୀ ହେଲା ପୋଲିସ
- ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ମଧ୍ୟ ଚାପିହେବ

**ନୂଆଦିଲ୍ଲୀ,୪।୧**

ଫୌଜଦାରି ଦଣ୍ଡ ସଂହିତା (ସିଆର୍‌ପିସି)ର ଧାରା ୧୪୪ ଜାରି ହୋଇଥିବା ସ୍ଥାନରେ କୌଣସି ପ୍ରକାର ବିକ୍ଷୋଭ ପ୍ରଦର୍ଶନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଆପରାଧିକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ଭାଜପା ଶାସିତ ଗୁଜରାଟ ବିଧାନସଭାରେ ୨୦୨୨ ମାର୍ଚ୍ଚରେ ଗୃହୀତ ଏ ସମ୍ପର୍କିତ ବିଲ୍‌କୁ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିଯୋଗୁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ବିରୋଧୀ ଓ ବିକ୍ଷୋଭକାରୀଙ୍କ ମୁହଁ ବନ୍ଦ ପାଇଁ ଅନୁରୂପ ବିଧେୟକ ପାରିତ କରି ଆଇନ ପ୍ରଣୟନ କରିବା ଆଶଙ୍କା ଉପୁଜିଛି। ଏପରି ହେଲେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (ଏ), (ବି) ଏବଂ (ସି) ଅନୁସାରେ ନିଜ ହକ୍ ଓ ଅଧିକାର ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀମାନଙ୍କୁ ପୋଲିସ ଗିରଫ କରି ଆଇନର କାଠଗଡ଼ାରେ ଛିଡ଼ା କରାଇବା ବାଟ ଫିଟିବ।

ଭାରତୀୟ ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ବିକ୍ଷୋଭ ପ୍ରଦର୍ଶନ ଓ ସ୍ୱର ଉତ୍ତୋଳନ କରିବାର ଅଧିକାର ଦେଇଛି। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ବିକ୍ଷୋଭ କରିବା ମଧ୍ୟ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। କୌଣସି ସ୍ଥାନରେ ବେଆଇନ ସମ୍ମିଳନୀ ହେତୁ ସାଧାରଣରେ ଶାନ୍ତିଭଙ୍ଗ ହେବା କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ସୃଷ୍ଟିହେଲେ ଜିଲା/ସବ୍‌ଡିଭିଜନାଲ/ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ସିଆର୍‌ପିସିର ୧୪୪ ଧାରା ଜାରି କରିଥାଆନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଅଞ୍ଚଳରେ କେହି ବିକ୍ଷୋଭ କଲେ ଉଲ୍ଲଂଘନକାରୀ ଭାବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ବିକ୍ଷୋଭକାରୀଙ୍କୁ ସର୍ବାଧିକ ୩ ବର୍ଷ ଜେଲଦଣ୍ଡ ଏବଂ/କିମ୍ବା ୧,୨୦୦ରୁ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦେଶ ଦିଆଯିବା ବ୍ୟବସ୍ଥା ସିଆର୍‌ପିସିରେ ରହିଛି। ଅନେକ ସମୟରେ ଏହି ଆଇନର ଦୁରୁପଯୋଗ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ। ଏଭଳି ଆଇନ ଥିବା ସତ୍ତ୍ୱେ ଗୁଜରାଟ ସରକାର କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜ୍ୟୁର୍ (ଗୁଜରାଟ ଆମେଣ୍ଡମେଣ୍ଟ) ବିଲ୍, ୨୦୨୧କୁ ଗତବର୍ଷ ମାର୍ଚ୍ଚରେ ରାଜ୍ୟ ବିଧାନସଭାରେ ସଂଶୋଧନ ପାଇଁ ଆଗତ କରି ଗୃହୀତ କରାଇଥିଲେ। ସିଆର୍‌ପିସି ଧାରା ୧୯୫ରେ ଅଣାଯାଇଥିବା ସଂଶୋଧନ ଅନୁଯାୟୀ ଗୁଜରାଟ ସରକାର, ପୋଲିସ କମିଶନର ଓ ଜିଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ୧୪୪ ଧାରା ଅନୁସାରେ ନିଷେଧାତ୍ମକ ଆଦେଶ ଜାରି କରିବା ଅଧିକାର ଦିଆଯାଇଛି। ଅର୍ଥାତ୍ ଶାନ୍ତିଭଙ୍ଗ କିମ୍ବା ଦଙ୍ଗା ଭଳି ସ୍ଥିତି ସୃଷ୍ଟିହେଲେ ପୋଲିସ ପ୍ରଶାସନ କୌଣସି ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରୁ କ୍ଷାନ୍ତ ରଖିବା କିମ୍ବା ସାଧାରଣରେ ଶାନ୍ତିଭଙ୍ଗ ☞ପୃଷ୍ଠା-୨

# ଆଜି ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟନ

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଷ୍ଟିଲସିଟିରେ ପ୍ରସ୍ତୁତି ଶେଷ
- ମୋ' ବସ୍ ଓ ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପିତ କରିବେ

**ରାଉରକେଲା ଅଫିସ୍, ୪।୧**

ଷ୍ଟିଲସିଟି ରାଉରକେଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଗସ୍ତ କରୁଛନ୍ତି। ରାଉରକେଲାରେ ପ୍ରଥମ ଥର କରି ପୁରୁଷ ହକି ବିଶ୍ୱକପ୍ ମ୍ୟାଚ ଖେଳା ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଛେଣ୍ଡ କଳିଙ୍ଗବିହାରସ୍ଥିତ ନବ ନିର୍ମିତ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଉଦ୍‌ଘାଟନ କରିବେ। ଏହା ସହ ମୋ' ବସ ସେବା, ବିର୍ସା ମୁଣ୍ଡା ଇନଡୋର ଷ୍ଟାଡିୟମ, ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମ ଓ ୧୭ଟି ବ୍ଲକରେ ଥିବା ଆଷ୍ଟ୍ରୋଟର୍ଫ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଉଦ୍‌ଘାଟନ କରିବେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ମଧ୍ୟାହ୍ନ ସମୟରେ ଉକ୍ତ କାର୍ଯ୍ୟକ୍ରମଗୁଡିକ ହେବ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ନେଇ ୩୬ ଜଣ ବିଧାୟକଙ୍କ ସହ ୪ ଜଣ ମନ୍ତ୍ରୀ ☞ପୃଷ୍ଠା-୨

# ଛୁଟିରେ ସ୍କୁଲ ପରିସରରୁ କାଟିନେଲେ ୧୦୬ ଗଛ



ଗଛଗୁଡ଼ିକୁ ମୂଳରୁ କାଟି ନେବାପରେ ଶ୍ରୀହୀନ ପରିବେଶ।

**ନବରଙ୍ଗପୁର,୪।୧(ବି.ପ୍ର.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କୁକୁଡ଼ାବାଇ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟ ପରିସରରେ ବର୍ଷ ବର୍ଷ ଧରି ଠିଆ ହୋଇଥିବା ୧୦୦ରୁ ଊର୍ଦ୍ଧ୍ୱ ଗଛ କାଟି ନିଆଯାଇଛି। ପରିତାପର ବିଷୟ, ସ୍କୁଲ କର୍ତ୍ତୃପକ୍ଷ ଏହା ଜାଣିପାରିଲେନାହିଁ। ଏମିତିକି ଜଣାପଡ଼ିବା ପରେ ମଧ୍ୟ ସ୍କୁଲ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଏତଲା ଦିଆଯାଇନାହିଁ।

କୁକୁଡ଼ାବାଇ ସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇ ସୌନ୍ଦର୍ଯ୍ୟକରଣ ଓ ରୂପାନ୍ତରୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଠାରେ ନବମ ଶ୍ରେଣୀରେ ୬୮ ଓ ୧୦ମ ଶ୍ରେଣୀରେ ୬୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସର ପାଚେରି ଚତୁଃପାର୍ଶ୍ୱରେ ୧୪୦ଟି ବିରାଟକାୟ ଆକାଶିଆ ଓ ଚାକୁଣ୍ଡା ଗଛ ଥିଲା। ତାରାରୋପଣ କରିବାଠାରୁ ଏହାର ଯତ୍ନ ନେଇ ବଡ଼ କରିବା ପର୍ଯ୍ୟନ୍ତ ଅନେକ ଶିକ୍ଷକଙ୍କ ହାତ ରହିଥିଲା। ଏହାଦ୍ୱାରା ବିଦ୍ୟାଳୟ ପରିବେଶ ସୁନ୍ଦର ଲାଗିବା ସହ ଛାୟା ଏବଂ ଅମ୍ଳଜାନ ☞ପୃଷ୍ଠା-୨

# ଫେବୃୟାରୀ ୨୧ରୁ ଓସିଏସ୍ ମେନ୍ ପରୀକ୍ଷା

**କଟକ ଅଫିସ,୪।୧**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୧ ମେନ୍ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ହେବ। ଏ ନେଇ ଓପିଏସ୍‌ସି ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିଦିନ ୨ ସିଟିଂରେ ପରୀକ୍ଷା କରାଯିବ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପ୍ରଥମ ସିଟିଂ ଏବଂ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଟିଂରେ ପରୀକ୍ଷା ହେବ। ୩ଘଣ୍ଟା ଧରି ପରୀକ୍ଷା ହେବାକୁ ଥିବାବେଳେ ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ୧ ଘଣ୍ଟା ସମୟ ଦିଆଯିବ। ମାର୍ଚ୍ଚ ୭ ଓ ୮ରେ ପରୀକ୍ଷା ହେବ ନାହିଁ। ପରୀକ୍ଷାର୍ଥୀମାନେ ପ୍ରକାଶିତ ବିଜ୍ଞପ୍ତିରେ ସବିଶେଷ ତଥ୍ୟ ପାଇପାରିବେ। ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଖୁବ୍‌ଶୀଘ୍ର ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଯଦି କୌଣସି ପରୀକ୍ଷାର୍ଥୀଙ୍କର ଓପିଏସ୍‌ସି ଦ୍ୱାରା ନିର୍ଦ୍ଧାରିତ ତାରିଖରେ ୟୁପିଏସ୍‌ସି ସିଭିଲ ସର୍ଭିସ ସାକ୍ଷାତ୍‌କାର ପରୀକ୍ଷା ଅଛି ତା'ହେଲେ ସେମାନେ ଅନ୍ୟ ଏକ ତାରିଖରେ ଓସିଏ ମେନ୍ ପରୀକ୍ଷା ଦେଇପାରିବେ। ଏଥିପାଇଁ ସେମାନଙ୍କୁ ଆସନ୍ତା ୯ ତାରିଖ ସୁଦ୍ଧା ୟୁପିଏସ୍‌ସି ସାକ୍ଷାତ୍‌କାରର ଚିଠିକୁ ଓପିଏସ୍‌ସି ନିକଟରେ ଦାଖଲ କରିବାକୁ ପଡିବ।

**ଆଜିର ସମ୍ପାଦକୀୟ**

ପ୍ରାଚୀନ କାଳର ରାଜା: ମାନ୍ଧାତା

# ଗର୍ଭାଶୟ କର୍କଟ ଚିହ୍ନଟ କରିବ ସର୍ଜିକାଲ ନାଇଫ୍

**ଲଣ୍ଡନ,୪।୧**

ଏଣିକି ଗର୍ଭାଶୟ କର୍କଟ ଚିହ୍ନଟ କରିବା ହେବ ଆହୁରି ସହଜ। ଲଣ୍ଡନର ଇମ୍ପେରିଆଲ କଲେଜର ବିଶେଷଜ୍ଞମାନେ ଏକ ବିଶେଷ ପ୍ରକାର ସର୍ଜିକାଲ ନାଇଫ୍ (ଛୁରି) ତିଆରି କରିଛନ୍ତି, ଯାହା ମାତ୍ର କିଛି ସେକେଣ୍ଡ ମଧ୍ୟରେ ଗର୍ଭାଶୟ କର୍କଟ ବା ଟ୍ୟୁମର ଚିହ୍ନଟ କରିବ। ବ୍ରେଷ୍ଟ ଏବଂ ବ୍ରେନ୍ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଆଇନାଇଫ୍ ବ୍ୟବହାର କରାଯାଇଥିବା ଗବେଷକଙ୍କ ପକ୍ଷରୁ କୁହାଯାଇଛି। ଆଇ ନାଇଫ୍ ବିଷୟରେ ବିସ୍ତୃତ ବିବରଣୀ କ୍ୟାନ୍‌ସର ଜର୍ନାଲରେ ପ୍ରକାଶ ପାଇଛି।

ବର୍ତ୍ତମାନ ସମୟରେ ମହିଳାଙ୍କ କ୍ଷେତ୍ରରେ ଗର୍ଭାଶୟ କର୍କଟ ଏକ ସାଧାରଣ ରୋଗ ଭାବେ ଉଭା ହୋଇଛି। ପ୍ରତିବର୍ଷ ବ୍ରିଟେନ୍‌ରେ ପ୍ରାୟ ୯,୦୦୦ ମହିଳା ଏହି ରୋଗରେ ଆକ୍ରାନ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୦%ଙ୍କଠାରେ କର୍କଟର ଲକ୍ଷଣ ଦେଖାଯାଏ। କିନ୍ତୁ ବାକି ମହିଳା ଲାଷ୍ଟ ଷ୍ଟେଜ୍ ବେଳକୁ ରୋଗ ସମ୍ପର୍କରେ ଜାଣିବାକୁ ପାଆନ୍ତି। ତେବେ ଏ ପ୍ରକାର ସ୍ଥିତିରେ ଆଇନାଇଫ୍ ଉପଯୋଗୀ ସାବ୍ୟସ୍ତ ହେବ।

ଇଲେକ୍ଟ୍ରିକ୍ କରେଣ୍ଟ ଦ୍ୱାରା ପରିଚାଳିତ



ଏହି ଛୁରି ସହଜରେ ସୁସ୍ଥ ଟିସୁଗୁଡ଼ିକ ଭିତରୁ କ୍ୟାନ୍‌ସର ସେଲ୍‌କୁ ଚିହ୍ନଟ କରିଥାଏ। ବାୟୋପ୍ସି ବେଳେ ଗର୍ଭାଶୟରୁ ଧୂଆଁ ବାହାରିଥାଏ। କ୍ୟାନ୍‌ସର ଚିକିତ୍ସାରେ ଆଇନାଇଫର ବ୍ୟବହାର ବଢ଼ାଇବା ସକାଶେ ବିଶେଷଜ୍ଞଙ୍କ ପକ୍ଷରୁ ମେଜର କ୍ଲିନିକାଲ ଟ୍ରାଏଲ କରାଯିବାର ଯୋଜନା ରହିଛି। କର୍କଟ ରୋଗର ଚିହ୍ନଟ ପାଇଁ ଅନେକ ପରୀକ୍ଷା କରାଯାଏ। ଏହାପରେ ରିପୋର୍ଟ ଆସିଲାବେଳକୁ ଚିକିତ୍ସା ପାଇଁ ବହୁ ବିଳମ୍ବ ହୋଇଯାଇଥାଏ। ନିଜର ସମୟ ରକ୍ଷା କରିବା ଏବଂ ଜଟିଳ ସ୍ଥିତି ଉପୁଜିବା ପୂର୍ବରୁ ଚିକିତ୍ସା ଆରମ୍ଭ କରିଦେବା ପାଇଁ ଆଇନାଇଫ୍ ବେଶ୍ ଲାଭପ୍ରଦ ବୋଲି ଗବେଷଣା ମୁଖ୍ୟ ଆଥେନା ଲାମନିସୋସ କହିଛନ୍ତି।



**ଆଜିର ମନ୍ତବ୍ୟ**

“ ଦେଶବାସୀଙ୍କ ମନରୁ ଭୟ ଦୂର କରିବା ଏବଂ ବେରୋଜଗାରୀ ଓ ଦରଦାମ୍ ବୃଦ୍ଧି ଭଳି ସମସ୍ୟାକୁ ଲୋକଲୋଚନକୁ ଆଣିବା ଭାରତ ଯୋଡ଼ୋ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳପ ଲୋକର ବହୁତ ବୋଝ**
**ତାକୁ ଜାଣିବ କପା**
**ମହର୍ଗ କାଳରେ ଯାଚି ପରଷେ**
**ତାକୁ ଜାଣିବ ଅପା।**

କପା ବୋଝ ଯେତେ ଅଧିକ ଦିଶୁଥିଲେ ମଧ୍ୟ ଆକାର ଅନୁସାରେ ତାହାର ଓଜନ ଅପେକ୍ଷାକୃତ କମ୍ ହିଁ ହୋଇଥାଏ। ସେହିପରି ଅସୁବିଧା ସମୟରେ ଭଉଣୀ ହିଁ ଭାଇକୁ ସାହା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଇଁଠା ଶଙ୍ଖୁଡ଼ି ଲକ୍ଷ୍ମୀ ଛାଡ଼େ**
**ଗୁହ, ମୁତ, କୁଳ ବୁଡ଼େ।**

ଅଇଁଠା ଶଙ୍ଖୁଡ଼ି ଯିଏ ଛାଡ଼େ ତାକୁ ଲକ୍ଷ୍ମୀଛଡ଼ା ବୋଲି କୁହାଯାଇଥାଏ। ସେହିପରି ଜଣେ ବ୍ୟାଧି ଏବଂ ବୟସାଧିକ୍ୟ କାରଣ ହେତୁ ଗୁହ ମୁତରେ ଘାଣ୍ଟି ହେଲେ ସିଏ ଶେଷ ବେଳାରେ ବା ଶେଷ ଅବସ୍ଥାରେ ପହଞ୍ଚି ଗଲାଣି ବୋଲି ବିଚାର କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ରାଜସ୍ୱ ଆଦାୟ ଅଭିବୃଦ୍ଧି ୫.୬%

## ସଚିବସ୍ତରୀୟ ବୈଠକ

■ ଡିସେମ୍ବର ୩୧ ସୁଦ୍ଧା ୧,୦୧,୧୧୯ କୋଟି ରାଜସ୍ୱ ଆଦାୟ

■ ବ୍ୟାଙ୍କରେ ନ ରଖି ନିର୍ଦ୍ଧାରିତ ସମୟରେ ବଜେଟ ଅର୍ଥ ଖର୍ଚ୍ଚ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ(୨୦୨୨-୨୩)ର ତୃତୀୟ ୩ ମାସରେ ରାଜ୍ୟର ଆର୍ଥିକ ସ୍ଥିତି ପ୍ରଗତିଶୀଳ ରହିଛି। ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟର ରାଜସ୍ୱ ଆଦାୟ ୧,୦୧,୧୧୯ କୋଟିକୁ ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ୨୧% ହ୍ରାସ ସତ୍ତ୍ୱେ ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ୫.୬ ପ୍ରତିଶତ ହୋଇଛି। ଡିସେମ୍ବର ଶେଷ ସୁଦ୍ଧା ୩୨,୦୨୯ କୋଟି ଟଙ୍କା ନିଜସ୍ୱ ରାଜସ୍ୱ ଆଦାୟ କରାଯାଇଛି। ଗତବର୍ଷ ତୁଳନାରେ ଏହା ୧୩.୫୧ ପ୍ରତିଶତ ଅଧିକ ରହିଛି। ଗତବର୍ଷ ଏହି ସମୟ ସୁଦ୍ଧା ୨୮,୨୧୬ କୋଟି ଟଙ୍କା ଆଦାୟ ହୋଇଥିଲା। ଚଳିତ ଆର୍ଥିକ ବର୍ଷ ଅଣଟିକସ କ୍ଷେତ୍ରରେ ୧.୧୭ ପ୍ରତିଶତ ବୃଦ୍ଧି ହୋଇଛି। ଅଣଟିକସ କ୍ଷେତ୍ରରୁ ୬୩,୫୨୩ କୋଟି ଟଙ୍କା ଆଦାୟ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥ ବିନିଯୋଗ ୨.୨୬ ପ୍ରତିଶତ ବୃଦ୍ଧିପାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି, ସାମାଜିକ କ୍ଷେତ୍ରରେ ବଜେଟ ଖର୍ଚ୍ଚ ବୃଦ୍ଧି ପାଇଛି। ବ୍ୟାଙ୍କରେ ଅର୍ଥ ଗଚ୍ଛିତ ନ ରଖି ବଜେଟ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ଖର୍ଚ୍ଚରେ ସ୍ୱଚ୍ଛତା ପାଇଁ ଆନ୍ତଃବିଭାଗୀୟ ଅଡିଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର(ୟୁସି) ପ୍ରଦାନ କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ବିଷୟକୁ ୫-ଟି ପାରାମିଟରରେ ପରିଚାଳନା କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ସମସ୍ତ ବିଭାଗର ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବମାନେ ଯୋଗ ଦେଇଥିଲେ।

# ୧୭ରୁ ଘରୋଇ ବସ୍ ଧର୍ମଘଟ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦାବି ପୂରଣ ନେଇ ନିଖିଳ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ପୁଣି ସରକାରଙ୍କୁ ଚେତାବନୀ ଦେଇଛି। ଆସନ୍ତା ୧୬ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୭ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟବ୍ୟାପୀ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ୯ ଦଫା ଦାବି ରଖାଯାଇଛି। ଦାବି ଉପରେ ୪ଟି ପର୍ଯ୍ୟାୟରେ ଆଲୋଚନା କରାଯାଇଛି। ମାତ୍ର ଏ ଦିଗରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ବୁଧବାର ଭୁବନେଶ୍ୱରଠାରେ ସଂଘ କାର୍ଯ୍ୟାଳୟରେ ୫ନମ୍ବର ଜୋନ ଅଧୀନରେ ଥିବା ୧୬ଟି ଆଞ୍ଚଳିକ ବସ୍ ମାଲିକ ସଂଘ ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ନିମାପଡ଼ା, ଦଶପଲ୍ଲା, ଲିଙ୍ଗରାଜ, ରାଜଧାନୀ, ଟାଉନବସ୍ ଭୁବନେଶ୍ୱର, ଶ୍ରୀକ୍ଷେତ୍ର ପୁରୀ, ରାମଚଣ୍ଡୀ କାକଟପୁର, ସୁନାଖଳା, ନିରାକାରପୁର ବସ୍ ମାଲିକ ସଂଘର କର୍ମକର୍ତ୍ତାମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଦାବି ପୂରଣ ନ ହେଲେ ୧୭ରୁ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

## ପଣ୍ୟବାହୀ ଜାହାଜରେ ରୁଷୀୟ ନାଗରିକ ମୃତ୍ୟୁ ଘଟଣା

# ମୁଣ୍ଡରେ ଆଘାତ ଲାଗିଛି

■ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷିତ

■ ୨୨ ନାବିକଙ୍କୁ ପୋଲିସର ଜେରା


ମିଲିୟାକୁଭ୍ ସର୍ଗେ

ପାରାଦୀପ, ୪।୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ଆଙ୍କରେଜ ଏରିଆରେ ଥିବା ଏମ.ଭି. ଅଲ୍‌ଦନାହ ଜାହାଜରେ ମଙ୍ଗଳବାର ଭୋରରୁ ଜଣେ ରୁଷୀୟ ନାଗରିକ ତଥା ଜାହାଜର ମୁଖ୍ୟଯନ୍ତ୍ରୀ ମିଲିୟାକୁଭ୍ ସର୍ଗେଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଶବ ବ୍ୟବଚ୍ଛେଦରୁ ଜଣାପଡ଼ିଛି। ଅପରପକ୍ଷେ ଜାହାଜରେ ଅନ୍ୟ ୨୨ ଜଣ ନାବିକଙ୍କ ବୟାନ ରେକର୍ଡ କରାଯାଇଛି। ସେମାନଙ୍କ ପାସ୍‌ପୋର୍ଟ ଜବତ କରି ବ୍ୟକ୍ତିଗତ ଜିମାରେ ଫେରାଇ ଦିଆଯାଇଛି।

ଘଟଣାରେ ଜାହାଜର ଏଜେଣ୍ଟ କାହ୍ନୁ ସିପିଂ ପକ୍ଷରୁ ମେରାଇନ୍ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୦୨୩) ରୁଜୁ କରିଥିଲା। ପୋଲିସ ବୁଧବାର ମୃତଦେହକୁ ଜାହାଜରୁ ନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ମାଜିଷ୍ଟ୍ରେଟ ଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ଏକ ୫ ଜଣିଆ ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ମୃତଦେହକୁ ଆଣି ପୋଲିସ ବନ୍ଦର ଚିକିତ୍ସାଳୟରେ ଥିବା ଶବାଗାର ଘରେ ସଂରକ୍ଷିତ ରଖିଛି। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ କୁହନ୍ତି, ମୃତଦେହ ସଂରକ୍ଷିତ ରହିବ। ସମସ୍ତ ରିପୋର୍ଟ ବୈଦେଶିକ ମନ୍ତ୍ରଣାଳୟ ପାଖକୁ ପଠାଯିବ। ସମ୍ପୃକ୍ତ ରିପୋର୍ଟ ରୁଷୀୟ ଦୂତାବାସ ଜରିଆରେ ତାଙ୍କ ଦେଶକୁ ଯିବ। ସେଠାରୁ ସମସ୍ତ କ୍ଲିୟରାନ୍ସ ମିଳିବା ପରେ ମୃତଦେହ ରୁଷିଆ ଯିବ କି ଅନ୍ୟ କୌଣସି ବ୍ୟବସ୍ଥା କରାଯିବ ତାହା ଜଣାପଡ଼ିବ। ଯନ୍ତ୍ରୀ ସର୍ଗେ ପକେଟରେ ଟର୍ଚ୍ଚ ଓ ସ୍କ୍ରୁ ରଖି କାମ କରିବାବେଳେ ଅସୁସ୍ଥ ଲାଗିବାରୁ ତଳେ ପଡ଼ିଯାଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ସେତେବେଳେ ହୁଏତ ତାଙ୍କ ମୁଣ୍ଡ ପାଖରେ ଥିବା ଲୁହା ବାଡରେ ଲାଗିଥାଇପାରେ ବୋଲି ବିଶ୍ୱାଳ କହିଛନ୍ତି। ମୃତଦେହ ଆଣିବା ଲାଗି ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଟିମ୍ ଏକ ଟଗ୍ ବୋଟ ଯୋଗେ ଆଙ୍କରେଜ ଏରିଆକୁ ଯାଇଥିଲେ। ସମୁଦ୍ର କରେଣ୍ଟ ଅଧିକ ଥିବାରୁ ଜାହାଜରୁ ମୃତଦେହ କାଢ଼ିବା ସମ୍ଭବ ହୋଇ ପାରି ନ ଥିଲା। ପରେ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ମାତ୍ର ଘଣ୍ଟାଏ ପାଇଁ ବର୍ଥିଂ କରାଯାଇଥିଲା। ରାତି ୨ଟାରେ ପୋଲିସ ମୃତଦେହ ଜବତ କରିବା ପରେ ଜାହାଜ ପୁଣି ଆଙ୍କରେଜ ଏରିଆରେ ଯାଇ ରହିଛି। ଅର୍ଥ ଜମା କରିବା ପରେ ଗୁରୁବାର ଜାହାଜ ବର୍ଥିଂ ହେବ। ଜାହାଜରେ ୫୬ ହଜାର ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହେବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ନ୍ୟାୟ ପାଇଁ ଲଢେଇ ସଙ୍ଗଠନର ସଭାପତି ସୁବ୍ରତ ଦାସ ଘଟଣାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିବା ପରେ (ନଂ.୧୯୩/୨୩) ମାମଲା ରୁଜୁ ହୋଇଛି।

# ଡମି ସିମୁଲେଶନ କରିବାକୁ ଯୋଜନା

## ରୁଷୀୟ ପର୍ଯ୍ୟଟକ ଆଣ୍ଟୋଭ ମୃତ୍ୟୁ ମାମଲା

■ ହୋଟେଲ ଛାତରୁ ତଳକୁ ପଡ଼ିବ ଡମି ଶରୀର

■ ସହାୟତା କରିବେ ଏମ୍‌ସ ଓ ସିବିଆଇ ବିଶେଷଜ୍ଞ

କଟକ ଅଫିସ,୪।୧

ରାୟଗଡ଼ାରେ ୨ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାରେ କ୍ରାଇମ ବ୍ରାଞ୍ଚ ତଦନ୍ତକୁ ଅଧିକ ପ୍ରଭାବୀ କରିବା ନିମନ୍ତେ ପ୍ରୟାସ ଜାରି ରଖିଛି। ଡିଏସ୍‌ପି ତପନ ଦାଶ ଓ ଡିଏସ୍‌ପି ସରୋଜକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍‌ର ସାଇଣ୍ଟିଫିକ ଓ ଫୋରେନ୍‌ସିକ୍ ବିଶେଷଜ୍ଞଙ୍କ ସହଯୋଗ ନିଆଯାଉଛି। ବିଶେଷକରି ପର୍ଯ୍ୟଟକ ପାଭେଲ ଆଣ୍ଟୋଭ ହୋଟେଲ ଛାତ ଉପରୁ କେଉଁ ପରିସ୍ଥିତିରେ ପଡ଼ି ମୃତ୍ୟୁବରଣ କଲେ, ମୃତ୍ୟୁ ସମୟର ଦୃଶ୍ୟକୁ ନେଇ ଏକ ଘଟଣାକ୍ରମ ପ୍ରସ୍ତୁତ କରିବାକୁ କ୍ରାଇମବ୍ରାଞ୍ଚ ଅଧିକାରୀ ବିଶେଷଜ୍ଞଙ୍କ ସହାୟତା ଲୋଡ଼ିଛନ୍ତି। ମୃତ ପାଭେଲଙ୍କର ଏକ ଡମି ଶରୀର ତିଆରି କରି ତାହାକୁ ହୋଟେଲ ଛାତରୁ ପକାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ଲାଗି ଯୋଜନା ଚାଲିଛି। ଉକ୍ତ ଡମି ଶରୀରଟି ପାଭେଲଙ୍କ ଶରୀରର ସମାନ ଓଜନ ଓ ଉଚ୍ଚତାର କରାଯିବ। ଏମ୍‌ସ୍‌ର ଆନାଟୋମି ବିଭାଗର ବିଶେଷଜ୍ଞମାନଙ୍କ ସହଯୋଗରେ ଏହି ଡମି ଶରୀର ତିଆରି କରିବାକୁ କ୍ରାଇମ ବ୍ରାଞ୍ଚ ଲକ୍ଷ୍ୟ ରଖିଛି। ଜଣେ ବ୍ୟକ୍ତି ଛାତ ଉପରୁ ପଡ଼ିବା ସମୟର ସ୍ଥିତି ଓ ଶୈଳୀକୁ ଡମି ଶରୀର ତଳକୁ ପକାଇ ଘଟଣାକ୍ରମ ସମ୍ପର୍କରେ ଆପାତତଃ ଏକ ଧାରଣା ମିଳିପାରିବ। ତେବେ ଏହି କାର୍ଯ୍ୟ ପାଇଁ କ୍ରାଇମବ୍ରାଞ୍ଚ ଡମି ଶରୀର ତଳକୁ ପକାଇବା କାର୍ଯ୍ୟରେ ଅଗ୍ରଣୀ ଦକ୍ଷତା ରଖିଥିବା ୨ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିଛି। ସେ ଦୁହେଁ ହେଲେ ସିବିଆଇର ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବରେଟୋରିର ପୂର୍ବତନ ନିର୍ଦ୍ଦେଶକ ଡ. ରାଜେନ୍ଦ୍ର ଡାଙ୍ଗୀ ଓ ଦିଲ୍ଲୀ ଏମ୍‌ସ୍‌ର ଡା. ଡୋଗ୍ରା। ଏହି ଦୁଇଜଣ ସିବିଆଇର ବହୁ ଜଟିଳ ମାମଲା ସମାଧାନ କରିବାରେ ସାମିଲ ହୋଇଛନ୍ତି। ସେମାନେ ପାଭେଲ ଛାତରୁ ପଡ଼ିବାର କାରଣ, ପ୍ରକାର, ଅଘଟଣ ଘଟିବାର ଶୈଳୀ ଓ ଶରୀର ବାବଦରେ ନିଶ୍ଚିତ କରାଇବେ। କ୍ରାଇମବ୍ରାଞ୍ଚ ଅଧିକାରୀ ଡମି ଶରୀର ଖସାଇବା ପରେ ମିଳିଥିବା ରିପୋର୍ଟକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ସହିତ ମେଳ କରାଇବେ। ଏଥିରୁ ତଦନ୍ତକାରୀ ଦଳକୁ ଏକ ନିର୍ଣ୍ଣାୟକ ଫଳ ମିଳିପାରିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି। ଆଣ୍ଟୋଭ କିଭଳି ତଳେ ପଡ଼ିଲେ ସେନେଇ ଏକ ଡମି ସିମୁଲେଶନ କରାଯିବ। ଆଣ୍ଟୋଭଙ୍କ ସମାନ ଓଜନ ଏବଂ ଉଚ୍ଚତା ବିଶିଷ୍ଟ ଏକ ଡମି ପ୍ରସ୍ତୁତ କରାଯାଇ ହୋଟେଲ କୋଠାର ଯେଉଁ ସ୍ଥାନରୁ ତଳକୁ ପଡ଼ିଥିଲେ ସେଠାରୁ ପକାଯିବ। ଏହି ଡମି ଏମ୍‌ସ ଆନାଟୋମି ବିଭାଗର ବିଶେଷଜ୍ଞ ଏବଂ ଫୋରେନ୍ସିକ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ। ଏହାଦ୍ୱାରା ତଳେ ପଡ଼ିବାର ଅବସ୍ଥା ବିଷୟରେ ଜଣାପଡ଼ିବ। ଏଥିପାଇଁ କ୍ରାଇମ୍‌ବ୍ରାଞ୍ଚ ସିଏଫ୍‌ଏସ୍‌ଏଲ୍‌ର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ଡାଙ୍ଗି ଏବଂ ଦିଲ୍ଲୀ ଏମ୍‌ସର ଡାକ୍ତର ଡୋଗ୍ରାଙ୍କ ସହ ଯୋଗାଯୋଗ କରିଛି। ଡାକ୍ତର ଡାଙ୍ଗି ଏବଂ ଡୋଗ୍ରା ଡମି ସିମୁଲେଶନ ବିଶେଷଜ୍ଞ ଅଟନ୍ତି। ଉଭୟେ ସିବିଆଇର ବହୁ ଜଟିଳ ମାମଲାରେ ତଦନ୍ତ କରିଥିବାର ଅଭିଜ୍ଞତା ରଖିଛନ୍ତି। ସେମାନେ ଡମି ସିମୁଲେଶନ ଜରିଆରେ ପାଭେଲଙ୍କ ମୃତ୍ୟୁର ପ୍ରକାର ଏବଂ କାରଣ ସମ୍ପର୍କରେ ଜାଣିପାରିବେ। ଏହାପରେ ଏହାକୁ ବ୍ୟବଚ୍ଛେଦ ରିପୋର୍ଟ ସହ ମେଳ କରାଯିବ। ଏହି ପ୍ରକ୍ରିୟା କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ଏକ ବିଶେଷ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

# ପୋଲିସଠାରୁ ତଥ୍ୟ ସଂଗ୍ରହକଲା ନୂଆ ଟିମ୍

## ବିଭିନ୍ନ ଦିଗକୁ ଦୃଷ୍ଟିଦେଇ ତଦନ୍ତ ଚାଲିଛି: ଡିଏସ୍‌ପି ତପନ

ରାୟଗଡ଼ା,୪।୧(ସ୍ୱ.ପ୍ର.)

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭ ଓ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ତଦନ୍ତରେ ସହାୟତା ପାଇଁ ରାୟଗଡ଼ାରେ ପହଞ୍ଚିଥିବା କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ତପନ ଦାସ ମଙ୍ଗଳବାର ଟାଉନ ଥାନା ଯାଇ ଥାନା ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିବାବେଳେ ବୁଧବାର ସକାଳେ ପୁଣି ଥାନାକୁ ଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଡିଏସ୍‌ପି ଦାସ ଏବେ ସଂଗୃହୀତ ସମସ୍ତ ତଥ୍ୟ ଏବଂ ପୂର୍ବରୁ ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ତଦନ୍ତ ସମୟରେ ହସ୍ତଗତ ହୋଇଥିବା ତଥ୍ୟ ଓ ପ୍ରମାଣ ଯାଞ୍ଚ କରିଛନ୍ତି। ଏଥିସହ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ଓ ନଥିପତ୍ର ଥାନାରୁ ସଂଗ୍ରହ କରିଛନ୍ତି। ସମସ୍ତ ସାମଗ୍ରୀ ଭୁବନେଶ୍ୱର ସ୍ଥିତ ରାଜ୍ୟ ଫୋରେନ୍‌ସିକ ଲାବ୍‌ରେ ପରୀକ୍ଷା କରାଯିବ। ଥାନାରେ ଦୀର୍ଘ ସମୟ ଧରି ତଦନ୍ତ କରିବ ପରେ ଡିଏସ୍‌ପି ତପନ ଦାସ ଏବଂ ତାଙ୍କ ଟିମ୍ ଜିଲା ପୋଲିସ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ବିଭିନ୍ନ ଦିଗକୁ ଦୃଷ୍ଟିଦେଇ ତଦନ୍ତ କରାଯାଉଥିବା ଡିଏସ୍‌ପି ଦାସ ସୂଚନା ଦେଇଛନ୍ତି। ତଦନ୍ତ ଶେଷ ପରେ ହିଁ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି। ଅପରପକ୍ଷେ ବୁଧବାର ୨ ଡିଏସ୍‌ପି, ୨ ଇନ୍‌ସପେକ୍ଟର ଏବଂ ଟିମ୍‌ର ଅନ୍ୟ ସଦସ୍ୟ ୨ ଭାଗରେ ବିଭକ୍ତ ହୋଇ ଥାନା, ଜିଲା ପୋଲିସ କାର୍ଯ୍ୟାଳୟ ସମେତ ଅନ୍ୟ ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ବିନା ସୂଚନାରେ ମୃତଦେହ ପୋଡ଼ି ଦିଆଯାଇଥିବା ନେଇ ଭ୍ଲାଡିମିର ବିଦାନୋଭଙ୍କ ପରିବାର ଲୋକେ ପ୍ରଶ୍ନ ଉଠାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମନ ବୁଝିଲାଭଳି କଥା କହି ଅନ୍ୟକୁ ଆପଣାର କରିପାରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସମସ୍ୟାର ସମାଧାନ ଦିଗରେ ନିୟୋଜିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଭୁଲ୍ ବୁଝାମଣାବଶତଃ କଳହ କରିପାରନ୍ତି।

**ବୃଷ** ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପ୍ରିୟଜନଙ୍କ ସହିତ ଅର୍ଥପ୍ରାପ୍ତି ଓ ପାର୍ଟି, ପିକ୍‌ନିକ୍ ପାଇଁ ଯୋଜନା କରିପାରନ୍ତି। ରାଜନୈତିକ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣାର ବଶବର୍ତ୍ତିଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଭାବିବେ ଗୋଟେ କରିବେ ଆଉଗୋଟେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ନଚେତ୍ ସମସ୍ୟା ଆସିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ଶତ୍ରୁତା କରୁଥିବା ଲୋକଠାରୁ ଦୂରେଇ ରହନ୍ତୁ।

**କର୍କଟ** ସହକର୍ମୀଙ୍କ ସହ କର୍ମକ୍ଷେତ୍ରରେ ଆଲୋଚନାର ପରିସମାପ୍ତି ଘଟିବ। ଆର୍ଥିକ ପ୍ରଗତିର ଯୋଜନାକୁ ବାସ୍ତବ ରୂପ ଦେବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅସୁବିଧାରେ ପଡିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ସିଂହ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ନିୟନ୍ତ୍ରଣ ମଧ୍ୟରେ ପରିସ୍ଥିତି ଶାନ୍ତ ରହିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କିଛିମାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗ ବ୍ୟକ୍ତିଙ୍କ ସହଯୋଗ ପାଇବେ। ମାଲିମକଦ୍ଦମାରେ, ସିଦ୍ଧାନ୍ତ ନେବା କ୍ଷେତ୍ରରେ, ଅଫିସିଆଲି କାମରେ ବିଳମ୍ବଜନିତ ଧୈର୍ଯ୍ୟଚ୍ୟୁତି ଘଟିପାରେ।

**କନ୍ୟା** ପାରିବାରିକ ଜୀବନରେ ମନାନ୍ତରଜନିତ କିଛିଟା ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିପାରନ୍ତି। ପୂର୍ବ ସମସ୍ୟାର ପୁନରାବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ବ୍ୟବସାୟିକ ବିଫଳତାରେ କୌଣସି ନୂତନ କାର୍ଯ୍ୟାରମ୍ଭ ପାଇଁ ଚିନ୍ତା କରିପାରନ୍ତି। ପରିବହନ, ବାଣିଜ୍ୟରେ ବାଧା, ସାଂସ୍କୃତିକ କାମରୁ ସଫଳତା ପାଇବେ।

**ତୁଳା** ପରିବାରରେ ଶାନ୍ତି ଫେରି ଆସିବା ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ,ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ଜମିଜମା, ନିର୍ମାଣ, ରାଜନୈତିକ, ପ୍ରଶାସନିକ ଆଲୋଚନା ଅସମାପ୍ତ ରହିଯିବ।

**ବିଛା** ପରିବାର ଲୋକଙ୍କ କଥାବାର୍ତ୍ତା, ଚାଲିଚଳନ, ବ୍ୟବହାରରେ ଅସନ୍ତୁଷ୍ଟ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ବିଷୟ ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ।

**ଧନୁ** ଆଜି ନିଜର ଭୁଲ୍ ବିଚାରକୁ ସୁଧାରି ନେବାର ପ୍ରଚେଷ୍ଟା କରିବେ। ପଡ଼ୋଶୀଙ୍କ କଥା ଶୁଣି ମନରେ ବିଭିନ୍ନ ଉଦ୍ଭଟ ଚିନ୍ତା ଜାଗ୍ରତ ହେବ। ଆଜି ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଆପୋସ ସମାଧାନ ଘଟିବା କାରଣରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର** ଧୈର୍ଯ୍ୟହରା ଓ ନୈରାଶ୍ୟଜନିତ ନିଜେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ଆଜି କୌଣସି ପଦସ୍ଥ ବ୍ୟକ୍ତିଙ୍କ ସୌଜନ୍ୟମୂଳକ ସାକ୍ଷାତ୍‌ରୁ ଉପକୃତ ହୋଇପାରନ୍ତି। ବ୍ୟବସାୟ ଓ ପରିବହନରେ ପ୍ରତିରୋଧର ସାମନା କରିବାକୁ ପଡିପାରେ। ପରିବାରରେ ଛୋଟ ଛୋଟ କଥାକୁ ଧରିବସିଲେ ଅଶାନ୍ତି ବୃଦ୍ଧି ପାଇବ।

**କୁମ୍ଭ** ସାମାଜିକ ସ୍ତରରେ କୌଣସି ବିବାଦର ସମାଧାନ ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଘରୋଇ ଋଣ ପରିଶୋଧ ପରିପ୍ରେକ୍ଷୀରେ ସରକାରୀ ସ୍ତରରୁ କିମ୍ବା ବ୍ୟାଙ୍କକୁ ଦରଖାସ୍ତ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରର ସଂକଟ ଦୂରୀଭୂତ ହୋଇ ସହଜ ଓ ସୁବିଧାରେ ଆଜିର କାମଗୁଡିକ ସମ୍ପନ୍ନ ହୋଇଯିବାରୁ ମନ ଖୁସି ହୋଇଯିବ।

**ମୀନ** ଆଜି ଯାହା କରିବାକୁ ଚିନ୍ତା କରିଥିବେ କାମରେ ତାହା ଓଲଟା ହୋଇଯିବ। କର୍ମକ୍ଷେତ୍ରରେ ପୂର୍ବାବସ୍ଥା କେତେକାଂଶରେ ବଦଳିଯାଇଥିବା କାରଣରୁ ମନ ଏକ ପ୍ରକାର ଭଲ ରହିବ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ୍ ହେବେ।

ଆଜି ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର, ଜାନୁୟାରୀ ୫ ତାରିଖ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶି ନକ୍ଷତ୍ର ଦିବା ଘ.୦୮।୦୫ମି. ଗତେ ମୃଗଶିରା-ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ମି. ଗତେ ଘ.୦୭।୫୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୧।୧୩ମି. ଗତେ ଘ. ୦୨।୩୪ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଗୁଜରାଟରେ ବିକ୍ଷୋଭ ...

ହେବାରୁ ରୋକିବା ପାଇଁ ନିର୍ଦ୍ଦେଶନାମା ଜାରି କରିପାରିବେ। ସଂଶୋଧିତ ବିଧେୟକ ଅନୁସାରେ ୧୪୪ ଧାରା ଅଧୀନ ନିଷେଧାତ୍ମକ ନିର୍ଦ୍ଦେଶନାମା ଜାରି ଅଞ୍ଚଳରେ ବିକ୍ଷୋଭ କଲେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୧୮୮ ବଳରେ ସରକାରୀ ଅଧିକାରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ନିର୍ଦ୍ଦେଶନାମାର ଅବଜ୍ଞାକୁ ଧର୍ତ୍ତବ୍ୟ ଅପରାଧ ବିବେଚନା କରି ଉଲ୍ଲଂଘନକାରୀଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇପାରିବ। ଏଭଳି କର୍ତ୍ତବ୍ୟରେ ନିୟୋଜିତ ପୋଲିସ ଅଧିକାରୀ ଦଫା ୧୮୮ ଅନୁସାରେ ଉଲ୍ଲଂଘନକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ତେବେ ସିଆର୍‌ପିସି, ୧୯୭୩ର ଧାରା ୧୯୫ ଅନୁସାରେ ଏପରି ନିର୍ଦ୍ଦେଶନାମା ଜାରି କରୁଥିବା ସରକାରୀ ଅଧିକାରୀ ଉଲ୍ଲଂଘନକାରୀଙ୍କ ବିରୋଧରେ ଅଦାଲତରେ ଲିଖିତ ଭାବେ ଅଭିଯୋଗ କରିବା ବାଧ୍ୟତାମୂଳକ ହେବ।

### ଛୁଟିରେ ସ୍କୁଲ ପରିସରରୁ ...

ଯୋଗାଉଥିଲା। ହେଲେ ଖ୍ରୀଷ୍ଟମାସ ଛୁଟିରେ ସେଥିମଧ୍ୟରୁ ୧୦୬ ଗଛ କାଟି ନିଆଯିବା ପରେ ବିଦ୍ୟାଳୟ ପରିସର ଏବେ ଶ୍ରୀହୀନ ହୋଇପଡ଼ିଛି। ଗଛ କଟାଯିବା ଫଳରେ ଅନେକ ସ୍ଥାନରେ ପାଚେରି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୨ରୁ ଜାନୁୟାରୀ ୧ ପର୍ଯ୍ୟନ୍ତ ଖ୍ରୀଷ୍ଟମାସ ଛୁଟି ଥିଲା। ଏହାର ସୁଯୋଗ ନେଇ କେତେଜଣ କରତ ସାହାଯ୍ୟରେ ଶତାଧିକ ଗଛ ମୂଳରୁ କାଟି ନେଇଛନ୍ତି। ଅନ୍ୟପକ୍ଷରେ ଏତେ ସଂଖ୍ୟାରେ ଗଛ ରାତିରେ ନୁହେଁ ଦିନରେ ହିଁ କଟାଯାଇଥିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ୫-ଟି ମାଧ୍ୟମରେ ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରଙ୍ଗ ଦିଆଯାଇଛି। ରୂପାନ୍ତରୀକରଣ କାର୍ଯ୍ୟ ଚାଲିଥିବାରୁ ଶ୍ରମିକ ଓ ମିସ୍ତ୍ରି ମଧ୍ୟ କାମରେ ନିୟୋଜିତ ରହିଛନ୍ତି। ତେଣୁ ଗଛ କେଉଁମାନେ କାଟିଲେ ଏବଂ କିଭଳି କାଠ ଚାଲାଣ ହେଲା ସେମାନେ ତାହା ଦେଖିଥିବେ ବୋଲି ଅନୁମାନ କରାଯାଉଛି। ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ଗଛ କଟାଯିବା ପଛରେ କେଉଁମାନେ ଅଛନ୍ତି ତାହା ଜଣାପଡ଼ିବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ନେଇ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପାଲଙ୍କୁ ପଚାରିବାରୁ ସେ କହିଛନ୍ତି, ଛୁଟି ପରେ ବିଦ୍ୟାଳୟ ୨ ତାରିଖରେ ଖୋଲିଥିଲା। ଏହାପରେ ଗଛ କଟାଯାଇଥିବା ଜଣାପଡ଼ିଥିଲା। ଘଟଣା ବିଷୟରେ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ ଶିକ୍ଷକ ପାଲ କହିଛନ୍ତି। ଗଛ କଟାଯିବା ନେଇ ପୂର୍ବରୁ କୌଣସି ରିଜୋଲ୍ୟୁଶନ ପାସ୍ କରାଯାଇଥିଲା କି ବୋଲି ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଗଛ କଟାଯିବା ବିଷୟ ହିଁ ଉଠି ନ ଥିଲା ବୋଲି କହିଛନ୍ତି। ଅପରପକ୍ଷେ ଘଟଣା ନେଇ ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଗଛ କଟାଯିବା ପାଇଁ ବିଦ୍ୟାଳୟ ପକ୍ଷରୁ ଆବେଦନ ହୋଇନାହିଁ କି କୌଣସି ଅନୁମତି ମଧ୍ୟ ଦିଆଯାଇ ନାହିଁ। ଅଭିଯୋଗ ଆସିଲେ ଏହାର ତଦନ୍ତ କରାଯିବ ବୋଲି ମହାପାତ୍ର କହିଛନ୍ତି।

### ଆଜି ବିର୍ସା ମୁଣ୍ଡା ହକି ...

ଦାୟିତ୍ୱରେ ଅଛନ୍ତି। ବୁଧବାର ବିର୍ସା ମୁଣ୍ଡା ଷ୍ଟାଡିୟମ ଆଖପାଖ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ରାଉରକେଲା ବିମାନ ବନ୍ଦର ଓ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାକୁ ଯାତାୟାତ ପାଇଁ ବାରଣ କରାଯାଇଛି। ବିର୍ସା ମୁଣ୍ଡା ଷ୍ଟାଡିୟମ ଓ ରାଉରକେଲା ବିମାନ ବନ୍ଦର ଆଖପାଖ ଅଞ୍ଚଳରେ ଦୁଇ ପ୍ଲାଟୁନ ପୋଲିସ ମୁତୟନ କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି। ଏଥିସହ ସହରରେ ୧୨ଟି ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ଚେକ୍‌ପୋଷ୍ଟ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଯେଉଁ ସ୍ଥାନକୁ ଯାତାୟାତ କରିବେ ସେ ଅଞ୍ଚଳରେ ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଗୁରୁବାର ଦିନ ୧୨ଟା ୧୫ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଥମେ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଗସ୍ତ କରି ସେଠାରେ ହକି ଖେଳାଳିଙ୍କ ସହ ମତ ବିନିମୟ କରିବେ। ସେଠାରୁ ଅପରାହ୍ଣ ୪ଟାରେ ବାସନ୍ତୀ କଲୋନୀ ଡିଏଭି ପୋଖରୀ ନିକଟରେ ଥିବା ସଭାସ୍ଥଳକୁ ଯାତ୍ରା କରି ମୋ ବସ୍ ଓ ସହରରେ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଆର. ଭିନିଲ କ୍ରିଷ୍ଣା, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ, ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହିବେ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ନେଇ ଜିଲାରେ ଥିବା ୧୭ଟି ବ୍ଲକର ପ୍ରମୁଖ ଦଳୀୟକର୍ମୀମାନେ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବେ ବୋଲି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସୂଚନା ଦେଇଛନ୍ତି।

### ୧୨୦ ବର୍ଷ ପରେ ...

ସୁରକ୍ଷିତ ଉପାୟରେ ବାହାର କରାଯିବ। ପାଦଦେଶରୁ ପାଇପ ଯୋଗେ ବାଲିକୁ ସ୍ୱତନ୍ତ୍ର ରାସ୍ତା ଦେଇ ବାହାର କରାଯାଇ ଉତ୍ତର-ପଶ୍ଚିମ କୋଣରେ ସୁରକ୍ଷିତ ଭାବେ ରଖାଯିବ। ସୂଚନା ଥାଉକି, ଇଂରେଜମାନେ ୧୯୦୩ରୁ ୧୯୦୯ ମସିହା ମଧ୍ୟରେ ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ସମ୍ପୂର୍ଣ୍ଣ ବାଲି ପୂରଣ କରି ଏହାର ପ୍ରବେଶ ପଥଗୁଡ଼ିକୁ ସିଲିଂ କରିଦେଇଥିଲେ। ତେବେ କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବାଦଲ ଦାଶଙ୍କ ଦ୍ୱାରା ଗର୍ଭଗୃହରୁ ବାଲି କାଢି ସର୍ବସାଧାରଣଙ୍କ ପାଇଁ ପ୍ରବେଶ ପଥ ଖୋଲିବାକୁ ଦାବି ନେଇ ଆନ୍ଦୋଳନ ଏବଂ କଟକର ଜଣେ ବରିଷ୍ଠ ଆଇନଜୀବୀଙ୍କ ଦ୍ୱାରା ଏନେଇ ଜନସ୍ୱାର୍ଥ ମାମଲା (ପିଏଲ୍‌ଆଇ) ରୁଜୁ ପରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଗଲେ କୌଣସି ବିପଦ ନ ଥିବା ସେ ମତ ଦେଇଥିଲେ। ସେହିପରି ଗତ ଦୁଇବର୍ଷ ହେବ ବିଭିନ୍ନ ବିଭାଗର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଇଞ୍ଜିନିୟରମାନଙ୍କୁ ନେଇ ସର୍ଭେ କରାଯାଇ ସମସ୍ତ ତଥ୍ୟ ସଂଗ୍ରହ କରାଯିବା ପରେ ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ଗତ ସେପ୍ଟେମ୍ବରରେ ସୂର୍ଯ୍ୟମନ୍ଦିରର ଉତ୍ତର ଦିଗ ପଟ ଗର୍ଭଗୃହ ଦ୍ୱାର ନିକଟରେ ବାସ୍ତୁ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରାଯାଇଥିଲା। ପ୍ରଥମେ ସୂର୍ଯ୍ୟମନ୍ଦିର ଜଗମୋହନ ମନ୍ଦିରର ଉପରିଭାଗ ପଶ୍ଚିମ ଦିଗରେ ୫ଫୁଟ ୬ଇଞ୍ଚର ଏକ ସ୍ୱତନ୍ତ୍ର ଟନେଲ ପଥର କଟାଯିବ। ତା’ପରେ ସୁରକ୍ଷିତ ଭାବେ ଗର୍ଭଗୃହରେ ଥିବା ବାଲିକୁ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ସେଠାରୁ ସ୍ଥାନାନ୍ତର କରାଯିବ। ଏନେଇ ପ୍ରଥମେ ଏଏସ୍‌ଆଇ ପକ୍ଷରୁ ନିଯୁକ୍ତ ବିଡିଆର କମ୍ପାନୀର ବରିଷ୍ଠ ଇଞ୍ଜିନିୟର ଏବଂ ଆର୍କିଟେକ୍ ଡିଜାଇନର ଲୋକନାଥ ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଏଏସ୍‌ଆଇର ବରିଷ୍ଠ ଇଞ୍ଜିନିୟରଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ଧାତୁରେ ନିର୍ମିତ ପ୍ଲାଟଫର୍ମଗୁଡ଼ିକୁ ଗର୍ଭଗୃହରେ ପର୍ଯ୍ୟାୟ କ୍ରମେ ଲଗାଯାଇ ଜଗମୋହନ ମନ୍ଦିରକୁ ସୁରକ୍ଷିତ ଓ ସୁଦୃଢ଼ କରାଯିବ। ଏହାପରେ ଲିଫ୍ଟ ସାହାଯ୍ୟରେ ଦୀର୍ଘବର୍ଷ ହେବ ପଡ଼ିରହିଥିବା ବାଲି କଢ଼ାଯିବ। ଏଭଳି ଜ୍ଞାନକୌଶଳ ଦ୍ୱାରା ବାଲି କଢାଯିବା ବିଶ୍ୱରେ ପ୍ରଥମ ବୋଲି ଐତିହାସିକ ଅନିଲ ଧୀର ମତବ୍ୟକ୍ତ କରିଛନ୍ତି।








ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରଦୀପ ଅମାତ।

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ।

ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କୁ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି ମନ୍ତ୍ରୀ ସମୀର ରଞ୍ଜନ ଦାଶ।

# ହକି ବିଶ୍ୱକପ୍ ପାଇଁ ୩ ମୁଖ୍ୟମନ୍ତ୍ରୀ, ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୪।୧(ବ୍ୟୁରୋ)

ପୁରୁଷ ହକି ବିଶ୍ୱକପ୍ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଆଉ ଦିନ କେଇଟା ପରେ ଏହି ମହା ସମର ଆରମ୍ଭ ହେବ। ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ବିଶ୍ୱକପ୍ ଦେଖିବାକୁ ଓଡ଼ିଶା ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ଗତ କିଛି ଦିନ ହେବ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରିବା ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ୨୧ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇ ସାରିଲାଣି। ବୁଧବାର ଆଉ ୩ ଜଣ ମୁଖ୍ୟମନ୍ତ୍ରୀ ଓ ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କୁ ଆଇଜଲଠାରେ ସାକ୍ଷାତ କରି ଓଡ଼ିଶାରେ ହେଉଥିବା ହକି ବିଶ୍ୱକପ୍ ଦେଖିବାକୁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସେ ତାଙ୍କୁ ନିମନ୍ତ୍ରଣପତ୍ର, ଜର୍ସି ଓ ରୁପାର ଅଶୋକଚକ୍ର ପ୍ରଦାନ କରିଛନ୍ତି।

ସେହିପରି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁମ୍ବାଇଠାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନାବିସଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍‌କୁ ଆସିବା ପାଇଁ ନିମନ୍ତ୍ରଣ ପତ୍ର, ରୁପାର ଅଶୋକଚକ୍ର ଓ ଜର୍ସି ପ୍ରଦାନ କରିଛନ୍ତି। ଜଙ୍ଗଲ, ପରିବେଶ, ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଗୁଆହାଟୀଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣପତ୍ର, ଜର୍ସି ସହିତ ରୁପାର ଏକ ଅଶୋକଚକ୍ର ପ୍ରଦାନ କରି ନିମନ୍ତ୍ରଣ କରିଛନ୍ତି।

# ଆଜିଠୁ ଭୁବନେଶ୍ୱର, କଟକରେ ୫ଜି

## ସେବା ଯୋଗାଇବେ ଜିଓ, ଏୟାରଟେଲ

ନୂଆଦିଲ୍ଲୀ,୪।୧



ରାଜ୍ୟରେ ପ୍ରଥମ କରି ୫ଜି ସେବା ଗୁରୁବାରଠାରୁ ଭୁବନେଶ୍ୱର ଏବଂ କଟକ ସହରରେ ଆରମ୍ଭ ହେବ। ପରବର୍ତ୍ତୀ ସମୟରେ ଏହାର ସମ୍ପ୍ରସାରଣ ରାଜ୍ୟର ଅନ୍ୟ ପ୍ରମୁଖ ସହର ଓ ଜିଲା ମୁଖ୍ୟାଳୟରେ ଉପଲବ୍ଧ ହେବ ବୋଲି ଟେଲିକମ୍ ବିଭାଗ(ଡଟ) ପକ୍ଷରୁ ସୂଚନା ଦିଆଯାଇଛି। ରିଲାଏନ୍ସ ଜିଓ ଓ ଭାରତୀ ଏୟାରଟେଲ ଓଡିଶାରେ ୫ଜି ସେବା ଯୋଗାଇଦେବେ। ଟେଲିକମ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିସରରେ ପୂର୍ବାହ୍ନ ସାଢ଼େ ୯ଟାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ୫ଜି ସେବାର ଶୁଭାରମ୍ଭ ସହ ରାଜ୍ୟର ଗ୍ରାମାଞ୍ଚଳସ୍ତରରେ ୧୦୦ରୁ ଅଧିକ ୪ଜି ଟେଲିକମ୍ ଟାୱାରର ମଧ୍ୟ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେବେ। ଏହି ଅବସରରେ ଡଟ ପକ୍ଷରୁ ଏକ ଦୁଇ ଦିନିଆ ଡିଜିଟାଲ ଯୋଗାଯୋଗ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଛି। ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ପ୍ରଯୁକ୍ତି କମ୍ପାନୀ, ଷ୍ଟାର୍ଟଅପ୍ ୟୁନିଟ, ସି-ଡଟ୍ ଏବଂ ଟେଲିକମ୍ ସେବା ପ୍ରଦାନକାରୀ(ଟିଏସ୍‌ପି) ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିବେ ବୋଲି ଡଟ୍ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଟୁଇଟ୍ କରାଯାଇଛି।

ସୂଚନାଯୋଗ୍ୟ, ଦେଶବାସୀଙ୍କୁ ହାଇସ୍ପିଡ ଇଣ୍ଟରନେଟ ଓ ଟେଲିକମ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ୫ଜି ସେବାକୁ ଗତ ଅକ୍ଟୋବରରେ ନୂଆଦିଲ୍ଲୀଠାରେ ଆନୁଷ୍ଠାନିକଭ ଭାବେ ଶୁଭାରମ୍ଭ କରିଥିଲେ। ଏପରି କି ୫ଜି ସେବା ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିଲା। ସେଥିରେ ଦେଶର ୧୨ଟି ସହର ସମେତ ଓଡ଼ିଶାର ମୟୂରଭଞ୍ଜ ଜିଲା ସାମିଲ ହୋଇଥିଲା। ଗତ ମାସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଯୋଗଦେଇ ୨୦୨୩ ଜାନୁୟାରୀ ୨୬ ପୂର୍ବରୁ ଓଡ଼ିଶାରେ ୫ଜି ସେବା ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ତେବେ ଏହାର ଯଥେଷ୍ଟ ପୂର୍ବରୁ ଉଦ୍‌ଘାଟନ ହେବାକୁ ଯାଉଛି।







# ବିଜେବିରେ ଜୁନିୟରଙ୍କୁ ସିନିୟର ଛାତ୍ରଙ୍କ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୪।୧(ବ୍ୟୁରୋ)

- ରାଗିଂ ନୁହେଁ, କାର୍ଯ୍ୟାନୁଷ୍ଠାନ ହେବ: ଅଧ୍ୟକ୍ଷ
- ଆକ୍ରମଣ ସମୟର ଭିଡିଓ ଭାଇରାଲ
- ୪ ଛାତ୍ରଙ୍କୁ ଥାନାକୁ ଡାକି ପୋଲିସର ପଚରାଉଚରା



ଭାଇରାଲ ହୋଇଥିବା ଆକ୍ରମଣ ସମୟର ଭିଡିଓ।

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି କଲେଜ ପୁଣି ଚର୍ଚ୍ଚାକୁ ଆସିଛି। ନିକଟରେ ରାଗିଂ ଓ ଛାତ୍ରୀ ଆତ୍ମହତ୍ୟାକୁ ନେଇ ବିବାଦରେ ଛନ୍ଦି ହୋଇଥିବାବେଳେ ଏବେ କ୍ୟାମ୍ପସ ଭିତରେ ଛାତ୍ରଙ୍କ ଆତଙ୍କରାଜ ଘଟଣା ପଦାକୁ ଆସିଛି। ବୁଧବାର ଜଣେ ଜୁନିୟର ଛାତ୍ରଙ୍କୁ କେତେଜଣ ସିନିୟର ଛାତ୍ର ଗାଳିଗୁଲଜ କରିବା ସହ ଗୋଡ଼ାଇ ମାଡ଼ ମାରିଛନ୍ତି। ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିବାବେଳେ ଏହାର ଭିଡିଓ ଭାଇରାଲ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷର ଓ ଆକ୍ରମଣକାରୀ ଛାତ୍ରମାନେ ଯୁକ୍ତ୨ କଳା ଓ ବିଜ୍ଞାନ ଦ୍ୱିତୀୟ ବର୍ଷର ହୋଇଥିବା ଜଣାପଡିଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଘଟଣା ସମୟରେ ସେଠାରେ ବହୁ ଛାତ୍ର ଉପସ୍ଥିତ ରହି ଦେଖଣାହାରୀ ସାଜିଥିଲେ। ପୁଣି ଦୀର୍ଘ ସମୟ ଧରି ଆକ୍ରମଣ କରାଯାଉଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ କିମ୍ବା କଲେଜ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ତେବେ ଆହତ ଛାତ୍ରଙ୍କ ବାପା ବଡଗଡ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସଂପୃକ୍ତ ୪ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଧ୍ୟକ୍ଷ ରଞ୍ଜନ କୁମାର ବଳ କହିଛନ୍ତି, ଏହା ରାଗିଂ ନୁହେଁ। ସଂପୃକ୍ତ ଛାତ୍ର ହଷ୍ଟେଲରେ ରୁହନ୍ତି ନାହିଁ। ପ୍ରେମ ଜନିତ କିମ୍ବା ଉଭୟଙ୍କ ମଧ୍ୟରେ ପୂର୍ବରୁ କଲେଜ ବାହାରେ କିଛି ବଚସା କାରଣରୁ ଏଭଳି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସମ୍ପୃକ୍ତ ଛାତ୍ରଙ୍କୁ ଚିହ୍ନଟ କରାଯାଇଛି। ଏହାସହ ପରିବାରବର୍ଗଙ୍କୁ ମଧ ଘଟଣା ବିଷୟରେ ଅବଗତ କରାଯାଇଛି। ଗୁରୁବାର ୧୦ଟାରେ କଲେଜର କମିଟି ବୈଠକ ବସିବ। କମିଟିର ନିଷ୍ପତ୍ତି ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବଡଗଡ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ଯୁକ୍ତ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଜଣକ ପ୍ରତିଦିନ ଜଣେ ଛାତ୍ରୀଙ୍କ ସହ କଲେଜ ଆସୁଥିଲେ। ଏହାକୁ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳାର ଜଣେ ଛାତ୍ର ବିରୋଧ କରିବା ସହ ଛାତ୍ରୀଙ୍କଠାରୁ ଦୂରେଇ ରହିବାକୁ ତାଗିଦ୍ କରିଥିଲେ। ଛାତ୍ରୀ ଜଣକ ତାଙ୍କର ଚିହ୍ନା ପରିଚିତ ଥିବା ଯୁକ୍ତ୨ ବିଜ୍ଞାନ ଛାତ୍ର ଜଣକ କହିବା ସହ ଏ ସମ୍ପର୍କରେ ଯୁକ୍ତ ୩ର ଜଣେ ଛାତ୍ରଙ୍କୁ ଜଣାଇଥିଲେ। ସିନିୟରଙ୍କ ନିକଟରେ ଅଭିଯୋଗ କରିବା ଜାଣିବା ପରେ ଉକ୍ତ ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ଯୁକ୍ତ ୨ କଳା ଦ୍ୱିତୀୟବର୍ଷର ସମ୍ପୃକ୍ତ ଛାତ୍ରଙ୍କ ସମେତ ଏକ ଛାତ୍ର ଗୋଷ୍ଠୀ ଆକ୍ରମଣ କରିଥିଲେ। ଏନେଇ ମାମଲା (ନଂ.୫/୨୦୨୩) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଗୋବିନ୍ଦଙ୍କ ଝିଅ-କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଅଡିଓ ଭାଇରାଲ

- ଝିଅ କହିଲେ ମୋ ସାମ୍ନାରେ ଚିଠି ଖୋଲ
- ଚିଠି ଦେବାକୁ ମନା କରିଥିଲେ ଅଧିକାରୀ

ବଲାଙ୍ଗୀର ଅଫିସ, ୪।୧

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଝିଅ ଲିପିକା ସାହୁ ଏବଂ କ୍ରାଇମବ୍ରାଞ୍ଚ ଟିମ୍ ଅଧିକାରୀଙ୍କ ଏକ ଅଡିଓ ଭାଇରାଲ ହୋଇଛି। ଏହି ଅଡିଓ ଭାଇରାଲ ହେବା ପରେ ଗୋବିନ୍ଦଙ୍କ ଚିଠି ପୁଣି ଥରେ ଚର୍ଚ୍ଚାକୁ ଆସିଛି। କଣ୍ଟାବାଞ୍ଜି ଜେଲରେ ଗତ ଡିସେମ୍ବର ୨୦ ତାରିଖରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଟିମ୍‌କୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ମହାଲିଙ୍ଗ ଗସ୍ତ କରି ଗୋବିନ୍ଦଙ୍କ ବାସଭବନ ଏବଂ କଲେଜକୁ ଯାଇଥିଲେ। ଏତିକିବେଳେ ଗୋବିନ୍ଦଙ୍କ ବଡଝିଅ ଲିପିକା ସାହୁ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ମୃତ୍ୟୁ ପୂର୍ବରୁ ତାଙ୍କ ଉଦ୍ଦେଶ୍ୟରେ ଲିଖିତ ତାଙ୍କ ବାପାଙ୍କ ଶେଷଚିଠି ମାଗିଥିଲେ। ଏହି ସମୟର ଅଡିଓ ଏବେ ଭାଇରାଲ ହୋଇଛି। ଏଥିରେ ଗୋବିନ୍ଦଙ୍କ ଝିଅ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କୁ ତାଙ୍କ ବାପାଙ୍କ ଶେଷ ଚିଠି ମାଗୁଛନ୍ତି। ଏହି ଚିଠିରେ କ'ଣ ଲେଖାଯାଇଛି ତାହା ପ୍ରଥମେ ସେ ପଢ଼ିବା କଥା। ଏଣୁ ତାଙ୍କୁ ଦିଆଯାଉ ବୋଲି ସେ କହୁଛନ୍ତି। ତାଙ୍କ ସାମ୍ନାରେ ସେହି ଚିଠି ଖୋଲାଯିବା କଥା ବୋଲି ସେ କହିଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ କହିଛନ୍ତି ଯେ, ଏହା ଏକ କେସ୍ ମ୍ୟାଟର, ଏଣୁ ସେମାନେ ତାଙ୍କୁ ଦେଇପାରିବେ ନାହିଁ। ଏହା ଏବେ ସିଲ୍ ହୋଇରହିଛି। ହ୍ୟାଣ୍ଡ ରାଇଟିଂ ବ୍ୟୁରୋ ପାଖକୁ ଏହି ଚିଠି ପଠାଯିବ ଏବଂ ସେଠାରେ ଏହି ଚିଠି ବାସ୍ତବରେ ଗୋବିନ୍ଦଙ୍କର କି ନା ପରୀକ୍ଷା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ କହୁଥିବା ଭାଇରାଲ ଅଡିଓରେ ରହିଛି। ତେବେ ଲିପିକା ଗୋବିନ୍ଦଙ୍କ କୌଣସି ଓଡ଼ିଆ ଲେଖା ତାଙ୍କ ପାଖରେ ନାହିଁ ବୋଲି କହୁଥିବା ଭାଇରାଲ ଅଡିଓରେ ଶୁଣାଯାଉଛି।

ଉକ୍ତ ଚିଠିରେ ଗୋବିନ୍ଦ କ'ଣ ଲେଖିଛନ୍ତି ତାହା ଜାଣିବାକୁ ସମସ୍ତେ ବ୍ୟଗ୍ର ଅଛନ୍ତି। ଉକ୍ତ ଚିଠି ମମିତା ମେହେର ଏବଂ ଗୋବିନ୍ଦ ସାହୁ ମୃତ୍ୟୁ ରହସ୍ୟ ଖୋଲିବ ନା ଅଧିକ ରହସ୍ୟ ସୃଷ୍ଟି କରିବ ତାକୁ ନେଇ ଚର୍ଚ୍ଚା ହେଉଛି।

# ଭିତରକନିକାରେ ଡଲ୍‌ଫିନ୍ ସଂଖ୍ୟା ବୃଦ୍ଧି

ରାଜନଗର,୪।୧(ଡି.ଏନ.ଏ.)

- ରାଜ୍ୟରେ ୭୩୩, ଭିତରକନିକାରେ ୫୫୦
- ଗତବର୍ଷ ତୁଳନାରେ ୧୦ ବଢ଼ିଲେ



ଡଲଫିନ୍

କେନ୍ଦ୍ରାପଡ଼ା ଜିଲା ଭିତରକନିକାରେ ଡଲ୍‌ଫିନ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରାଜ୍ୟର ବିଭିନ୍ନ ଜଳାଶୟ ଅପେକ୍ଷା ସବୁଠୁ ଅଧିକ ଓ ବିଭିନ୍ନ ପ୍ରଜାତିର ଡଲଫିନ୍ ଗହୀରମଥା ଓ ଭିତରକନିକାରେ ରହିଥିବା ଦେଖିବାକୁ ମିଳିଛି। ଡିସେମ୍ବର ୨୧ରୁ ୨୩ ତାରିଖ ଯାଏ ଭିତରକନିକା ଜାତୀୟ ଉଦ୍ୟାନର ନଦୀ ଓ ଗହୀରମଥାର ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଇଥିଲା। ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନେତୃତ୍ୱରେ ୯ଟି ଟିମ୍ ଡଲ୍‌ଫିନ୍‌ଙ୍କ ଗଣନା କରିଥିଲେ। ଆଉଟର ହୁଲଇରରୁ ଚିଞ୍ଚିରି ମାଉଥ, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଁଣ ଯାଏ ୯ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ସମୁଦ୍ର ମଧ୍ୟରେ ୫ ଟିମ୍ ଓ ନଦୀ ଏବଂ କ୍ରିକ୍‌ରେ ୪ ଟିମ୍ ଗଣନା କରିଥିଲେ।

ସବୁଠୁ ବଡ଼କଥା ହେଲା ଡଲ୍‌ଫିନ୍ ଗଣନା ସମୟରେ ବଡ଼ ଡଲ୍‌ଫିନ୍‌ଙ୍କ ସହିତ ଶାବକ ଦେଖିବାକୁ ମିଳିଥିବାରୁ ଏହା ଭିତରକନିକା ଓ ଗହୀରମଥା ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି। ଚଳିତବର୍ଷ ସାରା ରାଜ୍ୟରେ ୭୩୩ଟି ଡଲ୍‌ଫିନ୍ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ ଡଲ୍‌ଫିନ୍ ଅଛନ୍ତି। ଅର୍ଥାତ୍ ସାରା ଓଡ଼ିଶାର ୭୫ ପ୍ରତିଶତ ଡଲଫିନ୍ ଗହୀରମଥା ଓ ଭିତରକନିକାରେ ଚିହ୍ନଟ ହୋଇଛନ୍ତି। ଚଳିତବର୍ଷ କେବଳ ଗହୀରମଥା ରେଞ୍ଜରେ ୫୪୪ଟି ଡଲ୍‌ଫିନ ଚିହ୍ନଟ କରାଯାଇଥିବା ବେଳେ କନିକା ରେଞ୍ଜରେ ୪ ଓ ରାଜନଗର ରେଞ୍ଜରେ ୨ ଡଲ୍‌ଫିନ ଗଣନା ବେଳେ ଦେଖିବାକୁ ମିଳିଥିଲା। ଗହୀରମଥାରେ ହମ୍ପବ୍ୟାକ୍‌ର ସଉସା ପ୍ଲମ୍ବିଆ ପ୍ରଜାତିର ୨୦୮, ହମ୍ପବ୍ୟାକ୍‌ର ସଉସା ଚାଇନିଜ ପ୍ରଜାତିର ୨୮୧, ବଟଲନୋଜ ପ୍ରଜାତିର ୫୨, ସ୍ପିନର ପ୍ରଜାତିର ୩ ଡଲ୍‌ଫିନ ଗଣନା ବେଳେ ଦେଖିବାକୁ ମିଳିଛି। ସେହିପରି କନିକା ରେଞ୍ଜର ଖୋଲାରୁ କଣ୍ଟିଆଖାଇ ମଧ୍ୟରେ ୪ ଇରାୱାର୍ଡି ପ୍ରଜାତିର ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ରାଜନଗର ରେଞ୍ଜରେ ୨ ଡଲଫିନ୍ ରହିଛନ୍ତି।

ଦୀର୍ଘ ବର୍ଷ ଧରି ଡଲ୍‌ଫିନ୍‌ଙ୍କ ଏକୁଟିଆଳ ଚିଲିକାକୁ କୁହାଯାଉଥିଲା। ସେଥିପାଇଁ କେବଳ ଚିଲିକାରେ ହିଁ ଡଲ୍‌ଫିନ୍‌ଙ୍କ ଗଣନା ହେଉଥିଲା। ୨୦୧୫ରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତିକ୍ରମେ ଭିତରକନିକା, ପୁରୀ, ବ୍ରହ୍ମପୁର, ଭଦ୍ରକ, ବାଲେଶ୍ୱର ଓ ବାରିପଦାରେ ଡଲ୍‌ଫିନ୍ ଗଣନା କରାଯାଉଛି। ଗତବର୍ଷ ରାଜ୍ୟରେ ୭୨୬ଟି ଡଲ୍‌ଫିନ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୪୦ଟି ଡଲଫିନ୍ ଚିହ୍ନଟ ହୋଇଥିଲା। ଚଳିତବର୍ଷ ରାଜ୍ୟରେ ୭୩୩ ଡଲଫିନ୍ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ଗହୀରମଥା ଓ ଭିତରକନିକାରେ ୫୫୦ ଡଲ୍‌ଫିନ୍ ଚିହ୍ନଟ ହୋଇଛନ୍ତି। ଗତବର୍ଷ ତୁଳନାରେ ରାଜ୍ୟରେ ଡଲ୍‌ଫିନ୍ ସଂଖ୍ୟା ୩ କମିଥିବା ବେଳେ ଭିତରକନିକା ଓ ଗହୀରମଥାରେ ଅଧିକ ୧୦ ଡଲ୍‌ଫିନ୍ ଚିହ୍ନଟ କରାଯାଇଛି।



# ପ୍ରାଚୀନ କାଳର ରାଜା: ମାନ୍ଧାତା



ଦେବଦତ୍ତ ପଟ୍ଟନାୟକ

ଲୋକକଥାରେ ମାନ୍ଧାତା ଯୁଗ କହିଲେ ଏକ ପୁରାତନ ସମୟକୁ ବୁଝାଏ। ପୃଥିବୀରେ ଏହି ସମୟକୁ ମାନ୍ଧାତା ରାଜାଙ୍କ ଯୁଗ ଭାବେ ଅଭିହିତ କରାଯାଏ। ପ୍ରଭୁ ଶ୍ରୀକୃଷ୍ଣ ଓ ପୁରୁଷୋତ୍ତମ ଶ୍ରୀରାମଙ୍କ ପୂର୍ବରୁ ଧରାପୃଷ୍ଠରେ ମାନ୍ଧାତା ରାଜା ଶାସନ କରିଥିଲେ। ମହାଭାରତରେ ବି ଏ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ମାନ୍ଧାତା ଶ୍ରୀରାମଙ୍କ ପୂର୍ବଜ ଯୁବନାଶ୍ୱଙ୍କ ପୁତ୍ର ଥିଲେ। ତେବେ ମାନ୍ଧାତାଙ୍କ ଜନ୍ମକୁ ନେଇ ଏକ ରୋଚକ କାହାଣୀ ରହିଛି। ଯୁବନାଶ୍ୱ ଏକ ସନ୍ତାନ ଚାହିଁଥିଲେ। ତାଙ୍କ ସ୍ତ୍ରୀ ଗର୍ଭବତୀ ହେବା ପାଇଁ ଉଦ୍ଦିଷ୍ଟ ଦିବ୍ୟ ମହୌଷଧି ଜଳକୁ ଯୁବନାଶ୍ୱ ଭୁଲ୍‌ବଶତଃ ପାନ କରିଦେଇଥିଲେ। ଫଳରେ ସେ ଗର୍ଭବତୀ ହୋଇ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ, ଯାହାଙ୍କ ନାମ ମାନ୍ଧାତା। ଯମଜ ଅଶ୍ୱିନୀ ଭ୍ରାତୃଦ୍ୱୟ ମାନ୍ଧାତାଙ୍କୁ ଯୁବନାଶ୍ୱଙ୍କ ଶରୀରରୁ ବାହାରକୁ ଆଣିଥିଲେ। ସାଧାରଣତଃ ଶିଶୁ ସନ୍ତାନଟିଏ ଜନ୍ମ ନେବା ପରେ ଯେପରି ମା' କ୍ଷୀର ଖାଇବା ପାଇଁ କାନ୍ଦେ, ଠିକ୍ ସେମିତି ମାନ୍ଧାତା କାନ୍ଦିବା ଆରମ୍ଭ କରିଦେଲେ। ସେ କ୍ଷୀର ଖୋଜିଲେ। ଏହା ଦେଖି ଦେବରାଜ ଇନ୍ଦ୍ର ତାଙ୍କ ବୃଦ୍ଧାଙ୍ଗୁଳି କାଟିଦେଲେ। ତତ୍‌କ୍ଷଣାତ ସେଥିରୁ କ୍ଷୀର ଝରିଲା ଓ ମାନ୍ଧାତା ତାହାକୁ ପାନ କରିଚାଲିଲେ। ଆମକୁ ଏହି ଘଟଣା ସ୍ମରଣ କରାଇବା ପାଇଁ ସବୁ ପିଲା ଶୈଶବରେ ସେମାନଙ୍କ ବୃଦ୍ଧାଙ୍ଗୁଳିକୁ ପାଟିରେ ପୂରାଇ କ୍ଷୀର ପାନ କଲାଭଳି ସନ୍ତୁଷ୍ଟି ଲାଭ କରିବେ ବୋଲି ଦେବତାମାନେ ବିଧାନ ଖଞ୍ଜିଦେଇଗଲେ। ଉକ୍ତ ଲକ୍ଷଣ ମଧ୍ୟ ପ୍ରତ୍ୟେକ ଶିଶୁଙ୍କଠାରେ ଲକ୍ଷ୍ୟ କରାଯାଏ।

ଜଣେ ପୁରୁଷ (ଯୁବନାଶ୍ୱ) ଠାରୁ ପୁତ୍ର ସନ୍ତାନ ଭାବେ ମାନ୍ଧାତା ଜନ୍ମ ଲାଭ କରିଥିଲେ। ତାଙ୍କୁ ଜନ୍ମ କରାଇବାରେ ଡେଲିଭରି ନର୍ସ ଏବଂ ୱେଟ୍ ନର୍ସ ଭାବେ ଦାୟିତ୍ୱ ତୁଲାଇଥିଲେ ଦୁଇ ପୁରୁଷ (ଅଶ୍ୱିନୀ ଭ୍ରାତୃଦ୍ୱୟ)। ତାନ୍ତ୍ରିକ ପରମ୍ପରାରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଥିବା ଜଣେ ଅସାଧାରଣ ଅତିପୁରୁଷ ଭାବେ ମାନ୍ଧାତାଙ୍କୁ ଅବତାରଣ କରିବାରେ ଉକ୍ତ କାହାଣୀ ଉଦ୍ଦିଷ୍ଟ। ମାନ୍ଧାତାଙ୍କୁ ଭଗବାନ ଶିବଙ୍କ ସହ ସମ୍ପର୍କିତ କରାଯିବାର ଏହା ମଧ୍ୟ ଏକ କାରଣ ହୋଇପାରେ। ସେଥିପାଇଁ ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ମାନ୍ଧାତାଙ୍କ ସହ ଶିବ ମନ୍ଦିରର ସମ୍ପର୍କ ରହିଥିବା ଦେଖିବାକୁ ମିଳେ। ବହୁ ଅଞ୍ଚଳରେ ୬୪ ଯୋଗିନୀଙ୍କ ଉପାସନା ପୀଠ ସହ ସେ ସମ୍ପର୍କିତ ଥିବା ଲକ୍ଷ୍ୟ କରାଯାଏ।



ବୌଦ୍ଧ ସାହିତ୍ୟରେ ମାନ୍ଧାତାଙ୍କ ବର୍ଣ୍ଣନା ଦେଖିବାକୁ ମିଳିଥାଏ। ସେଥିରେ ତାଙ୍କୁ ରାଜା ଭାବେ ପ୍ରତିପାଦିତ କରାଯାଇଛି। ମାନ୍ଧାତା ଏତେ ଭଲ ଓ ତେଜସ୍ୱୀ ଥିଲେ ଯେ, ତାଙ୍କୁ ପଡ଼ୋଶୀ ରାଜାମାନେ ବହୁତ ମାନୁଥିଲେ, ସମ୍ମାନ ବି ଦେଉଥିଲେ। ସେହି ରାଜାମାନେ ମାନ୍ଧାତାଙ୍କ ନିକଟରେ ପହଞ୍ଚି ସେମାନଙ୍କ ରାଜ୍ୟର ଶାସକ ହେବା ପାଇଁ ନିଜ ତରଫରୁ ତାଙ୍କୁ ଅନୁରୋଧ କରୁଥିଲେ। ଜଣକ ପରେ ଜଣେ ରାଜା ଏଭଳି କରନ୍ତେ ପ୍ରଥମେ ସେ ଏକ ବିଶାଳ ସାମ୍ରାଜ୍ୟର ଶାସକ ହୋଇଗଲେ। ଏହା ବାଦ୍ ମଧ୍ୟ ଅଧିକରୁ ଅଧିକ ରାଜା ତାଙ୍କ ଶାସନ ପ୍ରତି ଆକୃଷ୍ଟ ହୋଇ ତାଙ୍କ ନିକଟରେ ପହଞ୍ଚିବାକୁ ଲାଗିଲେ ଓ ସେମାନଙ୍କ ରାଜ୍ୟ ମାନ୍ଧାତାଙ୍କୁ ହସ୍ତାନ୍ତର କଲେ। ଧୀରେ ଧୀରେ ସେ ଚତୁର୍ଦ୍ଦିଗରେ ଥିବା ସମସ୍ତ ରାଜ୍ୟ ବା ଭୂଖଣ୍ଡର ପ୍ରଭୁ (ଶାସକ) ପାଲଟିଗଲେ। ମାନ୍ଧାତାଙ୍କ ଶାସନର ସୁନାମ ଓ ତାଙ୍କ ଗୌରବ ଏଭଳି ସ୍ତରରେ ପହଞ୍ଚିଗଲା ଯେ, ସ୍ୱୟଂ ସ୍ୱର୍ଗାଧିପତି ଇନ୍ଦ୍ର ତାଙ୍କୁ ଆମନ୍ତ୍ରଣ କରି ସ୍ୱର୍ଗର ଅଧା ଭାଗ ଦେଇ ତାହାକୁ ଶାସନ କରିବାକୁ କହିଲେ। ଇନ୍ଦ୍ରଙ୍କର ଏଭଳି କାର୍ଯ୍ୟରେ ମାନ୍ଧାତା ଅତ୍ୟନ୍ତ ଆନନ୍ଦିତ ହୋଇଗଲେ। କିନ୍ତୁ କିଛି ସମୟ ଉପରାନ୍ତେ ସେ ଆଶ୍ଚର୍ଯ୍ୟପ୍ରକଟ କଲେ ଓ ଭାବିଲେ ସମସ୍ତେ ତ ସେମାନଙ୍କ ପୂରା ରାଜ୍ୟ ଦେଇଦେଲେ, ହେଲେ ଇନ୍ଦ୍ର କାହିଁକି ସମ୍ପୂର୍ଣ୍ଣ ସ୍ୱର୍ଗକୁ ଶାସନ କରିବାକୁ ତାଙ୍କୁ ଦେଲେ ନାହିଁ। ସେ କାହିଁକି ସ୍ୱର୍ଗରୁ ଅଧା ଦେଲେ? ନିଶ୍ଚିତ ଭାବେ ସେ ସ୍ୱର୍ଗର ରାଜା ହେବା ସକାଶେ ଯୋଗ୍ୟ ଥିଲେ କି? ଉକ୍ତ ଭାବନା ମାନ୍ଧାତାଙ୍କ ମନରେ ଆସିବା କ୍ଷଣି ସେ ସ୍ୱର୍ଗରୁ ଖସି ପଡ଼ିଲେ ପୃଥିବୀକୁ। ପୂର୍ବର ପ୍ରତିଭାଶାଳୀ ରାଜା ମାନ୍ଧାତା ରୂପେ ନୁହେଁ, ବରଂ ଜଣେ ବୃଦ୍ଧ ଓ ନିର୍ବଳ ବ୍ୟକ୍ତି ଭାବେ ସେ ଖସିପଡ଼ିଲେ। ଯେଉଁ ସୌଭାଗ୍ୟ ବା ସମ୍ପତ୍ତି ପ୍ରାପ୍ତ ହୁଏ ତାହା ଉତ୍ତମ, କିନ୍ତୁ ସମ୍ପତ୍ତି ଲୋଭ ଅନୁଗ୍ରହ ବା କୃପାରୁ ବଞ୍ଚିତ କରେ ବୋଲି ଅନୁଭବ କରିବା ପରେ ସେ ପୃଥିବୀ ପୃଷ୍ଠରେ ଦେହତ୍ୟାଗ କରିଥିଲେ। ମାନ୍ଧାତା ଆରମ୍ଭରୁ ଲୋକମାନଙ୍କ ସେବାରେ ଜଡ଼ିତ ଥିଲେ। ଯେତେବେଳେ ଯାଏ ସେ ଏହା କରୁଥିଲେ ସମୃଦ୍ଧି ତାଙ୍କ ନିକଟରେ ପହଞ୍ଚୁଥିଲା। କିନ୍ତୁ ସେ ନିଜକୁ ଯେତେବେଳେ ସମ୍ପତ୍ତି ପାଇବାକୁ ଯୋଗ୍ୟ ବୋଲି ଭାବିଲେ ସେତେବେଳେ ତାହା ତାଙ୍କ ଠାରୁ ଦୂରେଇଗଲା।

ମାନ୍ଧାତାଙ୍କ କାହାଣୀର କଳାକୃତି ଆନ୍ଧ୍ରପ୍ରଦେଶ ଗୋଦାବରୀ ଡେଲ୍‌ଟାର ଅମରାବତୀସ୍ଥିତ ବୌଦ୍ଧ ସ୍ତୂପର କାନ୍ଥଗୁଡ଼ିକରେ ଖୋଦିତ ହୋଇଥିବା ଦେଖିବାକୁ ମିଳେ। ଏହା ବ୍ୟତୀତ ଭାରତର ପଶ୍ଚିମ ଉପକୂଳ ମୁମ୍ବାଇ ନିକଟରେ ଥିବା ଭାଜା ଗୁମ୍ଫାଗୁଡ଼ିକ ବି ତାଙ୍କ କାର୍ଯ୍ୟର ସ୍ୱାକ୍ଷର ବହନକରେ। ସେଠାରେ ମାନ୍ଧାତା ରଥ ଚଳାଉଥିବା ଓ ହାତୀ ଉପରେ ବସିଥିବାର ଖୋଦିତ କଳାକୃତି ଦେଖିବାକୁ ମିଳେ। ଭାଜା ଗୁମ୍ଫାଗୁଡ଼ିକରେ ଖୋଦିତ ହୋଇଥିବା କଳାକୃତି ସବୁକୁ ଅନେକ ସମୟରେ ଭୁଲ୍‌ବଶତଃ ସୂର୍ଯ୍ୟ ଓ ଇନ୍ଦ୍ରଙ୍କର ବୋଲି କୁହାଯାଏ। ବାସ୍ତବରେ ଏସବୁ ୨୦୦୦ ବର୍ଷ ପୁରୁଣା ଖୋଦିତ କଳାକୃତି। ଏଗୁଡ଼ିକ ସାତବାହନଙ୍କ ସମୟର ଏବଂ ଭାରତର ପଶ୍ଚିମ ଉପକୂଳ ଓ ପୂର୍ବ ଉପକୂଳ ମଧ୍ୟରେ କପା ବାଣିଜ୍ୟ ପଥରେ ଦେଖିବାକୁ ମିଳେ। କପା ବାଣିଜ୍ୟର ଏହି ପଥ ସମାନ୍ତରାଳ ଭାବେ ନର୍ମଦା ନଦୀ ପର୍ଯ୍ୟନ୍ତ ଲମ୍ବିଛି। ଏହି ନଦୀ ଶଯ୍ୟାରେ ଏକ ଟାପୁ ରହିଛି ଯାହାର ନାମ ମାନ୍ଧାତା। ଏହା ମଧ୍ୟ ଏକ ପ୍ରସିଦ୍ଧ ଓ ଜଣାଶୁଣା ତୀର୍ଥସ୍ଥଳୀ। ଉକ୍ତ କ୍ଷେତ୍ରଟି ହିନ୍ଦୁ ଓ ଜୈନ୍ୟ ମନ୍ଦିରରେ ପରିପୂର୍ଣ୍ଣ।

ମାନ୍ଧାତାଙ୍କ କାହାଣୀ ପ୍ରତିଭା ଓ କ୍ଷମତା ଉପରେ ପର୍ଯ୍ୟବସିତ। ଏଥିପାଇଁ ମାନ୍ଧାତାଙ୍କ କାହାଣୀ ବଣିକ ଓ ରାଜାମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତି ଲାଭ କରିଥିଲା। ହେଲେ ତାଙ୍କ ଜନ୍ମର ଅଦ୍ଭୁତ କାହାଣୀ ସଙ୍କେତ ଦିଏ ଯେ ଜନ୍ମ ସହ ମହିଳାଙ୍କର କିଛି ସମ୍ପର୍କ ନ ଥିଲା। ଅର୍ଥାତ୍ ତାଙ୍କ ଜନ୍ମ ପାର୍ଥିବ ଓ ଇନ୍ଦ୍ରିୟ ସୁଖରୁ ମୁକ୍ତ ଥିଲା ବୋଲି ଏହି କାହାଣୀ ସୂଚେଇଦିଏ।

-devduttofficial@gmail.com

# ଲୁଥରଙ୍କ ଦୃଷ୍ଟିରେ ଗାନ୍ଧିଜୀ



ଉମା ଶଙ୍କର ପ୍ରସାଦ

ମାର୍ଟିନ୍ ଲୁଥର କିଙ୍ଗ୍ (ଜୁନିୟର) ୧୯୫୯ ମସିହାରେ ଭାରତ ଭ୍ରମଣରେ ଆସିଥିଲେ। ଭାରତ ରହଣି କାଳରେ ସେ ଅହମ୍ମଦାବାଦସ୍ଥିତ ସାବରମତୀ ଆଶ୍ରମ ପରିଦର୍ଶନ କରିଥିବାବେଳେ ମହାତ୍ମା ଗାନ୍ଧୀ ୮ ଜଣ ସାଥୀଙ୍କ ସହ ଏହିଠାରୁ ୨୧୮ ମାଇଲ ଦୂରବର୍ତ୍ତୀ ଦାଣ୍ଡିକୁ ପଦଯାତ୍ରା କରି ଲବଣ ସତ୍ୟାଗ୍ରହ କରିଥିଲେ। ସେଦିନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ଯେଉଁ ଜ୍ଞାନ ଓ ଅନୁଭବ ଲାଭ କରିଥିଲେ, ସେ ତାଙ୍କ ଆତ୍ମଜୀବନୀରେ ଲିପିବଦ୍ଧ କରିଛନ୍ତି। ସେ ତାଙ୍କର ଏକ ଟିପ୍ପଣୀରେ ଲେଖିଥିଲେ ''ଏହି ଯାତ୍ରା ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ଗାନ୍ଧୀଙ୍କ ଦେଶରେ ପାଦଦେବା, ତାଙ୍କ ପରିବାର ପରିଜନବର୍ଗଙ୍କ ସହିତ କଥା ହେବା, ତାଙ୍କ ସହକର୍ମୀମାନଙ୍କ ସ୍ତୁତିଚାରଣରେ ସହଭାଗୀ ହେବା, ତାଙ୍କ ଆଶ୍ରମ ପରିଦର୍ଶନ କରିବା ଏବଂ ତାଙ୍କ ସମାଧିପୀଠରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ଅତ୍ୟନ୍ତ ଆନନ୍ଦଦାୟକ ଅନୁଭବ ଥିଲା। ଏହି ଦେଶରୁ ଆମେ ଅନେକ କିଛି ଶିକ୍ଷାକଲୁ, ତଥାପି ଭାରତବର୍ଷକୁ ଜାଣିଗଲୁ ବୋଲି କହିବା ଧୃଷ୍ଟତା ହେବ। ତା'ର ଜନଗଣ, ସିଦ୍ଧି ଓ ବୈଷମ୍ୟକୁ ନେଇ ଭାରତ ଏକ ବିରାଟ ଉପମହାଦେଶ।'' ସ୍ୱାଧୀନତା ସଂଗ୍ରାମ କରିବା ପାଇଁ ନିଷ୍ପେଷିତ ଜନତାଙ୍କର ଅହିଂସା ପ୍ରତିରୋଧ ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଥିଲା। ଅହିଂସା ଆନ୍ଦୋଳନର ଚମକପ୍ରଦ ବିଜୟ ନିଜ ଆଖିରେ ଦେଖିବା ବିସ୍ମୟକର ଥିଲା। ହିଂସାର ପଥ ଲୋକଙ୍କର ତିକ୍ତତା ଏବଂ ଧ୍ୱଂସକାରୀଙ୍କର ନୃଶଂସତା ବୃଦ୍ଧି କରେ, କିନ୍ତୁ ଅହିଂସାର ପଥ ମୁକ୍ତି ପ୍ରଦାନ କରେ ତଥା ପ୍ରୀତିପୂର୍ଣ୍ଣ ସମାଜ ପ୍ରତିଷ୍ଠା କରେ। ମୋର ଭାରତ ଗସ୍ତ ଫଳରେ ଅହିଂସାର ବାରିଧାରା ମୋ' ଜୀବନରେ ପ୍ରବାହିତ ହେବା ସହ ମୋର ଅଙ୍ଗୀକାର ଆହୁରି ଦୃଢ଼ୀଭୂତ ହେଲା। ସେତେବେଳେ ୪୦ କୋଟି ଜନତାଙ୍କୁ ଏକାଠି କରି ସ୍ୱାଧୀନତା ପାଇଁ ଅଭିମନ୍ତ୍ରିତ କରିଥିଲେ। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ଯେଉଁ ଲୋକଟି ଅହିଂସାରେ ବିଶ୍ୱାସ କରୁଥିଲେ, ତାଙ୍କ ଜୀବନ ହିଂସାରେ ବିଶ୍ୱାସ କରୁଥିବା ଜଣେ ଲୋକହାତରେ ଗଲା। ମାତ୍ର ଈଶ୍ୱରଙ୍କୁ ଅଶେଷ ଧନ୍ୟବାଦ ଯେ, ଯେଉଁ ଲୋକ ଗୁଳିମାରି ଗାନ୍ଧୀଙ୍କ ହୃଦୟ ବିଦାରି ଦେଲା, ସେ ତାଙ୍କୁ ସମଗ୍ର ମାନବ ଜାତିର ହୃଦୟରେ ସ୍ଥାନିତ କରିଦେଲା। ଲକ୍ଷ୍ୟ କରିବାର କଥା ଯେ, ଆବ୍ରାହମ୍ ଲିଙ୍କନଙ୍କୁ ଯେଉଁଥିପାଇଁ ଗୁଳିମାଡ଼ ହୋଇଥିଲା, ଠିକ୍ ସେଇଥିପାଇଁ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାଡ଼ ହୋଇଥିଲା। ଲିଙ୍କନ୍‌ଙ୍କୁ ଗୁଳିମାଡ଼ ହେଲାବେଳେ ପାଖରେ ଛିଡ଼ା ହୋଇଥିବା ତାଙ୍କର ସଚିବ ଷ୍ଟାଣ୍ଟନ୍ କହିଥିଲେ, 'ଏବେ ସେ ଯୁଗପୁରୁଷ ହୋଇଗଲେ'। ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ବିଷୟରେ ସେହିକଥା କୁହାଯାଇ ପାରିବ, ସେ ମଧ୍ୟ ଜଣେ ସତ୍ୟନିଷ୍ଠ ଯୁଗପୁରୁଷ।

ସତ୍ୟକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ମାଟିରେ ମିଶାଇଦେଲେ ବି ତାହା ପୁନରୁଜ୍ଜୀବିତ ହୋଇ ଉଠିବ। ଜେମ୍ସ ରସେଲ୍ ଲୋବେଲ୍‌ଙ୍କ ଭାଷାରେ ''ସତ୍ୟ ପଶିଛି ସଦା ଫାଶର ଫନ୍ଦାରେ/ ପ୍ରମାଦ ବସିଛି ସଦା ସିଂହାସନ ପରେ/ ଦୋହଲୁଛି ଭବିଷ୍ୟ ଫାଶୀ ଦଉଡ଼ିରେ/ ନିଷ୍ପ୍ରଭ ଅଜ୍ଞାତେ ଉଭା ଈଶ୍ୱର ଆମ ପଶ୍ଚାତ୍‌ରେ/ ନିଜଗଢ଼ା ଜଗତକୁ ଚାହିଁ ରହିଛନ୍ତି ଅନ୍ଧାର ଭିତରେ।'' ମହାତ୍ମା ଗାନ୍ଧୀ ଭାରତରେ ଯାହା କଲେ, ତାହା ସେ କିପରି କଲେ ବୋଲି ଯଦି ପ୍ରଶ୍ନ ହୁଏ, ତେବେ ଲୋକମାନେ କହିବେ ଗାନ୍ଧୀ ଥିଲେ ସମ୍ପୂର୍ଣ୍ଣ ସତ୍ୟନିଷ୍ଠ, ବିଶ୍ୱସ୍ତ ଏବଂ ବିଶେଷ ଭାବରେ ତାଙ୍କର ସମର୍ପଣଭାବ ଯୋଗୁ ଏହା ସମ୍ଭବ ହୋଇପାରିଥିଲା। ସେ ଏପରି ଏକ ବ୍ୟକ୍ତି ଥିଲେ, ଯିଏ ନିଜର ଅନୁଗାମୀମାନଙ୍କୁ କହୁଥିଲେ ସେ ଦୋଷଶୂନ୍ୟ ନୁହନ୍ତି, ସେ ଗୋଟାପଣେ ଜଣେ ମଣିଷ। ଭାରତରୁ ବିଦାୟ ନେବାବେଳେ ମାର୍ଟିନ୍ କହିଥିଲେ, ''ଭାରତର ଜନଗଣଙ୍କୁ ଓ ସରକାରଙ୍କୁ ମୋର ଏକ ନିବେଦନ କରିବାର ଅଛି, ଯାହା ବିନୋବା ଭାବେଙ୍କ ସହିତ ଆଲୋଚନା ସମୟରେ ମୋ ମନକୁ ଆସିଥିଲା। ପୃଥିବୀର ଶାନ୍ତିପ୍ରିୟ ଦେଶଗୁଡ଼ିକ ଭୟ ନିବାରଣ ଓ ନିରସ୍ତ୍ରୀକରଣ ପାଇଁ ମୋ ନିଜ ଦେଶ ଆମେରିକା ଏବଂ ସୋଭିଏତ ରୁଷିଆକୁ ରାଜି କରାଇବାରେ ସେ ସକ୍ଷମ ହୋଇପାରି ନାହାନ୍ତି। ଦୁର୍ଭାଗ୍ୟବଶତଃ ଏ ପର୍ଯ୍ୟନ୍ତ ଆମେରିକା ଓ ସୋଭିଏତ ରୁଷ ଏପରି କରିବା ନିମିତ୍ତ ଏପରି ସାହସ ଦେଖାଇ ନାହାନ୍ତି। ବିନୋବା ଭାବେ କହିଥିଲେ, ଭାରତ ଯେପରି ଅଗ୍ରଣୀ ଭୂମିକା ନେଇ ପୃଥିବୀକୁ ଦେଖାଇଦେଲା ଅହିଂସା ଉପାୟରେ ଜାତୀୟ ସ୍ୱାଧୀନତା ହାସଲ କରାଯାଇପାରେ, ସେହିପରି ଦିନେ ଭାରତ ଅଗ୍ରଣୀ ଭୂମିକା ନେଇ ନିରସ୍ତ୍ରୀକରଣ ପାଇଁ ସମଗ୍ର ବିଶ୍ୱକୁ ଆହ୍ୱାନ ଦେବ ଏବଂ ମହାତ୍ମା ଗାନ୍ଧୀଙ୍କ ଭାବଧାରାର ଏହା ଏକ ବିରାଟ ନିଦର୍ଶନ ହେବ।

ମୋ: ୮୮୯୫୫୪୭୪୯୦

## ଏଇ ଭାରତରେ

ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍। ହେଲେ ଆବିଷ୍କାର କରିବାରେ ଇଞ୍ଜିନିୟର କିମ୍ବା ବୈଜ୍ଞାନିକଙ୍କ ସମତୁଲ୍ୟ। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଆସାମ ଗୁଆହାଟୀର କନକ ଗୋଗୋଇ। ସେ ଏବେ ଏକ ଛୋଟ ଟ୍ରକ୍ଟର ନିର୍ମାଣ କରିଛନ୍ତି। ଏହାର ଦାମ୍ ୪୦ ହଜାର ଟଙ୍କା, ଯାହାକୁ କ୍ଷୁଦ୍ର ଚାଷୀମାନେ କିଣିପାରିବେ। ପାଠ ଛାଡ଼ି କନକ ପ୍ରଥମେ ଏକ ମେକାନିକାଲ ୱାର୍କଶପରେ କାମ କଲେ ଓ ପରେ ୧୯୯୭ରେ ଗୁଆହାଟୀରେ ନିଜର ଏକ ଛୋଟ ୱର୍କଶପ ଖୋଲି କାମ କରିବା ଆରମ୍ଭ କରିଥିଲେ। ସେବେଠାରୁ ଦୁଇ ଦଶନ୍ଧି ମଧ୍ୟରେ ଉକ୍ତ ମିନି ଟ୍ରାକ୍ଟରକୁ ମିଶାଇ କନକ ୧୦ରୁ ଅଧିକ ଆବିଷ୍କାର କରିସାରିଲେଣି। ଅନ୍ୟ ଆବିଷ୍କାରଗୁଡ଼ିକ ହେଲା ଗ୍ରାଭିଟିଚାଳିତ ସାଇକେଲ, ସୌରଚାଳିତ ବୋଟ୍, କମ୍ପ୍ରେସ୍‌ଡ ଏୟାର ଟେକ୍ନୋଲୋଜି କାର୍, ଗ୍ରୀନ୍ ଟେକ୍ନୋଲୋଜି କାର୍ ଆଦି ଅନ୍ୟତମ। କରୋନା ମହାମାରୀ ସମୟରେ ଉକ୍ତ ନୂଆ ଟ୍ରାକ୍ଟର ନିର୍ମାଣ କରିବା ଯୋଜନା କରି ଲକ୍‌ଡାଉନ ପରେ ଶେଷ କରିଛନ୍ତି। ଏହା ପଛରେ ମଧ୍ୟ ଏକ ଛୋଟ ଟ୍ରଲି ଲଗାଇ କ୍ଷେତରୁ ଶସ୍ୟ ଆଣିବାର ସୁବିଧା କରାଯାଇଛି। ଆବିଷ୍କାର ପାଇଁ କନକ ଅନେକ ସଂସ୍ଥା ତରଫରୁ ପୁରସ୍କୃତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୫ ଜାନୁୟାରୀ ୧୯୯୮

- ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶର ଝେଲମଠାରେ ଏକ ଅଣଓସାରିଆ ଗ୍ରାମାଞ୍ଚଳ ରାସ୍ତାରେ ଟ୍ୟାଙ୍କର ସହ ଯାତ୍ରୀବାହୀ ବସ୍‌ର ଦୁର୍ଘଟଣା ଘଟି ନିଆଁ ଲାଗିଯିବା ଫଳରେ ୫୦ ଯାତ୍ରୀ ମୃତ।
- କେନିୟାର ରାଷ୍ଟ୍ରପତି ପଦବୀ ପାଇଁ ଅନୁଷ୍ଠିତ ନିର୍ବାଚନରେ ଡାନିଏଲ ଆରାପ ମୋଇ ନିର୍ବାଚିତ।
- ପାଲେଷ୍ଟାଇନ ଶାନ୍ତିପ୍ରକ୍ରିୟା ଏବଂ ଇସ୍ରାଏଲର ସାମାଜିକ କଲ୍ୟାଣ ନେଇ ସରକାରଙ୍କର ଆଭିମୁଖ୍ୟକୁ ବିରୋଧ କରି ବିଦେଶମନ୍ତ୍ରୀ ପଦରୁ ଡାଭିଡ୍ ଲେଭିଙ୍କ ଇସ୍ତଫା ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 1 | 2 | 4 | | |
| | 1 | | | 8 | | | | |
| 3 | | 2 | | 6 | | | | |
| | | 1 | | | | | 4 | 3 |
| 5 | 8 | | | | 3 | | 2 | 9 |
| | | | | | | 8 | | 1 |
| 1 | | | 6 | | | 3 | | |
| | 7 | 5 | | | | | | |
| | | | 5 | 4 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 2 | 4 | 8 | 7 | 3 | 6 |
| 2 | 6 | 3 | 1 | 7 | 5 | 4 | 8 | 9 |
| 8 | 7 | 4 | 9 | 6 | 3 | 1 | 5 | 2 |
| 7 | 4 | 9 | 8 | 5 | 2 | 6 | 1 | 3 |
| 5 | 1 | 8 | 6 | 3 | 4 | 9 | 2 | 7 |
| 6 | 3 | 2 | 7 | 1 | 9 | 5 | 4 | 8 |
| 4 | 8 | 7 | 5 | 2 | 6 | 3 | 9 | 1 |
| 3 | 9 | 6 | 4 | 8 | 1 | 2 | 7 | 5 |
| 1 | 2 | 5 | 3 | 9 | 7 | 8 | 6 | 4 |

ଗତକାଲିର ଉତ୍ତର

# ଭବିତବ୍ୟ ଯାହା ଅବଶ୍ୟ ଘଟିବ



ବୈକୁଣ୍ଠନାଥ ମିଶ୍ର

ଏ ପୃଥିବୀ ସଦା ବୈଚିତ୍ର୍ୟମୟ। ପରିବେଶ ଓ ପରିସ୍ଥିତି ଦସ୍ୟୁ ରତ୍ନାକରକୁ ବାଲ୍ମୀକିରେ ରୂପାନ୍ତରିତ କରେ ଓ ବିଶ୍ରବାଙ୍କ ପରି ଋଷିଙ୍କ ଔରସ ସମ୍ଭୂତ ରାବଣ ଦେବ ଓ ମାନବଙ୍କ ଉପରେ କରି ବସେ ଅକଥନୀୟ ଅତ୍ୟାଚାର। ସତୀ ସାଧ୍ୱୀ ସୀତାଙ୍କୁ ଅପହରଣ କରି ଶେଷରେ ସବଂଶ ନିଧନ ହୁଏ। ପୁରାଣ, ଇତିହାସଠାରୁ ଆରମ୍ଭକରି ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ ମଧ୍ୟ ଏପରି ବ୍ୟକ୍ତିମାନଙ୍କର ଦୃଷ୍ଟାନ୍ତର ଅଭାବ ନାହିଁ। ଶ୍ରେଣୀରେ ପ୍ରଥମସ୍ଥାନ ଅଧିକାର କରି ଆସିଥିବା ଛାତ୍ରଟି ଉଚ୍ଚ ସରକାରୀ ଅଧିକାରୀ ହୋଇ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଆତ୍ମସାତ୍ କରି ଧରା ହେଉଥିବାବେଳେ ଶ୍ରେଣୀରେ ସର୍ବନିମ୍ନ ସ୍ଥାନ ଅଧିକାର କରିଥିବା ଛାତ୍ରଟି ଦିନେ ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ହୋଇ କୋଟି ଜନତାର ପ୍ରଣମ୍ୟ ସାଜୁଛି।

ପୃଥିବୀର କିଛି ମହାନ୍ ଜନନାୟକଙ୍କ ଜୀବନୀ ଅନୁଶୀଳନ କଲେ ଉପରୋକ୍ତ ତଥ୍ୟର ସତ୍ୟତା ଉପଲବ୍ଧ ହେବ। ଯୁବାବସ୍ଥାରେ କୁସଙ୍ଗ ସାନ୍ନିଧ୍ୟରେ ନିଜ ଜୀବନକୁ ବିପଥଗାମୀ କରିଥିବା ଯୁବକଟି ଥିଲା ପରିବାର ଓ ସମାଜ ପାଇଁ ଏକାନ୍ତ ଅଲୋଡ଼ା। ବିବାହ ବୟସ ଉପଗତ ହେବାରୁ ମାତାପିତା ତାଙ୍କୁ ଏକ ସୁଶ୍ରୀ ଅନିନ୍ଦ୍ୟସୁନ୍ଦରୀ କନ୍ୟାସହ ବିବାହ ବନ୍ଧନରେ ବାନ୍ଧିଦେଲେ। ଆଶାଥିଲା ହୁଏତ ସୁନ୍ଦରୀ ପତ୍ନୀଙ୍କୁ ପାଇ ତାଙ୍କର ଚାରିତ୍ରିକ ପରିବର୍ତ୍ତନ ହେବ। କିନ୍ତୁ ପ୍ରଥମ ପତ୍ନୀଙ୍କୁ ହତାଦାର କରି ନିଜ ପସନ୍ଦର ଯୁବତୀକୁ ଦ୍ୱିତୀୟ ବିବାହ କଲେ। ସାରାଦିନ ସେ ନିଶାସକ୍ତ ରହୁଥିଲେ। ଏତେ ମନ୍ଦଗୁଣ ସତ୍ତ୍ୱେ ବି ସେ ଥିଲେ ପ୍ରଗାଢ଼ ଅଧ୍ୟବସାୟୀ। ଦ୍ୱିତୀୟ ପତ୍ନୀଙ୍କର ନିଷ୍ଠା ଓ ସହନଶୀଳତା ତାଙ୍କ ଜୀବନରେ ଆଣିଥିଲା ଏକ ବିରାଟ ପରିବର୍ତ୍ତନ। ସେ ପଙ୍କରୁ ଜାତ ପଙ୍କଜ ପରି ଫୁଟି ଉଠିଲେ। ପରବର୍ତ୍ତୀ ଜୀବନରେ ସେ ହେଲେ ପ୍ରବୀଣ ରାଷ୍ଟ୍ରବାଦୀ ତଥା ଆମେରିକାର ୩୨ତମ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ୍ ରୁଜ୍‌ଭେଲ୍ଟ।

ଆଉ ଜଣେ ବିପଥଗାମୀ ବ୍ୟକ୍ତିଙ୍କ ଜୀବନୀ ଆଲୋଚନା ସାପେକ୍ଷ। ଧୂମପାନ, ମଦ୍ୟପାନ ଓ କୁସଙ୍ଗ ଥିଲା ତାଙ୍କ ଜୀବନର ବୈଶିଷ୍ଟ୍ୟ। ଦାୟିତ୍ୱହୀନତା ପାଇଁ ସେ ସରକାରୀ ଚାକିରିରୁ ଦୁଇଥର ନିଲମ୍ବିତ ହୋଇଥିଲେ। ପ୍ରତିଥର କ୍ଷମା ଯାଚନାପୂର୍ବକ ଚାକିରିରେ ପୁନଃ ଅବସ୍ଥାପିତ ହୋଇଥିଲେ ମଧ୍ୟ ଶେଷରେ ଚାକିରିରୁ ବହିଷ୍କୃତ ହେବାକୁ ପଡିଥିଲା। କଲେଜ ଜୀବନରୁ ସେ ଅଫିମ ନିଶାରେ ଅଭ୍ୟସ୍ତ ଥିଲେ। ସ୍କୁଲ ଜୀବନରେ ଆଲ୍‌ଜେବ୍ରା ବହି ଅଧା ହୋଇଥିଲେ ମଧ୍ୟ 'ଆଲ୍‌ଜେବ୍ରା' ଶବ୍ଦ ସମ୍ବନ୍ଧରେ ସେ ଅଜ୍ଞଥିଲେ। ପରୀକ୍ଷା ଖାତାରେ ସମସ୍ତେ ଉତ୍ତର ଲେଖିଥିଲେ ମଧ୍ୟ ସେ କେବଳ କେତୋଟି ସୁନ୍ଦର ଚିତ୍ର ଆଙ୍କି ଖାତା ପଇଠ କରିଥିଲେ। ତଥାପି ଗୁରୁଜୀ ତାଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଥିଲେ। ଗୁରୁଜୀଙ୍କ ଯୁକ୍ତିଥିଲା, ପିଲାଟି ସିନା ପାଠରେ ଅମନଯୋଗୀ; ହେଲେ ଜଣେ ଉତ୍ତମ ଚିତ୍ରକର ଓ ତା'ଭିତରେ ଲୁଚି ରହିଛି ଉଜ୍ଜ୍ୱଳ ସମ୍ଭାବନା। ପରୀକ୍ଷାରେ ଫେଲ୍ ହେବ ବୋଲି ଧରିନେଇଥିବା ପିଲାଟି ଗୁରୁଜୀଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ହୋଇ ଉଠିଲା। ହାଇସ୍କୁଲ ଶିକ୍ଷକଙ୍କ ପ୍ରେରଣା ତା' ଚରିତ୍ର ସଂଶୋଧନର ଥିଲା ପ୍ରଧାନ ଉତ୍ସ। ସେ ଆଉ କେହି ନୁହନ୍ତି- ସେ ହେଉଛନ୍ତି ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ।



ରୁଷିଆର ପ୍ରସିଦ୍ଧ ଲେଖକ ଲିଓ ଟଲ୍‌ଷ୍ଟୟଙ୍କ ପ୍ରାରମ୍ଭିକ ଜୀବନ କୌଣସି ଦୁରାଚାରୀ ଖଳ ବ୍ୟକ୍ତିର ଜୀବନଠାରୁ ଉନ୍ନତ ନ ଥିଲା। ତାଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ତାଙ୍କୁ ନିଜଠାରୁ ଦୂରେଇ ଦେଇଥିଲେ। ସମସ୍ତେ ଭାବୁଥିଲେ ଟଲଷ୍ଟୟଙ୍କ ଜୀବନ ନର୍କଗାମୀ। କିନ୍ତୁ ବିଧିର ବିଧାନ କିଛି ଭିନ୍ନ ଥିଲା। ତାଙ୍କପରି ଜଣେ ନଷ୍ଟଚରିତ୍ର ବ୍ୟକ୍ତିଙ୍କୁ ଭଲପାଇ ବସିଲେ ଆଭିଜାତ୍ୟସମ୍ପନ୍ନା, ଉଚ୍ଚଶିକ୍ଷିତା, ସୁଶ୍ରୀ ସୋଫିଆ, ଯେକି ସ୍ୱଇଚ୍ଛାରେ ଟଲଷ୍ଟୟଙ୍କୁ ବିବାହ କଲେ। ସେହିଠାରୁ ବଦଳିଗଲା ଟଲଷ୍ଟୟଙ୍କ ଜୀବନର ଗତିପଥ। ଟଲଷ୍ଟୟ ତାଙ୍କ ଆବର୍ଜନାମୟ ଖୋଳପା ମଧ୍ୟରୁ ବାହାରି ଆସିଲେ ଜଣେ ପ୍ରସିଦ୍ଧ ଗାଳ୍ପିକ ଓ ଔପନ୍ୟାସିକ ଭାବେ। ତାଙ୍କ ରଚିତ ଉପନ୍ୟାସ 'ୱାର ଆଣ୍ଡ ପିସ୍' ପାଠକ ମହଲରେ ସର୍ବାଧିକ ଆଦୃତି ଲାଭ କରିଛି। ନିଜ ଜୀବନର ତିକ୍ତ ଅନୁଭୂତି ତାଙ୍କର ପ୍ରତିଟି ଲେଖାରେ ପ୍ରତିଫଳିତ। 'ଅନା କରେନିନା, 'ଡେଥ୍ ଅଫ୍ ଇଭାନ ଇଲ୍ଟି', 'ହାଓ ମଚ୍ ଲ୍ୟାଣ୍ଡ ଡଜ ଏ ମ୍ୟାନ୍ ନିଡ' ଓ 'ଏ ଗ୍ରେନ୍ ଆଜ୍ ବିଗ୍ ଆଜ୍ ଏ ହେନ୍‌ସ୍ ଏଗ୍' ପରି ଗଳ୍ପ ସମୂହ ତାଙ୍କୁ ସଦାକାଳେ ଅମର ରଖିଥିବ।

ବର୍ତ୍ତମାନ ଆଉ ଜଣେ ବ୍ୟକ୍ତିଙ୍କ କଥା ଆଲୋଚନା କରିବା, ଯେକି ଉପରବର୍ଣ୍ଣିତ ବ୍ୟକ୍ତିଙ୍କର ଥିଲେ ସମ୍ପୂର୍ଣ୍ଣ ବିପରୀତ। ପିଲାଦିନୁ ଆମିଷ ଭକ୍ଷଣ ଓ ଜୀବ ବଧକୁ ସେ ବିରୋଧ କରୁଥିଲେ। ଧୂମପାନ ଓ ମଦ୍ୟପାନଠାରୁ ସେ ଥିଲେ ବହୁ ଦୂରରେ। ସେ ଥିଲେ ପରିବାର, ଗୁରୁ, ଗୁରୁଜନ ଓ ସାଥୀମାନଙ୍କର ଅତିପ୍ରିୟ। ଜୀବନରେ ଏକପତ୍ନୀ ବ୍ରତ ଗ୍ରହଣ ତାଙ୍କ ଚରିତ୍ରବତ୍ତାର ଥିଲା ଅନନ୍ୟ ନିଦର୍ଶନ। କେତେକ କ୍ଷେତ୍ରରେ ଘୃଣା ମଣିଷକୁ ସଜାଡ଼ି ଦେଉଥିବା ବେଳେ ଅତ୍ୟଧିକ ପ୍ରଶଂସା ବ୍ୟକ୍ତିକୁ ସର୍ବନାଶର ମାର୍ଗ ଦର୍ଶାଏ। ସ୍ୱୀୟ ପ୍ରଶଂସାରେ ଉତ୍‌ଫୁଲ୍ଲିତ ଏଇ ବ୍ୟକ୍ତି ଜଣକ ସମସ୍ତ ବ୍ୟତିକ୍ରମକୁ ଆପଣେଇନେଲେ। ସେ ହୋଇ ଉଠିଲେ ହିଂସ୍ର, କ୍ରୂର ଓ ଯୁଦ୍ଧପିପାସୁ। ତାଙ୍କ ନା ଶୁଣିଲେ ବିଶ୍ୱବକ୍ଷରେ କମ୍ପନ ସୃଷ୍ଟିହେଲା। ସେ ଆଉ କେହି ନୁହନ୍ତି, ଇତିହାସର କଳା ପୃଷ୍ଠାରେ ଲିପିବଦ୍ଧ ହୋଇଥିବା ଏଇ ଉଗ୍ର ଏକଛତ୍ର ଶାସକ ହେଲେ 'ଆଡଲଫ୍ ହିଟ୍‌ଲର'। ତାଙ୍କଠାରେ ମାନବିକତା ପରିବର୍ତ୍ତେ ସୃଷ୍ଟି ହୋଇଥିଲା ନିଷ୍ଠୁର ମାନସିକତା।

ଉପରୋକ୍ତ ଚାରିଗୋଟି ଦୃଷ୍ଟାନ୍ତରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ମଣିଷ ବାସ୍ତବରେ ପରିସ୍ଥିତିର ଦାସ। ନିୟତିର ନିୟନ୍ତ୍ରଣରେ ପରିଚାଳିତ ସମଗ୍ର ବିଶ୍ୱ। କବିବର ରାଧାନାଥଙ୍କ ଭାଷାରେ-
ଭବିତବ୍ୟ ଯାହା ଅବଶ୍ୟ ଘଟିବ କିଏ ତା
କରିବ ଆନ/କିଏ ଅବା ଏହି ଜ୍ୟୋତିଶ୍ଚକ୍ରଗତି
ରୋଧିବାକୁ ବଳବାନ ?

ପିଲାଦିନେ ସୁଧୀର ସୁଶୀଳ ବାଳକଟି ବଡ଼ହୋଇ ସମାଜର ପ୍ରଭୂତ କ୍ଷତିସାଧନ କରୁଥିବାବେଳେ ପିଲାଦିନେ ବିପଥକୁ ଚାଲିଯାଇଥିବା ବାଳକଟି କୋଟିଜନଙ୍କର ପ୍ରିୟଭାଜନ ହୋଇ ଅମରତ୍ୱ ଲାଭକରେ। ପୁରାଣ କଥା ଦୂରେ ଥାଉ ଇତିହାସ ପୃଷ୍ଠା ଓଲଟାଇଲେ ଏହିପରି ଦ୍ୱୈତ ଚରିତ୍ରସମ୍ପନ୍ନ ବ୍ୟକ୍ତିତ୍ୱର ଅଭାବ ନାହିଁ। ନିନ୍ଦା ଅପମାନ ସହୁଥିବା ବାଳକଟି ପ୍ରଶଂସାର ଉଚ୍ଚତର ସୋପାନକୁ ଉନ୍ନୀତ ହେଉଥିବା ବେଳେ ବାଲ୍ୟକାଳେ ବହୁ ପ୍ରଶଂସିତ ଓ ଆଦୃତି ଲାଭ କରିଥିବା ବାଳକଟି ପରିଶେଷରେ ଘୃଣାର ପାତ୍ର ହୋଇ ଉଭାହୁଏ। ପରିସ୍ଥିତିର ପ୍ରଭାବରେ ମନୁଷ୍ୟ ସ୍ୱଭାବରେ ନାନା ବିପରୀତ ଧର୍ମୀ ପରିବର୍ତ୍ତନ ଘଟିଥାଏ। ଏହା ତ ବିଧିର ବିଡ଼ମ୍ବନା ମାତ୍ର! ଏହାକୁ ରହସ୍ୟମୟ ସୃଷ୍ଟିର ବୈଚିତ୍ର୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ-୯୯୩୭୪୫୦୫୪୦

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ
ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ଅଭାବ

ମହାଶୟ,

ସରକାରୀ ସ୍ୱୀକୃତିପ୍ରାପ୍ତ ଓ ମଣିଷ ଗଢ଼ା କାରଖାନା ସତ୍ୟବାଦୀ ହାଇସ୍କୁଲ ସରକାରୀ ଅନୁଦାନରେ ବର୍ତ୍ତମାନ ଖୁବ୍ ସୁନ୍ଦର ଦୃଶ୍ୟମାନ ହେଉଛି। ଛାତ୍ରମାନଙ୍କ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଦୁଃଖର କଥା ବର୍ତ୍ତମାନ ବିଶାଳ ଶିକ୍ଷାନୁଷ୍ଠାନ ବି ଅନ୍ତଃସାର ଶୂନ୍ୟ। କେତେଜଣ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ପରେ ଶିକ୍ଷକ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଅଳ୍ପ କେତେକ ଶିକ୍ଷକ ଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବର୍ତ୍ତମାନର ଛାତ୍ରମାନେ ହାଟ ଭଳି ଘୋ ଘା ଶବ୍ଦ କରିବା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନର ପରିବେଶକୁ କଳୁଷିତ କରୁଛନ୍ତି। ଏହା ବଡ଼ ଦୁଃଖର ବିଷୟ ଓ ମଣିଷ ଗଢ଼ା କାରଖାନା ପ୍ରତି ଘୋର ଅପମାନଜନକ। ଉଚ୍ଚଶିକ୍ଷା ବିଭାଗକୁ ବିନମ୍ର ଅନୁରୋଧ ସତ୍ୟବାଦୀ ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ଶୀଘ୍ର ପୂରଣ କରି ପିଲାମାନଙ୍କର ପାଠପଢ଼ା ବ୍ୟବସ୍ଥାକୁ ଶୃଙ୍ଖଳିତ କରନ୍ତୁ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସାଧୁ ମେଣ୍ଟ ନଛୋଡ଼ବନ୍ଧା

ଯାଜପୁର ଅଫିସ,୪।୧

ଧାନ ବିକ୍ରିରେ ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ଓଜନ, ଗୁଣମାନ ଓ ଗାଡ଼ି ଭଡା ପାଇଁ ଚାଷୀଙ୍କୁ ପୂର୍ବଭଳି ଆଉ ମିଲ ମାଲିକଙ୍କ ପାଖକୁ ଯିବାକୁ ପଡୁନାହିଁ। ବିକ୍ରି ଧାନର ଉଚିତ୍ ପ୍ରାପ୍ୟ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ହେଲେ ଦୀର୍ଘବର୍ଷରୁ ଧାନ ସଂଗ୍ରହରେ ଚାଷୀଙ୍କୁ ଶୋଷଣ କରି ଆସୁଥିବା ଅସାଧୁ ମେଣ୍ଟ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବାରେ ନଛୋଡବନ୍ଧା ହୋଇଛନ୍ତି। ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଧାନ ବିକ୍ରି ଟଙ୍କା ଯାଉଥିବାରୁ ସେମାନଙ୍କୁ ଚିହ୍ନଟ କରିବା ଅସମ୍ଭବ ବୋଲି ବିଭାଗ ପକ୍ଷରୁ ଅସହାୟତା ପ୍ରକାଶ କରାଯାଇଛି। ଜିଲା ଧାନ ସଂଗ୍ରହ କମିଟି ବାରମ୍ବାର ବ୍ୟବସ୍ଥା ସପକ୍ଷରେ ନିଷ୍ପତ୍ତି ନେଉଥିବାବେଳେ ପୂର୍ବ ବର୍ଷଗୁଡିକରେ ଯାଜପୁର ଜିଲାପାଳ ବିଳମ୍ବରେ ଖୋଲିଥିବା ପାକ୍ସ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ହେଲେ ଏକ ଅଦୃଶ୍ୟ ଶକ୍ତି ବଳରେ ବଳୀୟାନ ପାକ୍ସ ସମ୍ପାଦକମାନେ କାହାରି ନୋଟିସକୁ ଭ୍ରୁକ୍ଷେପ କରୁନାହାନ୍ତି। ଯାହାର ଉଦାହରଣ ବୁଧବାର ଧାନ ସଂଗ୍ରହର ପ୍ରଥମ ଦିନରେ ଦେଖିବାକୁ ମିଳିଛି।

ନିର୍ଦ୍ଧାରିତ ୧୨୦ରୁ ପ୍ରଥମ ଦିନରେ ମାତ୍ର ୨ ପାକ୍ସରେ ୪୬୫ କୁଇଣ୍ଟାଲ ଧାନ କିଣାଯାଇଛି। ଚଳିତବର୍ଷ ଧାନ କିଣା ବ୍ୟବସ୍ଥା ସୁରୁଖୁରୁରେ ଚାଲିବ ବୋଲି ଆଶା କରାଯାଉଥିବାବେଳେ ଅସାଧୁ ମେଣ୍ଟ ବ୍ୟବସ୍ଥାକୁ ବିଫଳ କରିବା ପାଇଁ ନଛୋଡବନ୍ଧା ଥିବା ମନେ ହେଉଛି । ଧାନ ଅମଳ ହେବାର ପ୍ରାୟ ୧ ମାସ ଅତିକ୍ରାନ୍ତ ହେବା ପରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଫଳରେ ଚାଷୀ ସରକାରୀ ଧାର୍ଯ୍ୟମୂଲ୍ୟଠାରୁ ୫ଶହରୁ ୬ଶହ ଟଙ୍କା କମରେ ମଧ୍ୟସ୍ଥି ହାତରେ ଧାନ ବିକ୍ରି କରିଦେଲେ। କେତେକ ମିଲରେ ପୂର୍ବରୁ ଧାନ ଗଦା ହୋଇଥିବା ମଧ ଚର୍ଚ୍ଚା ହୋଇଛି। ବିଭାଗୀୟ ଅଧିକାରୀମାନଙ୍କ ମିଲ ମାଲିକମାନଙ୍କ ସହ ଭିତିରିଆ ବୁଝାମଣା ଥିବାରୁ ଉପଯୁକ୍ତ ତଦନ୍ତ କରାଯାଇ ପାରୁନାହିଁ। ମିଲ ପରିସରରେ କେତେ ସରକାରୀ ଧାନ ଗଚ୍ଛିତ ରହିଛି ଏବଂ କେତେ ପରିମାଣର ଚାଉଳ ସରକାରୀ ଗୋଦାମଗୃହକୁ ଯାଇଛି ତାହାର ସଠିକ ହିସାବକିତାବ ଦାଖଲ କରାଯାଇ ପାରୁନାହିଁ। ବର୍ତ୍ତମାନ ମଧ୍ୟସ୍ଥମାନେ ଚାଷୀମାନଙ୍କ ଟୋକନ୍ ଧରି ପାକ୍ସରେ ଧାନ ବିକ୍ରି କରି ମାଲାମାଲ ହେବାକୁ ଯୋଜନା ରଖିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ପରିମାଣ ଧାନ ସଂଗ୍ରହ କରିବାକୁ ଏହି ମିଲର୍ସମାନଙ୍କ ଲକ୍ଷ୍ୟ ନ ଥିବା ମନେ ହେଉଛି। କମ ଖର୍ଚ୍ଚରେ ଚାଉଳ ରିସାଇକ୍ଲିଂ କରି ମାଲାମାଲ ହେବାକୁ ଲକ୍ଷ୍ୟ ରଖିଥିବାରୁ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ସେଭଳି ଆଗ୍ରହ ପ୍ରକାଶ କରୁ ନ ଥିବା ଧାନ ସଂଗ୍ରହ ତଥ୍ୟରୁ ସ୍ପଷ୍ଟ ହେଉଛି।

ଚଳିତ ବର୍ଷ ଜିଲାରେ ୮,୬୫,୦୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ଚଳିତ ବର୍ଷ ୫୩,୮୪୯ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କା ରହିଛି। ଟୋକନ୍ ପାଇଥିବା ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଧାନ ସଂଗ୍ରହର ଅତିରିକ୍ତ ଲକ୍ଷ୍ୟ ପୂରଣ ଦିଗରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମକୁ ମିଲରମାନଙ୍କୁ ଆଗୁଆ ଜଣାଇବାକୁ ସମବାୟ ସମିତି ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବ ବର୍ଷଗୁଡିକରେ ଧାନ ସଂଗ୍ରହ ସମୟରେ ଯାହା ସମସ୍ୟା ରହିଥିଲା ତାହା ଦୂରୀକରଣ କରିବାକୁ ଯତ୍ନବାନ ହେବେ ବୋଲି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ମିଲରମାନେ ଠିକ୍ ସମୟରେ ଗାଡ଼ି ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ଗନି ବ୍ୟାଗ ମହଜୁଦ ରଖିବେ । ଜିଲାରେ ଧାନ ସଂଗ୍ରହକୁ ସୁଗମ ତଥା ବ୍ୟବସ୍ଥିତ କରିବାକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଜିଲା ନୋଡାଲ ଅଫିସର ଦାୟିତ୍ୱ ତୁଳାଉଥିବାବେଳେ ୧୦ ବ୍ଲକ ଓ ୨ ସହରାଞ୍ଚଳରେ ତହସିଲଦାରମାନଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷେ ଉପଜିଲାପାଳ, ଅତିରିକ୍ତ ଯୋଗାଣ ଅଧିକାରୀ, ଜିଲା କୃଷି ଅଧିକାରୀ, ଉପନିବନ୍ଧକ, କୋ-ଅପରେଟିଭ ସୋସାଇଟି, ଜିଲା ସମାଜ ମଙ୍ଗଳ ଅଧିକାରୀ କମିଟିର ସଦସ୍ୟ ରହିଛନ୍ତି। ଏଭଳି କାଗଜପତ୍ରରେ ବ୍ୟବସ୍ଥା ଚାଷୀମାନଙ୍କୁ ଧାନ ବିକ୍ରିରେ କେତେଦୂର ସହଯୋଗ କରୁଛି ତାହା ଦେଖିବାକୁ ରହିଲା ବୋଲି ମତପ୍ରକାଶ ପାଇଛି।


ଦଶରଥପୁର ବ୍ଲକର ଅଧୀନ ତଳିହା ସମବାୟ ସମିତିରେ ହୋଇଥିବା ମଣ୍ଡିକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ଯାଜପୁର ଜିଲାରେ ଧାନ ବିକ୍ରି ଆରମ୍ଭ

## ଶୈକ୍ଷିକ ବାତାବରଣ କର୍ମଶାଳା

ସିଂହପୁର,୪।୧(ଡି.ଏନ.ଏ.):

ବିଦ୍ୟାଳୟ ଏକ ମନ୍ଦିର। ଯେଉଁଠାରୁ ଶିଶୁଟିଏ ଶିକ୍ଷାଲାଭ କରିବା ସହିତ ଶୃଙ୍ଖଳିତ ଜୀବନର ମୂଳଦୁଆ ପକାଇଥାଏ। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ହେଉଛି ଏକ ଅମୂଲ୍ୟ ସମ୍ପଦ। ବିଦ୍ୟାଳୟରେ ଛାତ୍ରୀଛାତ୍ର କିଭଳି ଉତ୍ତମ ଶୈକ୍ଷିକ ବାତାବରଣ ମଧ୍ୟରେ ଶିକ୍ଷାଲାଭ କରିବେ ଏବଂ ଶିକ୍ଷା, ସଂସ୍କୃତି, ସଂସ୍କାରରେ ବିକାଶ କରିପାରିବେ ସେଥିନେଇ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରିତୀପୁରସ୍ଥିତ ବିବି ହାଇସ୍କୁଲରେ ବ୍ଲକର ୧୫ଟି କ୍ଲଷ୍ଟରର ୫୦ରୁ ଉର୍ଦ୍ଧ୍ୱ ପ୍ରଧାନଶିକ୍ଷକ, ସିଆଇସିସିଙ୍କୁ ନେଇ ଏକ ଶୈକ୍ଷିକ ବାତାବରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏବିଇଓ ସେକ୍ ନିଜାମୁଦ୍ଦିନ, ଅକ୍ଷୟ ଧଳ, ଶ୍ରୀକାନ୍ତ ପଣ୍ଡା, ତପନ ମଲ୍ଲିକ, ରମେଶ ଧଳ, ବିବି ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେଶ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଠନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହିତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଏକ ଉତ୍ତମ ସମ୍ପର୍କ ସ୍ଥାପନ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଥିବା ଅଧିକାରୀମାନେ ସୂଚନା ଦେଇଥିଲେ।

## ଜମି ବିବାଦକୁ ନେଇ ଗଣ୍ଡଗୋଳ, ୩ ଗିରଫ

ରସୁଲପୁର,୪।୧(ଡି.ଏନ.ଏ.):

କୁଆଖିଆ ଥାନା ଅନ୍ତର୍ଗତ ଅତଲାପୁର ପଞ୍ଚାୟତ ସାଦକପୁର ଗ୍ରାମରେ ଜମି ବିବାଦକୁ ନେଇ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ପୋଲିସ ଗୋଟିଏ ପକ୍ଷରୁ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ନୂଆବର୍ଷରେ ଜମି ବିବାଦକୁ ନେଇ ଗ୍ରାମର କେଶନୀ ବେହେରା ଓ ବେଲ ବେହେରା ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷ ଢେଲାପଥର ଫିଙ୍ଗାଫିଙ୍ଗି ହୋଇଥିଲେ। ପରେ ଅନନ୍ତ ବେହେରା ପରିବାର ବେଲ ପରିବାର ସହ ସାମିଲ ହୋଇଯିବାରୁ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ବେଲ ଓ ଅନନ୍ତ ପରିବାର ସଂଘବଦ୍ଧ ଭାବରେ କେଶନୀ ପରିବାରର ଘରେ ପଶି ଆକ୍ରମଣ କରିଥିଲେ। ଫଳରେ କେଶନୀ, ତାଙ୍କ ପୁଅ କାର୍ତ୍ତିକ ଓ ଅନ୍ୟ ୨ ସମ୍ପର୍କୀୟ ରଶ୍ମିତା ଏବଂ ସରସ୍ୱତୀ ଗୁରୁତର ହୋଇଥିଲେ। ସେମାନଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କେଶନୀଙ୍କ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ବେଲଙ୍କ ପରିବାରର ସମୀର ବେହେରା(୨୫), ଅନନ୍ତ ବେହେରା(୬୦) ଓ ରମେଶ ବେହେରା(୪୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ନଂ.୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଅନିତା ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

# ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ଚର୍ଚ୍ଚା

ଚଣ୍ଡିଖୋଲ,୪।୧(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡିରେ ଜଣେ ଯୁବକଙ୍କ ବୁଧବାର ସନ୍ଧ୍ୟାରେ ପୋଲିସ ହେପାଜତରେ ମୃତ୍ୟୁ ହୋଇଥିବା ଚର୍ଚ୍ଚା ଜୋର ଧରିଛି। ମାତ୍ର ଏ ସମ୍ପର୍କରେ ପୋଲିସ କିଛି ପ୍ରକାଶ କରୁନାହିଁ।
ସୂଚନା ମୁତାବକ, ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ଜଣେ ଯୁବତୀଙ୍କୁ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିବା ବଡ଼ଚଣା ଥାନାରେ ଯୁବତୀଙ୍କ ପରିବାର ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବଡ଼ଚଣା ପୋଲିସ ଯୁବତୀଯୁବକଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ଯୁବକଙ୍କୁ ଧାନ ମଣ୍ଡଳ ଫାଣ୍ଡିରେ ଅଟକ ରଖିଥିଲା। ସନ୍ଧ୍ୟାରେ ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା କହି ପୋଲିସ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତାଙ୍କୁ କଟକ ମେଡିକାଲ ନେଇ ଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ପୋଲିସ ଯୁବକଙ୍କୁ କଟକ ନେବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯୁବକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଓ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ଦାସଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ସେମାନେ ଫୋନ କଲ୍ ଗ୍ରହଣ କରି ନ ଥିଲେ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଚାଉଳ ଅଭାବ, ମଧ୍ୟାହ୍ନଭୋଜନ ବନ୍ଦ

ଚଣ୍ଡିଖୋଲ,୪।୧(ଡି.ଏନ.ଏ.):

ବଡ଼ଚଣା ବ୍ଲକରେ ୮ଦିନ ହେବ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ହୋଇଯାଇଛି। ଚାଉଳ ଅଭାବ ଯୋଗୁ ମଧ୍ୟାହ୍ନଭୋଜନ ବନ୍ଦ ରହିଥିବା ପ୍ରଧାନଶିକ୍ଷକମାନେ କହିଛନ୍ତି, ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ସର୍ବ ଶିକ୍ଷା ଅଭିଯାନରେ ସମସ୍ତ ସରକାରୀ ବିଦ୍ୟାଳୟକୁ ସାମିଲ କରି ୧ ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା କରିଛନ୍ତି। ତେବେ ବିଦ୍ୟାଳୟଗୁଡ଼ିକୁ ଠିକାଦାରଙ୍କ ଜରିଆରେ ବିଦ୍ୟାଳୟଗୁଡିକୁ ଚାଉଳ ଯୋଗାଣ ହୋଇଥାଏ। ପରିବା ଓ ତେଲ ସହିତ ଜାଳଣି ପାଇଁ ପଇସା ବିଦ୍ୟାଳୟକୁ ଯୋଗାଇ ଦିଆ ଯାଇଥାଏ। ଠିକାଦାରମାନେ ମାସକ ଚାଉଳ ମାସ ଆରମ୍ଭରୁ କିମ୍ବା ପୂର୍ବ ମାସରୁ ଦେଇ ଥାଆନ୍ତି। ଚଳିତ ମାସର ଚାଉଳ ଡିସେମ୍ବରରେ ଦେବାର ନିୟମ ରହିଥିବା ବେଳେ ଠିକାଦାରମାନେ ଚାଉଳ ନ ଦେବାରୁ ରୋଷେଇ ବନ୍ଦ ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସବିତା ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ଚାଉଳ ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ଏହା କେବଳ ଆମ ବ୍ଲକ ନୁହେଁ ସାରା ଜିଲାରେ ସମାନ ସମସ୍ୟା। ଆମେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛୁ। ୮ଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଛି।

# ଆଜି ସରିବ ଧର୍ମଶାଳା ମହୋତ୍ସବ


ଧର୍ମଶାଳା ମହୋତ୍ସବର ୧୧ତମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ୧୧ ତମ ସନ୍ଧ୍ୟାରେ ଅନନ୍ୟା ଶ୍ରୀତମ ନନ୍ଦ ଓ ସହକଳାକାରଙ୍କ ସଙ୍ଗୀତ ପରିବେଷଣ

ଧର୍ମଶାଳା,୪।୧(ଡି.ଏନ.ଏ.):

ଧର୍ମଶାଳା ମହୋତ୍ସବର ୧୧ତମ ସନ୍ଧ୍ୟାରେ ବୁଧବାର ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଇଣ୍ଡିଆନ ଆଇଡଲ ଫେମ ଅନନ୍ୟା ଶ୍ରୀତମ ନନ୍ଦ ନାଇଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନନ୍ୟା ଓ ତାଙ୍କ ସହକଳାକାରଙ୍କ ଗୀତକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ଗୁରୁବାର ମହୋତ୍ସବ ଉଦ୍‌ଯାପିତ ହେବାକୁ ଥିବାରୁ ମହୋତ୍ସବ ପଡ଼ିଆରେ ବିଭିନ୍ନ ଦୋକାନରୁ ଲୋକେ ନିଜର ଘରକରଣା ସାମଗ୍ରୀ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୫ଟା ପରେ ପଡିଆରେ ଦର୍ଶକଙ୍କ ଭିଡ ଜମିଥିଲା। ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ମହୋତ୍ସବରେ ବୁଲି ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଅନେକ ଦୋଳି ଖେଳିବାର ମଜା ଉଠାଇଥିଲେ। ମହୋତ୍ସବକୁ କମିଟି ପକ୍ଷରୁ ବିଚିତ୍ର କୁମାର ସ୍ୱାଇଁ, ଅଜୟ ନାୟକ, ରାମଚନ୍ଦ୍ର ମଲିକ, କିଶୋର ନାୟକ, କ୍ଷୀରୋଦ ମୁଦୁଲି, ସବ୍ୟସାଚୀ ସୁନ୍ଦରରାୟ, ମାନସ ମହାନ୍ତି, ସୁଦାମ ବେହେରା, ଅନନ୍ତ ପ୍ରଧାନ, ହାଡିବନ୍ଧୁ ନାୟକ ପ୍ରମୁଖ ସଭ୍ୟ ସୁରୁଖୁରୁରେ ପରିଚାଳନାରେ ସହାୟତା କରୁଛନ୍ତି। ଅନ୍ୟପଟେ ଲୋକଙ୍କ ଭିଡକୁ ଦେଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ପ୍ରମିଳା ମଲିକ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେବେ। ପରେ ଚାନ୍ଦବାଲିର ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ସଭାପତି ଜଳଧର ମହାନ୍ତି ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

# ବୋକାରୋ ଇଲେଭେନ୍ ସେମିରେ

## ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍

ଯାଜପୁର ଟାଉନ,୪।୧(ଡି.ଏନ.ଏ.):

ରାଜ୍ୟସ୍ତରୀୟ ଅଶୋକଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ୭ମ ଦିବସରେ ଶେଷ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ବୋକାରୋ ଇଲେଭେନ୍ ଓ ଛତିଶଗଡ଼ ଫରେଷ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋକାରୋ ଇଲେଭେନ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଯାଜପୁର ବ୍ଲକ୍ ଚଇନପୁର ଷ୍ଟାଡିୟମଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ଛତିଶଗଡ଼ ଫରେଷ୍ଟ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୪.୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୨୯୯ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବୈଭବ ପାଣ୍ଡେ ୧୧୭ ରନ୍ ଓ ଅମିତ୍ ଯାଦବ୍ ୬୭ ରନ୍ ସଂଗ୍ରହ କରିଥିଲେ। ବୋକାରୋ ଇଲେଭେନ୍‌ର ବୋଲର ସୁରଜ କୁମାର ୪ ଓଭର ବୋଲିଂ କରି ୩୫ ରନ୍ ଦେଇ ୩ ଉଇକେଟ୍ ଓ ସଚିନ୍ କୁମାର ୫ ଓଭର ବୋଲିଂ କରି ୨ ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବରେ ବୋକାରୋ ଇଲେଭେନ୍ ୨୪.୪ ଓଭର ଖେଳି ୯ ଉଇକେଟ୍ ହରାଇ ୩୦୦ରନ୍ ସଂଗ୍ରହ କରି ଛତିଶଗଡ଼ ଫରେଷ୍ଟକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ସୌରଭ କୁମାର ୬୧ରନ୍ ଓ ପ୍ରେମ କୁମାର ୫୦ରନ୍ ସଂଗ୍ରହ କରିଥିଲେ। ଛତିଶଗଡ଼ ଫରେଷ୍ଟର ବୋଲର ଅଥର୍ବ ସିଂ ୫ ଓଭର ବୋଲିଂ କରି ୪୬ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ମ୍ୟାଚ୍‌ରେ ଛତିଶଗଡ଼ ଫରେଷ୍ଟର ବୈଭବ ପାଣ୍ଡେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍‌ର ପୂର୍ବତନ ଅଧିନାୟକ ଅୟସକାନ୍ତ ଧଳ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସର୍ବଶ୍ରୀ ସ୍ଥାନୀୟ ସରପଞ୍ଚ ବୈଷ୍ଣବ ରାଉତ, ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର, ବୁଲୁ ସିଂ, ଶିବ ଜେନା, ଦିବାକର କର ଓ ଅଜିତ୍ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ ବିଜେତାଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# କ୍ରିକେଟ: ସିନ୍ଦୂରିଆ ଚାମ୍ପିୟନ

ଧର୍ମଶାଳା/ଜେନାପୁର,
୪।୧(ଡି.ଏ.ନ.ଏ.):

ଧର୍ମଶାଳା ବ୍ଲକ୍ କୁମାରୀ ପଞ୍ଚାୟତ ଦେଉଳିପାଳଠାରେ ୪ଦିନ ଧରି ଚାଲିଥିବା ଜ୍ଞାନରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍‌ରେ ସିନ୍ଦୂରିଆ ଦଳ କ୍ଷେତ୍ରପାଳ ଦଳକୁ ହରାଇ ଚାମ୍ପିୟନ ହୋଇଛି। ୩୧ତାରିଖରୁ ଚାଲିଥିବା ଏହି ପ୍ରତିଯୋଗିତାରେ ୮ ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ କ୍ଷେତ୍ରପାଳ ଓ ସିନ୍ଦୂରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରପାଳ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୭ରନ କରିଥିଲାବେଳେ ବିପକ୍ଷ ଦଳ ସିନ୍ଦୂରିଆ ୧୭ଓଭର ୪ବଲରେ ୯ ଉଇକେଟ ହରାଇ ୧୮୮ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ଜାରକା ପୂର୍ବତନ ସରପଞ୍ଚ ପ୍ରଭୁରଞ୍ଜନ ସାମଲ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ କବିତା ଆସର


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଜେନାପୁର,୪।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ୍ ସାହାଣୀଡ଼ିହ ପଞ୍ଚାୟତ ଅଧୀନ କଠଉଣୀ ମଠ ପରିସରରେ ନୂତନ ବର୍ଷ ଉପଲକ୍ଷେ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ଏକ ବନ୍ଧୁମିଳନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ଦ୍ୱାରା ବିଗତ ଦିନରେ ହୋଇଥିବା ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଅଧିକ ସମର୍ପିତ ହୋଇ ଏହି କାର୍ଯ୍ୟ ଜାରି ରଖିବା ପାଇଁ ମତପ୍ରକାଶ ପାଇଥିଲା। ଏହାସହ ଏହି ଦିଗରେ ବିଭିନ୍ନ ବ୍ୟକ୍ତିଙ୍କ ପରାମର୍ଶ ଗ୍ରହଣ କରାଯାଇଥିଲା। ଶେଷ ଭାଗରେ କବିତା ଆସର ଆୟୋଜିତ ହୋଇଥିଲା। ଅତିଥିଭାବେ ଯାଜପୁର ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି, ଭୂତତ୍ତ୍ୱବିତ୍ ସନ୍ତୋଷୀ ସେଠୀ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ପଦ୍ମନାଭ ଶତପଥୀ, ପ୍ରଦୀପ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁ, ପ୍ରମୋଦ କୁମାର, ମଲିକ, ବିଷ୍ଣୁଚରଣ ଓଝା, ଅନୁଷ୍ଠାନ ସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ସରୋଜକାନ୍ତ ବେହେରା, କୋଷାଧ୍ୟକ୍ଷ ତୀର୍ଥବାସୀ ଦଳାଇ, ସଞ୍ଜୟ ଶତପଥୀ, ଲାଲମୋହନ ଶତପଥୀ, ପ୍ରଦୀପ ବେହେରା, ମାନସ ପ୍ରଧାନ, ରୁଦ୍ର ନାରାୟଣ ଓଝା ଓ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟକ୍ଷ ଭାଗ ନେଇଥିଲେ।

# ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ

ବିଞ୍ଝାରପୁର,୪।୧(ଡି.ଏନ.ଏ.)

ଜବରଦଖଲ ଉଚ୍ଛେଦ ଦାବିରେ ବୁଧବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ୍ ଅଧୀନ ଅଳକୁଣ୍ଡ ଗ୍ରାମର କେତେଜଣ ବ୍ୟବସାୟୀ ଅଳକୁଣ୍ଡ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବର ପାଇ ବିଞ୍ଝାରପୁର ଆଇଆଇସି ଓ ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ।

ଦୀର୍ଘ ବର୍ଷ ହେଲା ଅଳକୁଣ୍ଡ ଛକରେ ଗ୍ରାମର କେତେଜଣ ଲୋକ ଦୋକାନ କରି ବ୍ୟବସାୟ କରୁଥିଲେ। ମାତ୍ର ଉକ୍ତ ଜମି ଗୋଚର ଥିବା ଦର୍ଶାଇ ୨ ବର୍ଷ ପୂର୍ବେ ତହସିଲ ପ୍ରଶାସନ ଜବର ଦଖଲ ଉଚ୍ଛେଦ କରିବାସହ ଦୋକାନ ଘରକୁ ଭାଙ୍ଗିଥିଲା। ୨ ବର୍ଷ ହେଲା ଉକ୍ତ ଜମି ଖାଲି ପଡିଥିବା ବେଳେ ଏବେ ସେହି ଜମି ଉପରେ ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣ କାର୍ଯ୍ୟ କରୁଛନ୍ତି, ଯାହାକୁ ନେଇ ଦୋକାନ ହରାଇଥିବା ବ୍ୟବସାୟୀମାନେ ଉତ୍ୟକ୍ତ ହୋଇ ରାସ୍ତାକୁ ଓହ୍ଲାଇଥିଲେ। ପ୍ରଥମେ ଅଳକୁଣ୍ଡ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ରଥ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ ମଧ ସଫଳ ହୋଇ ନ ଥିଲେ। ପରେ ଆଇଆଇସି ରଞ୍ଜିତ ମହାନ୍ତି, ଅତିରିକ୍ତ ତହସିଲଦାର ଠାକୁରଦାସ ନାୟକ ପହଞ୍ଚିଥିଲେ। ୩ ଘଣ୍ଟା ପରେ ଉଭୟ ପକ୍ଷଙ୍କୁ ଅଳକୁଣ୍ଡ ଫାଣ୍ଡିକୁ ନେଇ କାଗଜପତ୍ର ଯାଞ୍ଚ କରିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଅଦାଲତରୁ ଆଦେଶ ଆଣିବାକୁ ଅତିରିକ୍ତ ତହସିଲଦାର ରାସ୍ତାରୋକ କରିଥିବା ବ୍ୟବସାୟୀଙ୍କୁ ପରାମର୍ଶ ଦେବାସହ ରାସ୍ତା ଅବରୋଧ ହଟାଇଥିଲେ।


ଅଳକୁଣ୍ଡ ଛକରେ ଦୋକାନ ହରାଇ ଥିବା ବ୍ୟବସାୟୀମାନେ ରାସ୍ତାରୋକୋ କରିଛନ୍ତି ।

**ସଂକ୍ଷେପରେ**

## ୨ ପୁଅଙ୍କ ବିରୋଧରେ ଥାନାରେ ବାପାଙ୍କ ଅଭିଯୋଗ

**ଅଧିକାଂଶ ଦିନ ବିସ୍କୁଟ ଖାଇ ବଞ୍ଚିଛନ୍ତି**

**ମହାକାଳପଡ଼ା,୪ା୧(ଡି.ଏନ.ଏ.):** ମା'ବାପାଙ୍କୁ ପିଲାମାନେ ଅଣଦେଖା କରିବା ଘଟଣା ଏବେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ସେମିତି ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଳିପାଳ ଗାଁରେ ଦେଖିବାକୁ ମିଳିଛି। ଉକ୍ତ ଗାଁର ଜଣେ ବୃଦ୍ଧ ନିଜର ୨ ପୁଅଙ୍କ ବିରୋଧରେ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ବିବାଦର ସମାଧାନ ପାଇଁ ୨ ପୁଅଙ୍କୁ ଥାନାକୁ ଡାକିଥିବା ଥାନା ଅଧିକାରୀ କହିଛନ୍ତି। ସମ୍ପୃକ୍ତ ବୃଦ୍ଧଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କୁ ଏବେ ୭୦ ବର୍ଷ ବୟସ। ୨୦ବର୍ଷ ବୟସରେ ସେ ବିବାହ କରି ଉକ୍ତ ଗାଁରେ ଘର ଜ୍ୱାଇଁ ଭାବେ ରହି ଆସୁଛନ୍ତି। ତାଙ୍କ ୨ ପୁଅ ଓ ୪ ଝିଅ ଅଛନ୍ତି। ସମସ୍ତଙ୍କୁ ସେ ବିବାହ କରାଇ ସାରିଛନ୍ତି। ହେଲେ ପୁଅ ବୋହୂ ତାଙ୍କୁ ଏ ବୟସରେ ଅଣଦେଖା କରୁଛନ୍ତି। ଏପରି କି ତାଙ୍କୁ ମୁଠେ ଖାଇବାକୁ ଦେଉନାହାନ୍ତି। ବେଶୀ କିଛି କହିଲେ ମାରଧର କରୁଛନ୍ତି। ଏବେ ତାଙ୍କ ଆଖିକୁ ଭଲ ଦିଶୁ ନାହିଁ। କୁଆଡେ ଯିବା ଆସିବା କରିବାକୁ ବଳ ପାଉ ନାହିଁ। ଫଳରେ ସେ ଘର ଛାଡ଼ି ଗାଁଠାରୁ ୨ କିମି ଦୂର ନାଳ କଡ଼ରେ ଏକ କୁଡ଼ିଆ କରି ଜୀବନ ବିତାଉଛନ୍ତି। ଅନ୍ୟକୁ ମାଗି ଯାଚି ଚଳୁଛନ୍ତି। ଯଦି କେହି କିଛି ନ ଦେଲେ ପାଣି ପିଇ ଦିନ କାଟୁଛନ୍ତି। ଅଧିକାଂଶ ସମୟରେ ତାଙ୍କୁ ବିସ୍କୁଟ ଖାଇ ଜୀବନ ବଞ୍ଚାଇବାକୁ ପଡୁଛି ବୋଲି ସେ କହିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ସେ ନ୍ୟାୟ ପାଇଁ ୧୦ କିମି ଚାଲିଚାଲି ବୁଧବାର ମହାକାଳପଡ଼ା ଥାନା ଆସିଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ସମ୍ପୃକ୍ତ ବୃଦ୍ଧଙ୍କ ଅଭିଯୋଗ ମିଳିଛି। ତଦନ୍ତ କରାଯାଇ ତାଙ୍କୁ ନ୍ୟାୟ ଦିଆଯିବ ବୋଲି ସେ କହିଛନ୍ତି।

## ଡେରା ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ



**ରାଜନଗର,୪ା୧(ଡି.ଏନ୍.ଏ.):** ରାଜନଗର ବ୍ଲକ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଏହି ବ୍ଲକ ଡେରା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା କ୍ରିଷ୍ଣା ବେହେରାଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଡେରା ପଞ୍ଚାୟତର ଫକୀର ବେହେରା, ଭୀମସେନ୍ ବେହେରା, ବନମାଳୀ ସ୍ୱାଇଁ, ମଳୟ ଦାସ, ଅଜାମ୍ବର ଜେନା, ଗୁରୁବାରୀ ପରିଡ଼ା, ଯାମିନୀକାନ୍ତ ପରିଡା, ଦିଲ୍ଲୀପ କୁମାର ରାଉତ, ମାନଗୋବିନ୍ଦ ସ୍ୱାଇଁ, ବିଷ୍ଣୁ ସାହାଣୀ, ନିମାଇଁ ଚନ୍ଦ୍ର ବେହେରା, ଶିଶିର ମହାନ୍ତି, ସୁଶାନ୍ତ ପ୍ରଧାନ, କାଳିଆ ସ୍ୱାଇଁ, ଜମା ସାହାଣୀ, ଦାସରଥି ସାହାଣୀ, ଅଭିରାମ ଦାସ, ଅଜାମ୍ବର ସ୍ୱାଇଁ,କୈଳାଶ ପ୍ରଧାନ,ଶରତ ବିଶ୍ୱାଳ ପ୍ରମୁଖ ବିଜେଡି ଓ କଂଗ୍ରେସ ଛାଡି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜନଗର ବ୍ଲକ ଭାଜପା ନେତା ଅଜୟ କୁମାର ବେହେରା, ସୁନାକର ପ୍ରଧାନ, ଶ୍ରୀଧର ପ୍ରଧାନ,ମଙ୍ଗୁଲି ମହାନ୍ତି,ସୁରେନ୍ଦ୍ର ଭୂୟାଁ,ସର୍ବେଶ୍ୱର ଜେନା, ପ୍ରମୋଦ କୁମାର ଦାସ ପ୍ରମୁଖ ଯୋଗଦେଇ ଦଳରେ ସାମିଲ ହୋଇଥିବା ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛଦେଇ ସ୍ୱାଗତ କରିଥିଲେ।

# ପ୍ରଜ୍ଞାପନ ମେଢ଼ ହେବ ମୁଖ୍ୟ ଆକର୍ଷଣ

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ନେଇ ପ୍ରସ୍ତୁତି

- ପରେଡରେ ୮ମରୁ କଲେଜ ଛାତ୍ରୀଛାତ୍ରମାନେ ଭାଗନେବେ
- ବକ୍ତୃତା, ସଂଗୀତ ଓ କୁଇଜ ପ୍ରତିଯୋଗିତା ୧୭ରୁ ଆରମ୍ଭ

**ଜଗତ୍‌ସିଂହପୁର ଅଫିସ, ୪ା୧**

କରୋନା ମହାମାରୀରେ ୨ବର୍ଷ ହେବ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିରେ ସୁଧାର ଆସିଲା ଏବଂ ଚଳିତବର୍ଷ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଭଲ ଭାବେ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ତେବେ ଏଥର ପାରାଦୀପର ବିଭିନ୍ନ ବିଭାଗ ଓ ପ୍ରମୁଖ ଶିଳ୍ପ ସଂସ୍ଥା ଦ୍ୱାରା ପ୍ରଦର୍ଶିତ ହେବାକୁ ଥିବା ପ୍ରଜ୍ଞାପନ ମେଢ଼ ମୁଖ୍ୟ ଆକର୍ଷଣ ହେବ ବୋଲି କୁହାଯାଉଛି। ଏଥିସହ ୮ମ ଶ୍ରେଣୀରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପ୍ୟାରେଡରେ ନିଜର ଦକ୍ଷତା ପ୍ରତିପାଦନ କରିବେ। ଆସନ୍ତା ୧୭ ତାରିଖରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା, ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ଆରମ୍ଭ ହେବ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି ଏହା କହିଛନ୍ତି।



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବୈଠକ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୨୬ ତାରିଖ ଭୋର ସାଢେ ୪ଟାରେ ରାମଧୂନ, ୬ଟା ପ୍ରଭାତ ଫେରି ଓ ୭ଟାରେ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହି ସମୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିବେ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକ ସଜା ହେବ। ଜେଲର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଏହିଦିନ ଫଳ ବଣ୍ଟନ କରାଯିବ। ଏହା ପୂର୍ବରୁ ଅର୍ଥାତ୍ ୧୭ତାରିଖରେ ପ୍ରଥମରୁ ୫ମ, ୬ଷ୍ଠରୁ ୮ମ, ହାଇସ୍କୁଲ ଓ କଲେଜସ୍ତରରେ ବିଭିନ୍ନ ବର୍ଗର ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦସ୍ତରରେ ହେବ। ଏହିସବୁ ପ୍ରତିଯୋଗିତା ଜିଲାସ୍ତରରେ ୨୦ ତାରିଖରେ କରାଯିବ। ଏସ୍‌ଭିଏମ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଜିଲା ଶିକ୍ଷା ଅଧିକାରୀ ଜିଲାସ୍ତରୀୟ ପ୍ରତିଯୋଗିତାର ବିଷୟ ସ୍ଥିର କରିବେ। ଜାନୁୟାରୀ ୨୩ ଅପରାହ୍ଣ ୩ଟା ଓ ୨୪ ତାରିଖ ସକାଳ ସାଢେ ୭ଟାରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ। ପ୍ୟାରେଡରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଜଗତ୍‌ସିଂହପୁର ପବ୍ଲିକ ସ୍କୁଲ ବ୍ୟାଣ୍ଡ ବାଦ୍ୟ ପରିବେଷଣ କରିବେ। ପ୍ୟାରେଡରେ କେବଳ ୮ମରୁ ୧୦ମ ଶ୍ରେଣୀ ଓ କଲେଜ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ପ୍ୟାରେଡ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟଗୁଡିକ ମଧ୍ୟରେ ପ୍ରତିଯୋଗିତା କରି ୪ଟି ସାଂସ୍କୃତିକ ଦଳକୁ ବାଛିବେ। ଏହାବାଦ୍ ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱ ଏସ୍‌ପି ନେବେ। ଷ୍ଟାଡିୟମ ଭିତର, ବାହାର ଓ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ପୂର୍ବାଭାସ ଏବଂ ୨୬ତାରିଖରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପ ଆରକ୍ଷୀ ଅଧିକ୍ଷକ ମନୋରଞ୍ଜନ ଚୌଧୁରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଶିକ୍ଷାନୁଷ୍ଠାନଗୁଡିକର ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ଡେରାବିଶ ପାଇଁ ଗୌରବ ଆଣିଲେ ଛାତ୍ରୀ ଅନିଶା

**ଜାତୀୟ ଜୁନିୟର ଭଲିବଲ୍ କ୍ରୀଡ଼ା**

**ଡେରାବିଶ,୪ା୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ମାଟିର ଝିଅ ବି. ଅନିଶା (୧୮) ଜୁନିୟର ଭଲିବଲ ଖେଳରେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ବ୍ଲକ ଅଧୀନ ଗୁଆଳସିଂ ପଞ୍ଚାୟତ ଠାକୁରପାଟଣା ଗାଁର ଅଶିଷ ବିହାରୀଙ୍କ ଝିଅ ଅନିଶା ପିଲାଟି ଦିନରୁ ଭଲି ଖେଳପ୍ରତି ଆଗ୍ରହ ରଖିବା ସହ ୧୪ବର୍ଷ ବୟସରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ମିନି ଭଲିବଲ ଟୁର୍ନାମେଣ୍ଟରେ ଭାଗ ନେଇ ନିଜର ଖେଳ ଜୀବନ ଆରମ୍ଭ କରିଥିଲେ। ଡେରାବିଶ ବ୍ଲକ ବାରିମୂଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଥିଲେ ଅନିଶା। ବିଦ୍ୟାଳୟର ଖେଳ ଶିକ୍ଷକ ଡ. ଅରବିନ୍ଦ ବାହାଦୁର ସିଂଙ୍କ ପ୍ରଶିକ୍ଷଣ ତାଙ୍କୁ ତାଙ୍କର କ୍ରୀଡ଼ା ଜଗତରେ ପ୍ରତିଭାର ଉନ୍ମେଷ ପାଇଁ ପଥ ପରିଷ୍କାର କରିଥିଲା। ଆଞ୍ଚଳିକ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବିଶାଖାପାଟଣାରେ ଅନୁଷ୍ଠିତ ଭଲିବଲ ପ୍ରତିଯୋଗିତାରେ ନିଜର ଟିମ୍ ସହ ଭାଗ ନେଇ ଅନିଶା କୃତିତ୍ୱ ଅର୍ଜନ କରିବା ସହ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଘୋଷିତ ହୋଇଥିଲେ। ପରେ ବାଙ୍ଗାଲୋର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଜାମ୍ମୁ କଶ୍ମିରରେ ଜାତୀୟସ୍ତରୀୟ ଜୁନିୟର ଭଲିବଲ ଟୁର୍ନାମେଣ୍ଟରେ ଭାଗ ନେଇ ଅନିଶା କୃତିତ୍ୱ ଅର୍ଜନ କରିଥିଲେ। ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ପକ୍ଷରୁ ୧୮ ବର୍ଷରୁ କମ୍ ଜୁନିୟର ଭଲିବଲ୍ ଟୁର୍ନାମେଣ୍ଟରେ ଭାଗ ନେଇ ସଫଳତାର ସହ କୃତିତ୍ୱ ଅର୍ଜନ କରି ଆନ୍ତର୍ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟରେ ଭାଗନେବାକୁ ଅନିଶା ଆଶା ବାନ୍ଧିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ବିଭାଗର ଜୁଅଲୋଜି ଅନର୍ସର ଛାତ୍ରୀ ଅନିଶା ତାଙ୍କ ବାପା ଆଶିଷ ବିହାରୀ ହେଉଛନ୍ତି ପ୍ରଥମ ପ୍ରଶିକ୍ଷକ। ମୋର ପିଲାଦିନରୁ ଖେଳପ୍ରତି ଆଗ୍ରହ ଦେଖି ବାପା ମୋ ପାଇଁ ଘର ପାଖରେ ଏକ ଛୋଟିଆ କ୍ଷେତ୍ର ପ୍ରସ୍ତୁତ କରି ଭଲିବଲ୍ ଓ ଅନ୍ୟ ଖେଳ ଉପକରଣ ଯୋଗାଇ ଦେଇଥିଲେ। ପରେ ନିଳମଣୀ ସ୍ପୋର୍ଟସ୍ ଏକାଡେମୀର ମୁଖ୍ୟ ନାରାୟଣ ବାରିକ ଓ ସେଖ ନିଜାମ ଅଲ୍ଲୀଙ୍କଠାରୁ ଭଲିବଲ୍ ପ୍ରଶିକ୍ଷଣ ନେଇଥିଲେ ବୋଲି ଅନିଶା କହିଛନ୍ତି। ବର୍ତ୍ତମାନ ଦୈନିକ ଘରଠାରୁ ୭ରୁ ୮ କିଲୋମିଟର ଦୂର କେନ୍ଦ୍ରାପଡ଼ା ଟାଉନ୍ ହାଇସ୍କୁଲ ପଡ଼ିଆରେ ନିଜର କ୍ରୀଡ଼ା ଅଭ୍ୟାସ ଜାରି ରଖିଛନ୍ତି। ବାପା ଆଶିଷ ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବା ବେଳେ ମା' ସରୋଜିନୀ ଜଣେ ଗୃହିଣୀ। ସେହିପରି ଜେଜେ ନିରଞ୍ଜନ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଏହି ଖେଳ ପାଇଁ ପରିବାର ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲେ ମଧ୍ୟ ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେ ଆନ୍ତର୍ଜାତିକ ଟୁର୍ନାମେଣ୍ଟରେ ଭାଗନେଇ ରାଜ୍ୟ ତଥା ଦେଶ ପାଇଁ ସଫଳତା ଆଣିପାରିବେ ବୋଲି ଅନିଶା କହିଛନ୍ତି। ଭବିଷ୍ୟତରେ ସେ ନିଜେ ଜଣେ ଆଇପିଏସ୍ ଅଧିକାରୀ ହେବା ପାଇଁ ନିଜର ପ୍ରୟାସ ମଧ୍ୟ ଜାରି ରଖିଥିବା ଅନିଶା କହିଛନ୍ତି। ତେବେ ଅନିଶାଙ୍କ ଏହି ପ୍ରତିଭା ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି।



## ମୁଗକଣିରେ ୬୧ତମ ମହିମା ମହୋତ୍ସବ

**ରାଜନଗର,୪ା୧(ଡି.ଏନ.ଏ.)**

ରାଜନଗର ବ୍ଲକ ହାତିନା ପଞ୍ଚାୟତ ମୁଗକଣି ଗ୍ରାମ ମହିମା ମଠରେ ୬୧ତମ ମହିମା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ବ୍ରହ୍ମାବଧୂତ ନଟବର ବାବା, ବ୍ରହ୍ମାବଧୂତ ଅଭୟ ବାବା, ବ୍ରହ୍ମାବଧୂତ ସୁବ୍ରତ ବାବା, ବ୍ରହ୍ମାବଧୂତ ଦୁଷ୍ମନ୍ତ ବାବା ଏବଂ ସନ୍ଥ ଦୁର୍ଲଭ ଦାସ, ଅନ୍ତର୍ଯ୍ୟାମୀ ଦାସ, କଳ୍ପତରୁ ଦାସ, ରତ୍ନାକର ଦାସ, ଅଭୟ ଦାସ ପ୍ରମୁଖ ଯୋଗଦେଇ ବ୍ରହ୍ମଜ୍ଞାନ, ଆତ୍ମିକ ତତ୍ତ୍ୱ ଭକ୍ତିଯୋଗ, ଗୁରୁ ମହିମା, ବ୍ରହ୍ମପୁରୁଷ ମହିମା ଅଲେଖଙ୍କ କାଳଜୟୀ କଥାବସ୍ତୁକୁ ପ୍ରବଚନ ମାଧ୍ୟମରେ ଶୁଣାଉଛନ୍ତି। ସୂଚନାଯୋଗ୍ୟ ବ୍ରହ୍ମନିଷ୍ଠ ସିଦ୍ଧ ସାଧୁ ବାମନ ବାବା ଆଜକୁ ଶହେ ବର୍ଷ ତଳୁ ଅବିଭକ୍ତ କଟକ ଜିଲାର ବିଭିନ୍ନ ପ୍ରାନ୍ତରରେ ମହିମା ଧର୍ମ ପ୍ରଚାର କରିବା ସହିତ ଗାଁ ଗାଁରେ ଅଲେଖ ଟୁଙ୍ଗୀ ପ୍ରତିଷ୍ଠା କରି ମହିମା ବ୍ରହ୍ମଧୂନୀକୁ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ୩ ଦିନ ବ୍ୟାପୀ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ, ଝାଡ଼ ପ୍ରଜ୍ୱଳନ, ନାମ ଭଜନ ଏବଂ ଅହୋରାତ୍ର ଅଖଣ୍ଡ ବ୍ରହ୍ମ ଧ୍ୱନୀ ସ୍ଥାପନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଅନାଦି ଚରଣ ଜେନା, ଦେବେନ୍ଦ୍ର କୁମାର ଜେନା, ନରହରି ଜେନା, ଅଭୟ କୁମାର ଜେନା, ମଙ୍ଗୁଳି ମୁଦୁଲି, ବିଷ୍ଣୁପଦ ମୁଦୁଲି, ଦିନବନ୍ଧୁ ମୁଦୁଲିଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଧାନକୁଦ ମନ୍ଦିର ନଦୀବନ୍ଧ ରାସ୍ତା ଆଲୋକିତ ହେବ



ଧାନକୁଦ ମନ୍ଦିରରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

**ବିରିଡି,୪ା୧(ଡି.ଏନ.ଏ.)**

ସରକାରୀ ଦଳର ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମଙ୍ଗଳବାର ବିରିଡି ବ୍ଲକ ଅନ୍ତର୍ଗତ ମହାପୁରୁଷ ପଞ୍ଚସଖାଙ୍କ ସାଧନା କ୍ଷେତ୍ର ଧାନକୁଦଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। କିଛିଦିନ ତଳେ ମନ୍ଦିର ପରିଚାଳନା କମିଟି ସଭ୍ୟମାନେ ମୁଖ୍ୟ ସଚେତକଙ୍କୁ ଭେଟି ମନ୍ଦିରର ସମସ୍ୟା ଓ ମନ୍ଦିରକୁ ଯିବା ପାଇଁ ବିଲୁଆଖାଇ ନଦୀର ବାମପଟ ବନ୍ଧ ଅଷ୍ଟଶମ୍ଭୁ ମନ୍ଦିରଠାରୁ ଧାନକୁଦ ମନ୍ଦିର ପର୍ଯ୍ୟନ୍ତ ରାସ୍ତାଟି ଯାତାୟାତ ଅନୁପଯୋଗୀ ହୋଇଥିବା ଦର୍ଶାଇଥିଲେ। ଏଣୁ ମୁଖ୍ୟ ସଚେତକ ମୁଦୁଲି ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଶତପଥୀଙ୍କୁ ଧରି ମନ୍ଦିରରେ ପହଞ୍ଚିଥିଲେ। ଯନ୍ତ୍ରୀମାନଙ୍କୁ ତୁରନ୍ତ ଉକ୍ତ ନଦୀ ବନ୍ଧର ରାସ୍ତାକୁ ଉନ୍ନତିକରଣ କରାଇବାକୁ ପରାମର୍ଶ ଦେବା ସହ ମନ୍ଦିର ପରିସରରେ ଏକ ଉଜ୍ଜ୍ୱଳ ଆଲୋକ ଲଗାଇବାକୁ ପରିଚାଳନା କମିଟିର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର ପରିଚାଳନା କମିଟିର ବିଭୁଦତ୍ତ ସାହୁ, ବାବା ଅରକ୍ଷିତ ଦାସମହାରାଜ, ବିଜୟ କୁମାର ମିଶ୍ର, ଅକ୍ଷୟ କୁମାର ଭୂୟାଁ, ସମିତିସଭ୍ୟ ସନ୍ତୋଷ ନାୟକ, ବିଷ୍ଣୁ ପ୍ରସାଦ କର, ଦେବେନ୍ଦ୍ର ମହାନ୍ତି, ବିକ୍ରମ ଦାଶ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ସଚେତକ ମୁଦୁଲିଙ୍କୁ ମନ୍ଦିରରେ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ଶିଶିର ଉତ୍ସବ-୨୦୨୩ ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ,୪ା୧(ସ୍ୱ.ପ୍ର.)**

ଓଡ଼ିଶାର ସର୍ବବୃହତ୍ ପଞ୍ଚାକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ ଗଡ଼୍ ମେକର ପକ୍ଷରୁ ନବବର୍ଷ ଉପଲକ୍ଷେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶିର ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତା ସମାଜକୁ ସମୃଦ୍ଧ କରିଥାଏ। ଗଣକବି ବୈଷ୍ଣବ ପାଣିଙ୍କ କୃତି ଯୋଗୁ ସାରା ଓଡ଼ିଶା ଗର୍ବିତ ହୋଇଥିବାବେଳେ ପଟ୍ଟାମୁଣ୍ଡାଇ ମାଟିର ସୁଯୋଗ୍ୟ ସନ୍ତାନ ଗଣକବି ଗୋପାଳ ଦାଶଙ୍କ ଅନନ୍ୟ କୃତି ପ୍ରଚାର ପ୍ରସାର ଅଭାବରୁ ଯେତିକି ମାନ୍ୟତା ପାଇବା କଥା ପାଇ ପାରୁନାହିଁ। ମାତ୍ର ଗଡ଼୍ ମେକର ଗୋପାଳ ଦାଶଙ୍କ ପ୍ରତିଭା ଓ କୃତିତ୍ୱକୁ ନେଇ ଦେଶବିଦେଶରେ ପହଞ୍ଚାଇବା ଏ ମାଟିର ଗୌରବ ବୃଦ୍ଧି କରିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇବା ସହିତ ଏ କ୍ଷେତ୍ରରେ ସମସ୍ତ ସହଯୋଗ କରିବାକୁ ଘୋଷଣା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗଡ଼୍ ମେକରର ପ୍ରତିଭାବାନ କଳାକାରଙ୍କ ଯୋଗୁ ପଟ୍ଟାମୁଣ୍ଡାଇ ମାଟି ନୂତନ ପରିଚୟ ପାଇବା ସହିତ ଗର୍ବିତ ଓ ଧନ୍ୟ ହୋଇଥିବାରୁ ଗଣକବିଙ୍କ ଜୟନ୍ତୀକୁ ରାଜ୍ୟସ୍ତରୀୟ ଜୟନ୍ତୀରେ ରୂପାନ୍ତରିତ କରିବା ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୌରବମୟ ପରମ୍ପରା, କଳା ଓ ସଂସ୍କୃତିକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସମ୍ପାଦକ ଦୟାନିଧି ବଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଡ଼୍ ମେକରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଚିତ୍ରକଳା ଗୁରୁ ରମେଶ ଚନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲାଭର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅବହେଳା, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି

**କେନ୍ଦ୍ରାପଡ଼ା ଅଫିସ, ୪ା୧**

ରାଜକନିକା ବ୍ଲକ ଓଲାଭରସ୍ଥ ରାଧାନାଥ ରଥ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏହାର ସୁଧାର ଆଣିବାକୁ ବ୍ଲକସ୍ଥ ଦେଉଳସାହି ଗାଁର ବୁଦ୍ଧିଜୀବୀ ସୁଶାନ୍ତ କୁମାର ନାୟକ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠି ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୯୫୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସେହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ୮ ପଞ୍ଚାୟତର ପ୍ରାୟ ୪୦ ହଜାର ଲୋକ ନିର୍ଭର କରନ୍ତି। ପ୍ରତ୍ୟେହ ଶତାଧିକ ରୋଗୀ ଏଠାକୁ ଆସୁଥିବା ବେଳେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଅଭାବରୁ ରୋଗୀ ସେବା ବ୍ୟାହତ ହୋଇଛି।



ଏଡିଏମ୍‌ଙ୍କୁ ବୁଦ୍ଧିଜୀବୀ ସୁଶାନ୍ତ କୁମାର ନାୟକ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ଦେଉଛନ୍ତି।

କର୍ମଚାରୀ ଅଭାବରୁ ପାଥୋଲୋଜି ଓ ନିରାମୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ଉପାନ୍ତ ଅଞ୍ଚଳରେ ସାପ ଓ କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ତେବେ ଏହାର ନିରାକରଣ ବ୍ୟବସ୍ଥା ପାଇଁ ଔଷଧ ନାହିଁ। ସେହିପରି ୧୯୯୪ରେ ୨୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ପ୍ରକଳ୍ପ ମଧ୍ୟ ଫାଇଲ ତଳେ ରହିଯାଇଛି। ଆମ୍ବୁଲାନ୍ସ ଓ ଅନ୍ୟ ଭିତ୍ତିଭୂମି ନ ଥିବାରୁ ଜରୁରୀ ସେବା ବ୍ୟାହତ ଦର୍ଶାଇ ଚିଠି କରାଯାଇଥିବା ନାୟକ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ କମେଣ୍ଟ, ଯୁବକ ଗିରଫ

**ଧର୍ମଶାଳା, ୪ା୧ (ଡି.ଏନ.ଏ.)**

ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଜେନାପୁର ଗ୍ରାମର କୁଳମଣି ଜେନା। ଗତ ୩୧ ତାରିଖରେ ନାବାଳିକା ରାସ୍ତାରେ ଘରକୁ ଯାଉଥିବା ବେଳେ କୁଳମଣି ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ତାଙ୍କ ପିଛା କରିଥିଲେ। ଏନେଇ ନାବାଳିକା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୁଳମଣିଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ହକି ବିଶ୍ୱକପ୍ ପାଇଁ ସଚେତନତା ରାଲି

**କେନ୍ଦ୍ରାପଡ଼ା ଅଫିସ, ୪ା୧**

ଓଡିଶାରେ ହକି ବିଶ୍ୱକପ୍ ପାଇଁ ନେଦରଲ୍ୟାଣ୍ଡର ଖେଳାଳୀ ପହଞ୍ଚିଛନ୍ତି। ଓଡିଶା ରାଜ୍ୟ ଏହି ବିଶ୍ୱକପ୍‌ର ପ୍ରାୟୋଜକ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କୁ ଖେଳ ପ୍ରତି ଆକୃଷ୍ଟ ପାଇଁ କୁହୁଡି ପଞ୍ଚାୟତ ନରେନ୍ଦ୍ରପୁରର ତୁଳସୀ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ରାଲି ବୁଧବାର ଆୟୋଜିତ ହୋଇଥିଲା। ଏହି ରାଲିକୁ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ରାଲିରେ ଶିକ୍ଷାର୍ଥୀ ଯୋଗ ଦେଇ ନରେନ୍ଦ୍ରପୁରରୁ କୁରୁଡୁଙ୍ଗା ମେଡିକାଲ ପର୍ଯ୍ୟନ୍ତ ଏସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଅଧ୍ୟାପକ କିଶୋର ଚନ୍ଦ୍ର ଜେନା, ସୌଭାଗ୍ୟ ଚନ୍ଦ୍ର ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ହେମନ୍ତ କୁମାର ପତି, ଅଧ୍ୟାପିକା ଶୋଭାରାଣୀ ଦାଶ ପ୍ରମୁଖ ସାମିଲ ହୋଇଥିଲେ।




ତୁଳସୀ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ହକି ବିଶ୍ୱ କପ୍ ପାଇଁ ବାହାରିଥିବା ସଚେତନତା ରାଲି।

## ୯ ମାସ ହେଲା ନାଉଗାଁ ପଞ୍ଚାୟତ ସମିତି ବୈଠକ ହୋଇନି

**ଉନ୍ନୟନମୂଳକ କାମକୁ ନେଇ ପଞ୍ଚାୟତ ପ୍ରତିନିଧି ସନ୍ଦୀହାନ**

**ନାଉଗାଁ,୪ା୧(ସ୍ୱ.ପ୍ର.)**

ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ବ୍ଲକ ସ୍ତରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥାଏ। ସାଧାରଣତଃ ପଞ୍ଚାୟତ ସମିତି ବୈଠକ ନିୟମାନୁସାରେ ପ୍ରତି ୨ରୁ ୩ ମାସ ଅନ୍ତରରେ ହେବା କଥା। ଏହି ଅନୁସାରେ ପ୍ରତିବର୍ଷ ସର୍ବୋଚ୍ଚ ୫ ଥର ଓ ସର୍ବନିମ୍ନ ୪ ଥର ହୋଇପାରିବ। କିନ୍ତୁ ନାଉଗାଁ ପଞ୍ଚାୟତ ସମିତି ବୈଠକ ଦୀର୍ଘ ୯ ମାସ ହେବ ଅନୁଷ୍ଠିତ ହୋଇ ପାରିନାହିଁ। ପଞ୍ଚାୟତ ସମିତି ବୈଠକ ହେବା ଦ୍ୱାରା ଜନ ପ୍ରତିନିଧି ଓ ପ୍ରଶସାନିକ ଅଧିକାରୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ରକ୍ଷା ହୋଇଥାଏ। ଏହାବ୍ୟତିତ ପଞ୍ଚାୟତରେ ଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଉପରେ ଆଲୋଚନା ହୋଇଥାଏ। ବୈଠକକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଡାକିଥାନ୍ତି। ବୈଠକର ପ୍ରଥମରେ ପୂର୍ବ ବୈଠକରେ ହୋଇଥିବା ସାଧାରଣ ସଭା ଉପରେ ଆଲୋକପାତ କରାଯାଇଥାଏ। ପୂର୍ବ ସଭାରେ ରହିଥିବା ପ୍ରସ୍ତାବଗୁଡିକ ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥାଏ। ଏଥିସହ ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ କରାଯାଇଛି ସେ ବିଷୟରେ ଆଲୋଚନା କରାଯାଇଥାଏ।

ଯଦି କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ସମସ୍ୟା ଉପୁଜିଥାଏ ବୈଠକରେ ସେ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥାଏ। ସେହିପରି ପୂର୍ବ ବୈଠକର ପ୍ରସ୍ତାବଗୁଡିକ ଆଲୋଚନା ପରେ ବିଭିନ୍ନ ପଞ୍ଚାୟତରେ ଥିବା ନୂତନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥାଏ। ଏଥିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଯୋଗ ଦେଇଥାନ୍ତି। ଫଳରେ ପ୍ରତି ପଞ୍ଚାୟତରୁ ଆସିଥିବା ପଞ୍ଚାୟତ ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ବିକାଶ ଓ ଉନ୍ନୟନମୂଳକ କାମ କିପରି ସୂଚାରୁ ରୂପେ କରିପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥାନ୍ତି। ଫଳରେ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣମାନଙ୍କ ପାଇଁ ହେଉଥିବା ଉନ୍ନୟନମୂଳକ ଯୋଜନାଗୁଡିକର ସଫଳ ରୂପାୟନ ହୋଇପାରିଥାଏ। କିନ୍ତୁ ନାଉଗାଁରେ ପଞ୍ଚାୟତ ସମିତି ବୈଠକ ହୋଇ ନ ଥିବାରୁ ଅନେକ ପଞ୍ଚାୟତ ପ୍ରତିନିଧିମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ବ୍ଲକରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ନିର୍ବାଚନ, ୨ୟ ବୈଠକ ଉପାଧ୍ୟକ୍ଷ ନିର୍ବାଚନ ହୋଇଥିବା ବେଳେ ୩ୟ ପଞ୍ଚାୟତ ସମିତି ବୈଠକ ନୂତନ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା ଯୋଗ ଦେବା ପରେ ୨୦୨୨ ଏପ୍ରିଲ ୨୯ରେ କରାଯାଇଥିଲା। ଏଥିରେ ନୂତନ ଭାବେ ନିର୍ବାଚିତ ହୋଇଥିବା ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ପ୍ରଶସାନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲେଙ୍କାଙ୍କୁ ପଚାରିବାରେ ବିଧାୟକ ସମୟ ଦେଇ ପାରୁ ନ ଥିବାରୁ ବୈଠକ ହୋଇପାରିନାହିଁ। ଚଳିତ ମାସରେ ବୈଠକ ହେବା ଲାଗି ଦିନ ଧାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜିପିଓ ଦିନେଶ ରାୟଙ୍କୁ ପଚାରିବାରେ ପଞ୍ଚାୟତ ସମିତି ବୈଠକ ବିଷୟରେ ଅଧ୍ୟକ୍ଷାଙ୍କୁ ଅବଗତ କରାଯାଇଛି। ହେଲେ ବୈଠକ ହେବା ପାଇଁ କୌଣସି ତାରିଖ ଧାର୍ଯ୍ୟ କରାଯାଇନାହିଁ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଭ୍ୟାନ ଧକ୍କାରେ ଯୁବତୀଙ୍କ ମୃତ୍ୟୁ

ସୋରଡା,୪।୧(ଡି.ଏନ.ଏ.):ସୋରଡା ଜରଡ ସେତୁ ନିକଟ ୫୯ ନଂ. ଜାତୀୟ ରାଜପଥରେ ବୁଧବାର ସକାଳେ ଭ୍ୟାନ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ପାଇକ ସାହିର ମୃତ ପୁନିଆ ଗଉଡଙ୍କ ଝିଅ ପ୍ରମିଳା। ପ୍ରମିଳା ପ୍ରାତଃଭ୍ରମଣ ସାରି ରାସ୍ତା ପାର୍ଶ୍ୱରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଘରୋଇ କମ୍ପାନୀର ଭ୍ୟାନ ଧକ୍କା ଦେଇଥିଲା। ଫଳରେ ପ୍ରମିଳା ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡିର ଚାଳକ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରିବାର ଲୋକଙ୍କୁ ଅସ୍ତାନ୍ତର କରାଯାଇଛି। ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ମୃତା ପ୍ରମିଳାଙ୍କ ଭାଇ ତୁନୁ ଗଉଡ ଏତଲା ପ୍ରକାରେ ନଂ.୯/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟ ଜଣେ ଭାଇ ଲକ୍ଷ୍ମଣ ଗଉଡ ସୋରଡା ଥାନାରେ ମଧ ଏତଲା ଦେଇଛନ୍ତି। ଭ୍ୟାନକୁ ଥାନା ପରିସରରେ ରଖାଯାଇଥିବା ବେଳେ ଚାଳକଙ୍କୁ ପୋଲିସ ଅଟକ ରଖିଛି। ଏସଆଇ ସୁନୀଲ କଣ୍ଡୋଗୋରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

### ବିଶ୍ୱକପ ହକି ସଚେତନତା ରାଲି

ଆସିକା,୪।୧(ଡି.ଏନ.ଏ.): ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ବୁଧବାର ବିଶ୍ୱକପ ହକି ଉପଲକ୍ଷେ ଏକ ସଚେତନତା ରାଲି ହୋଇଥିଲା। ରାଲିକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। କଲେଜ ଅଧକ୍ଷ ଗଣେଶ୍ୱର ମାଝି ବିଶ୍ୱ କପ ହକି ଆୟୋଜନରେ ରାଜ୍ୟ ସରକାରଙ୍କ ସଫଳ ଉଦ୍ୟମ ସମ୍ପର୍କରେ ଆଲୋଚନା କରିବା ସହ ଦେଶର ହକି ଦଳର ବିଜୟ କାମନା କରିଥିଲେ। ଆସିକା ସହରର ଖମ୍ବେଶ୍ୱରୀପାଟଣା,ହାଟପଦା, ଅଶୋକାସିନେମା ରୋଡ, କୁମ୍ଭାର ସାହି ଆଦି ଅଞ୍ଚଳରେ ଛାତ୍ରୀମାନେ ବିଶ୍ୱକପ ହକି ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ। ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଉଦ୍ୟମରେ ଅନୁଷ୍ଠିତ ରାଲିରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କଲେଜ ଅଧକ୍ଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବରେଡକ୍ରସ ସଂଯୋଜିକା ଡ. ଲିନା ଲିଲିୟନ, ଏନ.ସି.ସି. ଅଫିସର ଲେଫ୍ଟନାଣ୍ଟ ଡ. ସୁପ୍ରିୟା ଦାସ, ଏନ.ଏସ.ଏସ. ଅଫିସର ଲକ୍ଷ୍ମଣ କୁମାର ସୋରେନ ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପାର ବନ୍ଧୁମିଳନ

ଧରାକୋଟ,୪।୧(ଡି.ଏନ.ଏ.):ଧରାକୋଟ ଶାନ୍ତିଝରା ପର୍ଯ୍ୟଟନ ସ୍ଥଳରେ ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ବ୍ଲକ ଅଞ୍ଚଳର ମଣ୍ଡଳ ସଭାପତି ୟୁ. ପାପା ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଣିକପୁର ମଣ୍ଡଳ ସଭାପତି ଅଶୋକ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକସ୍ତରର ବହୁ ଭାଜପାର କର୍ମୀ ଏଥିରେ ଯୋଗ ଦେଇ ସଂଗଠନକୁ ସୁଦୃଢ କରିବାକୁ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ସମସ୍ତ କର୍ମୀଙ୍କୁ ନେତୃବୃନ୍ଦ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଝରର ବିକାଶ ପାଇଁ ସରକାର ପଦକ୍ଷେପ ନେଉ ନ ଥିବା ଯୋଗୁ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ଆଗାମୀ ଦିନରେ ଦାବି ଉପସ୍ଥାପନ କରାଯିବ ବୋଲି ନେତାମାନେ କହିଥିଲେ। ବରିଷ୍ଠ କର୍ମୀ ପ୍ରଭାକର ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ବବୁ ମୁନି ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ଥିଲେ।

# ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନି ଜାଇକା ଅର୍ଥ

## ୧୦ରେ ପକ୍ଷୀ ଗଣନା, ଜଙ୍ଗଲ ନିଆଁ ରୋକିବାକୁ ପଦକ୍ଷେପ

ଭଞ୍ଜନଗର,୪।୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଅଧିକାରୀ।

ଜାପାନ ଇଣ୍ଟର ନ୍ୟାଶନାଲ କୋ ଅପେରେଶନ ଏଜେନ୍ସି (ଜାଇକା) ସହଯୋଗରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। କିନ୍ତୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟରେ ହୋଇପାରୁନି। ଅର୍ଥ ବିଭାଗ ପାଖରେ ପଡିରହୁଛି। ତେଣୁ ଡିଏଫଓ ସୁଦର୍ଶନ ବେହେରା ବୁଧବାର ଜାଇକା ବାର୍ଷିକ ସମୀକ୍ଷା ବୈଠକରେ ଅଧକ୍ଷତା କରି ଜାଇକା ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବା ପାଇଁ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେତେକ ରେଞ୍ଜରେ ଯୋଜନା ନିର୍ଦ୍ଧାରିତ ସମୟରେ ହେଉନାହିଁ। ତେଣୁ ପରୋକ୍ଷରେ ଡିଏଫଓ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜାଇକା ଯୋଜନା ଏହି ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ, ମୁଜାଗଡ଼, ଜଗନ୍ନାଥପ୍ରସାଦ, ତାରସିଂ ରେଞ୍ଜରେ ଚାଲିଛି। ଏହାର ମୂଳ ଲକ୍ଷ୍ୟ ହେଲା ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଇ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା। ଏହାଦ୍ୱାରା ଜଙ୍ଗଲକ୍ଷୟ କମିବା ସହ ପରିବେଶ ସୁରକ୍ଷିତ ରହିବ। ବର୍ତ୍ତମାନ ଜାଇକାର ଦ୍ୱିତୀୟ ପର୍ଯ୍ୟାୟ କାମ ଘୁମୁସର ଉତ୍ତର ବନଖଣ୍ଡରେ ଚାଲିଛି। ଏ ବାବଦରେ ଜାପାନ ସ୍ଥିତ ଜାଇକା ସଂସ୍ଥା ଏକ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଦେଇଛି। ରାଜ୍ୟର ବିଭିନ୍ନ ବନଖଣ୍ଡରେ ଏହି ଅର୍ଥ ଖର୍ଚ୍ଚ ହେଉଛି। ଉକ୍ତ ଯୋଜନା ୧୦ ବର୍ଷ ପାଇଁ ହୋଇଛି। ଯୋଜନାର ସୁଫଳ ପାଇଁ ଏନଜିଓଗୁଡିକୁ ମାଧ୍ୟମ କରାଯାଇଛି। ଯେଉଁଠି କର୍ମଚାରୀ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରହୁଛି ସେଠାରେ ଯୋଜନା ସଫଳ ହେଉଛି। ଯେଉଁଠି ସମନ୍ୱୟର ଅଭାବ ରହୁଛି ସେଠାରେ ଯୋଜନା ବାଟବଣା ହୋଇଯାଉଛି। ସମୀକ୍ଷା ବୈଠକ ପରେ ଅପରାହ୍ନରେ ପକ୍ଷୀଗଣନା ଏବଂ ଜଙ୍ଗଲ ନିଆଁ ରୋକିବା ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୧୦ତାରିଖରେ ରାଜ୍ୟର ବିଭିନ୍ନ ବନଖଣ୍ଡରେ ପକ୍ଷୀ ଗଣନା ହେବ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ମଧ ପକ୍ଷୀ ଗଣନା ହେବ। ଏଥିପାଇଁ ୨୪ଟିମ ଗଠନ ହୋଇଛି। ବିଭିନ୍ନ ଜଳାଶୟରେ ସକାଳ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ କର୍ମଚାରୀମାନେ ପକ୍ଷୀ ଗଣିବେ। ସେହିପରି ଜଙ୍ଗଲ ନିଆଁ ରୋକିବାକୁ ବର୍ତ୍ତମାନଠୁ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରିବା ପାଇଁ ଡିଏଫଓ ବେହେରା ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏସିଏଫ ବିକ୍ରମ ଦେବ ପଟ୍ଟନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

ସୋରଡା,୪।୧(ଡି.ଏନ.ଏ.)

ସୋରଡାରେ ଆନ୍ତଃ ଜିଲା ଋଷିକୁଲ୍ୟା ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଖୁଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତିକ୍ରମେ ଜିତେନ୍ଦ୍ର କୁମାର ପାଣ୍ଡେଙ୍କୁ ସଭାପତି, ମନୋଜ କୁମାର ପ୍ରଧାନ ଉପସଭାପତି, ତୁନା ସେନାପତି ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପରିଚାଳକ ଭାବେ ସୟଦ ୱାସିମ, ବୁଲୁ ପଣ୍ଡା, କାଳିଆ ସାହୁ, ବାଗଦେବୀ ବେହେରା, ବୀରୁ ପାଣ୍ଡେ ଏବଂ ସରୋଜ ପ୍ରଧାନ ପ୍ରମୁଖ ରହିଛନ୍ତି। ଆସନ୍ତା ଫେବୃଆରି ୯ ତାରିଖରୁ ବୋର୍ଡ ସ୍କୁଲ ଖେଳ ପଡିଆରେ ଏହି ଟୁର୍ନମେଣ୍ଟ ଆରମ୍ଭ ହେବ। ଗଞ୍ଜାମ, କନ୍ଧମାଳ, ଗଜପତି, କୋରାପୁଟ ଜିଲାରୁ ବଛାବଛା ଟିମ ଭାଗ ନେବେ। ଅଞ୍ଚଳର ବରିଷ୍ଠ ଖେଳାଳିମାନଙ୍କୁ ନେଇ ଗଠନ କରାଯାଇଥିବା ଚୟନ କମିଟି ଶ୍ରେଷ୍ଠ ଖେଳାଳି, ଦଳ, ମ୍ୟାନ ଅଫ ଦି ମ୍ୟାଚ ସ୍ଥିର କରିବେ ବୋଲି ସୟଦ ୱାସିମ ସୂଚନା ଦେଇଛନ୍ତି।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି


ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଏବଂ ଛାତ୍ରୀଛାତ୍ର।

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୪।୧

ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ ଲେଣ୍ଡ୍ରିଗାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକୁ ବିରୋଧ କରି ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି।

ଲେଣ୍ଡ୍ରିଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଅନେକ ସମୟରେ ଅଭିଭାବକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ବିଦ୍ୟାଳୟକୁ ଆସିବାକୁ ବାରଣ କରୁଛନ୍ତି। ପରିଚାଳନା କମିଟି ବୈଠକ ନ କରି ଛାତ୍ରୀଛାତ୍ରଙ୍କୁ ଖାତା ଦେଇ ଘର ଘର ବୁଲି ଦସ୍ତଖତ କରାଉଛନ୍ତି। କେହି ଅଭିଯୋଗ କଲେ ଧମକ ଦେଉଛନ୍ତି। ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଖାଦ୍ୟ ପିଲାଙ୍କୁ ଠିକ୍ ଭାବରେ ଦେଉ ନାହାନ୍ତି। ବିଦ୍ୟାଳୟରେ ଯୋଗଦେବା ପରଠାରୁ ଏଭଳି ହରକତ କରି ଆସୁଛନ୍ତି। ଫଳରେ ଅଭିଭାବକମାନେ ବାଧ ହୋଇ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଅଭିଭାବକମାନେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ବଦଳି ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପୁଣିଥରେ ବିଦ୍ୟାଳୟରେ ତାଲା ପକାଇବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରିସୁ କହଁରଙ୍କ ସହ ତାଳେଶ୍ୱର କହଁର, ଇର୍ମେ କହଁର, ସନିଆ ରଣା, ଯୁଧିଷ୍ଠିର କହଁର, ଭୂତି ରଣା, ମହିଳା ସଭ୍ୟ ବୈଜୟନ୍ତୀ କହଁର, ରତ୍ନବତୀ କହଁର, କୁବିନି କହଁର, ସତ୍ୟଭାମା କହଁର ପ୍ରମୁଖ ଚେତାବନୀ ଦେଇଛନ୍ତି। ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ମିଶ୍ର ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଛି।

### ବ୍ରେଲି ଲିପି ଦିବସ ପାଳିତ

ପାରଳାଖେମୁଣ୍ଡି, ୪।୧ (ଡି.ଏନ୍.ଏ)

ଦୃଷ୍ଟିହୀନଙ୍କୁ ଶିକ୍ଷିତ କରିବା ପାଇଁ ଜନ୍ ଲୁଇସ ବ୍ରେଲିଙ୍କ ଅବଦାନ ବ୍ରେଲି ଲିପି ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜାନୁଆରୀ ୪ ତାରିଖକୁ ସାରା ବିଶ୍ୱରେ ଜନ ଲୁଇସ ବ୍ରେଲିଙ୍କ ଜନ୍ମଦିନକୁ ବ୍ରେଲି ଦିବସ ଭାବେ ପାଳିତ ହୋଇଆସୁଛି। ସେହିପରି ଗଜପତି ସଦର ମହକୁମାଠାରେ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଲୁଇସ ବ୍ରେଲିଙ୍କ ୨୧୪ତମ ଜନ୍ମଦିନ ପାଳନ କରାଯାଇଛି। ଜିଲାରେ ୧୬ ହଜାର ଦିବ୍ୟାଙ୍ଗ ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୪୫ରୁ ଉର୍ଦ୍ଧ୍ୱ ଦୃଷ୍ଟିହୀନ ଅଛନ୍ତି। ସମସ୍ତ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ବ୍ରେଲି ଲିପିରେ ପାଠ ପଢ଼ିବାର ସୁଯୋଗ ଦେବାକୁ ଜିଲା ପ୍ରଶାସନ ସବୁ ପ୍ରକାର ସହଯୋଗ କରିବ ବୋଲି ଜିଲାପାଳ ଲିଙ୍ଗରାଜ ପଣ୍ଡା କହିଛନ୍ତି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ଓ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭଞ୍ଜନଗର,୪।୧(ଡି.ଏନ.ଏ.)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ମୁଖ୍ୟଅତିଥି ଏବଂ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, କଲେଜ ପରିଚାଳନା କମିଟି ସଭାପତି ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅଧକ୍ଷ ଜୟରାମ ସେନାପତି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଦୌଡ, ହାଇଜମ୍ପ, ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର, ଲଙ୍ଗଜମ୍ପ ଆଦି ପ୍ରତିଯୋଗିତା ହୋଇଥିଲା। ସିନିୟରରେ ବୀଣାପାଣି ନାୟକ ଏବଂ ଜୁନିୟରରେ ପ୍ରଦୀପିକା କର ଚାମ୍ପିୟନ ହୋଇଛନ୍ତି। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗାରବନ୍ଧ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

ପାରଳାଖେମୁଣ୍ଡି, ୪।୧(ଡି.ଏନ୍.ଏ)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମରେ କୁଢ଼ କୁଢ଼ ଅଳିଆ ପଡ଼ିରହିଛି। ଉକ୍ତ ଗ୍ରାମ ବ୍ୟବସାୟୀକ ପେଣ୍ଠସ୍ଥଳୀ ଭାବେ ପରିଚିତ। ଦୈନନ୍ଦିନ ବିଭିନ୍ନ ଗ୍ରାମାଞ୍ଚଳରୁ ଆରମ୍ଭ କରି ପଡ଼ୋଶୀ ରାୟଗଡ଼ ବ୍ଲକ ଏବଂ ଆନ୍ଧ୍ରପ୍ରଦେଶର ଲୋକେ ଏହି ବଜାର ଉପରେ କିଣାବିକା ପାଇଁ ଭିଡ଼ ଜମାଇଥାନ୍ତି। ହେଲେ ଗ୍ରାମର ମୁଖ୍ୟରାସ୍ତା ସହିତ ସାହି ବସ୍ତି, ଖୋଲା ପଡ଼ିଆ, ବିଦ୍ୟାଳୟ ସମ୍ମୁଖ, ମଠ ମନ୍ଦିର ପାର୍ଶ୍ୱ ଯୁଆଡେ ଚାହିଁଲେ କୁଢ କୁଢ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି। ଅଳିଆ ଆବର୍ଜନାଗୁଡିକୁ ଏକାଠି କରି ନଷ୍ଟ କରିବା ପାଇଁ ଆବର୍ଜନା କୁଣ୍ଡ ରହିଛି। ହେଲେ ଏହି ଆବର୍ଜନା କୁଣ୍ଡ ଖାଲି ରହିଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଅଳିଆ ଗଦା ହୋଇ ପଡ଼ିରହିଛି। ଆବର୍ଜନା କୁଣ୍ଡ ନିକଟରେ ଥିବା ଏକ ପୋଖରୀରେ ମଧ ଅଳିଆ ପକାଯାଉଥିବା ଦେଖିବାକୁ ମିଳିଛି। ଏଠାରେ ସ୍ୱଚ୍ଛ ଭାରତ ମିଶନ କେତେ ସଫଳ ହୋଇଛି ତାହା ସହଜେ ଅନୁମେ। ଦୁର୍ଗନ୍ଧ ତଥା ଅସ୍ୱାସ୍ଥ୍ୟକର ପରିବେଶରେ ଲୋକେ ଯାତାୟତ କରୁଛନ୍ତି। ତେଣୁ ପରିମଳ ଜନିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ଅଳିଆ ଉଠାଇବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ହକି ବିଶ୍ୱକପ୍ ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୪।୧


କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନୀରେ ଯୋଗ ଦେଇଥିବା ଅତିଥି।

ହକି ବିଶ୍ୱକପ୍ ଉପଲକ୍ଷେ ଫିରିଙ୍ଗିଆ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ସ୍ଥାନୀୟ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଗ୍ରୁପ 'ଏ'ରେ ମ୍ୟାଚ କୁଏରମାଣ୍ଡୁ ସହ କ୍ରାଣ୍ଡିବାଲି ମଧ୍ୟରେ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବାଲନ୍ଦାପଡ଼ା ସହ ପଲାବୁଡି ମଧ୍ୟରେ ହୋଇଥିଲା। ଅନୁରୂପ ଭାବରେ ଗ୍ରୁପ୍ 'ବି'ରେ ପବିଙ୍ଗିଆ ସହ ସାଡିଙ୍ଗିଆ ଓ ତଳ ଦଣ୍ଡିକିଆ ସହ ଭୁଙ୍ଗିଯୋଡ଼ି ମଧ୍ୟରେ ଖେଳ ହୋଇଥିଲା। ଏହି ମ୍ୟାଚରେ କ୍ରାଣ୍ଡିବାଲି, ପଲାବୁଡି, ପବିଙ୍ଗିଆ ଓ ଭୁଙ୍ଗିଯୋଡି ମ୍ୟାଚ ଜିତି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଅନ୍ୟଅତିଥିଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ନମିତା କହଁର, ଜିଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ବ୍ଲକ ଉପାଧକ୍ଷ ଅଜିତ୍ ସାହୁ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ବ୍ଲକ ଏପିଓ ସୁମନ୍ତ ଉଠାନ୍ ସିଂ, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନାଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଛତ୍ରପୁର ଷ୍ଟେଶନର ବିକାଶ ନେଇ ଅନୁଧ୍ୟାନ

## ରେଲୱେ ଅଧିକାରୀଙ୍କ ସହ ଆଲୋଚନା

ଛତ୍ରପୁର,୪।୧(ଡି.ଏନ.ଏ.)


ରେଲୱେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଛତ୍ରପୁର ଷ୍ଟେଶନ ଓ କୋର୍ଟ ଷ୍ଟେଶନର ବିକାଶ ପାଇଁ କାର୍ଯ୍ୟ ଚାଲିଛି। ବୁଧବାର ରେଲୱେ ଅଧିକାରୀମାନେ ଏହାର ଅନୁଧ୍ୟାନ ଲାଗି ଆସିଥିଲେ। ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ସେମାନଙ୍କ ସହ କେତେକ ଦାବି ନେଇ ଆଲୋଚନା କରିଛନ୍ତି। ରେଡ୍ଡି ସାହି ଲେଭଲ କ୍ରସିଂ ବନ୍ଦ ପ୍ରସଙ୍ଗ, କୋର୍ଟ ଷ୍ଟେଶନ ଠାରୁ ରେଡ୍ଡି ସାହି ଲେଭଲ କ୍ରସିଂ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ, ଆରୟୁବି ଅଣ୍ଡର ପାସରେ ଆଲୋକୀକରଣ, କୋର୍ଟ ଷ୍ଟେଶନ ଆପ୍ରୋଚ୍ ରୋଡ୍, ମୁଖ୍ୟ ଷ୍ଟେଶନ ଭିତରେ ଓ ବାହାରେ ପାଣି, ପାଇଖାନା ବ୍ୟବସ୍ଥା, ବାଲିବଗଡ ଲେବଲ କ୍ରସିଂ ଠାରେ ଅଣ୍ଡରପାସ, ମୁଖ୍ୟ ଷ୍ଟେଶନ ଠାରେ ପ୍ଲାଟଫର୍ମ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ କରିବା, ହାୱଡା-ଯଶବନ୍ତପୁର ସୁପରଫାଷ୍ଟର ରହଣି, ପାର୍କିଂ ବ୍ୟବସ୍ଥା, ଷ୍ଟେଶନ ଅପରପାର୍ଶ୍ୱକୁ ଓଭରବ୍ରିଜ୍ ସଂପ୍ରସାରଣ ଆଦି ସମ୍ପର୍କରେ ରେଲୱେ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ରେଲୱେ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ଭେଙ୍କଟରାମଣା ମୂର୍ତ୍ତି, ସିନିୟର ସେକ୍ସନ ଇଞ୍ଜିନିୟର ରାଜେଶ କୁମାର ହୋତା, ସିନିୟର ସେକ୍ସନ ଇଞ୍ଜିନିୟର ଦୁର୍ଗାମାଧବ ସାହୁ ପରିଦର୍ଶନରେ ଆସିଥିଲେ। ଛତ୍ରପୁରର ବୁଦ୍ଧିଜୀବୀ ଆର.ସି.ପଟ୍ଟନାୟକ, ଓକିଲ ବି.ଶ୍ରୀନିବାସ, କେ.ଚନ୍ଦ୍ର ଶେଖର ରେଡ୍ଡି, ଉପାଧକ୍ଷ ଜି.ପାପା ରାଓ, କୃଷ୍ଣ ନାୟକ, ଭି.ଭେଙ୍କଟରାଓ ଦୋରା, କେ.ରାମା ରାଓ, ଏସ୍.କାମେଶ୍ୱର ରାଓ, ସିମାଞ୍ଚଳ ରେଡ୍ଡି ପ୍ରମୁଖ ରେଲୱେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ସୁନା ଲୁଟି ଆନ୍ଧ୍ରରେ ବିକିଥାନ୍ତେ ଅଭିଯୁକ୍ତ

- ସୁନା ଦୋକାନୀଙ୍କୁ ଆକ୍ରମଣ, ଲୁଟ୍ ଘଟଣାରେ ୭ ଗିରଫ
- ମାରଣାସ୍ତ୍ର ସହ ବନ୍ଧୁକ, ୩ ବାଇକ୍ ଜବତ

ଆସିକା,୪।୧(ଡି.ଏନ.ଏ.)


ଗିରଫ ଅଭିଯୁକ୍ତମାନେ ଓ ଜବତ ମାରଣାସ୍ତ୍ର।

ଆସିକା ବଜାରସାହିରେ ଥିବା ମହାଲକ୍ଷ୍ମୀ ଜୁଏଲର୍ସର ମାଲିକଙ୍କୁ ଗତ ୧୫ ତାରିଖରେ ମରଣାନ୍ତକ ଆକ୍ରମଣ କରି ଲୁଟ ଘଟଣାରେ ପୋଲିସ ବୁଧବାର ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ରେଡିକା ସାହିର ଗଣେଶ ଦାସ, ସନ୍ନ୍ୟାସୀ ମୁନି, ଲାଲାଗୋର୍ଜିର ଦିଲୀପ କୁମାର ସାହୁ, ତାଲୁକା ରୋଡର ଟିଙ୍କୁ ଜେନା, ଲଛମନପଲ୍ଲୀ ଗ୍ରାମର ବିନୋଦ କୁମାର ନାହାକ ଓ ଭରତ ସାହୁ ଏବଂ କଳିଙ୍ଗା ରୋଡର ରବୀନ୍ଦ୍ର ସ୍ୱାଇଁ। ଅଭିଯୁକ୍ତମାନେ ଉକ୍ତ ଦୋକାନରୁ ୪୦ କେଜି ସୁନା ଅଳଙ୍କାର ଲୁଟି ନେବାକୁ ଆସିଥିଲେ। ତାହାକୁ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ବିକି ମାଲେସିଆ ପଳାଇ ଯିବାକୁ ଯୋଜନା କରିଥିଲେ। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ସୁନା ଚେନ, ଗୋଟିଏ ବ୍ରେସଲେଟ, ୩ଟି ମୁଦି, ଗୋଟିଏ ବନ୍ଧୁକ ଓ ୬ ରାଉଣ୍ଡ ଗୁଳି, ୩ଟି ଆନ୍ଧ୍ର କାତ, ୩ଟି ବାଇକ ଓ ୧୪ଟି ମୋବାଇଲ ଫୋନ ଜବତ କରିଛି। ଜବତ ବାଇକ ମଧ୍ୟରୁ ୨ଟିରେ ନମ୍ବର ନାହିଁ। ବୁଧବାର ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଏସଡିପିଓ ଉମାଶଙ୍କର ସିଙ୍ଗ ଉପସ୍ଥିତିରେ ଗଞ୍ଜାମ ଅତିରିକ୍ତ ଏସପି ପ୍ରଦୀପ କୁମାର ଦଳାଇ ଏହି ସୂଚନା ଦେଇଛନ୍ତି। ଗିରଫ ୫ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଆସିକା, ବ୍ରହ୍ମପୁର, କବିସୂର୍ଯ୍ୟନଗର, କଟକ, ଜଟଣୀ ଆଦି ଥାନାରେ ଲୁଟ ଓ ମାରଣାସ୍ତ୍ର ଦେଖାଇବା ନେଇ ମାମଲା ରହିଛି। ଅଭିଯୁକ୍ତ ଗଣେଶଙ୍କ ବିରୋଧରେ ପୂର୍ବରୁ ୭ଟି ମାମଲା ରହିଥିଲା ବେଳେ ରବୀନ୍ଦ୍ରଙ୍କ ନାମରେ ୬ଟି ଏବଂ ଦିଲୀପ, ବିନୋଦ ଓ ଟିଙ୍କୁଙ୍କ ନାମରେ ଗୋଟିଏ ଲେଖାଏ ମାମଲା ରହିଛି। ଅପରାହ୍ନରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ଡିସେମ୍ବର ୧୫ତାରିଖ ରାତି ପ୍ରାୟ ୮ଟାରେ ସୁନା ଦୋକାନ ବନ୍ଦ କରି ମାଲିକ ପ୍ରଭାକର ପାତ୍ର ଦୋକାନକୁ ଲାଗି ଥିବା ନିଜ ଘରେ ଥିଲେ। ଏହି ସମୟରେ ମୁଖାପିନ୍ଧି ୪ ଜଣ ଅଭିଯୁକ୍ତ ଘର ଭିତକୁ ଧସେଇ ପଶି ପ୍ରଭାକରଙ୍କୁ ଲକର ଚାବି ମାଗିଥିଲେ। ପ୍ରଭାକର ମନା କରିବାରୁ ତାଙ୍କ ମୁଣ୍ଡ ଓ କାନ୍ଧକୁ କାତିରେ ଆକ୍ରମଣ କରିଥିଲେ। ପରେ ସେ ପିନ୍ଧିଥିବା ମୁଦି, ଚେନ, ବ୍ରେସଲେଟ ଲୁଟିଥିଲେ। ପ୍ରଭାକରଙ୍କ ଝିଅ କବିତା ସହାୟତା ଲାଗି ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ କବିତା ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୦୮/୨୨ରେ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ଲାଗି ଏସଡିପିଓ ସିଂଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସାହୁ, ସବଇନ୍ସପେକ୍ଟର ବିଶ୍ୱଜିତ ନାୟକ ଏବଂ କନଷ୍ଟେବଳ ମୁକ୍ତି ପ୍ରଧାନ, ନିର୍ମଳ ତରାଇ, ମନୋଜ କୁମାର ଗୌଡ ଓ ପି.ଏନ. ବିଷୋୟୀ ଅଭିଯୁକ୍ତମାନଙ୍କୁ ଗିରଫ ଲାଗି ଉଦ୍ୟମ କରିଥିଲେ। ଏପରିକି ଥାନା ଅଧିକାରୀ ସାହୁ ମଧ ଏହାକୁ ଚାଲେଞ୍ଜ ଭାବେ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଖୋଲିଲା ମଣ୍ଡି, ବିକ୍ରି ହୋଇପାରୁନି ଧାନ

## ସମିତି କେତେ ଧାନ କ୍ରୟ କରିବ ନିର୍ଦ୍ଦେଶନାମା ମିଳିନାହିଁ

ଡେରାବିଶ, ୪।୧(ସ୍ୱ.ପ୍ର.)

ଚଳିତ ଖରିଫ୍ ଋତୁରେ ଧାନ ଫସଲ ଅମଳ ହେବା ପରେ ଡେରାବିଶ ବ୍ଲକ ଅଧୀନରେ ୧୦ଟି ସେବା ସମବାୟ ସମିତିରେ ସମ୍ପୃକ୍ତ ଅଞ୍ଚଳର ଚାଷୀ ଧାନ ବିକ୍ରୟ ପାଇଁ ଟୋକନ ପାଇଛନ୍ତି। ମାତ୍ର ଡିସେମ୍ବର ୨୮ରୁ ଚାଷୀମାନେ ସେହି ଅଞ୍ଚଳର ସମବାୟ ସମିତିରେ ଧାନ ଦେବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଚାଷୀଙ୍କ ମୋବାଇଲ୍‌କୁ ମେସେଜ୍ ଆସିଛି। ତେବେ ଚଳିତ ସପ୍ତାହରେ ବ୍ଲକ ଅଧୀନ ସମସ୍ତ ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ମାତ୍ର କୌଣସି ସମିତିକୁ ଜିଲା ଖାଦ୍ୟ ଯୋଗାଣ ଅଧିକାରୀଙ୍କ ପକ୍ଷରୁ ସମ୍ପୃକ୍ତ ସମବାୟ ସମିତି କେତେ ଧାନ କ୍ରୟ କରିବେ ସେ ସମ୍ପର୍କିତ କୌଣସି ନିର୍ଦ୍ଦେଶନାମା ପହଞ୍ଚି ନ ଥିବାରୁ ସମିତିର ସମ୍ପାଦକ ଓ ପରିଚାଳନା କମିଟି ଅସହାୟ ହୋଇ ବସିଛନ୍ତି। ଅନ୍ୟପକ୍ଷରେ ଡିସେମ୍ବର ୨୮ରୁ ଟୋକନ୍ ପାଇଥିବା ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିବାକୁ ନିଜ ଅଞ୍ଚଳର ସମବାୟ ସମିତିକୁ ଦୌଡି ଦୌଡି ନିରାଶ ହେଉଛନ୍ତି। ତେବେ ଏ ସମ୍ପର୍କରେ ଜଣେ ସମବାୟ ସମିତି ସମ୍ପାଦକ ନିଜର ନାମ ଗୋପନ ରଖି ମଣ୍ଡି ଖୋଲିବା ପାଇଁ ଆମକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କେତେ ଧାନ କ୍ରୟ କରିବୁ ଟାର୍ଗେଟ୍ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି ବୋଲି କହିଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ସହକାରୀ ଉପନିବନ୍ଧକ ମନମୋହନ ରାଉତଙ୍କୁ ପଚାରିବାରୁ କେଉଁ ସମବାୟ ସମିତି କେତେ ଧାନ କ୍ରୟ କରିବେ ସେ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ନିଷ୍ପତ୍ତି ନେବେ। ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରୁ ବୁଧବାର ସୁଦ୍ଧା ଡେରାବିଶ ବ୍ଲକର ସମସ୍ତ ସମବାୟ ସମିତିକୁ କେତେ ଧାନ ସମିତିଗୁଡିକ କ୍ରୟ କରିବେ ସେ ସମ୍ପର୍କରେ ନିର୍ଦ୍ଦେଶନାମା ଦିଆଯିବ। ଏ ଯାଏ କୌଣସି ମିଲର କେଉଁ ସମିତିର ଧାନ କ୍ରୟ କରିବେ ତାହା ମଧ୍ୟ ସ୍ଥିରୀକୃତ ହୋଇ ନ ଥିବାରୁ ସମିତିର ସମ୍ପାଦକମାନେ ମଣ୍ଡି ଖୋଲି ଦେଇ ଚୁପଚାପ୍ ହୋଇ ବସିଛନ୍ତ। କେତୋଟି ସମବାୟ ସମିତିରେ ୱେବ୍‌ସାଇଟ୍ ଖୋଲୁ ନ ଥିବାରୁ ତାହା ମଧ୍ୟ ଚାଷୀଙ୍କ ପାଇଁ ଏକ ସମସ୍ୟା ପାଲଟିଛି। ଅପରପକ୍ଷରେ ପ୍ରତି ସମବାୟ ସମିତି ପାଇଁ ମନୋନିତ ହେବାକୁ ଥିବା ଧାନକ୍ରୟ କମିଟି ସ୍ଥିରୀକୃତ ହୋଇନାହିଁ। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ପ୍ରତି ସମବାୟ ସମିତି ପାଇଁ ଧାନ କ୍ରୟ କମିଟିର ସଦସ୍ୟମାନଙ୍କ ନାମ ବୁଧବାର ସୁଦ୍ଧା ଚୂଡ଼ାନ୍ତ ହେବ। ଧାନ ମଣ୍ଡି ଖୋଲିଥିଲେ ମଧ୍ୟ ବ୍ଲକ ଅଞ୍ଚଳର ଚାଷୀଙ୍କ ଧାନ ବିକ୍ରୟ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ବ୍ଲକ ଅଧୀନ ୨୬ଟି ପଞ୍ଚାୟତ ପାଇଁ କପିଳେଶ୍ୱର ପ୍ରାଥମିକ ସମବାୟ ସମିତି, ଦାନପୁର ସମବାୟ ସମିତି, ରତାଦିଆ ଖଣ୍ଡସାହି, ପଲେଇ, ଗୋଲରାହାଟ, କାଉପଡ଼ା, କୁଶିଆପାଳ, ନହଙ୍ଗ, ରଘୁଦେଇପୁର ଓ ଏଣ୍ତର ପ୍ରାଥମିକ କୃଷି ସମବାୟ ସମିତି ରହିଛି।

# ଏଏମ୍‌ଏନ୍‌ଏସ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଯନ୍ତ୍ରାଂଶ ସ୍ଥାପନ


ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାଧୁନିକ ଯନ୍ତ୍ରାଂଶ ଲାଗୁଛି।

ପାରାଦୀପ, ୪।୧(ସ୍ୱ.ପ୍ର.)

ସ୍ଥାନୀୟ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ଅତ୍ୟାଧୁନିକ ଯନ୍ତ୍ରାଂଶ ସ୍ଥାପନା କରାଯାଇଛି। ଏଥିରେ ବିଭିନ୍ନ ରୋଗର ଚିହ୍ନଟ ପାଇଁ ସହଜ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଯନ୍ତ୍ରାଂଶ କମ୍ପାନୀ କର୍ମଚାରୀ ଓ ଶ୍ରମିକଙ୍କ ପରିବାର ଲୋକଙ୍କ ସେବାରେ ବ୍ୟବହାର ହେବ। ଏହାକୁ କମ୍ପାନୀ ମୁଖ୍ୟ ସୁରେଶା ଜି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଅଜିତ ଜେନା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରୋତ୍ସାହନ ପାଇଲେ ପ୍ରତିଭା ବିକଶିତ ହେବ


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ରଘୁପତି ଆଇଡିଆଲ ସ୍କୁଲ

ତିର୍ତ୍ତୋଲ, ୪।୧(ଡି.ଏନ.ଏ.)

ପ୍ରୋତ୍ସାହନ ପାଇଲେ ପ୍ରତିଭା ବିକଶିତ ହେବାରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ତିର୍ତ୍ତୋଲ ବ୍ଲକ ନାଉସିରାସ୍ଥିତ ରଘୁପତି ଆଇଡିଆଲ ସ୍କୁଲ ପରିସରରେ ୩ୟ ଓ ୫ମ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ପିଲାଙ୍କୁ ବ୍ଲକ ଶିକ୍ଷାଧିକାରୀ ସମ୍ମାନିତ କରିଥିଲେ। ଆୟୋଜିତ ସଭାରେ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ସ୍ୱାଇଁ ସଭାପତି କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦିକବି ସାରଳା ଦାସ କଲେଜର ଅଧ୍ୟକ୍ଷ କ୍ୟାପଟେନ ପ୍ରଫେସର ଜ୍ଞାନଜ କୁମାର ସାମନ୍ତରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁ, ସମ୍ମାନିତ ଅତିଥି ଭାବେ ଖବରଦାତା ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗଦେଇଥିଲେ୍ୟ ଶିକ୍ଷକ ନୃସିଂହ ଚରଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ କୈଳାସ ଚନ୍ଦ୍ର ମଲ୍ଲିକ, ସ୍ମୃତି ରଞ୍ଜନ ହୋତା, ଶିକ୍ଷୟିତ୍ରୀ ପ୍ରମୋଦିନୀ ବେହେରା, ପ୍ରିୟଙ୍କା କୁମ୍ଭିରା, ଗଙ୍ଗାଧର ସ୍ୱାଇଁ, ଜ୍ୟୋତିରଞ୍ଜନ ସ୍ୱାଇଁ , ସୁଧାକର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ପିଲାଙ୍କୁ ଛୋଟ ବେଳୁ ବିଜ୍ଞାନ ଅଭିମୁଖୀ କରାଅ

ବିରିଡି,୪।୧(ଡି.ଏନ.ଏ.)

ମଣିଷ ବଞ୍ଚିବାର ପ୍ରତି ମୁହୂର୍ତ୍ତରେ ବିଜ୍ଞାନର ଆବଶ୍ୟକତା ଅଛି। ବର୍ତ୍ତମାନ ବିଜ୍ଞାନ ଏପରି ଏକ ଅପରିହାର୍ଯ୍ୟ ଅଙ୍ଗ ତାକୁ ଛାଡି ରହିବା ଅସମ୍ଭବ। ଯେଉଁ ଦେଶର ବିଜ୍ଞାନ ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ। ଏଣୁ ପିଲାମାନଙ୍କୁ ଛୋଟ ବେଳୁ ବିଜ୍ଞାନ ଅଭିମୁଖି କରାଇବା ଦରକାର ବୋଲି ବୁଧବାର ବିରିଡି ବ୍ଲକ ମଇଁଦିପୁର କମଳପୁର ସେଣ୍ଟ ଜାଭିୟର୍ ହାଇସ୍କୁଲର ବିଜ୍ଞାନ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଡା. ଶୁଭ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର , ମୁଖ୍ୟ ବକ୍ତା ଭାବେ ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ସ୍ୱତନ୍ତ୍ର ଅତିଥି ହାଇସ୍କୁଲର ଅଧ୍ୟକ୍ଷ କବିରାଜ ବିଭୂତି ଭୂଷଣ ଦାଶ, ସମ୍ମାନୀୟ ଅତିଥି ଭାବେ ମଇଁଦିପୁର କମଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ରଞ୍ଜନ ଦାଶ, ସେଣ୍ଟ ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ଅବିନାଶ ବେହେରା ଯୋଗଦେଇ ଉପରୋକ୍ତ ବକ୍ତବ୍ୟମାନ ରଖିଥିଲେ। ପ୍ରାରମ୍ଭରେ ଅତିଥିମାନେ ଛାତ୍ରୀଛାତ୍ର ବିଜ୍ଞାନମେଳାକୁଆଣିଥିବା ୫୦ରୁଊର୍ଦ୍ଧ୍ୱବିଭିନ୍ନପ୍ରକଳ୍ପକୁ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ପଲ୍ଲବି ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ପାଇପଲାଇନ୍ ଡିଭିଜନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ପାରାଦୀପ,୪।୧(ସ୍ୱ.ପ୍ର.): ସ୍ଥାନୀୟ ମଧୁବନ ସ୍ମୃତି ଉଦ୍ୟାନ ପାଖରେ ବୁଧବାର ଇଣ୍ଡିଆନ ଅଏଲ ଦକ୍ଷିଣ ପୂର୍ବ ପାଇପଲାଇନ୍ ଡିଭିଜନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ଟାଉନସିପରେ ରହୁଥିବା ବିଭିନ୍ନ ବସ୍ତିବାସିନ୍ଦାଙ୍କୁ ଶୀତ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆହ୍ୱାନ କମ୍ପାଇନ୍ସ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା କରିଥିଲା। ଏଥିରେ କମ୍ପାନୀ ପ୍ରମୁଖ ଅଧିକାରୀ ଆଲୋକ ଶାହା, ବି. ନାୟକ, ସାଗର କୁମାର ବିଶ୍ୱାଳ, ଯାଜ୍ଞସେନୀ କୁଣ୍ଡୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରସୁଲପୁରରେ ୨ ମଣ୍ଡି ଉଦ୍‌ଘାଟିତ

ରସୁଲପୁର,୪।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ଓ ବଡ଼କଇଞ୍ଚି ସମବାୟ ସମିତି ଅଧୀନରେ ଧାନମଣ୍ଡି ଖୋଲିଛି। ଉଭୟମଣ୍ଡିକୁ ଯଥାକ୍ରମେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଥମାଖଣ୍ଡି ସମିତି ଜରିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଅବନିକାନ୍ତ ସାହୁ, ବ୍ଲକ୍ ଉପାଧକ୍ଷା ଜୟନ୍ତୀ ଦାଶ, ପ୍ରଥମାଖଣ୍ଡି ସରପଞ୍ଚ ଦୁର୍ଗା ଦାସ, ସମିତସଭ୍ୟ ପୂର୍ଣ୍ଣାନନ୍ଦ ପଲେଇ, ସମିତି ସଭାପତି ନରେଶ କୁମାର ମହାନ୍ତି, ଚାଷୀ ନାରାୟଣ ପତି, ହେମନ୍ତ ଦାସ, ପ୍ରତାପ କୁମାର ସାହୁ ଯୋଗ ଦେଇଥିଲେ। ସେହିପରି ବଡ଼କଇଞ୍ଚି ସମିତି ଅଧୀନରେ ଆୟୋଜିତ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ବଳ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## OFFICE OF THE NOTIFIED AREA COUNCIL, BANKI

No.09 / Date:03.01.23

### QUOTATION CALL NOTICE

**No.C-2213:**Sealed Quotation is invited from the intending supplier/ Dealers for supplying of 34 nos of Branded Ladies Bicycle of BSA/ AVON/HERO make with standard specifications along with Carrier, Chain Cover and Basket. They should quote the rate for each brand excluding GST. The last date of sale of quotation paper is 12-01-2023 up to 5.00 PM. The last date of receipt of quotation is 13.01.2023 at 5.00PM and the same will open at 11.00 AM on dtd. 16.01.2023 in presence of quotationer or their authorized agent. They should submit the photo copy of the GST Registration certificate, PAN Card, Dealer Certificate along with the quotation. The cost of quotation paper is Rs. 2000.00(Rupees Two Thousand) (non-Refundable) in shape of Cash. The applicant should attach original Municipal money receipt of paper cost along with the quotation. The quotation received after due date and time shall not be entertained. The Details of items, terms and condition of the quotation will be available in the office of the undersigned during office on all working days w.e.f from date of publication of this quotation. The undersigned reserves the right to accept or reject any or all the Quotations without assigning reason thereof.

OIPR-13153/11/0005/2223 **Sd./- Executive Officer, NAC, Banki**

## OFFICE OF THE DEAN & PRINCIPAL, M.K.C.G. MEDICAL COLLEGE, BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.76/MCB-2023/Welfare/Dated, Berhampur the 03rd January, 2023**

### CORRIGENDUM

No. E-793:- As per tender call Notice No 12488 Dt. 09-12-2022 the last date for submission of tender towards Up-Gradation of Medical Equipment of MKCG Medical College Campus, Berhampur was on 31.12.2022. Since no firms have submitted the tender with in due period, hence the last date for submission of tender is extended up to Dt. 16.01.2023 by 05.00 PM and will be opened on the same date (i.e. Dt. 16-01-2023 at 05.00 PM ). The other terms & conditions in the tender remains unaltered.

**Sd./- Dean & Principal,**
OIPR-10013/11/0031/2223 **MKCG Medical College, Berhampur**

## ANGUL KENDU LEAVES DIVISION, ANGUL

### TENDER NOTICE

**TENDER NOTICE No. 04 of 2022-23**
Dated 3rd January, 2023

No. MM-391:- The interested farms/Agencies/ Contractors are invited to express their willingness for "CONSTRUCTION OF MINI CENTRAL GODOWN INSIDE DHENKANAL (KENDU LEAVES) RANGE OFFICE CAMPUS FOR THE YEAR 2022-23". The application Form of the said work along with the detailed terms and conditions shall be made available in the office of the undesigned from **05.01.2023** in the office hours of all working days.

| Sl. No. | Item of Service | Last date of submission of Tender | Date of opening of Tender |
|---|---|---|---|
| 1 | Mini Central Godown for storage of Kendu Leaves with brick masonry wall and blue scoop sheets. | 4.00 PM of 10.01.2023 | 04.30 PM of 10.01.2023 |

**Sd./- Divisional Forest Officer**
OIPR-08152/11/0008/2223 **Angul (KL) Division, Angul**

## Government of Odisha
## Panchayati Raj & D.W. Department
## Office of the Panchayat Samiti, Bhadrak

**No.27/DWSM** **Date:03.01.23**

### SHORT TENDER CALL NOTICE

**No.i-310:**Sealed tender in conformity with the terms, conditions in tender documents are invited by Block Development Officer, Bhadrak from the intending supplier/firm for supply of Tri-cycle for Garbage collection, so as to reach the Office of the Panchayat Samiti, Bhadrak on or before 10.01.2023 by 5.30 PM and the tender paper will be opened on dated 11.01.2023 at 11.00 AM in presence of the bidder or their representatives.

1. **Date of availability of Bid : 04.01.2023**
2. **Last date/Time of submission of Bid : 10.01.2023 at 5.30 PM**
3. **Date of opening of Bid documents : 11.01.2023 at 11.00 AM**
4. **Place of opening bid and address for Communication : Office of the Panchayat Samiti, Bhadrak Bhadrak, Odisha.56100 Mob-8895508510**

The detail tender notice can be download from www.bhadrak.nic.in bid documents to be available at the Office of the Panchayat Samiti, Bhadrak till 10.01.2023 at 5.30 PM. The bid documents are receive only Speed post and Registry post. Bid paper received through drop box and courier service are liable to be rejected. The BDO, Bhadrak will not responsible for postal delay if any, in the delivery of document or non receipt of the same. Authority reserve the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ modifications will appear in www.bhadrak.nic.in.

**Sd./-**
**Block Development Officer**
OIPR-19211/11/0010/2223 **Bhadrak**

## Directorate of Handicrafts, Odisha
### 1st Floor, HoD Building
### Unit-V, Bhubaneswar -1

### Tender Call Notice

**No.05** **Date:03.01.2023**

**No.PP-50:**In continuation to the advertisement published on 15.12.2022 in 04 (Four) leading Odia dailies & 01 (One) leading English daily, "Tender Call Notice" is invited from registered Event Management Firms / Decorators having valid GST Registration Certificate for Designing & Erection of Stalls with other allied activities.
The proposals may be submitted to the Director of Handicrafts as per the above address through courier / speed post / registered post only latest by 3.00 PM on 10-01-2023. The offers will be opened in presence of the bidders or their authorized representatives on 11-01-2023 at 3.00 PM. Details of the Tender is available in our website https://crafts.odisha.gov.in. Those who have applied in response to advertisement published on 15.12.2022 need not require to apply again.

**Sd/-Director of Handicrafts, Odisha**
**OIPR-31034/11/0027/2223**

## ODISHA JOINT ENTRANCE EXAMINATION-2022 (OJEE - 2022)

### NOTICE REGARDING CHOICE FILLING AND COMPLETE SCHEDULE OF OJEE COUNSELLING FOR B.PHARM AND M.PHARM COURSES

**No. OJEE/001** **DATE: 03.01.2023**

No. h- :- This is for the information of all the candidates who have qualified in OJEE-2022/NEET-2022/JEE(MAIN)-2022 examinations and are interested to take admission into B.PHARM courses offered by various accredited institutes in Odisha for the session 2022-23, that the process of choice filling and locking is scheduled to start from **04th January 2023, 5.00 PM**. Same schedule is also applicable for candidates who have qualified in PGAT/ OJEE-2022 (not 2nd OJEE) examinations and are interested to apply for admission in M. PHARM Course.

Candidates are advised to visit OJEE website (**www.ojee.nic.in**) and carefully read the "Counselling Brochure – 2022" and also see the complete "Counselling Schedule".

OIPR-14020/11/0028/2223 **Sd./- CHAIRMAN, OJEE, Odisha**

GOVERNMENT OF ODISHA, DEPARTMENT OF WATER RESOURCES

## Office of the Chief Engineer & Basin Manager, Tel Basin, Bhawanipatna-766001

E-mail ID:cetelbasinbhp@gmail.com/Phone No.06670-230209

### NOTICE INVITING TENDER
### e-Procurement Notice No.CE&BM, TEL-16/2022-23
### PERCENTAGE RATE e-TENDER

**No.A-965:1. The Chief Engineer & Basin Manager, Tel Basin, Bhawanipatna, Dist-Kalahandi,Pin-766001, (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.**
**Table-1: Details of critical dates, Details of Works, bid Security.**

| Sl. No. | Bid ID No. | Name of Work | Approx. value of work (Rs. in Lakhs) (Excluding GST) | Period of Completion | Clas of Contractor | Bid Security/ EMD (in Rs.) | Cost of BID Document (in Rs.) (ONLINE) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-(BID)- 09/ 2022-23 | Construction of F.P.E. on Mayabati right from Meherpali to Mayaberha RD 00m to 12500 m. | Rs.11,21,50,361/- (Excluding GST) | 15 (Fifteen) Calendar Months | 'A' & Special Class only | Declaration is to be furnished in the prescribed form. | 10000/- |

**(One No. of Work only)**

| | |
|---|---|
| Tender documents available on website | Can be downloaded from Website (http://www.tendersodisha.gov.in. |
| Bid documents available Date and Time | 06.01.2023 at 11.00 Hrs. |
| Bid clarification start date & closing date | 06.01.2023 to 21.01.2023 during office hours |
| Online Bid submission closing date and time | 25.01.2023 at 17.00 Hrs. |
| Date, Time and Venue of opening of bid online | 27.01.2023 at 11.00 Hrs. office of the Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date/Time of Opening of Financial Bid | To be intimated after evaluation of Technical Bid |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum/corrigendum/ cancellation to the above notice will be published in the Govt. website www.tendersodisha.gov.in. only.

**OIPR-32317/11/0019/2223** **Sd./- Chief Engineer & Basin Manager, Tel Basin, Bhawanipatna**

## OFFICE OF THE NABARANGPUR MUNICIPALITY
## NABARANGPUR (ODISHA), PIN - 764059

**E-mail: muncipalityngpr@gmail.com, Tel./FAx No.: 06858-222031**

**Letter No. 17** **Date: 02.01.2023**

### Corrigendum Tender Notice No. EONM-05/2022-23

No. C-2216: The DTCN published vide T.C. No. EONM-05/2022-23 has been modified, please ignore the previous DTCN work details table. The following modification i.e. **"Class of Contractor"** & **"Period of Completion"** column has been charged.
All other terms and condition of the above DTCN will remain unchanged.

| Sl. No. | Name of the Work | Amount put to Tender (in Rs.) | EMD (in Rs.) | Cost of Tender Document (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | Construction of Slaughter House at Old Daily Market of Nabarangpur Municipality | 1695635/- | No EMD Required only Bid Declaration from may be submitted | 6000/- | C & D | 120 Days |
| 2 | Construction of BT Road from Bus Stand Road to Pathansahi via Kanak Parameswari Temple | 1695180/- | | 6000/- | C & D | 60 Days |
| 3 | Construction of Paver Block Road From S.Parvathi Reddy house to M.Million house in Ward No. 04. | 76353/- | | 400/- | C & D | 30 Days |
| 4 | Construction of RCC Drain at Gauda Sahi to Sunari Sahi in Ward No. - 11 | 325594/- | | 2000/- | C & D | 60 Days |
| 5 | Construction of Paver Block Road at T.Lalai Gali in Ward No. 08 | 285477/- | | 2000/- | C & D | 60 Days |
| 6 | Construction of Dasahrapada Crematorium Building in Ward No. 08 | 584599/- | | 4000/- | C & D | 90 Days |
| 7 | Construction of BT Road with CC Drain from Gandhi Chack to Babunu Patro Complex (Front of K. Parushuram Rao Res.) at Ichabatiguda & Bhatisalguda link Road Ward No. 16 | 4123992/- | | 6000/- | "B" | 60 Days |
| 8 | Construction of BT Road and Drain at Dandashi Sahi Slum in Ward No. 08 | 1921393/- | | 6000/- | C & D | 60 Days |
| 9 | Construction of BT Road with CC Drain from with Culvert from NH (ICICI Bank) to A. Srinivash Rao res at Ayapa lane-01 | 2843586/- | | 6000/- | C & B | 60 Days |
| 10 | Const. of Mother Drain from Woman College Culvert towards Culvert on Back side of RMC weekly market Ward No. 12. | 4133935/- | | 6000/- | "B" | 60 Days |
| 11 | Const. of CC (Paver) Road, Drain and Culvert from Chiti Mill Old Culvert towards Suresh Mohanty Res. on Side of Jagadish Acharya Res. at Gandhinagar | 2507076/- | | 6000/- | C & B | 60 Days |

**OIPR-13065/11/0010/2223** **Sd./- Executive Officer, Nabarangpur Municipality**

# ଭଣ୍ଡାର ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଶରଣକୁଳ,୪।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ଯାତ୍ରା ପଡ଼ିଆରେ ଚାଲିଥିବା ଭଣ୍ଡାର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ରଣପୁର ବିଧାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥିରୂପେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଶରଣକୁଳ ଥାନା ଅଧିକାରୀ ଜୟଦୀପ ମହାନ୍ତି, ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି, ରଜତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ପ୍ରଥମେ ଲଡୁବାବାଙ୍କ ଫଟୋଚିତ୍ର ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଭାଷଣ ପ୍ରସଙ୍ଗରେ କହିଲେ, ବିଶ୍ୱକୁ ଲକ୍ଷ୍ୟ କରି ଶରଣକୁଳରେ ଲୋକମାନେ ସୁସ୍ଥ ସମାଜ, ସଭ୍ୟତା ଗଠନ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଛି । ଏଥିସହିତ ମହୋତ୍ସବ ଭାବବିନିମୟ କରିବାର ମାଧ୍ୟମ, ଏହା ଆମ ସଂସ୍କୃତି ଓ ସାହିତ୍ୟକୁ ଆଗକୁ ଯିବାକୁ ମାର୍ଗ ଦେଖାଏ ବୋଲି ଅତିଥିମାନେ କହିଥିଲେ । ମହୋତ୍ସବ କମିଟିର ଉପ ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗବତ ସେଠୀ ଏହି ଉତ୍ସବରେ ସଂଯୋଜନା କରିଥିଲେ। ନୀଳମାଧବ ମିଶ୍ର, ଭାବଗ୍ରାହୀ ମହାପାତ୍ର ଓ ସୌମ୍ୟରୂପା ଦାଶ ଉଦ୍‌ଘୋଷକ ଭାବେ ମଞ୍ଚ ପରିଚାଳନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶରଣକୁଳର ଦୁଇ ଖବରଦାତା ଦିଲ୍ଲୀପ କୁମାର ମିଶ୍ର ଏବଂ ସତ୍ୟନାରାୟଣ ମିଶ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଏହି ଉତ୍ସବରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀରୁ ଆସିଥିବା ଅଗ୍ନୀ ନୃତ୍ୟ ଦଳର ନୃତ୍ୟ ଦର୍ଶକମାନଙ୍କୁ ବହୁ ସମୟ ପର୍ଯ୍ୟନ୍ତ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ମହୋତ୍ସବ କମିଟିର ସମ୍ପାଦକ ରବିନ୍ଦ୍ର କୁମାର ମହାପାତ୍ର, ସହ ସମ୍ପାଦକ ବଳଭଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ଚୌଧୁରୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶ୍ରୀନୀଳମାଧବଙ୍କ ଦେବାଭିଷେକ ପାଇଁ ନୀତି ନିର୍ଘଣ୍ଟ

**ଖଣ୍ଡପଡ଼ା,୪।୧(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ଦେବାଭିଷେକ ତଥା ସୁନାବେଶ ଆସନ୍ତା ୬ ତାରିଖ ଶୁକ୍ରବାର ପୌଷପୂର୍ଣ୍ଣମୀ ତିଥିରେ ପାରମ୍ପରିକ ରୀତିରେ ପାଳିତ ହେବ। ଏଥିପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭୋଗମଣ୍ଡପଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ହାଁସଦାଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି । ଏହି ବୈଠକରେ ମନ୍ଦିର ସେବାୟତ, ପୂଜକ, ପାଳିଆ ଓ ପରୀକ୍ଷାମାନଙ୍କ ଉପସ୍ଥିତରେ ଠାକୁରଙ୍କ ନୀତି କିପରି ଶୃଙ୍ଖଳିତ ହେବା ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ଦିନର ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି । ଏହି କ୍ରମରେ ୫ତାରିଖ ଗୁରୁବାର ସନ୍ଧ୍ୟା ସାଢେ ୬ଟାରେ ଅଧିବାସ ନୀତି ଆରମ୍ଭ ହେବ । ଠାକୁରଙ୍କୁ ୬ଟା ସମୟରେ ସ୍ନାନ କରାଯାଇ ୬ଟା୩୦ରେ ସନ୍ଧ୍ୟା ଆଳତୀ, ୬ଟା ୪୫ରେ ଧୂପ ଓ ରାତ୍ର ୯ଟାରେ ବଡସିଂହାର ହୋଇ ଠାକୁରଙ୍କ ଅଧିବାସ କାର୍ଯ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ କରାଯିବ । ୬ ତାରିଖ ଶୁକ୍ରବାର ପୌଷ ପୂର୍ଣ୍ଣମୀ ତିଥିରେ ଭୋର ୫ଟାରେ ପହୁଡ଼ ଖୋଲା ଯାଇ ସକାଳ ୫.୧୫ ମଙ୍ଗଳଆଳତୀ, ସ୍ନାନ ଅବକାଶ ଓ ରୋଷ ହୋମ ସମ୍ପନ୍ନ କରାଯିବ । ୬ଟାରେ ସୂର୍ଯ୍ୟପୂଜା, ୬.୧୫ରେ ଦ୍ୱାରପାଳ ପୂଜା, ୭ଟାରେ ସକାଳ ଧୂପ, ସାଢ଼େ ୭ଟାରେ ଭୋଗ ମଣ୍ଡପ, ୮ଟାରେ ହୋମକ, ମହାସ୍ନାନ ପରେ ବେଶ ଆରମ୍ଭ ପୂର୍ବାହ୍ନ ସାଢେ ୯ଟା, ପରେ ଠାକୁରଙ୍କ ଶୋଭାଯାତ୍ରା ଓ ମା'ମହାଲକ୍ଷ୍ମୀ ବିଜେ ୧୧ଟା, ଦ୍ୱିପ୍ରହର ଧୂପ ସାଢେ ୧୧ଟା, ମା' ଲକ୍ଷ୍ମୀଙ୍କ ଉପସ୍ଥିତରେ ଶ୍ରୀଜୀଉଙ୍କ ସୁନା ବେଶ ସମ୍ପନ୍ନ ହୋଇ ୧୨ଟାରେ ସାହାଣ ମେଳାରେ ଶ୍ରୀଜୀଉ ସୁନାବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେବେ । ରାତି ୯ଟା ପର୍ଯ୍ୟନ୍ତ ସାହାଣ ମେଳା ଦର୍ଶନ ରହିବ । ସନ୍ଧ୍ୟା ଆଳତୀ ସାଢେ ୬ଟା, ଧୂପ ସାଢେ ୭ଟା, ସୁନାବେଶ ଉଲାଗି ସାଢେ ୮ଟା ଏବଂ ବଡସିଂହାର, ଡ଼ମ୍ବରୁ ବିଜେ ରାତ୍ର ୯ଟାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କ ସୂତ୍ରରୁ ପ୍ରକାଶ ।

## ଶରଣକୁଳରେ ଧାନମଣ୍ଡି ଉଦ୍‌ଘାଟିତ

**ଶରଣକୁଳ,୪।୧(ଡି.ଏନ.ଏ.):** ବହୁ ବାଦବିବାଦ ପରେ ବୁଧବାର ନୟାଗଡ଼ ଜିଲା ଶରଣକୁଳ କାଳିଆ ତୋଟାଠାରେ ଶରଣକୁଳ ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଶରଣକୁଳ ସେବା ସମବାୟ ସମିତିର ସଭାପତି ବିଷ୍ଣୁପ୍ରିୟା ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ମହାପାତ୍ର, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ତ୍ରିପାଠୀ, ମଦନ ନନ୍ଦ, ରବୀନ୍ଦ୍ର କୁମାର ଚୌଧୁରୀ, ମୃତ୍ୟୁଞ୍ଜୟ କର, ପ୍ରମୋଦ କୁମାର ପ୍ରଧାନ, ଧର୍ମାନନ୍ଦ ସାହୁ, ଅନନ୍ତ ବଡପଣ୍ଡା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ଏହାପରେ ଚାଷୀ ଏବଂ ମିଲରଙ୍କ ମଧ୍ୟରେ ଏକ ଆଲୋଚନ ହୋଇ ନିଷ୍ପତ୍ତି ହେଲା ଯେ ରାଜ୍ୟ ସରକାରଙ୍କ ଧାନକ୍ରୟ ପାଇଁ ଯାହା ନିର୍ଦ୍ଦେଶ ରହିଛି ସେହି ଅନୁସାରେ ମିଲର ଧାନ କ୍ରୟ କରିବେ । ଏହି ପ୍ରସ୍ତାବ ଅନୁଯାୟୀ ଉପସ୍ଥିତ ଚାଷୀମାନେ ସହମତି ପ୍ରକାଶ କରିଥିଲେ ।

## ଶିଖରପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଖଣ୍ଡପଡ଼ା,୪।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ସେବା ସମବାୟ ସମିତିରେ ବୁଧବାର ବ୍ଲକର ପ୍ରଥମ ଧାନମଣ୍ଡି ସ୍ଥାନୀୟ ନିର୍ଦ୍ଦେଶକ ନୀଳାଞ୍ଚଳ ପରିଡ଼ାଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ରବି ନାରାୟଣ ବସନ୍ତରାୟ, ବସନ୍ତ ଖୁଣ୍ଟିଆ,ବିକ୍ରମ ନାୟକ, ବ୍ରଜବନ୍ଧୁ ପ୍ରଧାନ, ପ୍ରଶନ୍ନ ଖୁଣ୍ଟିଆ ଓ ଶାଳଝରିଆ ସେବା ସମବାୟ ସମିତି ସମ୍ପାଦକ ଚକ୍ରଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ରାଣୀପଡା ଓ ଶାଳଝରିଆ ପଞ୍ଚାୟତର ୩୯୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ସମବାୟ ସମିତି ପକ୍ଷରୁ ସୂଚନା ମିଳିଛି । ନୟାଗଡ଼ ଜିଲାର ଶରଣକୁଳ ଜୟ ବଜରଙ୍ଗ ରାଇସ ମିଲ ଓ ସୁକଳଗାଡିଆର ମା'କାଉଁରୀ ଫୁଡପ୍ରୋସେସିଂ ୟୁନିଟ୍ ଏହି ଧାନ ମଣ୍ଡିରୁ ଧାନକ୍ରୟ କରିବା ପାଇଁ ବ୍ୟବସ୍ଥା ଥିବାରୁ ଉଭୟ କର୍ତ୍ତୃପକ୍ଷ ମଣ୍ଡିରେ ଉପସ୍ଥିତ ରହିଥିଲେ । ଆଜି ପ୍ରଥମଦିନ କୌଣସି ଚାଷୀ ମଣ୍ଡିକୁ ଧାନ ଆଣି ନ ଥିବା ସୂଚନା ମିଳିଛି ।

## ଜିଲାସ୍ତରୀୟ କୃଷିମେଳା

**ଦଶପଲ୍ଲା,୪।୧(ଡି.ଏନ.ଏ.):** ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ମହୁଲିଆ କୃଷି କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ କୃଷି ମେଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅନୁପମା ବେହେରା, ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ଜାନୀ ଏବଂ ଜିଲା କୃଷି ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ୍ ଓ ନୂଆଗାଁ ବ୍ଲକ୍‌ର କୃଷକମାନେ ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଭାଗର କର୍ମଚାରୀମାନେ ଯୋଗଦେଇ ଥିଲେ ।

## କଳାକାର ସହାୟତା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ

**ନୂଆଗାଁ,୪।୧(ଡି.ଏନ.ଏ.):** କଳାକାରମାନଙ୍କୁ ସରକାରଙ୍କ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ୨୦୨୧ରେ ସାମିଲ କରିବା ପାଇଁ ବୁଧବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ଗୃହରେ ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯୋଜନାରେ ସାମିଲ ହେବା ପାଇଁ ନୂଆଗାଁ ବ୍ଲକ ୨୨ ପଞ୍ଚାୟତର ୫୩୭ ଜଣ କଳାକାର ଆବେଦନ କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ବଡ଼ଗୋଠ ପଞ୍ଚାୟତରୁ ୪୫, ହରିପୁର ୨, ଚାହାଳି ୧୪, ଖଣ୍ଡୁଗାଁ ୩୨, ଉଦୟପୁର ୧୭, ମାଳିସାହି ୨୧, ବେରୁହାଁବାରି ୨୯, ପାରାଢିପି ୨୮, ମହିପୁର ୩୭, ସିକ୍ରିଡା ୨୨, ଜାକେଡା ୧୫, ନୂଆଗାଁ ୧୮, ମାଇଛେଳି ୧୫. ସିଙ୍ଗାରପଲି ୪୭, ସୋରଡା ୩୦, ଦୁର୍ଦ୍ଧୁରା ୪୪ ବାହାଡାଖୋଲା ୧୦, ଢେଙ୍କେଣା ୪୯, ଗାତେରି ୭ ଓ କୋରଡା ପଞ୍ଚାୟତରୁ ୨୪ ଜଣ ଅଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ନୂଆଗାଁ ବ୍ଲକ ତରଫରୁ କଡାକଡି ଭାବେ ବ୍ୟବସ୍ଥା କରାଯାଇଛି। ଏହି ପ୍ରକ୍ରିୟା ବୁଧବାର, ଗୁରବାର, ଶୁକ୍ରବାର ଓ ଶନିବାର ୪ ଦିନ ଧରି ଅନୁଷ୍ଠିତ ହେବ। ଏହି ଚୟନ ପ୍ରକ୍ରିୟାରେ ପ୍ରଥମେ ଆବେଦନକାରୀଙ୍କ ଆବେଦନ ପତ୍ର ଯାଞ୍ଚ କରାଯାଇଥିଲା। ପରେ କଳାକାରମାନେ ବିଚାରପତିମାନଙ୍କ ସମ୍ମୁଖରେ ନିଜର କଳା ପ୍ରଦର୍ଶନ କରିଥିଲେ। ନୂଆଗାଁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଚୟନ ପ୍ରକ୍ରିୟାରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆଗାଁ ବିଡିଓ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ପ୍ରମୋଦ କୁମାର ନାୟକ, ନୂଆଗାଁ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ଗୋଲକ ବିହାରୀ ଗୋଛାୟତ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ସଙ୍ଗୀତଜ୍ଞ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବାଦ୍ୟ ବିଶାରଦ ନିରଞ୍ଜନ ନାୟକ, ପାଲା ବିଶେଷଜ୍ଞ ଯୋଗୀନାଥ ପତି ଉପସ୍ଥିତ ଥିଲେ।

## ଜଳିଗଲା ୨ ବଖରା

**ନୂଆଗାଁ,୪।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ପାରାଢିପି ପଞ୍ଚାୟତ ରାମପଲି ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳି ଯାଇଛି । ଅପରାହ୍ନରେ ରାମପଲି ଗ୍ରାମର ମାଟିଆ ବେହେରାଙ୍କ ଘରେ ନିଆଁ ଲାଗି ଯାଇଥିଲା । ଖବର ପାଇ ନୂଆଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ୨ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଅଗ୍ନି ବିପନ୍ନଙ୍କ ନିକଟରେ ପହଞ୍ଚି ବସ୍ତ୍ର ସହ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି । ଅଧ୍ୟକ୍ଷାଙ୍କ ସହ ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା, କବିରାଜ ବେହେରା, ପାରାଢିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ପହଞ୍ଚି ସମବେଦନା ଜଣାଇଛନ୍ତି।


# ODISHA JOINT ENTRANCE EXAMINATION-2022 (OJEE - 2022)

## NOTICE REGARDING CHOICE FILLING AND COMPLETE SCHEDULE OF OJEE COUNSELLING FOR B.PHARM AND M.PHARM COURSES

**No. OJEE/001** **DATE: 03.01.2023**

No. h- :- This is for the information of all the candidates who have qualified in OJEE-2022/NEET-2022/JEE(MAIN)-2022 examinations and are interested to take admission into B.PHARM courses offered by various accredited institutes in Odisha for the session 2022-23, that the process of choice filling and locking is scheduled to start from **04th January 2023, 5.00 PM**. Same schedule is also applicable for candidates who have qualified in PGAT/ OJEE-2022 (not 2nd OJEE) examinations and are interested to apply for admission in M. PHARM Course.

Candidates are advised to visit OJEE website (**www.ojee.nic.in**) and carefully read the "Counselling Brochure – 2022" and also see the complete "Counselling Schedule".

OIPR-14020/11/0028/2223 **Sd./- CHAIRMAN, OJEE, Odisha**

GOVERNMENT OF ODISHA, DEPARTMENT OF WATER RESOURCES

## Office of the Chief Engineer & Basin Manager, Tel Basin, Bhawanipatna-766001

E-mail ID:cetelbasinbhp@gmail.com/Phone No.06670-230209

**NOTICE INVITING TENDER**
**e-Procurement Notice No.CE&BM, TEL-16/2022-23**
**PERCENTAGE RATE e-TENDER**

**No.A-965:1. The Chief Engineer & Basin Manager, Tel Basin, Bhawanipatna, Dist-Kalahandi,Pin-766001, (Odisha) on behalf of Governor of Odisha invites "PERCENTAGE RATE Bids" IN DOUBLE COVER SYSTEM, in electronic tendering system for the construction works detailed in the table below.**

**Table-1: Details of critical dates, Details of Works, bid Security.**

| Sl. No. | Bid ID No. | Name of Work | Approx. value of work (Rs. in Lakhs) (Excluding GST) | Period of Completion | Clas of Contractor | Bid Security/ EMD (in Rs.) | Cost of BID Document (in Rs.) (ONLINE) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-(BID)- 09/ 2022-23 | Construction of F.P.E. on Mayabati right from Meherpali to Mayaberha RD 00m to 12500 m. | Rs.11,21,50,361/- (Excluding GST) | 15 (Fifteen) Calendar Months | 'A' & Special Class only | Declaration is to be furnished in the prescribed form. | 10000/- |

**(One No. of Work only)**

| | |
|---|---|
| Tender documents available on website | Can be downloaded from Website (http://www.tendersodisha.gov.in. |
| Bid documents available Date and Time | 06.01.2023 at 11.00 Hrs. |
| Bid clarification start date & closing date | 06.01.2023 to 21.01.2023 during office hours |
| Online Bid submission closing date and time | 25.01.2023 at 17.00 Hrs. |
| Date, Time and Venue of opening of bid online | 27.01.2023 at 11.00 Hrs. office of the Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) |
| Date/Time of Opening of Financial Bid | To be intimated after evaluation of Technical Bid |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum/corrigendum/ cancellation to the above notice will be published in the Govt. website www.tendersodisha.gov.in. only.

OIPR-32317/11/0019/2223 **Sd./- Chief Engineer & Basin Manager, Tel Basin, Bhawanipatna**

# OFFICE OF THE NOTIFIED AREA COUNCIL, BANKI

No.09 / Date:03.01.23

## QUOTATION CALL NOTICE

**No.C-2213:**Sealed Quotation is invited from the intending supplier/ Dealers for supplying of 34 nos of Branded Ladies Bicycle of BSA/ AVON/HERO make with standard specifications along with Carrier, Chain Cover and Basket. They should quote the rate for each brand excluding GST. The last date of sale of quotation paper is 12-01-2023 up to 5.00 PM. The last date of receipt of quotation is 13.01.2023 at 5.00PM and the same will open at 11.00 AM on dtd. 16.01.2023 in presence of quotationer or their authorized agent. They should submit the photo copy of the GST Registration certificate, PAN Card, Dealer Certificate along with the quotation. The cost of quotation paper is Rs. 2000.00(Rupees Two Thousand) (non-Refundable) in shape of Cash. The applicant should attach original Municipal money receipt of paper cost along with the quotation. The quotation received after due date and time shall not be entertained. The Details of items, terms and condition of the quotation will be available in the office of the undersigned during office on all working days w.e.f from date of publication of this quotation. The undersigned reserves the right to accept or reject any or all the Quotations without assigning reason thereof.

OIPR-13153/11/0005/2223 **Sd./- Executive Officer, NAC, Banki**

# OFFICE OF THE DEAN & PRINCIPAL, M.K.C.G. MEDICAL COLLEGE, BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.76/MCB-2023/Welfare/Dated, Berhampur the 03rd January, 2023**

## CORRIGENDUM

No. E-793:- As per tender call Notice No 12488 Dt. 09-12-2022 the last date for submission of tender towards Up-Gradation of Medical Equipment of MKCG Medical College Campus, Berhampur was on 31.12.2022. Since no firms have submitted the tender with in due period, hence the last date for submission of tender is extended up to Dt. 16.01.2023 by 05.00 PM and will be opened on the same date (i.e. Dt. 16-01-2023 at 05.00 PM ). The other terms & conditions in the tender remains unaltered.

**Sd./- Dean & Principal,**
**MKCG Medical College, Berhampur**

OIPR-10013/11/0031/2223

# ANGUL KENDU LEAVES DIVISION, ANGUL

## TENDER NOTICE

**TENDER NOTICE No. 04 of 2022-23**
Dated 3rd January, 2023

No. MM-391:- The interested farms/Agencies/ Contractors are invited to express their willingness for "CONSTRUCTION OF MINI CENTRAL GODOWN INSIDE DHENKANAL (KENDU LEAVES) RANGE OFFICE CAMPUS FOR THE YEAR 2022-23". The application Form of the said work along with the detailed terms and conditions shall be made available in the office of the undesigned from **05.01.2023** in the office hours of all working days.

| Sl. No. | Item of Service | Last date of submission of Tender | Date of opening of Tender |
|---|---|---|---|
| 1 | Mini Central Godown for storage of Kendu Leaves with brick masonry wall and blue scoop sheets. | 4.00 PM of 10.01.2023 | 04.30 PM of 10.01.2023 |

**Sd./- Divisional Forest Officer**
**Angul (KL) Division, Angul**

OIPR-08152/11/0008/2223

# Government of Odisha
## Panchayati Raj & D.W. Department
## Office of the Panchayat Samiti, Bhadrak

No.27/DWSM Date:03.01.23

## SHORT TENDER CALL NOTICE

**No.i-310:**Sealed tender in conformity with the terms, conditions in tender documents are invited by Block Development Officer, Bhadrak from the intending supplier/firm for supply of Tri-cycle for Garbage collection, so as to reach the Office of the Panchayat Samiti, Bhadrak on or before 10.01.2023 by 5.30 PM and the tender paper will be opened on dated 11.01.2023 at 11.00 AM in presence of the bidder or their representatives.

1. **Date of availability of Bid : 04.01.2023**
2. **Last date/Time of submission of Bid : 10.01.2023 at 5.30 PM**
3. **Date of opening of Bid documents : 11.01.2023 at 11.00 AM**
4. **Place of opening bid and address for Communication : Office of the Panchayat Samiti, Bhadrak Bhadrak, Odisha.56100 Mob-8895508510**

The detail tender notice can be download from www.bhadrak.nic.in bid documents to be available at the Office of the Panchayat Samiti, Bhadrak till 10.01.2023 at 5.30 PM. The bid documents are receive only Speed post and Registry post. Bid paper received through drop box and courier service are liable to be rejected. The BDO, Bhadrak will not responsible for postal delay if any, in the delivery of document or non receipt of the same. Authority reserve the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ modifications will appear in www.bhadrak.nic.in.

**Sd./-**
**Block Development Officer**
**Bhadrak**

OIPR-19211/11/0010/2223

# Directorate of Handicrafts, Odisha
## 1st Floor, HoD Building Unit-V, Bhubaneswar -1

## Tender Call Notice

**No.05** **Date:03.01.2023**

**No.PP-50:**In continuation to the advertisement published on 15.12.2022 in 04 (Four) leading Odia dailies & 01 (One) leading English daily, "Tender Call Notice" is invited from registered Event Management Firms / Decorators having valid GST Registration Certificate for Designing & Erection of Stalls with other allied activities.

The proposals may be submitted to the Director of Handicrafts as per the above address through courier / speed post / registered post only latest by 3.00 PM on 10-01-2023. The offers will be opened in presence of the bidders or their authorized representatives on 11-01-2023 at 3.00 PM. Details of the Tender is available in our website https://crafts.odisha.gov.in. Those who have applied in response to advertisement published on 15.12.2022 need not require to apply again.

**Sd/-Director of Handicrafts, Odisha**
**OIPR-31034/11/0027/2223**

# OFFICE OF THE NABARANGPUR MUNICIPALITY
## NABARANGPUR (ODISHA), PIN - 764059

**E-mail: muncipalityngpr@gmail.com, Tel./FAx No.: 06858-222031**

**Letter No. 17** **Date: 02.01.2023**

## Corrigendum Tender Notice No. EONM-05/2022-23

No. C-2216: The DTCN published vide T.C. No. EONM-05/2022-23 has been modified, please ignore the previous DTCN work details table. The following modification i.e. **"Class of Contractor"** & **"Period of Completion"** column has been charged.
All other terms and condition of the above DTCN will remain unchanged.

| Sl. No. | Name of the Work | Amount put to Tender (in Rs.) | EMD (in Rs.) | Cost of Tender Document (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | Construction of Slaughter House at Old Daily Market of Nabarangpur Municipality | 1695635/- | No EMD Required only Bid Declaration from may be submitted | 6000/- | C & D | 120 Days |
| 2 | Construction of BT Road from Bus Stand Road to Pathansahi via Kanak Parameswari Temple | 1695180/- | | 6000/- | C & D | 60 Days |
| 3 | Construction of Paver Block Road From S.Parvathi Reddy house to M.Million house in Ward No. 04. | 76353/- | | 400/- | C & D | 30 Days |
| 4 | Construction of RCC Drain at Gauda Sahi to Sunari Sahi in Ward No. - 11 | 325594/- | | 2000/- | C & D | 60 Days |
| 5 | Construction of Paver Block Road at T.Lalai Gali in Ward No. 08 | 285477/- | | 2000/- | C & D | 60 Days |
| 6 | Construction of Dasahrapada Crematorium Building in Ward No. 08 | 584599/- | | 4000/- | C & D | 90 Days |
| 7 | Construction of BT Road with CC Drain from Gandhi Chack to Babunu Patro Complex (Front of K. Parushuram Rao Res.) at Ichabatiguda & Bhatisalguda link Road Ward No. 16 | 4123992/- | | 6000/- | "B" | 60 Days |
| 8 | Construction of BT Road and Drain at Dandashi Sahi Slum in Ward No. 08 | 1921393/- | | 6000/- | C & D | 60 Days |
| 9 | Construction of BT Road with CC Drain from with Culvert from NH (ICICI Bank) to A. Srinivash Rao res at Ayapa lane-01 | 2843586/- | | 6000/- | C & B | 60 Days |
| 10 | Const. of Mother Drain from Woman College Culvert towards Culvert on Back side of RMC weekly market Ward No. 12. | 4133935/- | | 6000/- | "B" | 60 Days |
| 11 | Const. of CC (Paver) Road, Drain and Culvert from Chiti Mill Old Culvert towards Suresh Mohanty Res. on Side of Jagadish Acharya Res. at Gandhinagar | 2507076/- | | 6000/- | C & B | 60 Days |

OIPR-13065/11/0010/2223 **Sd./- Executive Officer, Nabarangpur Municipality**

# ଜିଲାର ଅର୍ଦ୍ଧାଧିକ ଚାଷଜମି ଜଳସେଚନରୁ ବଞ୍ଚିତ

■ ପ୍ରକୃତ ସମସ୍ୟା ଅଣଦେଖା
■ ଭିତ୍ତିଭୂମି ଅଭାବରୁ ଚାଷ ଛାଡୁଛନ୍ତି ଚାଷୀ
■ ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଗଠନ

କେନ୍ଦ୍ରାପଡ଼ା ଅଫିସ, ୪।୧

କେନ୍ଦ୍ରାପଡ଼ା ଜିଲାର ୧୧୮ ସ୍ଥାନରେ ସରକାରୀ ଧାନମଣ୍ଡି ଖୋଲିଛି। ବଳକା ଧାନ ବିକ୍ରି ପାଇଁ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ଦିଆଯାଇଛି। ତେବେ ଚଳିତବର୍ଷ ପୂର୍ବବର୍ଷ ତୁଳନାରେ ଖରିଫ ଧାନ ସଂଗ୍ରହ କମ ରହିବ ବୋଲି ପ୍ରାଥମିକ ଆକଳନ କରାଯାଉଛି। ଏହାର କାରଣ କ୍ଷେତ ପାଇଁ ଜଳ ପରିଚାଳନା। ଅର୍ଦ୍ଧାଧିକ ଜମି ଜଳସେଚନରୁ ବଞ୍ଚିତ, ପାଣି ପଞ୍ଚାୟତ ଗଠନ, ପରିଚାଳନାଗତ ତ୍ରୁଟି ପାଇଁ ଚାଷ ଏବେ ଲାଭଜନକ ହେଉ ନ ଥିବା ଓ କୃଷକଙ୍କ ପ୍ରକୃତ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ କଂସାର ଗାଁର ଚାଷୀ ନିରଞ୍ଜନ ପରିଡା, କୃଷକ ନେତା ଗୟାଧର ଧଳ କୁହନ୍ତି, ନିର୍ବାଚନ ସମୟ ଆସିଲେ ରାଜନେତାଙ୍କର ଚାଷୀଙ୍କ ସମସ୍ୟାଗୁଡିକ ମନେପଡ଼େ। ଇସ୍ତାହାର ପତ୍ରରେ ଚାଷୀ ଓ ଚାଷ ସମସ୍ୟାକୁ ଗୁରୁତ୍ୱ ଦିଆଯାଏ। ନିର୍ବାଚନ ପ୍ରକ୍ରିୟା ଶେଷ ପରେ ଏହି ଇସ୍ତାହାରର ଗୁରୁତ୍ୱ ରହେନାହିଁ। ଜିଲାର ୩୬,୦୩୮ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ। ସେହିପରି ୭୦,୩୩୩ ହେକ୍ଟର ଜମିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ଚାଷୋପଯୋଗୀ ୭୫,୮୧୮ ହେକ୍ଟର ମଧ୍ୟମ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମି ଜଳସେଚିତ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବିକ ତଥ୍ୟ ଏହାଠାରୁ ଭିନ୍ନ। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ। ପ୍ରତି ବ୍ଲକର ଅତିକମରେ ୩୫ ପ୍ରତିଶତ କ୍ଷେତକୁ ଜଳ ଯୋଗାଣ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିବାର ଦୀର୍ଘଦିନ ବିତିଥିଲେ ମଧ୍ୟ ଏହି ବ୍ଲକଗୁଡିକରେ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବବର୍ଗ ଚାଷ ଛାଡି କର୍ମ ନିଯୁକ୍ତି ପାଇଁ ବିଦେଶ ମୁହାଁ ହେଉଛନ୍ତି। ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ଏ ନେଇ କୃଷି ବିଭାଗ ପକ୍ଷରୁ ଏକ ତଥ୍ୟ ମିଳିଛି। ଏହି ତଥ୍ୟ ଅନୁଯାୟୀ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୨୮,୦୭୦ ହେକ୍ଟର ଚାଷ ଜମି ଥିବା ବେଳେ ମାତ୍ର ୬,୮୨୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି। ଅର୍ଥାତ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ମୋଟ ୨୫,୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜକନିକା ବ୍ଲକ ଅଞ୍ଚଳରେ ୩୩.୬୨ ପ୍ରତିଶତ କ୍ଷେତକୁ ଉଠା ଜଳସେଚନ ଓ ଅନ୍ୟ ଉତ୍ସରୁ ଜଳ ମିଳୁଛି। ଜିଲାରେ ୧,୧୧୪ ଟି ଲିଫ୍ଟ ଇରିଗେଶନ ଓ ୩,୦୬୩ଟି ସୋଲୋ ଟିଉବୱେଲ ମାଧ୍ୟମରେ ମୋଟ ୩୦,୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ ଥିବା ବେଳେ ଅନ୍ୟ ଉତ୍ସରୁ ମାତ୍ର ୧୦,୬୨୪ ହେକ୍ଟର ପାଣି ମିଳୁଥିବା ଦର୍ଶାଯାଇଛି। ତେବେ ତୃଣମୂଳରେ ଏହାର ତନଖି କଲେ ଏହି ତଥ୍ୟ ଅବାସ୍ତବ ବୋଲି ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି। କେତେକ ପାଣି ପଞ୍ଚାୟତରେ ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରୀ ଆଳରେ ହଡ଼ପ କରୁଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ। ଗୋବରୀ, ଜମ୍ବୁ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଆଦିରେ ବିଲାତି ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ଜଳ ପହଞ୍ଚି ପାରୁନାହିଁ। ପ୍ରତିବର୍ଷ ବନ୍ୟା ସମୟରେ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ଚାଷ ନଷ୍ଟ ହେଉଛି। ଜଳ ନିଷ୍କାସନ ଓ ଜଳସେଚନ ପାଇଁ ଆବଶ୍ୟକ ଜଳର ଅଭାବ ଚାଷୀଙ୍କୁ ଚାଷରୁ ନିବୃତ୍ତ କରୁଛି। ବିଭିନ୍ନ ନଦୀ, ନାଳରେ ବ୍ୟାରେଜ ଓ କ୍ରିକ୍ ବନ୍ଧ ଦ୍ୱାରା ମଧୁର ଜଳ ଅଟକାଇ ଚାଷ କ୍ଷେତକୁ ଜଳସେଚନ ହୋଇପାରନ୍ତା। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। କେନାଲର ଉନ୍ନତିକରଣ ସହ କ୍ରିକ୍ ବନ୍ଧ ନିର୍ମାଣ କରାଯାଉଛି। ଆଗକୁ ନଦୀରେ ବ୍ୟାରେଜ ଓ ଅଧିକ କ୍ରିକ୍ ବନ୍ଧ ନିର୍ମାଣ ଯୋଜନା ରହିଛି।


ଚାଷ ଜମି ପଡିଆ ପଡିଛି।

# ରାକାଙ୍କ ସମେତ ୨ ଗିରଫ: ବନ୍ଧୁକ, ଗୁଳି ଜବତ

## ତାରିଣୀଗଡ଼ା ଗୁଳିମାଡ଼ ଘଟଣା

ପାରାଦୀପ,୪।୧(ସ୍ୱ.ପ୍ର.)

ନୂଆବର୍ଷ ଦିନ ବିଜୟଚନ୍ଦ୍ରପୁର ତାରିଣୀଗଡ଼ାଠାରେ ଥିବା ଏକ କମ୍ପାନୀ ଅତିଥିଭବନରେ ଗୁଳିମାଡ଼ ଘଟିଥିଲା। ଉକ୍ତ ଘଟଣାରେ ପାରାଦୀପ ଆଦର୍ଶ ଥାନା ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯେଉଁଥିରେ ଶ୍ରମିକ ନେତା ତଥା ଖବରଦାତା ରାକେଶ କୁମାର ପଟ୍ଟନାୟକ (ରାକା) ଅଛନ୍ତି। ଅନ୍ୟ ୨ଜଣ ହେଲେ କେନ୍ଦୁଝର ଜିଲା ନନ୍ଦିପଡା ଅଞ୍ଚଳ ସଡଙ୍ଗ ଗାଁର ପ୍ରଭାସ ଚନ୍ଦ୍ର ବେହେରା (୩୫), ଖୋର୍ଦ୍ଧା, ନିରାକାରପୁର ଥାନା ଭାଗବତପଡା ଗାଁର ବାପି ପ୍ରଧାନ (୨୮)। ପ୍ରଭାସ ଓ ବାପି ପେଶାଦାର ଅପରାଧୀ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କୁ ରାକା ଆଣି ଧମକ ଦେବା ପାଇଁ ଏପରି ଗୁଳିମାଡ଼ କରିଥିଲେ। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ ଓ ୫ଟି ଗୁଳି ଜବତ କରାଯାଇଛି।

ସୂଚନାଯୋଗ୍ୟ, ନୂଆବର୍ଷ ଦିନ ସକାଳେ ୨ଜଣ ଯୁବକ ଉକ୍ତ ଅତିଥି ଭବନରେ ପହଞ୍ଚି ଫୁଲତୋଡା ସେଠାରେ ଥିବା ରୋଷେଇଆ ଶୁଭାସିସ ଜାନାଙ୍କୁ ଦେଇ ବ୍ରିଜ୍ ଆଣ୍ଡ ରୁଫ୍ ଏଜିଏମ୍ ଅଭିଜିତ ରାୟ ଗୋସ୍ୱାମୀଙ୍କୁ ଦେବାକୁ କହିଥିଲେ। ପୁଣି ଅପରାହ୍ନ ୨ଟା୨୦ମିନିଟ୍‌ରେ ସେହି ୨ଜଣ ଆସି ଗୋସ୍ୱାମୀଙ୍କୁ ଖୋଜି ପାଇ ନ ଥିଲେ। ଏହାପରେ ସେମାନେ ରୋଷେଇଆ ଜାନାଙ୍କୁ ଗାଳି ଗୁଲଜ କରି ମାଡ଼ ମାରିଥିଲେ। ପରେ ୨ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୋଟିଏ ଝରକା ଓ ଅନ୍ୟଟି ଚେୟାରରେ ବାଜିଥିଲା। ଏ ନେଇ ସୁଭ୍ରଜିତ ଦଲାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୪୫୦, ୩୨୩, ୩୦୭ ଓ ୨୫, ୨୭ ଆର୍ମ ଆକ୍ଟ ନଂ. ୨/୨୩ ରେ ମାମଲା ରୁଜୁ କରିଥିଲା। ମଙ୍ଗଳବାର ରାତିରେ ପୋଲିସ ବିଭିନ୍ନ ସ୍ଥାନରେ ରାକାଙ୍କୁ ଗିରଫ କରିବା ପାଇଁ ଚଢ଼ାଉ କରିଥିଲା। ସେ ଫେରାର ହୋଇଥିବାରୁ ବୁଧବାର ସକାଳେ ପୋଲିସ ରାକାଙ୍କ ସ୍ତ୍ରୀକୁ ଥାନାକୁ ଆଣି ଅଟକ ରଖିଥିଲା। ମଧ୍ୟାହ୍ନ ୧୨ ଟା ବେଳେ ରାକା ଥାନାକୁ ଆସି ସରେଣ୍ଡର କରିବା ପରେ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ଛାଡିଥିଲା। ଯାହାକୁ ନେଇ ଦିନତମାମ ଚର୍ଚ୍ଚା ହେଉଛି। ପୋଲିସ ବୟାନ ଅନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀରୁ ରାକା ମାସିକିଆ ବଟି ମାଗୁଥିଲେ। କମ୍ପାନୀ ଅଧିକାରୀ ଦେବାକୁ ମନା କରିବାକୁ ଏଭଳି ଗୁଳିମାଡ କରି ଭୟଭିତ କରାଇଛନ୍ତି।


ଅଭିଯୁକ୍ତଙ୍କଠାରୁ ଜବତ ବନ୍ଧୁକ ଓ ଗୁଳି।

# ରାଜପଥରେ ପୁଣି ମାତିଲେ ଲୁଟେରା

## ଦିନଦ୍ୱିପ୍ରହରରେ ଅଧ୍ୟାପିକାଙ୍କ ସୁନା ଚେନ୍ ଲୁଟ୍

ଡେରାବିଶ,୪।୧(ସ୍ୱ.ପ୍ର.)

ଡେରାବିଶ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ଛତାଛକଠାରେ ଡେରାବିଶ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକାଙ୍କ ବେକରୁ ବୁଧବାର ଦିନ ୨ଟା ସମୟରେ ସୁନା ଚେନ୍ ଲୁଟ ହୋଇଛି । ଲୁଟର ଶିକାର ହୋଇଥିବା ଅଧ୍ୟାପିକା ହେଲେ ଜ୍ୟୋତ୍ସ୍ନାମୟୀ ଶତପଥୀ । ଅଧ୍ୟାପିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ କ୍ଲାସ ସାରି କେନ୍ଦ୍ରାପଡ଼ାସ୍ଥିତ ଘରକୁ ଯିବା ପାଇଁ ରାଜପଥରେ ବସ୍‌କୁ ଅପେକ୍ଷା କରି ଛିଡ଼ା ହୋଇଥିଲେ । ନିଜ ଭ୍ୟାନିଟରୁ ଏକ କାଗଜ ବାହାର କରୁଥିବା ବେଳେ ଚଣ୍ଡିଖୋଲ ପଟୁ ଏକ କଳା ପଲସରରେ ଲୁଟେରା ଜଣକ ଆସି ଜ୍ୟୋତ୍ସ୍ନାମୟୀଙ୍କ ବେକରୁ ସୁନା ଚେନ୍‌ଟି ଝାମ୍ପି ନେଇ ଦ୍ରୁତଗତିରେ କେନ୍ଦ୍ରାପଡ଼ା ଅଭିମୁଖେ ପଳାଇ ଯାଇଥିଲେ । ଜନଗହଳି ଥିବା ଏହି ଛତାଛକରେ ଦିନଦ୍ୱିପ୍ରହରରେ ଏଭଳି ଲୁଟ୍ ଲୋକଙ୍କୁ ସ୍ତବ୍ଧ କରି ଦେଇଛି । ଏ ସଂକ୍ରାନ୍ତରେ ଅପରାହ୍ନରେ ଜ୍ୟୋତ୍ସ୍ନାମୟୀ ଡେରାବିଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଚୋରି ଯାଇଥିବା ସୁନା ଚେନର ଓଜନ ୨୨ ଗ୍ରାମ ବୋଲି ଉଲ୍ଲେଖ କରାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି। ଦୀର୍ଘ ବର୍ଷ ହେବ ରାଜପଥରେ ଲୁଟେରାଙ୍କ ଆତଙ୍କ ବନ୍ଦ ହୋଇଯାଇଥିବା ବେଳେ ପୁନର୍ବାର ଏହି ଲୁଟେରାମାନେ ସକ୍ରିୟ ହୋଇଥିବାରୁ ଏ ନେଇ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି ।

# କୋର୍ଟ ପରିସରରେ ପୋଲିସକୁ ପିଟିଲେ ମହିଳା

## ଅଶାଳୀନ ବ୍ୟବହାର ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ,୪।୧

କେନ୍ଦ୍ରାପଡ଼ା ଜିଲା କୋର୍ଟ ପରିସରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ଜିଲା ପୋଲିସର ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ରାଜନଗରର ଜଣେ ମହିଳା ମନଇଚ୍ଛା ଜୋତାରେ ପିଟିଛନ୍ତି। ଏହି ଦୃଶ୍ୟକୁ ଉପସ୍ଥିତ ଲୋକ ଭିଡ଼ିଓ କରିଛନ୍ତି । କେତେଜଣ ଏହାକୁ ଭାଇରାଲ କରିବାକୁ ଲାଗିଛନ୍ତି । ସମ୍ପୃକ୍ତ ମହିଳା କହିଛନ୍ତି, ପୋଲିସ ଜଣକ ପୂର୍ବରୁ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ସେ ବିରୋଧ କରିଥିଲେ । ପୂର୍ବାହ୍ନରେ ସମ୍ପୃକ୍ତ ପୋଲିସ କୋର୍ଟ ପରିସରରେ ଥିଲେ । ପୁଣି ଥରେ ସେ ତାଙ୍କ ହାତକୁ ଟାଣିନେଇ ଅଶାଳୀନ ବ୍ୟବହାର ଦେଖାଇଥିଲେ। ଏହାକୁ ବିରୋଧ କରି ସେ ମାଡ଼ ମାରିଛନ୍ତି। ତେବେ, ସମ୍ପୃକ୍ତ ପୋଲିସ ଅଥବା ମହିଳା ଏ ସମ୍ପର୍କରେ ଟାଉନ ଥାନାରେ କୌଣସି ଅଭିଯୋଗ କରି ନ ଥିବା ସୂଚନା ମିଳିଛି ।

# ୩ ମୃତ ଛାତ୍ରଙ୍କ ପରିବାରକୁ ରାଣୀ ପଣ୍ଡାଙ୍କ ସହାୟତା

ରାଜନଗର,୪।୧(ଡି.ଏନ.ଏ.)

ଗତମାସ ୨୩ରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ବଗପାଟିଆ ଗ୍ରାମର ୩ ସପ୍ତମ ଶ୍ରେଣୀ ଛାତ୍ର ବିଶାଳ,ସନ୍ଦୀପ,ବ୍ରିବେନ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ । ସେହି ଦୁଃଖରେ ପରିବାର ସଦସ୍ୟମାନେ ଏବେ ବି ଦୁଃଖରେ ଅଛନ୍ତି। ସେହି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ପାଇଁ ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ବୁଧବାର ସନ୍ଧ୍ୟାରେ ବଗପାଟିଆରେ ପହଞ୍ଚି ଥିଲେ । ସେ ମୃତ ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଛନ୍ତି । ରାଣୀ ପଣ୍ଡାଙ୍କ ଏପରି ମହନୀୟତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।



ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦିତ୍ୟ


@ ଦୀପକ


@ ପପୁ


@ ପ୍ରମିଳା


@ ପ୍ରିୟଙ୍କା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେନାଲ ଅବରୋଧ କରି ପାଚେରି ନିର୍ମାଣ

## ତୁରନ୍ତ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ

ଚଣ୍ଡିଖୋଲ,୪।୧(ଡି.ଏନ.ଏ.):

କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ବାଲିଚନ୍ଦ୍ରପୁରଠାରୁ ପଟ୍ଟାମୁଣ୍ଡାଇ କେନାଲ ଧୀରେ ଧୀରେ ଜବରଦଖଲ ହୋଇଯାଉଛି। ଏହାର ଶାଖା ୬ନଂ(କ) କେନାଲଟି ବାଲିଚନ୍ଦ୍ରପୁରଠାରୁ ବାହାରି କଳାଶ୍ରୀ ପର୍ଯ୍ୟନ୍ତ ଯାଇଛି। ମାତ୍ର ଏହି ଶାଖା କେନାଲକୁ ଅବରୋଧ କରି ଜଣେ ବ୍ୟକ୍ତି ପାଚେରି ନିର୍ମାଣ କରୁଛନ୍ତି। ଏହା ଜଣାପଡ଼ିବା ପରେ ବୁଧବାର ବିଭାଗୀୟ ସହକାରୀ ଯନ୍ତ୍ରୀ ବାଲିଚନ୍ଦ୍ରପୁରଠାରେ ପହଞ୍ଚି କାର୍ଯ୍ୟ ବନ୍ଦ ରଖିବାକୁ କହିବା ସହ ତୁରନ୍ତ ଅବରୋଧ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ପାଚେରିକୁ ଯଦି ଭଙ୍ଗା ନ ଯାଏ ତେବେ ଅବରୋଧକାରୀଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ କୁହଯାଇଛି। ଏହି ଶାଖା କେନାଲ ଉପରେ ୧୦ ରାଜସ୍ୱ ଗ୍ରାମର ଚାଷୀ ନିର୍ଭର କରିଥାନ୍ତି। ହେଲେ ସମ୍ପୃକ୍ତ ବ୍ୟକ୍ତି କେନାଲକୁ ଅବରୋଧ କରିବା ସହ କେନାଲ ସମ୍ମୁଖରେ ଥିବା ଜଳସମ୍ପଦ ବିଭାଗ ଜମିକୁ ନିଜ କବଜାକୁ ନେଇ କଂକ୍ରିଟ ଢଳେଇ କରିଛନ୍ତି। ଏ ସମ୍ପର୍କରେ ଚନ୍ଦନନଗର ସେକ୍ସନ ସହକାରୀ ଯନ୍ତ୍ରୀ ଗୋରା ଚାନ୍ଦ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିଛି। ତୁରନ୍ତ ଏହାକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେବା ସହ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି।



କେନାଲ ଅବରୋଧ କରାଯାଇ ପାଚେରି ନିର୍ମାଣ ହୋଇଛି।

# ଟାଟା ଷ୍ଟିଲ୍ ମାଇନିଂକୁ ଏନ୍‌ସିକ୍ୟୁସି ପୁରସ୍କାର

କାଳିଆପାଣି,୪।୧(ଡି.ଏନ.ଏ.):

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଅନୁଷ୍ଠିତ ୩୬ତମ ନ୍ୟାଶନାଲ କନ୍‌ଭେନସନ ଅନ୍ କ୍ୱାଲିଟି କନ୍‌ସେପ୍ଟ (ଏନ୍‌ସିକ୍ୟୁସି)ରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଲକୁ)କୁ ପୁରସ୍କୃତ କରାଯାଇଛି। କମ୍ପାନୀ ଅଧିକାରୀମାନଙ୍କୁ ନେଇ ଗଠିତ ୨ ଟିମ୍, ଟିମ୍ ସଞ୍ଜିବନୀ ଓ ଟିମ୍ ଜାଗୃତି ଯଥାକ୍ରମେ ପାର୍ ଏକ୍ସଲେନ୍ସ ଓ ଏକ୍ସଲେନ୍ସ ପୁରସ୍କାର ହାସଲ କରିଛନ୍ତି। ସୁକିନ୍ଦା କ୍ରୋମାଇଟ୍ ଖଣିର ଟିମ୍ ସଞ୍ଜୀବନୀ ପକ୍ଷରୁ କାଇଜେନ, ଟୋଟେଲ, ପ୍ରଡକ୍ଟିଭିଟି ମେଣ୍ଟେନାନ୍ସ, କର୍ମକ୍ଷେତ୍ରରେ ସୁରକ୍ଷା ଓ ଖଣିରୁ ରିମୋଟ ଡିୱାଟରିଂ ମଡେଲ ପ୍ରଦର୍ଶନ କରାଯାଇଥିଲା। ସେହିପରି ଆଠଗଡ଼ ଫେରୋ ଆଲଏଜ କାରଖାନାର ଟିମ୍ ଜାଗୃତି ପକ୍ଷରୁ ପରିଚାଳନାରେ ସ୍ଲିଲେଜ ହ୍ରାସ ସମ୍ପର୍କିତ କେସ ଷ୍ଟଡି ଉପସ୍ଥାପନା କରାଯାଇଥିଲା। ଏନ୍‌ସିକ୍ୟୁସିକୁ କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ) ଦ୍ୱାରା ଆୟୋଜନ କରାଯାଉଛି। ଭାରତରେ ୩୪ ଚାପ୍ଟର, ସବ୍‌ଚାପ୍ଟର ଏବଂ ସେଣ୍ଟରର ପ୍ରତ୍ୟକ୍ଷ ସହଯୋଗରେ ଜାତୀୟସ୍ତରରେ ପ୍ରାୟ ୪ ଦଶନ୍ଧି ଧରି ଉତ୍ପାଦନ, ରକ୍ଷଣାବେକ୍ଷଣ ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମାଞ୍ଚଳ ଓ ସମାଜ ଆଦିରେ ଗୁଣାତ୍ମକ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଲାଗି ଶିକ୍ଷା, ତାଲିମ, ପ୍ରଚାର, ପ୍ରଦର୍ଶନ ଏବଂ ସହାୟତା ଜରିଆରେ ଲୋକଙ୍କ ଦକ୍ଷତା ବିକାଶରେ କ୍ୟୁସିଏଫ୍‌ଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ପୁରସ୍କାରପ୍ରାପ୍ତ କରିଥିବାରୁ ଟିଏସ୍‌ଏମ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଖୁସିବ୍ୟକ୍ତି କରିବା ସହ କର୍ମଚାରୀ ଗୁଣାତ୍ମକ ଚିନ୍ତାଧାରା ପ୍ରୟୋଗ କଲେ ନିଜ କାର୍ଯ୍ୟରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି।



କମ୍ପାନୀର ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଧାନ କାଟିବାକୁ ନେଇ ମୂଳଚାଲ

**ନୟାଗଡ଼ ଅଫିସ,୪।୧**



- କଟ୍‌ନୀଛଟ୍‌ନୀକୁ ହଁ କଲେ ୪ ସୋସାଇଟି ଚାଷୀ
- କଟ୍‌ନୀଛଟ୍‌ନୀ ବନ୍ଦ ହେଲେ ଧାନ କିଣୁନାହାନ୍ତି ମିଲର

କଟ୍‌ନୀଛଟ୍‌ନୀକୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ରୋକ୍‌ଠୋକ୍ ମନା କରୁଥିବାବେଳେ ଗ୍ରାଉଣ୍ଡ ଜିରୋରେ କିନ୍ତୁ ଏହାକୁ ରୋକିବା କାଠିକର ପାଠ ହୋଇ ପଡ଼ିଛି । କଟ୍‌ନୀଛଟ୍‌ନୀକୁ ନେଇ ଚାଷୀ ଓ ମିଲର ମଧ୍ୟରେ ସବୁ ଧାନ ମଣ୍ଡିରେ ମୂଳଚାଲ ହେଉଛି । ମିଲର ୭ କେଜି ଧାନ କାଟିବାକୁ ପ୍ରସ୍ତାବ ଦେଉଥିବାବେଳେ ଚାଷୀ କେଉଁଠି ୪ ତ ଆଉ କେଉଁଠି ୫ କିଲୋ କୁଇଣ୍ଟାଲ ପିଛା କାଟିବାକୁ ସହମତି ପ୍ରକାଶ କରୁଛନ୍ତି। ତେବେ ୭କିଲୋ କାଟିବାକୁ ପ୍ରାୟତଃ ସବୁ ମଣ୍ଡିରେ ମିଲର ଜିଦ୍ ଧରି ବସୁଥିବା ନଜରକୁ ଆସୁଛି । ଜିଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶିଖରପୁର, ଡିମିଶର, ପାଟୁଳିସାହି, ଭାଲିଆଡିହି ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିବାକୁ ଥିବା ଧାନମଣ୍ଡିରେ ୭ କେଜି ଲେଖାଏ ଧାନ କୁଇଣ୍ଟାଲ ପିଛା କାଟିବାକୁ ମିଲର ଦେଇଥିବା ପ୍ରସ୍ତାବକୁ ଚାଷୀ ବାଧ୍ୟବାଧକତାରେ ହଁ କରିଛି । ୭ କେଜି କଟ୍‌ନୀଛଟ୍‌ନୀ ନ ହେଲେ ଧାନ କିଣିବୁ ନାହିଁ ବୋଲି ମିଲର ଚେତାବନୀ ଦେଇ ଉଠି ପଳାଇବାରୁ ଚାଷୀମାନେ ଭୟଭୀତ ହେଉଛନ୍ତି । ଗୋଡିପଡା ପ୍ରାଥମିକ ସମବାୟ ସମିତିରେ ୫ ଅଥବା ୬ କେଜି କାଟିବାକୁ ଚାଷୀ ପରାମର୍ଶ ଦେଉଥିବାବେଳେ ୭ କେଜି ନ ହେଲେ ଧାନ କିଣିବୁ ନାହିଁ କହି ମିଲର ଉଠି ଚାଲି ଆସୁଛନ୍ତି । ଏଣୁ ଏଠାରେ କଟ୍‌ନୀଛଟ୍‌ନୀ କେତେ ହେବ ସ୍ଥିର ହୋଇ ପାରିନି । ତେବେ ଶିଖରପୁର, ଡିମିଶର, ପାଟୁଳିସାହି, ଭାଲିଆଡିହି ଓ ଗୋଡିପଡା ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀମାନେ ଧାନ ବିକିବା ନେଇ ଚିନ୍ତାରେ ପଡିଛନ୍ତି । ମଣ୍ଡିରେ ଧାନ ନ ବିକିଲେ ବେପାରୀଙ୍କୁ ୧୨୦୦ରୁ ୧୪୦୦ ଟଙ୍କାରେ ବିକ୍ରି କରି କ୍ଷତିର ସମ୍ମୁଖୀନ ହେବାକୁ ଚାଷୀ ଚାହୁଁନି। ଏଣୁ ମିଲର କଥାରେ ରାଜି ହୋଇ ୭ କେଜି ଲେଖାଏ କଟ୍‌ନୀଛଟ୍‌ନୀକୁ ଚାଷୀ ବାଧ୍ୟବାଧକତାରେ ହଁ କରୁଛି ।

ଏନେଇ ଜଣେ ଚାଷୀ ନିଜ ନାମ ଗୋପନ ରଖି କହିଛନ୍ତି, ପରିସ୍ଥିତି ଏପରି ହୋଇଛି ଆମେ ମିଲର କଥାରେ ରାଜି ହେବାକୁ ବାଧ୍ୟ । ଗ୍ରାଉଣ୍ଡ ଜିରୋକୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଆସି ସମସ୍ୟା ସମାଧାନ କରିବେନି । ଜିଲା ସଦର ମହକୁମାରେ ବସି ମିଲରଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଦେଲେ ଚାଷୀଙ୍କ ସମସ୍ୟା ସମାଧାନ ହୋଇଯିବନି। ଏଣୁ ଚାଷୀ କିପରି ହଇରାଣ ହେଉଛନ୍ତି ଜିଲାପାଳ ଗ୍ରାଉଣ୍ଡ ଜିରୋକୁ ଆସି ଦେଖନ୍ତୁ ବୋଲି କହିଥିଲେ । କୈବଲ୍ୟପୁର ସେବା ସମବାୟ ସମିତି ଲିଃରେ ଚାଷୀ ୫ କେଜିରେ ଅଟକି ରହିବାରୁ ମିଲର ଉଠି ପଳାଇଛନ୍ତି । ୭ କେଜି ନ କାଟିଲେ ଧାନ କିଣି ହେବନି ବୋଲି ରୋକ୍‌ଠୋକ୍ କହିଛନ୍ତି। ଏଣୁ ବୁଧବାର ଧାନ ବିକ୍ରି ପାଳିରେ ଚାଷୀ ଧାନ ବିକ୍ରି ପାରିନି । ଅନ୍ୟପକ୍ଷେ ଶରଣକୁଳ ଧାନମଣ୍ଡିରେ ୭କେଜି ଲେଖାଏ ଧାନ କାଟିବାକୁ ମିଲର କହିବାରୁ ଚାଷୀ ଅରାଜି ହୋଇଥିଲା । ଏଣୁ ଧାନମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଚାଷୀ ଧାନ ବିକ୍ରି କରିପାରିଲାନି । ଅପରପକ୍ଷେ ଏଠାର ଚାଷୀଙ୍କୁ ମିଲର ଝୋଟ ଅଖା ଓ ସୁତୁଲି ଦେଇ ନ ଥିବାରୁ ଚାଷୀ ମଣ୍ଡିକୁ ଧାନ ଆଣି ନ ଥିଲା । ରଙ୍ଗଣିପାଟଣା ପ୍ୟାକ୍ସରେ ଧାନମଣ୍ଡି ଉଦ୍‌ଘାଟନ ସତ୍ତ୍ୱେ ଚାଷୀ ଧାନ ବିକ୍ରି କରି ପାରୁନି । ଏଠାରେ କୁଇଣ୍ଟାଲ ପିଛା ୧୦ କେଜି ଲେଖାଏ ଧାନ କାଟିବାକୁ ମିଲର ପରାମର୍ଶ ଦେଇଛି । ଚାଷୀ ଅରାଜି ହେବାରୁ ଧାନ କିଣା ହୋଇ ପାରିନାହିଁ । କୁରାଳ, ମଶାବାରି, ବାଙ୍କତରା ପ୍ୟାକ୍ସରେ ମଣ୍ଡି ଖୋଲିନି । ଏଠାରେ ୮କେଜି ଲେଖାଏ ଧାନ କାଟିବାକୁ ମିଲର କହୁଛି । ଆଲୋଚନାରେ କଟ୍‌ନୀଛଟ୍‌ନୀର ସମାଧାନ ସୂତ୍ର ବାହାରୁ ନ ଥିବାରୁ ମଣ୍ଡି ଖୋଲିପାରୁନାହିଁ । ଏନେଇ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ କୁହନ୍ତି, କଟ୍‌ନୀଛଟ୍‌ନୀକୁ ଆମେ ବିରୋଧ କରୁଛୁ । ଅଭିଯୋଗ ଆସିଲେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି। ଏଆରସିଏସ ହାଡିବନ୍ଧୁ ମହାକୁଡ କୁହନ୍ତି, ଜିଲାରେ ୨୧ଟି ଧାନ ମଣ୍ଡି ଖୋଲିଛି । ଆମେ ଯୁଦ୍ଧକାଳୀନଭିତ୍ତିରେ ଧାନ ମଣ୍ଡି ଖୋଲିବାକୁ ପ୍ରସ୍ତୁତ ଅଛୁ । ତେବେ ବିଭିନ୍ନ କାରଣ ଯୋଗୁ ଏହା ଖୋଲିପାରୁ ନାହିଁ । ଖୁବ୍‌ଶୀଘ୍ର ସବୁ ମଣ୍ଡି ଖୋଲିବ ବୋଲି ସେ କହିଛନ୍ତି ।

### ସୁନାମୁହିଁରେ ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା

ଓଡ଼ଗାଁ ବ୍ଲକର ସୁନାମୁହିଁ ପ୍ୟାକ୍ସରେ କଟ୍‌ନୀଛଟ୍‌ନୀ ନ ହୋଇ ଚାଷୀ ଧାନ ବିକିଛି । ଏଠାରେ ମିଲର ଗୁରୁବାର ୭୫ କୁଇଣ୍ଟାଲ ଧାନ କିଣିଛି । ସ୍ଥାନୀୟ କୃଷକ ନେତା ବାଇନାଥ ସାହୁ କହିଛନ୍ତି, ଜିଲାର ବିଭିନ୍ନ ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀକୁ ନେଇ ଧାନ କିଣା ବାଧାପ୍ରାପ୍ତ ହୋଇଥିବାବେଳେ ଆମେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଧନ୍ୟବାଦ ଦେଉଛୁ । ଏପରି କି ଆମ ମିଲରକୁ ମଧ୍ୟ ଧନ୍ୟବାଦ ଦେଉଛୁ। ଆମ ମିଲର ଠାରୁ ଅନ୍ୟ ମିଲର ଶିଖି ଅନ୍ୟ ମଣ୍ଡିରେ ଏହାକୁ କାର୍ଯ୍ୟକାରୀ କରାନ୍ତୁ ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି, ବିଭିନ୍ନ ମଣ୍ଡିରେ କଟ୍‌ନୀଛଟ୍‌ନୀ ଚାଲିଥିବାବେଳେ ସୁନାମୁହିଁ ପାକ୍ସ ଏଥିପାଇଁ ଉଦାହରଣ ପାଲଟିଛି । ଜିଲାପାଳଙ୍କ ନିର୍ଦ୍ଦେଶକୁ ସବୁ ମଣ୍ଡିରେ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ସ୍ୱପ୍ନ ପୂରଣ ହୋଇଛି



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ବିଜେଡି ନେତା।



ସଭାରେ ଯୋଗଦେଇଥିବା ମହିଳାମାନେ।

**ନୟାଗଡ଼ ଅଫିସ,୪।୧**

### ବିଜେଡିର ନୟାଗଡ଼ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ

ବିଜେଡିର ନୟାଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ୨୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଶାଳଭଞ୍ଜ ନିକଟ କଲମି ତୋଟାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରା, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ପର୍ଯ୍ୟବେକ୍ଷକ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମହିଳାମାନଙ୍କ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ । ନୟାଗଡ଼ ବିଧାୟକ ସାହୁ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସାମୂହିକ ବିକାଶ ଚାଲିଛି । ନୟାଗଡ଼ରେ ସର୍ବାଧିକ ବିକାଶ ଲାଗି ରହିଛି । ଶାନ୍ତି ପ୍ରତିଷ୍ଠା ହେଲେ ପ୍ରଗତି ଅଧିକରୁ ଅଧିକ ହେବ ବୋଲି ସେ କହିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ମହିଳା ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସଫଳ ହୋଇଛି ବୋଲି କହିଥିଲେ । ୨୫ ବର୍ଷରେ ହୋଇଥିବା ବିକାଶ ସମ୍ପର୍କରେ ସେ ସୂଚନା ଦେବା ସହ ଓଡ଼ିଶାର ବିକାଶର ପର୍ବ ଚାଲିଛି ବୋଲି କହିଥିଲେ । ମହିଳା ବିଜୁ ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ପ୍ରଭାସିନୀ ନନ୍ଦ ମହିଳାମାନେ ଏକଜୁଟ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ କରିଥିଲେ । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଙ୍ଗଠକ ନିତ୍ୟାନନ୍ଦ ପ୍ରଧାନ କହିଥିଲେ ସହର ଓ ଗାଁ ଏବେ ସମାନ । ସହରରେ ଯେଉଁ ସୁବିଧା, ଗାଁରେ ସେହି ସୁବିଧା ବିଜୁ ଜନତା ଦଳ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି କହିଥିଲେ । ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶପଥ ନେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷ ନିରୂପମା ଖଟେଇ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ମହିଳା ବିଜେଡି ଜିଲା ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂହ, ଆଶିଷ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର କହଁର, ଝିଲ୍ଲୀ ପ୍ରଧାନ, ମାଳତି ଗୁରୁ, ଶ୍ରବଣ ରାମ୍, ବିଭୁପ୍ରସାଦ ସାହୁ, ସରପଞ୍ଚ ବିଜନ ପାଇକରାୟ, ବିଜେଡି ଛାତ୍ର ସଭାପତି ନୀଳମାଧବ ପଣ୍ଡା, ଯୁବ ସଭାପତି ରମେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଅପରପକ୍ଷେ ନୟାଗଡ଼ ବ୍ଲକ ଅଧୀନରେ କାମ କରି ନିକଟରେ ଅବସର ନେଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଦାଶ ଓ ଗଗନ ମିଶ୍ର ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଛନ୍ତି ବୋଲି କହିଥିଲେ। ଜିଲା ପର୍ଯ୍ୟବେକ୍ଷକ ବେହେରା ସେମାନଙ୍କୁ ସ୍ୱାଗତ କରିବା ସହ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ ।

## କୁରାଳ ବାଗଦେବୀ ପୀଠରେ ଭାଜପାର ଶକ୍ତିକେନ୍ଦ୍ର ସ୍ଥାପନ

**ଓଡ଼ଗାଁ,୪।୧(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକର କୁରାଳ ପଞ୍ଚାୟତ ମା'ବାଗଦେବୀ ପୀଠରେ ରାଣୀ ମା'ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପରାମର୍ଶରେ ଭାରତୀୟ ଜନତା ପାର୍ଟି ଶକ୍ତିକେନ୍ଦ୍ର ଗଠନ କରାଯାଇଛି । ଉକ୍ତ ସଭାରେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟିକୁ ତୃଣମୂଳସ୍ତରରେ ମଜଭୁତ କରିବା ସହ ଏକ ଭୟମୁକ୍ତ ଓ ଭ୍ରଷ୍ଟାଚାରମୁକ୍ତ ନୟାଗଡ଼ ଗଠନ କରିବାକୁ ଶପଥ ନିଆଯାଇଥିଲା । ଉପସ୍ଥିତ କର୍ମୀମାନେ ଆମେ ନୟାଗଡିଆ, ନୟାଗଡ଼ ଆମର ନାରା ଦେବା ସହିତ ସମସ୍ତେ ଏକଜୁଟ ହୋଇ ଦଳର ସ୍ୱାଭିମାନ ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ ।

## ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ

**ଦଶପଲ୍ଲା,୪।୧(ଡି.ଏନ.ଏ.)**

ଦଶପଲ୍ଲା ପଞ୍ଚାୟତ ସମିତି ଅନ୍ତର୍ଗତ ନଛିପୁର ଗ୍ରାମରେ, ମା ବରଦାୟିନୀ ଯୁବନାଟ୍ୟ ସଂସଦ ଆନୁକୁଲ୍ୟରେ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଧାୟକ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ନଛିପୁର ପଞ୍ଚାୟତ ସରପଞ୍ଚ ବିନୋଦିନୀ ବେହେରା, ପଞ୍ଚାୟତ ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ନାଏବ ସରପଞ୍ଚ ବିଳାସ ନାୟକ ଏବଂ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଦିତ୍ୟ



@ ଦୀପକ



@ ପପୁ



@ ପ୍ରମିଳା



@ ପ୍ରିୟଙ୍କା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂଜ୍ୟ ପୂଜାର ଏକ ନିଆରା ପରମ୍ପରା

## ଗୁରୁ ପୂଜନ ଉତ୍ସବ

**ଖଣ୍ଡପଡ଼ା,୪।୧(ସ୍ୱ.ପ୍ର.)**

ସାଂପ୍ରତିକ ସମାଜରେ ଗୁରୁ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସେତେଟା ପରିଲକ୍ଷିତ ହେଉନି । ବିଶେଷତଃ ଆଜିର ଯୁବ ପିଢି ପ୍ରାୟତଃ ଗୁରୁ ଭକ୍ତି କିମ୍ବା ପୂଜ୍ୟପୂଜାକୁ ସମ୍ମାନ ଦେବା ଦେଖିବାକୁ ମିଳେନି । ତେବେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ବଳରାମପ୍ରସାଦ ଗ୍ରାମସ୍ଥିତ କୃଷ୍ଣଗୌରାଙ୍ଗ ମେମୋରିଆଲ ହାଇସ୍କୁଲ ୨୦୦୦ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ର ଯେଭଳି ଭାବେ ସେମାନଙ୍କ ଗୁରୁ ଏବଂ ମାତା ପିତାମାନଙ୍କୁ ଅଭ୍ୟର୍ଥନା କଲେ ତାହା ନିଶ୍ଚିତ ରୂପେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ପୁରାତନ ଛାତ୍ର ବାବା ବିପିନ ବିହାରୀ, ଗୋପାଳ ଚନ୍ଦ୍ର ବେହେରା, ବିରୁପାକ୍ଷ ସାହୁଙ୍କ ପ୍ରୟାସ କ୍ରମେ ବୁଧବାର ସଂପୃକ୍ତ ଶିକ୍ଷାନୁଷ୍ଠାନର ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ରମାନେ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଏକତ୍ର ହୋଇ ନିମନ୍ତ୍ରିତ ଗୁରୁ ଓ ମାତାପିତାମାନଙ୍କ ପାଦ ଧୋଇ ଏକ ଆସନରେ ବସାଇ ଫୁଲ, ଚନ୍ଦନ ଦେବା ସହିତ ଓ ନୂତନ ବସ୍ତ୍ର ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ । ପୁରାତନ ଛାତ୍ରୀଛାତ୍ରଙ୍କ ମାତାପିତାମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିବା ସହ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଅପରପକ୍ଷେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିମନ୍ତ୍ରୀତ ସାଧୁସନ୍ଥମାନେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଉପଦେଶ ପ୍ରଦାନ କରିଥିଲେ । ପରେ ଛାତ୍ରୀଛାତ୍ର ତଥା ଗୃହିଣୀଙ୍କ ମଧ୍ୟରେ ଅତୀତର ଅନୁଭୂତିକୁ ରୋମନ୍ଥନ କରି ଗୁରୁ, ଗୁରୁଜନଙ୍କ ଉପଦେଶକୁ ପାଳନ କରିବାକୁ ଶପଥ ନେଇଥିଲେ ।



ପୁରାତନ ଛାତ୍ରୀମାନେ ଗୁରୁଜନମାନଙ୍କ ପାଦ ଧୋଇ ସ୍ୱାଗତ କରୁଛନ୍ତି।

# ଜମି ମାଲିକଙ୍କଠାରୁ ଆଦାୟ ହେଉ କ୍ଷତିପୂରଣ

**ନୟାଗଡ଼ ଅଫିସ/ଓଡ଼ଗାଁ,୪।୧(ସ୍ୱ.ପ୍ର.)**

- କୋମଣ୍ଡ ବେଆଇନ ଖଣି ଖନନ ମାମଲା
- ନିଲମ୍ବିତ ଆରଆଇଙ୍କ ସମ୍ପତ୍ତି ଆକଳନ ପାଇଁ ଦାବି





ମଙ୍ଗଳବାର ନୟାଗଡ଼ ଜିଲାପାଳ ରବୀନ୍ଦ୍ର କୁମାର ସାହୁ ଓଡ଼ଗାଁ ତହସିଲ ଅଞ୍ଚଳକୁ ଅଚାନକ ଗସ୍ତ କରି ବେଆଇନ ଖଣି ଖନନ ଘଟଣାରେ କୋମଣ୍ଡ ଆରଆଇ ସୁଧିର କୁମାର ପରିଡ଼ାଙ୍କୁ ନିଲମ୍ବିତ କରିଥିଲେ । ତେବେ ନିଲମ୍ବିତ ଆରଆଇ କେତେ ଟଙ୍କା ବେଆଇନ ଭାବେ ଠୁଳ କରିଛନ୍ତି ତାଙ୍କର ସମ୍ପତ୍ତିକୁ ଆକଳନ କରିବାକୁ ଦାବି ଉଠିଛି । ସେହିପରି ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କୁ ନିଲମ୍ବିତ କରାଯାଇ ବେଆଇନ ଖଣିଖନନର ତଦନ୍ତ ଏସ୍‌ଟିଏଫ୍‌କୁ ଦେବା ପାଇଁ ଅନୁରୂପ ଦାବି ଉଠିଛି । ଅପରପକ୍ଷେ ଯେଉଁ ଜମି ମାଲିକଙ୍କ ଜମିରୁ ବର୍ଷ ବର୍ଷ ଧରି ମାଙ୍କଡ଼ା ପଥର ଖନନ କରାଯାଇଛି ସେମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରା ନ ଯାଉ । ବିଗତ ଦିନରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଗାଁରେ ରହିଥିବା ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଜମିରୁ ମାଙ୍କଡାପଥର ଖନନ ହୋଇଥିବାରୁ ଗ୍ରୀନ୍ ଟ୍ରିବ୍ୟୁନାଲ ମନ୍ଦିର ପ୍ରଶାସନକୁ ଆର୍ଥିକ ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲା । ତେବେ ଏହି ଖନନରେ ସମ୍ପୃକ୍ତ ବ୍ୟକ୍ତିମାନେ କ'ଣ ଆଇନଠାରୁ ଊର୍ଦ୍ଧ୍ୱରେ ବୋଲି ମତ ପ୍ରକାଶ ପାଇଛି । ଆଇନକୁ କଡାକଡି କରାଯାଉ ନ ଥିବାରୁ ବେଆଇନ ଖଣି ଖନନ ବଢୁଛି, ଯାହାକି ସରକାରଙ୍କ ରାଜସ୍ୱ କ୍ଷତି କରୁଛି । ଅପରପକ୍ଷେ କୋମଣ୍ଡ ବେଆଇନ ଖଣିଖନନରେ ରୟତି ଜମି ମାଲିକଙ୍କଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ, ତହସିଲ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ରାଜନେତା, ଖବରଦାତା, ସରକାରୀ କର୍ମଚାରୀ, ପୋଲିସ, ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଉତ୍ତରଦାୟୀ କାହିଁକି ନ ହେବେ । କାରଣ ଏମାନଙ୍କ ମଧ୍ୟରୁ ଅନେକ ବେଆଇନ ଖଣିଖନନରେ ସମ୍ପୃକ୍ତି ଥିବାର ଅଭିଯୋଗ ଉଠୁଛି । ଯେଉଁ ଖବରଦାତା, ପୋଲିସ, ରାଜନେତା ଓ ସରକାରୀ କର୍ମଚାରୀ ଓ ଅଧିକାରୀ ଖଣିଚୋରଙ୍କଠାରୁ ମାସିକିଆ କୋଟା ନେଇ ଘଟଣାକୁ ଚାପି ଚାଲୁଥିଲେ, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରା ନ ଗଲେ ବେଆଇନ ମାଙ୍କଡାପଥର ଖନନର ଘୋଟାଲା ଲୁଚିଯିବ । ପୁଣି ଜିଲାରେ ବେଆଇନ ମାଙ୍କଡ଼ା ପଥର ଖନନ ବଢ଼ି ଚାଲିବ ବୋଲି ମତ ପ୍ରକାଶ ପାଇଛି ।

ପ୍ରକାଶଯେ, ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନ ଥିବା କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଖଣି ଓ ମୋରମ ଖଣି ଅବାଧରେ ଚାଲୁଥିଲା । ଯେଉଁ ସ୍ଥାନରେ ଏବେ ଖଣି ରହିଛି ପୂର୍ବରୁ ସେଠାରେ କାଜୁ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ଗୋଚର ରହିଥିଲା । ଖଣି ହେବା ପରେ ଗୃହପାଳିତ ପ୍ରାଣୀଙ୍କ ଚାରଣ ଭୂଇଁ କମିଗଲା । ଖଣି ଗାତରେ ପଡି ଗୃହପାଳିତ ପ୍ରାଣୀଙ୍କ ସମେତ ମନୁଷ୍ୟ ପ୍ରାଣ ହରାଇଲେ । ପ୍ରଶାସନ ସବୁ ଜାଣି ଅଜଣା ରହିବାରୁ ଖଣିଗୁଡିକ ବାଲିରେ ପୋତାଗଲା ନାହିଁ । ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଲେ । ଏପଟେ ଖଣି ମାଲିକ ଲାଭରେ ରହି ଜିଲାରେ ହେଉଥିବା ମେଳା, ମହୋତ୍ସବ, ସଭାସମିତି, କ୍ରୀଡ଼ା ଟୁର୍ନାମେଣ୍ଟକୁ ସହଯୋଗର ହାତ ବଢ଼ାଇ ବାହାବା ନେଉଥିଲେ । ଏବେ ଆରଆଇ ନିଲମ୍ବିତ ପରେ ସମସ୍ତେ ନିଜକୁ ସଚ୍ଚୋଟ ଦେଖାଇ ହୋଇ ବେଆଇନ ଖଣିଖନନକୁ ଠିକ୍ ନୁହେଁ କହି ନିନ୍ଦା କରୁଛନ୍ତି । ଏନେଇ ଜଣେ ପଥର ମାଫିଆ ନିଜ ନାଁ ଗୋପନ ରଖି କହିଛନ୍ତି, ଆମେ ସମୟକୁ ଅପେକ୍ଷା କରିଛୁ । କିଛି ଦିନ ଗଲା ପରେ ସବୁ କିଛି ଠିକ୍ ହୋଇଯିବ । ଏବେ କିଛି ଦିନ ଉଷ୍ମତା ରହିବ । କାହାର କିଛି ଅସୁବିଧା ହେବ ନାହିଁ ବୋଲି ସେ ସଫେଇ ଦେଇଛନ୍ତି ।



## ସ୍ୱାମୀଙ୍କ ସହ ବୃନ୍ଦାବନରେ ଅନୁଷ୍କା

**ମୁମ୍ବାଇ:** ନୂଆ ବର୍ଷ ପାଳନ ପାଇଁ ଅନେକେ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଉଛନ୍ତି। ତେବେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ସ୍ୱାମୀ ବିରାଟ କୋହଲିଙ୍କ ସହ ୟୁଏଇରେ ନୂଆବର୍ଷ ପାଳନ କରି ଏବେ ବୃନ୍ଦାବନ ଯାଇଛନ୍ତି। ସେଠାରେ ସେ ନିମ କରୋଲି ଆଶ୍ରମରେ ପହଞ୍ଚି ବାବାଙ୍କ ଆଶୀର୍ବାଦ ନେଇଛନ୍ତି। ଅନୁଷ୍କା ଏବଂ ବିରାଟଙ୍କ ବାବାଙ୍କ ଉପର ବହୁତ ବିଶ୍ୱାସ ରହିଛି। ଦୁହେଁ ୨୦୨୨ ନଭେମ୍ବରରେ ମଧ୍ୟ ନିମ କରୋଲି ଆଶ୍ରମ ପରିଦର୍ଶନ କରିଥିଲେ। ଏବେ ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୁହେଁ ଆଶ୍ରମରେ ବହୁ ସମୟ ବିତାଇ ପ୍ରାର୍ଥନା କରିଥିଲେ। ଏଥିସହ ଆଶ୍ରମରେ ଥିବା ସାଧୁଙ୍କୁ କମ୍ବଳ ଏବଂ ପୋଷାକ ବାଣ୍ଟିଥିଲେ। ତେବେ ଅନୁଷ୍କା ତାଙ୍କ ଫିଲ୍ମ 'ଚକ୍‌ଦା ଏକ୍ସପ୍ରେସ୍' ରିଲିଜ୍ ଅପେକ୍ଷାରେ ଅଛନ୍ତି। ଯେଉଁଥିରେ ସେ ଜଣେ ଭାରତୀୟ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଚରିତ୍ରରେ ନଜରକୁ ଆସିଛନ୍ତି। ମୁଭିଟି ଓଟିଟିରେ ଚଳିତ ବର୍ଷ ୧୬ ଡିସେମ୍ବରରେ ଆସିବାକୁ ଥିବାବେଳେ କେବେ ସିନେମା ଘରେ ରିଲିଜ୍ ହେବ ତାହା ଜଣାପଡିନାହିଁ। ନିକଟରେ ଅନୁଷ୍କା ଏହି ସିନେମାର ଶୁଟିଂ ଶେଷ କରିଛନ୍ତି।

# ସିଆଚେନ୍‌ରେ ପ୍ରଥମ ମହିଳା ଅଫିସର

ଲେହ

ବିଶ୍ୱର ସବୁଠାରୁ ଉଚ୍ଚତମ ଯୁଦ୍ଧକ୍ଷେତ୍ର ଭାବେ ପରିଚିତ ସିଆଚେନ୍ ଗ୍ଲେସିୟରରେ ସବୁବେଳେ ସୈନ୍ୟଙ୍କ ଉପସ୍ଥିତି ରହିଥାଏ। ସେଠାରେ ସବୁ ସମୟରେ ପ୍ରାୟ ୨୦୦ ଯବାନ ମୁତୟନଥାନ୍ତି। ଏ ପର୍ଯ୍ୟନ୍ତ ସେଠାରେ କୌଣସି ମହିଳା ଅଧିକାରୀ ନିଯୁକ୍ତ ହୋଇ ନ ଥିବାବେଳେ ଏବେ ଜଣେ ମହିଳା ଅଫିସର ପ୍ରଥମ ଥର ପାଇଁ ଯୋଗ ଦେଇଛନ୍ତି। ରାଜସ୍ଥାନର ଶିବା ଚୌହାନ ନାମ୍ନୀ ମହିଳା ଉଦୟପୁରରୁ ବିଦ୍ୟାଳୟ ପାଠପଢା ସାରିଛନ୍ତି। ପରେ ଏନ୍‌ଜେଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସିଭିଲ୍ ଇଞ୍ଜିନିୟର ଶେଷ କରିଛନ୍ତି। ସେ ୧୧ ବର୍ଷ ବୟସରୁ ତାଙ୍କ ବାପାଙ୍କୁ ହରାଇଥିଲେ। ଶିବା ପିଲାବେଳୁ



ସ୍କୁଲରୁ ପ୍ରେରଣା ପାଇ ଆର୍ମିରେ ଭର୍ତ୍ତି ହେବାକୁ ଚାହିଁଥିଲେ। ଏବେ ସେ ସିଆଚେନ ଗ୍ଲେସିୟରରେ ପ୍ରଥମ ମହିଳା ଭାବେ କ୍ୟାପ୍ଟେନ ପଦବୀରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ସିଆଚେନ ବ୍ୟାଟେଲ ସ୍କୁଲରେ ଟ୍ରେନିଂ ନେଇଥିଲେ।

## ସବୁ ସମୟରେ ଚାଲୁଥାଏ ଲିଫ୍ଟ

ପ୍ରାଗ୍

ଲୋକେ ସେମାନଙ୍କ ସମୟ ବଞ୍ଚାଇବା ସହ ସୁବିଧାରେ କୋଠାର ଉପରୁ ତଳକୁ ଯିବା ଆସିବା ପାଇଁ ଲିଫ୍ଟର ବ୍ୟବହାର କରୁଛନ୍ତି। ଏପରି କି ଲୋକେ ନିଜ ଘରେ ମଧ୍ୟ ଏହାର ବ୍ୟବହାର କଲେଣି। ହେଲେ ଲିଫ୍ଟରେ ଚଢ଼ିବା ପରେ ସେଥିରେ କିଛି ସୁଇଚ୍ ରହିଥାଏ, ଯାହାକି ଉପର କିମ୍ବା ତଳକୁ ଯିବାକୁ ସାହାଯ୍ୟ କରେ। ହେଲେ ଚେକ୍ ରିପବ୍ଲିକ୍ ରାଜଧାନୀ ପ୍ରାଗ୍‌ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଲିଫ୍ଟରେ କୌଣସି ସୁଇଚ୍ ବ୍ୟବହାର ହୋଇ ନ ଥାଏ। ତେବେ ଲିଫ୍ଟଟି ସବୁ ସମୟରେ ଆପେ ଚାଲିଥାଏ। ଏଥିସହ ଲିଫ୍ଟର



କୌଣସି କବାଟ ନ ଥାଏ। ଏପରି ଲିଫ୍ଟକୁ ପାଟେରନୋଷ୍ଟୋର ଲିଫ୍ଟ କୁହାଯାଏ। ଏହି ଲିଫ୍ଟ ଏକ ଚେନ୍ ସିଷ୍ଟମ ଦ୍ୱାରା ଚାଲିଥାଏ। ତେବେ ଏଥିରେ ଚଢ଼ିବାକୁ ହେଲେ ଚାଲୁଥିବା ବସ୍ କିମ୍ବା ଟ୍ରେନରେ ଚଢ଼ିବା ଅଭ୍ୟାସ ଥିବା ଆବଶ୍ୟକ।

# ୬୦ ପିଲାଙ୍କ ବାପା, ତଥାପି ବାହାହେବାକୁ ଝିଅ ଖୋଜୁଛନ୍ତି

ଇସ୍‌ଲାମାବାଦ୍

ବର୍ତ୍ତମାନ ସମୟରେ ଦରଦାମ୍ ବୃଦ୍ଧି ପାଇଁ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ପରି ମୌଳିକ ଆବଶ୍ୟକତା ମେଣ୍ଟାଇବା କଷ୍ଟକର ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଲୋକମାନେ କ୍ଷୁଦ୍ର ପରିବାର କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପରିବାର ଯେତେ ଛୋଟ ତା'ର ଜରୁରୀ ଆବଶ୍ୟକତା ପୂରା କରିବା ସେତେ ସହଜ। ଯେଉଁଥିପାଇଁ କୁହାଯାଏ ଛୋଟ ପରିବାର ସୁଖୀ ପରିବାର। ପରିବାରକୁ ନେଇ ପାକିସ୍ତାନର ସର୍ଦ୍ଦାର ଜାନ୍ ମହମ୍ମଦ ଖାନ୍ ଖିଲଜିଙ୍କ ଚିନ୍ତାଧାରା କିଛି ଭିନ୍ନ। ସେ ଛୋଟ ପରିବାର ନୁହେଁ ବରଂ ବଡ଼ ପରିବାର ଚାହାନ୍ତି।



ଅଳ୍ପଦିନ ପୂର୍ବେ ଖିଲଜି ତାଙ୍କ ୬୦ତମ ସନ୍ତାନ ହାଜି ଖୁଶାଲ ଖାନ୍‌ଙ୍କ ବାପା ହୋଇଛନ୍ତି। ପାକିସ୍ତାନର କ୍ୱେଟାରେ ଖିଲଜିଙ୍କ ଘର। ପେସାରେ ସେ ଜଣେ ଡାକ୍ତର। ବର୍ତ୍ତମାନ ତାଙ୍କର ୩ ଜଣ ସ୍ତ୍ରୀ ଅଛନ୍ତି। କିନ୍ତୁ ସେ ଏବେ ଚତୁର୍ଥ ସ୍ତ୍ରୀ ଲାଗି ଝିଅ ଖୋଜୁଛନ୍ତି, ଯାହାପାଇଁ ସେ ତାଙ୍କ ବନ୍ଧୁମାନଙ୍କ ସହାୟତା ମଧ୍ୟ ଲୋଡ଼ିଛନ୍ତି। ନିଜ ଔରସରୁ ସେ ଅନେକ ଝିଅ ଜନ୍ମ କରିବାକୁ ଚାହାନ୍ତି। ଅନ୍ୟପକ୍ଷେ ଖିଲଜିଙ୍କ ୩ ସ୍ତ୍ରୀ ଆହୁରି ପିଲା ଜନ୍ମ କରିବାକୁ ଆଗ୍ରହୀ ଅଛନ୍ତି। ନିଜ ବିରାଟ ପରିବାରକୁ ସେ ଗୋଟିଏ ଘରେ ରଖିବାକୁ ଚାହାନ୍ତି। ୫୦ ବର୍ଷୀୟ ଖିଲଜିଙ୍କର ବେଲୁଚିସ୍ତାନର ରାଜଧାନୀ କ୍ୱେଟାରେ ଏକ କ୍ଲିନିକ୍ ଅଛି। ପାକିସ୍ତାନର ଆର୍ଥିକସ୍ଥିତି ଗତ ୩ ବର୍ଷ ଧରି ଦୁର୍ବଳ ହେବାରେ ଲାଗିଛି। ଏ ନେଇ ଖିଲଜିଙ୍କୁ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଥିବା ସେ କହିଛନ୍ତି। ଏହାସତ୍ତ୍ୱେ ପରିବାର ବଢ଼ାଇବାର ଆଗ୍ରହ ତାଙ୍କ ମନରୁ ମଉଳିନାହିଁ। ନିଜର ପୂରା ପରିବାରକୁ ପାକିସ୍ତାନର ପ୍ରତିଟି ସ୍ଥାନ ବୁଲାଇ ନେବାକୁ ଖିଲଜ୍ ଚାହୁଁଥିବାବେଳେ ତାଙ୍କ ପାଖରେ ଆବଶ୍ୟକ ଯାନର ସୁବିଧା ନାହିଁ। ଏ ନେଇ ସରକାର ତାଙ୍କୁ ଏକ ବସ୍ ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

**CORRIGENDUM**

In suppression to previous IDENTIFICATION No.:- AGLB-01/2022-23 published on NIC website on dtd.29.12.2022 and local daily newspaper Dharitri, Orissa POST & Sambad on dtd.04.01.2023 is hereby cancelled.

**Sd./- Block Development Officer, Angul**

## ଅନ୍ୟ ଖବର

# ଜବରଦଖଲ ଉଚ୍ଛେଦ ବିରୋଧରେ ବିକ୍ଷୋଭ

ହଲଦ୍ୱାନି/ନୂଆଦିଲ୍ଲୀ,୪।୧

■ହାଇକୋର୍ଟ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ

■ଆଜି ସୁପ୍ରିମକୋର୍ଟରେ ଶୁଣାଣି

ଉତ୍ତରାଖଣ୍ଡର ହଲ୍‌ଦ୍ୱାନିଠାରେ ୨୯ ଏକର ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ଆବେଦନର ଶୁଣାଣି କରିବେ। ଉଚ୍ଛେଦ ବନ୍ଦ କରିବା ଲାଗି ସେଠାରେ ଥିବା ୪,୩୬୫ଟି ଘରର ବାସିନ୍ଦା ବିକ୍ଷୋଭ ଚଳାଇଛନ୍ତି। ସେଠାରେ ବାସଗୃହ ବ୍ୟତୀତ ପାଖାପାଖି ଅଧା ପରିବାର ଜମିକୁ ଲିଜ୍ ନେଇଛନ୍ତି। ଉକ୍ତ ଜମିରେ ୪ଟି ସରକାରୀ ସ୍କୁଲ, ୧୧ଟି ଘରୋଇ ସ୍କୁଲ, ଗୋଟିଏ ବ୍ୟାଙ୍କ, ୨ଟି ଓଭରହେଡ୍ ପାଣିଟାଙ୍କି, ୧୦ଟି ମସ୍‌ଜିଦ, ୪ଟି ମନ୍ଦିର ଓ ଅନେକ ଦୋକାନ ଗତ କିଛି ଦଶନ୍ଧି ମଧ୍ୟରେ ନିର୍ମାଣ ହୋଇଛି। ଗତ ମାସ ୨୦ ତାରିଖରେ ହାଇକୋର୍ଟ ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ଲାଗି ନିର୍ଦ୍ଦେଶ ଦେବା ପରେ ଜିଲା ପ୍ରଶାସନ ଖବରକାଗଜରେ ଏକ



ବିଜ୍ଞପ୍ତି ଜାରି କରିଥିଲେ। ଜାନୁୟାରୀ ୯ ସୁଦ୍ଧା ଉକ୍ତ ଜମିରୁ ଜବରଦଖଲକାରୀ ସେମାନଙ୍କ ଜିନିଷପତ୍ର ହଟାଇନେବାକୁ ଉକ୍ତ ବିଜ୍ଞପ୍ତି ଜରିଆରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେଠାର ଅଧିବାସୀମାନେ କ୍ରମାଗତ ଭାବେ ମହମବତି ଶୋଭାଯାତ୍ରା, ଧାରଣା ଜାରି ରଖିଥିବାବେଳେ ପ୍ରଶାସନିକ ଅଧିକାରୀମାନେ ଉକ୍ତ ଅଞ୍ଚଳ ଗସ୍ତ କରିଛନ୍ତି। ଉଚ୍ଛେଦ ବନ୍ଦ ଲାଗି ସେଠାର ଏକ ମସ୍‌ଜିଦ୍‌ରେ ଶତାଧିକ ଲୋକ ସମୂହ ପ୍ରାର୍ଥନା କରିଥିଲେ। ସେହି ସମୟରେ କେତେଜଣ ବିକ୍ଷୋଭକାରୀ କାନ୍ଦୁଥିବା ଦେଖାଯାଇଥିଲା। ସାମାଜିକ କର୍ମୀ ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଆବେଦନ କରିବା ପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଏସ୍.ଏ. ନାଜିର ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ ଗୁରୁବାର ଏହାର ଶୁଣାଣି କରିବାକୁ କହିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭାଜପା ସରକାରଙ୍କୁ ଦାୟୀ କରାଯାଇଛି। ବିକ୍ଷୋଭରେ ଅନେକ ସାମାଜିକ କର୍ମୀ ଓ ରାଜନେତା ସାମିଲ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ ଜବରଦଖଲ ଉଚ୍ଛେଦ ବିରୋଧରେ ୪ ଘଣ୍ଟା ମୌନ ବ୍ରତ କରିଥିଲେ। ପିଲା, ବୁଢ଼ା ଓ ଗର୍ଭବତୀ ମହିଳାଙ୍କ ସମେତ ୫୦ ହଜାର ଲୋକଙ୍କୁ ସେମାନଙ୍କ ଘରୁ ବାହାର କରି ରାସ୍ତାରେ ଛିଡ଼ା କରାଇବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ହେବ ବୋଲି ସେ କହିଥିଲେ।

## ଜମ୍ମୁରେ ୧୮୦୦ ଅର୍ଦ୍ଧସାମରିକ ଯବାନ ମୁତୟନ ହେବେ

ନୂଆଦିଲ୍ଲୀ, ୪।୧

ଜମ୍ମୁ-କଶ୍ମୀରରେ କେନ୍ଦ୍ର ସରକାର ସେଣ୍ଟ୍ରାଲ୍ ରିଜର୍ଭପୋଲିସ ଫୋର୍ସ (ସିଆର୍‌ପିଏଫ୍)ର ୧୮ କମ୍ପାନୀ ନିୟୋଜିତ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ରାଜୌରୀରେ ଲଗାତର ଦୁଇ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିବା ପରେ ଲୋକଙ୍କ ସୁରକ୍ଷା ନେଇ କେନ୍ଦ୍ର ସରକାର ତତ୍ପର ହୋଇଛନ୍ତି। ପାଖାପାଖି ୧,୮୦୦ ଜଣ ଯବାନ ଜମ୍ମୁରେ ନିୟୋଜିତ ହେବାକୁ ଥିବାବେଳେ ପୁଞ୍ଚ ଏବଂ ରାଜୌରୀରେ ଅଧିକ ସଂଖ୍ୟକ ଯବାନ ମୁତୟନ କରାଯିବେ। ଖୁବ୍‌ଶୀଘ୍ର ୮ ସିଆର୍‌ପିଏଫ୍ କମ୍ପାନୀ ଜମ୍ମୁ-କଶ୍ମୀର ପଠାଯିବାକୁ ଥିବାବେଳେ ବାକି ୧୦ କମ୍ପାନୀ ଦିଲ୍ଲୀରୁ ଅଣାଯିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଆତଙ୍କବାଦୀ ଆକ୍ରମଣରେ ରାଜୌରୀ ଜିଲା ଉପର ଦାଙ୍ଗରି ଗ୍ରାମରେ ୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ଥିଲେ।

**DISTRICT PROJECT OFFICE, SAMAGRA SHIKSHA, NABARANGPUR**

No. 03/Vehicle **TENDER CALL NOTICE** Dated: 02.01.2023

Sealed tenders are invited from interested Travel Agencies/Tour Operators or Private Individuals for providing 02 (Two) Nos. of Vehicles i.e. **01 Mahindra Bolero/TUV300/Neo and 01 Tata Tiago/Tata Bolt/Maruti Celerio/Maruti Suzuki Swift Dzire (Diesel/Petrol) with Driver** to be engaged in the Office of District Project Coordinator, Samagra Shiksha, Nabarangpur on a monthly rental basis. The detailed information can be downloaded from **www.nabarangpur.nic.in** OR **www.osepa.odisha.gov.in**. The last date and time for submission of tender document is **31.01.2023 by 3.00 P.M.**

By Order of Collector-cum-Chairperson

**Sd./- District Educational Officer-cum-DPC**

**Samagra Shiksha, Nabarangpur**

**OFFICE OF THE COLLECTOR & DISTRICT MAGISTRATE, BALASORE**

**(TOURISM SECTION)**

**No. 03** **Date: 03.01.2023**

**EXPRESSION OF INTEREST**

No. R-14: Government of Odisha have launched a scheme namely "Baristha Nagarika Tirtha Yatra Yojana" for Senior Citizens of the State for realisation of their lifelong dream of having one Tirtha Darshan (Pilgrimage) in collaboration with IRCTC (A Govt. of India undertaking). Expression of Interest is invited from reputed Event Management Agencies / Firms / Hoteliers / Kalyani Mandaps with experience in event management for making arrangement of accommodation, fooding & other logistic arrangement for 1000 Nos. of pilgrims each who shall be travelling by train on a pilgrim tour from Balasore. The agency shall arrange all pre travel requirements for these pilgrims before boarding.

Last date of submission of EOI is **16.01.2023 upto 3 P.M.** The terms of reference may be collected from the **District Tourist Office**, Government of Odisha, Police Line, Balasore or may be downloaded from the district website **www.baleswar.nic.in**.

**Sd./- Collector & D.M., Balasore**

**OIPR-24242/11/0006/2223**

# ଅବସରପ୍ରାପ୍ତ ରେଳ ଅଧିକାରୀଙ୍କ ଘରେ ସିବିଆଇ ଚଢ଼ାଉ

ଭୁବନେଶ୍ୱର, ୪।୧ (ବ୍ୟୁରୋ)

■ ଏକକାଳୀନ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ

■ ୪.୨୮ କୋଟି ଟଙ୍କାର ସମ୍ପତ୍ତି ଠାବ, ୧.୯୨ କୋଟି ଆୟ ବହିର୍ଭୂତ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ଚିଫ୍ ଅପରେଶନ୍ ମ୍ୟାନେଜର ପ୍ରମୋଦ କୁମାର ଜେନା (୬୦)ଙ୍କ ଘର ସମେତ ୭ ସ୍ଥାନରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ପକ୍ଷରୁ ବୁଧବାର ୪ ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଚଢ଼ାଉ ହୋଇଥିବା ସ୍ଥାନଗୁଡ଼ିକ ଭୁବନେଶ୍ୱର ଓ କଟକରେ ବୋଲି ସୂଚନା ମିଳିଛି। ତେବେ ଯାଞ୍ଚ ସମୟରେ ସିବିଆଇ ଟିମ୍ ପ୍ରମୋଦ ଓ ତାଙ୍କ ପରିବାର ସଦସ୍ୟଙ୍କ ମୋଟ ୪ କୋଟି ୨୮ ଲକ୍ଷ ୮୭ ହଜାର ୫୫୩ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଏଥିରୁ ୧ କୋଟି ୯୨ ଲକ୍ଷ ୨୧ ହଜାର ୪୦୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ବୋଲି ସିବିଆଇ ପକ୍ଷରୁ ଏଫ୍‌ଆଇଆର୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ପ୍ରମୋଦଙ୍କ ପ୍ରକୃତ ଆୟର ୫୯.୦୯ ପ୍ରତିଶତ ଅଧିକ। ଏସଂକ୍ରାନ୍ତରେ ପ୍ରିଭେନ୍‌ଶନ୍ ଅଫ୍ କରପ୍‌ଶନ ଆକ୍ଟର ଦଫା ୧୩ (୧) (ବି)ରେ ଏକ ମାମଲା ରୁଜୁ କରି ସିବିଆଇ ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ଚଢ଼ାଉ ଜାରି ରହିଥିବାବେଳେ ଆହୁରି ଅଧିକ ସମ୍ପତ୍ତି ମିଳିବା ଆଶା କରାଯାଉଛି। ଚଢ଼ାଉ ଶେଷ ହେବା ପରେ ପ୍ରମୋଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରି ନେଇ ଗୁରୁବାର କିମ୍ବା ଶୁକ୍ରବାର ସିବିଆଇ ପକ୍ଷରୁ ବିସ୍ତୃତ ବିବରଣୀ ଦିଆଯିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ପ୍ରମୋଦ ୧୯୮୭ ମସିହା ବ୍ୟାଚର ରେଳ ଅଧିକାରୀ। ସେ ୧୯୮୯ ମାର୍ଚ୍ଚ ୬ରେ ଚାକିରିରେ ଯୋଗ ଦେଇ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଥିଲେ। ୨୦୨୨ ନଭେମ୍ବର ୩୦ରେ ଚିଫ୍ ଅପରେଶନ ମ୍ୟାନେଜର ଭାବେ ପଦୋନ୍ନତି ପାଇଥିଲେ। ଏହାପରେ ସେ ଚାକିରିରୁ ଅବସର ନେଇଥିଲେ। ପ୍ରମୋଦଙ୍କ ୨ଝିଅ ଥିବା ବେଳେ ବଡ଼ ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବାବେଳେ ସାନ ଝିଅ ଏମ୍‌ବିବିଏସ୍ ପରେ ଏମ୍‌ଏସ୍ ପଢୁଛନ୍ତି। ତେବେ ୨୦୦୫ ଏପ୍ରିଲ ୧ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ପ୍ରମୋଦ ବ୍ୟାପକ ଦୁର୍ନୀତି କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ସିବିଆଇ ନିକଟରେ ଡିସେମ୍ବର ୨୬ରେ ଅଭିଯୋଗ ହୋଇଥିଲା।

# ସିକ୍ୟୁରିଟି ଚେକ୍ ବେଳେ ମହିଳାଙ୍କୁ ପୋଷାକ ଖୋଲିବା ପାଇଁ କୁହାଗଲା

ବେଙ୍ଗାଲୁରୁ,୪।୧

ବୁଧବାର ବେଙ୍ଗାଲୁରୁ ଏୟାରପୋର୍ଟରେ ସିକ୍ୟୁରିଟି ଚେକ୍‌ବେଳେ ଜଣେ ମହିଳାଙ୍କୁ ତାଙ୍କ ପୋଷାକ ଖୋଲିବା ପାଇଁ କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ମହିଳାଜଣକ ଟୁଇଟରରେ ପୋଷ୍ଟ ଶେୟାର କରି ଏହା ଅପମାନଜନକ ବୋଲି କହିଛନ୍ତି। ବେଙ୍ଗାଲୁରୁ ବିମାନବନ୍ଦର ଅଫିସିଆଲ ଟୁଇଟର ହାଣ୍ଡେଲ ମହିଳାଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଏ ବିଷୟରେ ତାଙ୍କ ସହ ଆଲୋଚନା ପାଇଁ ଯୋଗାଯୋଗ କରିବାକୁ କହିଛି।

**TPCODL**

**TP CENTRAL ODISHA DISTRIBUTION LIMITED**

(A Tata Power and Odisha Govt. Joint Venture)

2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**

**NIT No: TPCODL/P&S/NIT/22-23/016**

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee incl of GST (Rs) | EMD (Rs.) | Last date & time of payment of Tender Fee |
|---|---|---|---|---|---|
| 1 | Supply, Erection and Commissioning of Package-A: 16 No 33/11kV Primary Sub-Stations Package-B: Associated 33kV & 11kV Lines of Primary Sub-Stations and 33kV independent lines underPhase-IV of ODSSP on EPC Contract Basis | TPCODL/ P&S/ 1000000339/ 22-23 | 5,000/- | Pkg(A): 1.20 Cr. Pkg (B): 1.77 Cr. | 13/01/2023, 17.00 Hrs. |
| 2 | Project Management Service for proposed 33/11 KV S/s and its connecting line in TPCODL | TPCODL/ P&S/ 1000000340/ 22-23 | 5,000/- | 2.00 Lacs | 13/01/2023, 17.00 Hrs. |

For further details of Tenders, please visit Vendor Zone/Tender Section on TPCODL website https://www.tpcentralodisha.com. Future communication/corrigendum to tender documents, if any, shall be available on website.

**ZILLA SWASTHYA SAMITI, GAJAPATI**

**TENDER CALL NOTICE**

**CORRIGENDUM**

**No. 143** **Dated: 03.01.2023**

No. E-796: In partial modification to this office Tender No. 8212 dated 30.11.2022 as requested for sealed tenders are invited from registered manufacturers/authorized distributors/traders for supply of Drugs and Consumables (In Generic) and other items for Gajapati district, Odisha. The details regarding the terms & conditions of prequalification rule No. IX to be read as **"Market Experience (Performance Statement) towards supply of the quoted Pharmaceutical product to Govt./Corporate Hospitals/PSU Hospitals on India during the last three financial years"** and the tender papers may be downloaded from **www.gajapati.nic.in** or available at O/o. CDM & PHO, Gajapati (Sub Store Section) upto Dt.13.01.2023 during office hours on all working days. The tenders should reach this office of the undersigned by Dt.16.01.2023 upto 5.00 P.M. through Regd. Post/Speed Post or Courier services only along with all the relevant documents and E.M.D. The tenders will be opened on dated 17.01.2023 at 12.00 Noon in presence of the tenderers or their authorised representatives. The undersigned reserves the right to reject or cancel any or all the tenders without assigning any reason thereof.

**Sd./- Chief District Medical & Public Health Officer, Gajapati**

**OIPR-10105/11/0016/2223**

## ବିଏସ୍‌ଇର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ରାମମୂର୍ତ୍ତି

ମୁମ୍ବାଇ: ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସୁନ୍ଦରାରାମନ୍ ରାମମୂର୍ତ୍ତି ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ,ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ନଭେମ୍ବରରେ ୨୦୨୨ରେ ବିଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ରାମମୂର୍ତ୍ତିଙ୍କ ନାମକୁ ଅନୁମୋଦନ କରିଥିଲା।

**ଜନ୍ମଦିନର ଶୁଭେଚ୍ଛା**



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ............................
ବୟସ:............................
ଜନ୍ମ ତାରିଖ: ............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଶ୍ୱକୁ ସବୁଜ ଶକ୍ତି ଯୋଗାଇବା ହବ୍ ପାଲଟିବ ଭାରତ

## ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ,୪ା୧

ଦେଶକୁ ପ୍ରଦୂଷଣ ମୁକ୍ତ କରିବା ଦିଗରେ ଭାରତ ସରକାରଙ୍କ ଆଉ ଏକ ପଦକ୍ଷେପ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ ମିଳିଲା କେନ୍ଦ୍ରର ଅନୁମତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ପ୍ରୋଜେକ୍ଟକୁ ଅନୁମତି ମିଳିଛି। ବିଶ୍ୱରେ ଭାରତକୁ ଏହି ସ୍ୱଚ୍ଛ ଇନ୍ଧନ ଉତ୍ପାଦନର ହବ୍ କରିବା ନେଇ ଏହାର ଲକ୍ଷ୍ୟ ରହିଛି। ଏହି ପ୍ରୋଜେକ୍ଟ ପାଇଁ ୧୯,୭୪୪ କୋଟି ଟଙ୍କା ମଞ୍ଜୁର ହୋଇଛି।



ଅନୁରାଗ ଠାକୁର

ଏ ନେଇ ବୁଧବାର ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆବଣ୍ଟିତ ଅର୍ଥରୁ ୧୭,୪୯୦ କୋଟି ଟଙ୍କା ଭିତ୍ତିଭୂମି ପାଇଁ ଖର୍ଚ୍ଚ ହେବ। ପାଇଲଟ୍ ପ୍ରୋଜେକ୍ଟ ପାଇଁ ୧,୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ ପାଇଁ ୪୦୦ କୋଟି ଏବଂ ୩୮୮ କୋଟି ଟଙ୍କା ଅନ୍ୟାନ୍ୟ ଉପାଦାନ ପାଇଁ ଖର୍ଚ୍ଚ ହେବ। ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହାର କାର୍ଯ୍ୟକାରିତାକୁ ନେଇ ବିଭିନ୍ନ ଗାଇଡ୍‌ଲାଇନ ଜାରି କରାଯିବ। ଏହି ମିଶନ ଅନୁଯାୟୀ, ବାର୍ଷିକ ସର୍ବନିମ୍ନ ୫ମିଲିୟନ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଷମତା ବିକାଶକୁ ପ୍ରୋତ୍ସାହନ କରିବା ସହ ୨୦୩୦ ସୁଦ୍ଧା ଦେଶରେ ପ୍ରାୟ ଅତିରିକ୍ତ ୧୨୫ଜିଡବ୍ଲ୍ୟୁ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରହିଛି। ଏହି ମିଶନ ଦ୍ୱାରା ପ୍ରାୟ ୬ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ହାଇଡ୍ରୋଜେନ୍ ଉତ୍ପାଦନ ବୃଦ୍ଧି ହେବା ଦ୍ୱାରା ପ୍ରାୟ ୧ଲକ୍ଷ କୋଟି ଜୀବାଶ୍ମ ଇନ୍ଧନ ଆମଦାନୀ କମ୍ ହୋଇପାରିବ। ଏହାଦ୍ୱାରା ୨୦୩୦ ସୁଦ୍ଧା ୫୦ ଏମ୍‌ଏମ୍‌ଟି ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ପନ୍ନ ମଧ୍ୟ କମ୍ ହେବ। ସରକାରୀ ବିବୃତି ଅନୁଯାୟୀ ମିଶନ ଦ୍ୱାରା ଅନେକ ବ୍ୟାପକ ଲାଭ ହେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଫଳରେ ଏହାର ରପ୍ତାନି ସୁଯୋଗ ସୃଷ୍ଟି ହେବ। ଶିଳ୍ପରେ ଗତିଶୀଳତା, କାର୍ବନ ଡାଇଅକ୍ସାଇଡ୍ ହ୍ରାସ, ଆମଦାନୀ ହେଉଥିବା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ, ସ୍ୱଦେଶୀ ଉତ୍ପାଦନ କ୍ଷମତାର ବିକାଶ, ରୋଜଗାର ସୃଷ୍ଟି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ହେବ ବୋଲି କୁହାଯାଇଛି।

## ୧ ଟ୍ରିଲିୟନ୍‌ର କାରବାର କରିବ ଟାୟାର ଶିଳ୍ପ

ନୂଆଦିଲ୍ଲୀ, ୪ା୧

ଦେଶରେ ଟାୟାର ଶିଳ୍ପ ଆସନ୍ତା ୩ ବର୍ଷ ମଧ୍ୟରେ ୧ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରିବ ବୋଲି ବୁଧବାର ଅଟୋମୋଟିଭ ଟାୟାର ଉତ୍ପାଦନକାରୀ ସଂଘ (ଏଟିଏମ୍‌ଏ) ପକ୍ଷରୁ କୁହାଯାଇଛି। ତେବେ ଏହି ଶିଳ୍ପରେ ନୂତନ ନିଯୁକ୍ତି ସୃଷ୍ଟି କରିବା ପାଇଁ ଗତ ୩ ବର୍ଷ ମଧ୍ୟରେ ୩୫,୦୦୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ସତିଶ ଶର୍ମା କହିଲେ, ଦେଶରେ ପୁରୁଣା ଗାଡ଼ି ଗୁଡ଼ିକ ଚଳାଚଳ କରିବା ଏବଂ ୧୫ ବର୍ଷ ପୁରୁଣା ସରକାରୀ ଯାନ ଗୁଡ଼ିକର ପଞ୍ଜୀକରଣର ନବୀକରଣ ନ ହେବା ନୂତନ ଯାନ ଗୁଡ଼ିକର ଚାହିଦା ସୃଷ୍ଟି ହେବ। ଏହା ଦ୍ୱାରା ଟାୟାର ଶିଳ୍ପ ସହିତ ଅନେକ ସଂପୃକ୍ତ କ୍ଷେତ୍ର ମଧ୍ୟ ବିକାଶିତ ହେବ। ଯାହା ଫଳରେ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି ସେ ମତପ୍ରକାଶ କରିଛନ୍ତି।

## ବି.ଲାଇଭ୍‌ର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୪ା୧

ମଲ୍‌ଟି ବ୍ରାଣ୍ଡ୍ ବୈଦ୍ୟୁତିକ ଯାନ (ଇଭି) ପ୍ଲାଟ୍‌ଫର୍ମ ବି.ଲାଇଭ୍‌ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏପରିକି ରାଉରକେଲା ସହରରେ ବ୍ରାଣ୍ଡ୍‌ର ପ୍ରଥମ ମଲ୍‌ଟିବ୍ରାଣ୍ଡ୍ ଷ୍ଟୋର ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶେଷକରି ବୈଦ୍ୟୁତିକ ଯାନ ଉପରେ ବିଶ୍ୱସ୍ତରୀୟ ସଚେତନତା ହେତୁ ଗ୍ରାହକଙ୍କ ଆଗ୍ରହ ବୃଦ୍ଧି, ଇନ୍ଧନ ମୂଲ୍ୟ ବୃଦ୍ଧି ସହ ବ୍ରାଣ୍ଡ୍‌ର ଗୁରୁତ୍ୱ ଦୃଷ୍ଟିରୁ ଏହାର ୧୯ତମ ଇଭି ଷ୍ଟୋରରେ ପହଞ୍ଚିଛି। ଏଠାରେ ଏକାଧିକ ଇଭି ବ୍ରାଣ୍ଡ୍ ଉପଲବ୍ଧ। ବୈଦ୍ୟୁତିକ ସ୍କୁଟର, ମୋଟର ସାଇକେଲ ଇତ୍ୟାଦିକୁ ଗ୍ରାହକ ସର୍ବନିମ୍ନ ଇଏମ୍‌ଆଇ ମାସିକ ୨୦୦୦ ଟଙ୍କାରେ କିଣିପାରିବେ। ଉଲ୍ଲେଖଯୋଗ୍ୟ, ଏଠାରେ କାଇନେଟିକ ଗ୍ରୀନ୍, ହିରୋ ଲେକ୍ଟ୍ରର,ଏଲ୍‌ଏମ୍‌ଏଲ୍-ଡିଟେଲ,ବ୍ୟାଟରେ, ଜେମାପିୟା ପ୍ରଭୃତି ଉପଲବ୍ଧ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ବି.ଲାଇଭ୍‌ର ସିଇଓ ତଥା ସହପ୍ରତିଷ୍ଠାତା ସମର୍ଥ ଖୋଲକର କହିଛନ୍ତି, ରାଉରକେଲାଠାରେ ଆମର ପ୍ରଥମ ଷ୍ଟୋର ଶୁଭାରମ୍ଭ ସହ ଓଡ଼ିଶା ବଜାରରେ ମଧ୍ୟ ପ୍ରବେଶ ପାଇଁ ଆମେ ଗୌରବାନ୍ୱିତ ଅଛୁ। ବିଶେଷକରି ବୈଦ୍ୟୁତିକ ଯାନର ଗତିଶୀଳତାକୁ ଆମେ ଓଡ଼ିଶାର ଜନସାଧାରଣଙ୍କୁ ପ୍ରଦାନ କରିବୁ। ଏପରିକି ସହଜରେ ଗାଡ଼ି କିଣିବା ପାଇଁ ଆମେ ଗ୍ରାହକମାନଙ୍କୁ ଫାଇନାନ୍ସ ଠାରୁ ଆରମ୍ଭକରି ସବୁ ପ୍ରକାର ସହାୟତା ଯୋଗାଇଦେବୁ। ସେହିଭଳି ବି.ଲାଇଭ ଷ୍ଟୋରର ମାଲିକ ଅକ୍ଷୟ ପ୍ରହରାଜ କହିଛନ୍ତି, ଆମେ ବି.ଲାଇଭ ସହ ସହଭାଗୀ ହୋଇ ଅତ୍ୟନ୍ତ ଆନନ୍ଦିତ ଓ ଓଡ଼ିଶାର ଲୋକମାନଙ୍କ ମୋବିଲିଟି ଉଦ୍ଦେଶ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବୁ।

## ଜାନୁୟାରୀ ୭ରୁ 'ଡିଓଡି ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ୍'




ଭୁବନେଶ୍ୱର,୪ା୧

ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଜାନୁୟାରୀ ୭ରୁ ଆରମ୍ଭ ହେବାକୁ ଯାଉଛି 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି), ଜୀ-ସାର୍ଥକ ସଂସାର ଡ୍ୟାନ୍ସ ଲିଗ୍'। ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକଗୁଡ଼ିକର ଅଭିନେତ୍ରୀମାନେ ଏଥିରେ ପ୍ରତିଯୋଗୀ ଭାବରେ ଭାଗ ନେବେ। ଏପରିକି ସୁଜିତ ଓ ଚାନ୍ଦିନୀଙ୍କ ଦମ୍‌ଦାର ସଂଯୋଜନାରେ ଆରମ୍ଭ ହେବାକୁ ଯାଉଥିବା ଏହି ଡ୍ୟାନ୍ସ ଲିଗ୍‌ରେ ଅଭିନେତା ଦେବାଶିଷ ପାତ୍ର, ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଡ୍ୟାନ୍ସର ହରିହର ଦାଶ ଜୁରି ଆସନ ଅଳଙ୍କୃତ କରିବେ ଏବଂ ବାଛିବେ କେଉଁ ଦଳ ହେବ ବିଜେତା। ଏହି ଡ୍ୟାନ୍ସ ଲିଗ୍‌ରେ ପ୍ରତିଯୋଗୀ ଭାବେ ଭାଗନେବେ ନିକିତା,ଅଙ୍କିତା,ଜସ୍ମିନ, ଦୀପିକା, ଅନନ୍ୟା, ଏଲି, ଅର୍ପିତା ଓ ଛନ୍ଦିତା,ଉପରୋକ୍ତ ଅଭିନେତ୍ରୀମାନଙ୍କୁ ନେଇ ଦୁଇଟି ଦଳରେ ହେବାକୁ ଥିବା ଡ୍ୟାନ୍ସ ଧମାକାର ଟକ୍କର ସହ ଏହି ଶୋ, ଆପଣଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବ। ଅଭିନେତ୍ରୀ ଭାବରେ ପରଦା ଉପରେ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ଜିଣି ସାରିଥିବା ଏହି ଚୁଲବୁଲି ନାୟିକାମାନେ ନୃତ୍ୟ ପ୍ରଦର୍ଶନରେ କେତେ କମାଲ ଦେଖାଇ ପାରିବେ, ତା' ଉପରେ ସମସ୍ତଙ୍କର ନଜର ରହିବ। ପ୍ରଥମଥର ପାଇଁ ଓଡ଼ିଆ ଟେଲି ଇଣ୍ଡଷ୍ଟ୍ରିରେ ଏପରି ଏକ ଡ୍ୟାନ୍ସ ରିୟଲିଟି ଶୋ ହେବାକୁ ଯାଉଛି। ଯଦିଓ ପୂର୍ବରୁ ଅନେକ କିଛି ସଫଳ କାର୍ଯ୍ୟକ୍ରମରେ ଅଭିନେତ୍ରୀମାନେ ନୃତ୍ୟ ପରିବେଷଣ କରି ସେମାନଙ୍କର ଟ୍ୟାଲେଣ୍ଟ ଦେଖାଇ ସାରିଛନ୍ତି, କିନ୍ତୁ ଏହି ଶୋରେ ସେମାନେ ପରସ୍ପରକୁ ଏକ ପ୍ରତିଯୋଗୀ ଭାବରେ ଟକ୍କର ଦେଇ ସାମ୍ନା କରିବେ। ନିଜ ଭିତରେ ପ୍ରତିଯୋଗୀ ମନୋଭାବ ନେଇ କେହି ନୃତ୍ୟ ପ୍ରଦର୍ଶନରେ ମଧ୍ୟ କାହାଠାରୁ କମ୍ ନୁହନ୍ତି ତାହା ସେମାନେ ପ୍ରତିପାଦିତ କରିବା ପାଇଁ ଏହି ରିଆଲିଟି ଶୋ'ରେ ଚେଷ୍ଟା କରିବେ ଜୀ. ସାର୍ଥକ ଚାନେଲର ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି। ଏହି ମେଗା ଡ୍ୟାନ୍ସିଂ ରିଆଲିଟି ଶୋ ଆଗାମୀ ଜାନୁୟାରୀ ୭ରୁ ପ୍ରତି ଶନିବାର ଓ ରବିବାର ରାତି ୯:୩୦ ରୁ ୧୦:୩୦ ମଧ୍ୟରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

## ମାଇକ୍ରୋଭେଷ୍ଟଠାରୁ ଭର୍ଥାନାର ନିବେଶ ପ୍ରାପ୍ତି

ନୂଆଦିଲ୍ଲୀ,୪ା୧

ସୁଲଭ ଶିକ୍ଷା ଋଣ ନିମନ୍ତେ ବାଙ୍ଗାଲୋରର ଏକ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ (ଏନ୍‌ବିଏଫ୍‌ସି) ଆମେରିକାର ଏକ ବିଶ୍ୱସ୍ତରୀୟ ବିନିଯୋଗ ସଂସ୍ଥା ମାଇକ୍ରୋଭେଷ୍ଟଠାରୁ ୭ ମିଲିୟନ ଡଲାର (ପ୍ରାୟ ୫୬ କୋଟି ଟଙ୍କା) ନିବେଶ ପ୍ରାପ୍ତି କରିଛି। ଏହି ପୁଞ୍ଜି ବିନିଯୋଗ ଦ୍ୱାରା ସାରା ଦେଶର ଗ୍ରାମାଞ୍ଚଳରେ ସୁଲଭ ଶିକ୍ଷାକୁ ସହଯୋଗ ଏବଂ ରୂପାନ୍ତର କରିବା ଏବଂ ଘରୋଇ ବିଦ୍ୟାଳୟକୁ ଋଣ ପ୍ରଦାନ କରିବାର ଭର୍ଥାନାର ଲକ୍ଷ୍ୟକୁ ସକ୍ଷମ କରିବ। ଏହି ପାଣ୍ଠି କୋଭିଡ୍-୧୯ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାରୁ ସୁଲଭ ବିଦ୍ୟାଳୟଗୁଡ଼ିକୁ ମୁକୁଳିବା ନିମନ୍ତେ ସହାୟତା କରିବା ପାଇଁ ଭର୍ଥାନାର ଲକ୍ଷ୍ୟକୁ ଦୃଢ଼ କରିବ। ବିକାଶ ବିଷୟରେ ସୂଚନା ଦେଇ ଭର୍ଥାନାର ସିଇଓ ତଥା ସହପ୍ରତିଷ୍ଠାତା ଷ୍ଟିଭ୍ ହାର୍ଡଗ୍ରେଭ କହିଛନ୍ତି, ମାଇକ୍ରୋଭେଷ୍ଟ ଆମର ଦୀର୍ଘକାଳୀନ ନିବେଶର ଅଂଶୀଦାର ହୋଇଆସୁଅଛି ଯାହା ଭାରତରେ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛି। ସ୍ୱଳ୍ପ ବଜେଟ ବିଦ୍ୟାଳୟ ଯେଉଁଥିରେ ଆମେ ବିନିଯୋଗ କରୁଛୁ, ମହାମାରୀ ସମୟରେ ସମ୍ମୁଖୀନ ହୋଇଥିବା ସମସ୍ୟା ପରେ ବ୍ୟବସାୟକୁ ଫେରିବା ପାଇଁ ନିବେଶ ଅନ୍ତର୍ଭୁକ୍ତ ଆର୍ଥିକ ସେବା ଉପରେ ନିର୍ଭର କରୁଛନ୍ତି। ମାଇକ୍ରୋଭେଷ୍ଟ ସହଯୋଗରେ ଏହି ବିଦ୍ୟାଳୟଗୁଡ଼ିକୁ ସାହାଯ୍ୟ କରିବାରେ ଆମେ ଏକ ଦୃଢ଼ ସ୍ଥିତି ହାସଲ କରିଛୁ। ମହାମାରୀର ୨ ବର୍ଷପରେ ବିଦ୍ୟାଳୟଗୁଡ଼ିକ ସକାରାତ୍ମକ ଦିଗରେ ଗତି କରୁଛନ୍ତି। ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୦,୦୦୦ରୁ ଅଧିକ ବିଦ୍ୟାଳୟକୁ ସାହାଯ୍ୟ କରିବା ଆମର ଲକ୍ଷ୍ୟ ରହିଛି। ଋଣ ବିତରଣ କରିବା ବ୍ୟତୀତ ଭର୍ଥାନା ବିଦ୍ୟାଳୟଗୁଡ଼ିକୁ ଡିଜିଟାଲ ଲର୍ନିଂ ଟୁଲସ୍ ଏବଂ ଟିଚିଂ ମେଥଡ୍ ପ୍ରଦାନ କରିଛି ଯାହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ମହାମାରୀ ସତ୍ତ୍ୱେ ସେମାନଙ୍କ ଶିକ୍ଷା ଜାରି ରଖିପାରିବେ।

ମାଇକ୍ରୋଭେଷ୍ଟର ସିଇଓ ଜୋଶୁଆ ମୋରାକ୍‌ଜଉସ୍କି କହିଛନ୍ତି, ଭାରତରେ ଭର୍ଥାନା ମାଧ୍ୟମରେ ସ୍ୱଳ୍ପ ଆୟ ଅନ୍ତର୍ଭୁକ୍ତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାରକୁ ସାହାଯ୍ୟକରି ଆମେ ଗର୍ବିତ। ଆମେ ଭର୍ଥାନା ପରି ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ସମର୍ଥନ କରିବାପାଇଁ ପ୍ରତିଶ୍ରୁତିବଦ୍ଧ। କୋଭିଡ୍ ପରେ ସେମାନଙ୍କର ପ୍ରୟାସ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି।

## ୨.୫୦ ଲକ୍ଷ ୟୁନିଟ୍ ଯାନ ବିକ୍ରିଲା ଏଚ୍‌ଏମ୍‌ଏସ୍‌ଆଇଏଲ୍

ନୂଆଦିଲ୍ଲୀ,୪ା୧

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇଏଲ) ପକ୍ଷରୁ ଡିସେମ୍ବର ମାସର ଗାଡ଼ି ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବଧିରେ କମ୍ପାନୀ ୨୫୦,୧୭୧ ୟୁନିଟ୍ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଉଲ୍ଲେଖଯୋଗ୍ୟ, ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ 'ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ' ଡିସେମ୍ବରରେ ୨୫୦,୧୭୧ ୟୁନିଟ୍ ଯାନ ବିକ୍ରି କରିଛି। ଏଥିରେ ୨୩୩,୧୫୧ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି ଏବଂ ୧୭,୦୨୦ ୟୁନିଟ୍ ଯାନ ରପ୍ତାନି ହୋଇଅଛି। ତେବେ ଘରୋଇ ବିକ୍ରି ଗତବର୍ଷର ସମାନ ଅବଧିରେ ୧୧% ଅଭିବୃଦ୍ଧି ହୋଇ ୨୧୦,୬୩୮ ୟୁନିଟ୍ ରହିଥିଲା ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି।

## 'ଜିଓକୁ ସପୋର୍ଟ କରିବ ମୋଟୋରୋଲା ୫ଜି ଫୋନ୍

ନୂଆଦିଲ୍ଲୀ, ୪ା୧

ଦେଶର ଅଗ୍ରଣୀ ସ୍ମାର୍ଟଫୋନ୍ ନିର୍ମାତା ମୋଟୋରୋଲା ତାର ନୂତନ ୫ଜିସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିଛି। ଏଥିରେ ଜିଓର ଟ୍ରୁ ୫ଜି ଷ୍ଟାଣ୍ଡ ଏଲୋନ୍ ନେଟ୍‌ୱାର୍କକୁ ସପୋର୍ଟ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ମୋଟୋରୋଲା ଏଜ୍୩୦ ଅଲ୍‌ଟ୍ରା, ମୋଟୋରୋଲା ଏଜ୍୩୦ ଫ୍ୟୁଜନ୍, ମୋଟୋରୋଲା ଏଜ୍ ୩୦, ମୋଟୋ ଜି୮୨ ୫ଜି, ମୋଟୋରୋଲା ଏଜ୍ ୩୦ ପ୍ରୋ, ମୋଟୋ ଜି୭୧ ୫ଜି, ମୋଟୋ ଜି୫୧ ୫ଜି, ମୋଟୋରୋଲା ଏଜ୍ ୨୦, ମୋଟୋରୋଲା ଏଜ୍ ୨୦ ଫ୍ୟୁଜନ୍ ଏବଂ ମୋଟୋ ଜି ୬୨ ୫ଜି ସ୍ମାର୍ଟଫୋନ୍ ରିଲାଏନ୍ସର ଜିଓର ଟ୍ରୁ ୫ଜି ନେଟ୍‌ୱର୍କରେ କାର୍ଯ୍ୟ କରିବ ଏବଂ ଦେଶର ଗ୍ରାହକ ମାନେ ଜିଓ ଟ୍ରୁ ୫ଜିର ଅନୁଭୂତି ନେଇ ପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ନେଇ ମୋଟୋରୋଲା ଏସିଆ ପାସିଫିକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଶାନ୍ତ ମଣି କହିଲେ, ଏହି ସ୍ମାର୍ଟଫୋନ୍‌ରେ ହାଇସ୍ପିଡ୍ ୫ଜି ଅନୁଭୂତି ଗ୍ରାହକ ମାନେ ନେଇ ପାରିବେ ଏବଂ ଦେଶର ଅଗ୍ରଣୀ ଶିଳ୍ପ ସଂସ୍ଥା ରିଲାଏନ୍ସ ଜିଓ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ଖୁବ୍ ଆନନ୍ଦିତ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ରିଲାଏନ୍ସର ଜିଓର ସଭାପତି ସୁନିଲ ଦତ୍ତ କହିଲେ, ମୋଟୋରୋଲର ୫ଜି ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ସମସ୍ତ ଜିଓ ଗ୍ରାହକ ମାନଙ୍କୁ ଜିଓ ୱେଲକମ୍ ଅଫର ଅଧୀନରେ ଅସୀମିତ ୫ଜି ଇଣ୍ଟରନେଟ୍ ଡାଟା ଏବଂ ୧ ଜିବିପିଏସ୍‌ରୁ ଅଧିକ ସ୍ପିଡ୍ ମିଳିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।




ରାଜସ୍ଥାନଠାରେ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାୱାର ଗ୍ରୀଡ୍‌ର ୮.୯ ଜିଡବ୍ଲ୍ୟୁର ସୋଲାର ପାୱାର ୟୁନିଟ୍‌ର ଶୁଭାରମ୍ଭ ରାଜସ୍ଥାନ ରାଜ୍ୟପାଳ କଲରାଜ ମିଶ୍ର, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଉପସ୍ଥିତିରେ କରୁଛନ୍ତି।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Classified Everyday** 0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/ Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385



AUTOMOBILE

**SALE**

2014 model VOLKS WAGAN VENTO car in tiptop new running condition for sale at Bhubaneswar. Contact: 8895211214. D-2404

Your classified advertisement published in Dharitri will be listed free in Dharitri online edition: dharitriepaper.in




Relax, Refresh your body, Mind at Saikrupa Spa with best therapies. 8984068077. D-2374

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74623

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**୧୭ତମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ବୋଉ, ମାମୁ, ମାଇଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୨୨

**ଊଣେଇଶତମ ଶ୍ରାଦ୍ଧବାର୍ଷିକ**



ଁକୈଳାସ ଚନ୍ଦ୍ର ସାହୁ
ଆବିର୍ଭାବ: 09.05.1951
ତିରୋଧାନ: 06.01.2004
ଆପଣଙ୍କର ସ୍ନେହ, ଆଦର୍ଶ, ବ୍ୟକ୍ତିତ୍ୱ, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିଥାଉ। ଆଜି ପବିତ୍ର ଶ୍ରାଦ୍ଧଦିବସରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସହ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ : ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୪୦୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁଫଗୁ ବିହାରୀ ନାୟକ
ଚଣ୍ଡୀବଜାର, କେନ୍ଦ୍ରାପଡ଼ା
ଆବିର୍ଭାବ- ୨୩।୦୧।୧୯୩୮
ତିରୋଧାନ- ୨୬।୧୨।୨୦୨୨
ତୁମ ସ୍ମୃତି ଆମ ହୃଦୟରେ ସର୍ବଦା ଅମଳିନ ରହୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନିତ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ, ନାତିନାତୁଣୀ ତଥା ବନ୍ଧୁ ଓ ପରିବାରବର୍ଗ।
ଧ-୨୪୦୭

# ଓଡ଼ିଶା ବିକାଶ ପଥରେ ମୋଦିଜୀଙ୍କ ୫ଜି ରଥ

ନୂଆବର୍ଷ ଦିନ ମୁଁ ଜଣେ ବନ୍ଧୁଙ୍କୁ ଦେଖାକରିବା ପାଇଁ ନିଜ ଗାଡ଼ିରେ ଯାଉଥାଏ। ଦେଖିଲି, ମୁଖ୍ୟ ରାସ୍ତାରେ ଅସମ୍ଭବ ଟ୍ରାଫିକ୍ ଭିଡ଼। ଭିଡ଼ରୁ ବର୍ତ୍ତିବା ପାଇ ମୁଁ ଗାଡ଼ିରୁ ଓହ୍ଲାଇ ପଡ଼ି ଅଟୋରିକ୍ସା କରିବି ବୋଲି ସ୍ଥିର କଲି। ଅଟୋ ଡ୍ରାଇଭରଙ୍କୁ ଗଳିବାଟ ବତାଇବା ବେଳେ ମୁଣ୍ଡରେ ଗୋଟାଏ କଥା କିନ୍ତୁ ମୋର ଖେଳୁଥାଏ – ପେମେଣ୍ଟ କରିବି କେମିତି। କାରଣ ମୋର ଧାରଣା ଥିଲା, ପେମେଣ୍ଟ କ୍ୟାସ୍‌ରେ ଦେବାକୁ ପଡ଼ିବ। ଆଉ ମୋ ପାଖରେ କ୍ୟାସ୍ ନ ଥିଲା। ମୋର ୭୦ ଟଙ୍କାର ଭଡ଼ା ହେଉଥାଏ, ହଠାତ୍ ଅଟୋଚାଳକ ମୋତେ ପଚାରିଲେ, ‘‘ସାର୍! ଫୋନ୍‌ରେ ପେମେଣ୍ଟ କରିବେ’’? ମୋ ସୁରକ୍ଷା ଅଧିକାରୀ ସଙ୍ଗେ ସଙ୍ଗେ ଅଟୋ ଚାଳକଙ୍କ ନମ୍ବର ନେଇ ପେମେଣ୍ଟ କଲେ, ମୋବାଇଲ୍‌ରେ ଅଟୋ ଚଳକଙ୍କ ବ୍ୟାଙ୍କ ଖାତା ନାଁ ‘‘ଶିବ ସୋନକର’’ ସହ ୧୦୦ ଟଙ୍କାର ସଫଳ ବ୍ୟାଙ୍କ ପେମେଣ୍ଟର ମେସେଜ୍ ମଧ୍ୟ ଆସିଗଲା। ଅଟୋ ଚାଳକ ଜଣକ ନିଜ ପାଉଣା ପାଇ କହିଲା ‘‘ଡିଜିଟାଲ ପେମେଣ୍ଟ ସବୁଠୁ ବେଷ୍ଟ, ଆପଣଙ୍କୁ ବି ସୁବିଧା ଆଉ ମୋତେ ବି ସୁବିଧା।’’ ଏହି କଥା ପଦକରେ ମୁଁ ଯେତିକି ଆଶ୍ୱସ୍ତ ହେଲି ତା’ଠାରୁ ବେଶି ଆହ୍ଲାଦିତ ହେଲି।

ସମୟ ଯେତିକି ଆଗକୁ ଆଗକୁ ଯାଉଛି, ଆମ ବିଶ୍ୱ ସେତିକି ଡିଜିଟାଇଜ୍ ହେବାରେ ଲାଗିଛି। ‘ଡିଜିଟାଲ୍ ଫାଷ୍ଟ’ ଯୁଗରେ ଟଙ୍କାପଇସା ନେଣଦେଣ ଯେଉଁ ହାରରେ ଡିଜିଟାଲ ହେବାରେ ଲାଗିଛି, ଆଗକୁ ହୁଏତ ଡିଜିଟାଲ ଅର୍ଥନୀତି ନ କହି ବରଂ ଯାହା ଡିଜିଟାଲ ତାହା ହିଁ ଅର୍ଥନୀତି ବୋଲି ଧରିନିଆଯିବ। ୨ଜି, ୩ଜି, ୪ଜି ମାଧ୍ୟମରେ ଆମେ ନିକଟ ଅତୀତରେ ଟେଲିଯୋଗାଯୋଗର ବେଗ ବା ସ୍ପିଡ୍‌ରେ ଯେଉଁ ପ୍ରଦର୍ଶିତ ଅଭିବୃଦ୍ଧି ଦେଖିଆସିଛୁ, ତାହା ଆମର ସ୍ପିଡ୍ ଅଭିଳାଷକୁ ଆହୁରି ବେଶି ବେଶି ବଢ଼ାଇ ଚାଲିଛି। ବିଗତ ଶତାବ୍ଦୀ ଥିଲା ମେକାନିକାଲ ସ୍ପିଡ୍‌ର ଶତାବ୍ଦୀ। ଆଉ ଚଳିତ ଶତାବ୍ଦୀ ହେଉଛି ଭର୍ଚୁଆଲ ସ୍ପିଡ୍‌ର ଶତାବ୍ଦୀ। ମେକାନିକାଲରୁ ଭର୍ଚୁଆଲକୁ ଆସୁ ଆସୁ ଆମର ଏ ଯେଉଁ ଆଦର୍ଶଗତ ପରିବର୍ତ୍ତନ ହେଲା, ତାହା ଆମ ସମସ୍ତଙ୍କର କ୍ରିୟା ପ୍ରତିକ୍ରିୟା, ଆଚାର ବ୍ୟବହାରରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିଛି, ଯାହାକୁ ଆମର ସାମଗ୍ରିକ ଜନସମୁଦାୟକୁ ସ୍ୱୀକାର କରିବାକୁ ପଡ଼ିବ। ଏହି କ୍ରମରେ ୫ଜି କେବଳ ଏକ ବୈଷୟିକ ପରିବର୍ତ୍ତନ ନୁହେଁ, ୫ଜି ହେଉଛି ଡିଜିଟାଲ ବିଶ୍ୱର ଏକ ସୁଦୃଢ଼ ଭିତ୍ତିଭୂମି।

ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ – ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ଏହି ଉକ୍ତି ଦଶନ୍ଧି ଦଶନ୍ଧି ଧରି ଓଡ଼ିଶାବାସୀଙ୍କ କପାଳଲିଖନ ପାଲଟି ଯାଇଥିଲା। କାଲି ପରି ଲାଗୁଛି, ଡିଡି ଓଡ଼ିଆର ୨୪ ଘଣ୍ଟିଆ ଚାନେଲର ଲୋକାର୍ପଣ ବେଳେ ତତ୍କାଳୀନ କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଦିବଂଗତା ସୁଷମା ସ୍ୱରାଜ କ୍ଷୋଭର ସହ ଯାହା କହିଥିଲେ ତାହାର ମର୍ମ ଥିଲା, ଭାରତର ସବୁ ଭାଷାରେ ଦୂରଦର୍ଶନର ୨୪ ଘଣ୍ଟିଆ ଚାନେଲ୍ ଆରମ୍ଭ ହୋଇ ସାରିଥିବା ବେଳେ ଡିଡି ଓଡ଼ିଆ କ୍ଷେତ୍ରରେ ଏହା ନ ହେବା ଏକ ବ୍ୟତିକ୍ରମ ନୁହେଁ, ବିଡମ୍ବନା ମଧ୍ୟ। ଭାତହାଣ୍ଡିରୁ ଭାତଟିଏ ଚିପିବା ଭଳି ଏ ଘଟଣା। ଅନେକ ଦଶନ୍ଧି ଧରି କେନ୍ଦ୍ରରେ ରାଜ୍ କରୁଥିବା ଶାସକ ଦଳମାନେ ଓଡ଼ିଶାକୁ ଏକ ଟେକେନ୍ ଫର୍ ଗ୍ରାଣ୍ଟେଡ୍ ଷ୍ଟେଟ୍ ଭାବେ ସତେ ଯେମିତି ଧରି ନେଇଥିଲେ। ଦଶନ୍ଧି ଦଶନ୍ଧିର ଉପେକ୍ଷା ଓ ଅବହେଳା ଯୋଗୁ ମୋବାଇଲ୍ ସେବା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ପଡ଼ି ରହିଥିଲା, ଫଳତଃ ଓଡ଼ିଶାରେ ୬୦୯୯ ଗାଁ ଗତବର୍ଷ ଯାଏ ମୋବାଇଲ୍ ସେବା ପାଇ ପାରୁ ନ ଥିଲେ। ସୁଖର କଥା ଆମ ରାଜ୍ୟ ପାଇଁ ସେ ଅବହେଳା ଓ ଅଣଦେଖା ଯୁଗ ଆଉ ନାହିଁ। ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇ ସାରିଛନ୍ତି। ଏହି କ୍ରମରେ ଭାରତର ଅନ୍ୟ ବହୁ ରାଜ୍ୟ ପୂର୍ବରୁ ଆଜି ଓଡ଼ିଶାରେ ଆରମ୍ଭ ହେଉଛି ୫ଜି ସେବା।

ଏକ ଗତିଶୀଳ ଦେଶର ମୁଖ୍ୟସ୍ରୋତରେ ସମସ୍ତଙ୍କୁ ସମ୍ମିଳିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କର ଦୂରଦୃଷ୍ଟି ଓ ସଞ୍ଚାର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରଚେଷ୍ଟାରେ ୨୦୨୨ରେ ଓଡ଼ିଶାକୁ ୩୨୧୯ କୋଟି ବ୍ୟୟରେ ୩୯୩୩ଟି ମୋବାଇଲ ଟାୱାର ପ୍ରତିଷ୍ଠା ଆରମ୍ଭ କରାଯାଇଥିଲା, ପରେ USOF– LWE Phase ୨ରେ ଅତିରିକ୍ତ ୪୮୩ଟି ଟାୱାର ଓଡ଼ିଶାର ମାଓବାଦୀ ପ୍ରବଣ ଜିଲାଗୁଡିକରେ ମଧ୍ୟ ସ୍ଥାପନ କରାଯାଉଛି। ଏହି କ୍ରମରେ ଓଡ଼ିଶାର ୬୦୯୯ ଅଣସେବାପ୍ରାପ୍ତ ଗାଁରୁ ୪୪୧୩ ଗାଁକୁ ମୋବାଇଲ ସେବା ପହଞ୍ଚାଇ ଦିଆଯାଇ ସାରିଲାଣି। USOF ଆସନ୍ତା ଦିନଗୁଡିକରେ ଏହା ବିଏସ୍ଏନ୍ଏଲ୍ ଦ୍ୱାରା ଆରମ୍ଭ କରାଯିବ, ବିଏସ୍ଏନ୍ଏଲ୍ ଦ୍ୱାରା ତ୍ୱରାନ୍ୱିତ ହେବା ପରେ ଓଡ଼ିଶାର ସମସ୍ତ ଜନବସତି ମୋବାଇଲ ସେବା ପାଇପାରିବେ। ଦେଶର ସମସ୍ତ ୨.୬ ଲକ୍ଷ ଗ୍ରାମପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇବା ପାଇଁ ୨୨, ୬୭୬ କୋଟି ବ୍ୟୟରେ ଭାରତନେଟ୍ ପ୍ରକଳ୍ପ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୬୭୫୬ ଗ୍ରାମପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଡିସେମ୍ବର ୩୧ ପର୍ଯ୍ୟନ୍ତ ୨,୫୧୧ଟି ଗ୍ରାମପଞ୍ଚାୟତରେ ୱାଇ–ଫାଇ ହଟସ୍ପଟ୍ ସ୍ଥାପନ କରାଯାଇ ସାରିଛି। କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶା ସମେତ ଦେଶର ସମସ୍ତ ରାଜସ୍ୱ ଗ୍ରାମକୁ ସଂଯୋଗ କରିବା ପାଇଁ ଭାରତନେଟ୍‌ର ପରିସୀମାକୁ ବୃଦ୍ଧି କରିଛି।

ଦୂର ଓ ଦୁର୍ଗମ ଅଞ୍ଚଳଗୁଡିକରେ ୫/୪ଜି ସେବା କେବଳ ମୋବାଇଲ ସମ୍ପର୍କ ସୃଷ୍ଟି କରିବା ଲକ୍ଷ୍ୟନେଇ ନୁହେଁ ବରଂ ସେହି ଅଞ୍ଚଳଗୁଡିକୁ ପ୍ରଶସ୍ତି ଓ ପ୍ରଗତିର ପଥ ଉନ୍ମୋଚନ କରିବା ଲକ୍ଷ୍ୟ ନେଇ କରାଯାଉଛି। ଆମ ରାଜ୍ୟ ତଥା ଦେଶର ସମସ୍ତ ଗାଁଗଣ୍ଡା, ଜଙ୍ଗଲ, ଟାପୁ, ହ୍ରଦ, ଦ୍ୱୀପ ଓ ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କର ସିଧା ଯୋଗସୂତ୍ର। ଗରିବ କଲ୍ୟାଣର ଲକ୍ଷ୍ୟ ନେଇ ଚାଲୁଥିବା ମୋଦି, ସମସ୍ତ ସରକାରୀ ଯୋଜନାଗୁଡିକୁ ଇଣ୍ଟରନେଟ୍ ମାଧ୍ୟମରେ ଲୋକପ୍ରିୟ ଓ ଲୋକାଦୃତ କରିପାରିଛନ୍ତି। ସମଗ୍ର ଶାସନ ବ୍ୟବସ୍ଥା ଓ ନାଗରିକ ସୁବିଧାକୁ ୫ଜି ପୂରାପୂରି ବଦଳାଇ ଦେବ। ଷ୍ଟାର୍ଟଅପ୍‌ଗୁଡିକ ପାଇଁ ଏହା ସଞ୍ଜୀବନୀ ପାଲଟିବ। ଛାତ୍ରୀଛାତ୍ର, ମହିଳା ବିଶେଷକରି ଯୁବବର୍ଗଙ୍କୁ ସଶକ୍ତ କରିବାରେ ୫ଜି ହିଁ ସବୁଠୁ ବଡ଼ ଭୂମିକା ନେବ। ଓଡ଼ିଶାର ମାଛ ଚାଷ ହେଉ ଅବା ସ୍ଥାନୀୟ ଶିଳ୍ପ, ପର୍ଯ୍ୟଟନ ହେଉ ଅବା ଓଡ଼ିଆ ହାତତିଆରି ସାମଗ୍ରୀ ଅବା ଡ୍ରୋନ୍ ମାଧ୍ୟମରେ ରୋଗୀଙ୍କୁ ଔଷଧ ଯୋଗାଣ ୫ଜିର ଡିଜିଟାଲ ପ୍ଲାଟଫର୍ମ ଯୋଗେ ଆମ ଉଦ୍ୟୋଗୀମାନେ ସ୍ପିଡ୍ ସାଙ୍ଗେ ସାଲିସ୍ ନ କରି ବିଶ୍ୱର କୋଣ ଅନୁକୋଣରେ ନିଜ ନିଜର ସେବା ଓ ଉତ୍ପାଦ ସବୁକୁ ଗୋଟିଏ କ୍ଲିକ୍‌ରେ ପହଞ୍ଚାଇ ଦେଇପାରିବେ।

ୃ୫ଜିର ବୈଶିଷ୍ଟ୍ୟଗୁଡିକ ଯଥା ଦ୍ରୁତ ଇଣ୍ଟରନେଟ୍ କମ୍ ଲାଟେନ୍ସି ଓ ଅଧିକ କନେକ୍ସନ ଡେନ୍ସିଟି ଯୋଗୁ ସ୍ୱାସ୍ଥ୍ୟସେବାର ଅନେକ କ୍ଷେତ୍ରରେ ଏହା



ଧର୍ମେନ୍ଦ୍ର ପ୍ରଧାନ

ମୂଲ୍ୟବାନ ପ୍ରମାଣିତ ହେବ, ଯେଉଁଥିରେ ଟେଲିସ୍ୱାସ୍ଥ୍ୟ, ରିମୋଟ୍ ସର୍ଜରି, ସୁବିଧାରେ ବଡ଼ଡାକ୍ତରୀ ଫାଇଲ ସ୍ଥାନାନ୍ତରଣ, ରୋଗୀର ଗତିବିଧି ଟ୍ରାକିଂ, ପ୍ରକୃତ ସମୟ ମନିଟରିଂ ପାଇଁ ପରିଧାନ ଯୋଗ୍ୟ ଉପକରଣ ବ୍ୟବହାର ଏବଂ ରୋଗୀଙ୍କୁ ନିରନ୍ତର ଚିକିତ୍ସା ସୂଚନା ଏବଂ ସମର୍ଥନ ପ୍ରଦାନ କରିବା ଅନ୍ତର୍ଭୁକ୍ତ। ଏହା ସହ ସ୍ମାର୍ଟ ଆମ୍ବୁଲାନ୍ସ ସାଙ୍ଗକୁ ଦୁର୍ଗମ ଅଞ୍ଚଳରେ ଚିକିତ୍ସା ସୁବିଧା, ଭିଡିଓ ମାଧ୍ୟମରେ ଟେଲି–ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିବ ୫ଜି। ସଂକ୍ଷେପରେ ୫ଜି ଏକ ନୂତନ ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସକ୍ଷମ କରିବା ପାଇଁ ଅତ୍ୟାବଶ୍ୟକ ସ୍ତରର ସଂଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛି– ଯାହା ସ୍ଥାନ କାଳ ବିଶେଷରେ ରୋଗୀ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ଠିକ୍, ଦକ୍ଷ, ସୁବିଧାଜନକ, ସୁଲଭ, ପ୍ରଭାବଶାଳୀ ଏବଂ ଅନୁଯାୟୀ ସ୍କେଲ୍‌ରେ ସଂଯୋଗ କରିପାରିବ। ଏଆର୍/ଭିଆର୍ ଟେକ୍ନୋଲୋଜିକୁ ନେଇ ମହାପ୍ରଭୁଙ୍କ ରଥଯାତ୍ରାକୁ ଏଣିକି ସମସ୍ତେ ପ୍ରତ୍ୟକ୍ଷ ଦର୍ଶନର ଅନୁଭବ କରିପାରିବେ, ପୃଥିବୀର ଯେକୌଣସି ସ୍ଥାନରେ ଥାଇ ମଧ୍ୟ। ସ୍ମାର୍ଟ ସିଟିଗୁଡ଼ିକୁ ଆହୁରି ସ୍ମାର୍ଟ କରିବ ୫ଜି। ସ୍ମାର୍ଟ ସିୱେଜ୍, ସ୍ମାର୍ଟ ୱାଟର ମ୍ୟାନେଜମେଣ୍ଟ, ସ୍ମାର୍ଟ ଭିତ୍ତିଭୂମି ସାଙ୍ଗକୁ ସ୍ମାର୍ଟ ହେଲ୍‌ଥ କେୟାର ଏ ସବୁ କିଛି ସମ୍ଭବ ହେବାକୁ ଯାଉଛି ଖୁବ୍ ଶୀଘ୍ର।

ଆସନ୍ତା ୫ବର୍ଷ ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହେବ। କାରଣ ଏହି ଅବଧିରେ ହିଁ ୫ଜି ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ। ଆଉ ଓଡ଼ିଶା ପାଇଁ ଏହା ଆହୁରି ଅଧିକ ଗୁରୁତ୍ୱ ବହନ କରିବ, କାରଣ ୫ଜି ଜରିଆରେ ହିଁ ଓଡ଼ିଶା ନିଜର ଡିଜିଟାଲ ତଥା ଟେକ୍ନୋଲୋଜିକାଲ ଗ୍ୟାପ୍‌କୁ ଅତିକ୍ରମ କରିଯାଇ ପାରିବ। ଦେଶର ଅନ୍ୟ ଆଗୁଆ ରାଜ୍ୟଗୁଡ଼ିକ ସଙ୍ଗେ ସମକକ୍ଷ ହୋଇପାରିବ। ଶିକ୍ଷା ସାଙ୍ଗକୁ ଦକ୍ଷତା ବିକାଶ, ନିଯୁକ୍ତି, ଏପରି କି ଆତ୍ମନିର୍ଭରଶୀଳତାରେ ଓଡ଼ିଶା ଆଶାଠାରୁ ବେଶି ସଫଳତା ସାଉଁଟି ପାରିବ। ରାୟଗଡ଼ା ଭଳି ଆକାଂକ୍ଷୀ ଜିଲାର ଅପହଞ୍ଚ ଇଲାକାର ଜଣେ ଜନଜାତି ଅଧିବାସୀଙ୍କୁ ମଧ୍ୟ ଗୋଟିଏ କ୍ଲିକ୍‌ରେ ସାରା ପୃଥିବୀର ଯେକୌଣସି ସ୍ଥାନର ଯେକୌଣସି ବ୍ୟକ୍ତି, ସଂସ୍ଥା ଅବା ସମୁଦାୟକୁ ସମ୍ପର୍କ ସ୍ଥାପନ କରିବାର ସୁଯୋଗ ମିଳିପାରିବ। ଏହା ହିଁ ହେବ ଓଡ଼ିଶା ବିକାଶର ପ୍ରକୃତ ମଡେଲ।

ପଶୁପାଳନକୁ ଫୋକସ୍‌ରେ ରଖି ଭାରତର ଏକ ଅଗ୍ରଣୀ ଘରୋଇ କମ୍ପାନୀ ୫ଜି କାମଧେନୁ ବୋଲି ଅଭିହିତ କରିବା ସୂଚାଉଛି ଯେ, ଏହି ନୂଆ ଟେକ୍ନୋଲୋଜିର କେତେ ସୁଦୂରପ୍ରସାରୀ ଉପଯୋଗିତା ରହିଛି। ଦେଶର କୋଟି କୋଟି ପଶୁସମ୍ପଦ ଉପରେ ନିରନ୍ତର ଦୃଷ୍ଟି ରଖିବା ସାଙ୍ଗକୁ ଲମ୍ପି ରୋଗ ଭଳି ପଶୁମାନଙ୍କର ବିଭିନ୍ନ ରୋଗ ନିରାକରଣ ତଥା ଗର୍ଭଧାରଣ, ପୋଷଣ ଆଦିକୁ ଟ୍ରାକ୍ କରିବା ଆଉ ଅସମ୍ଭବ ନୁହେଁ। ସେହିପରି ରିଅଲ ଟାଇମ୍‌ରେ ଚାଷବାସ ଓ ପାଣିପାଗର ଅପଡେଟ୍, ମୃତ୍ତିକାର ଯାଞ୍ଚ, ଡ୍ରୋନ୍ ଯୋଗେ ଫସଲର ରୋଗପୋକ ନିୟନ୍ତ୍ରଣ ଭଳି କାର୍ଯ୍ୟ ଆହୁରି ଉଚ୍ଚକୋଟୀର ହୋଇପାରିବ ୫ଜି ବଳରେ। ମୋଟାମୋଟି ଭାବେ କହିଲେ, ଗ୍ରାମୀଣ ଓଡ଼ିଶାରେ ଇଜ୍ ଅଫ୍ ଲିଭିଂକୁ ସୁନିଶ୍ଚିତ କରିବା ପାଇଁ ସଶକ୍ତ ଅସ୍ତ୍ର ପାଲିଟିବ ୫ଜି ଟେକ୍ନୋଲୋଜି।

ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉଚ୍ଚ ମାନର ସୁଲଭ ଶିକ୍ଷା ପ୍ରଦାନ କରିବାକୁ ମୋଦି ସରକାରଙ୍କର ଏକ ବିରାଟ ଲକ୍ଷ୍ୟ ରହିଛି। ୫ଜି ଏ ଦିଗରେ ଏକ ଗେମ୍ ଚେଞ୍ଜର ହୋଇପାରିବ। ୫ଜି ଭର୍ଚୁଆଲ୍ ଶ୍ରେଣୀଗୃହ, ଲାଇବ୍ରେରି, ଭର୍ଚୁଆଲ ଲାବ୍ (ସିମୁଲେଶନ) ଏବଂ ରିମୋଟ ନିୟନ୍ତ୍ରିତ ଲାବ୍ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ନୂଆ ଦିଗନ୍ତ ପ୍ରଦାନ କରିବ। ଡିଜିଟାଲ ଡିଭାଇଡକୁ ଦୂର କରିବାରେ ୫ଜି ହିଁ ସହାୟକ ହେବ। ସୁଗମ ହେଉ କି ଦୁର୍ଗମ ଓଡ଼ିଶାର କୌଣସି ଅଞ୍ଚଳର ଛାତ୍ରୀଛାତ୍ର ଆଉ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇ ରହିବେ ନାହିଁ। ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ଘର/ ଅନୁଷ୍ଠାନରେ ରହି ଦେଶ ତଥା ବିଶ୍ୱର ଟପ୍ କମ୍ପାନୀଗୁଡ଼ିକରେ ଭର୍ଚୁଆଲ୍ ଇଣ୍ଟର୍ନଶିପ କରିପାରିବେ। ଦୂରଦୂରାନ୍ତରକୁ ଭର୍ଚୁଆଲ ଫିଲ୍ଡ ଟ୍ରିପ୍‌ରେ ବି ଯାଇପାରିବେ, ଅସଂଖ୍ୟ ଡାଟାକୁ ରିଅଲ ଟାଇମ୍‌ରେ ବିଶ୍ଳେଷଣ କରି ଗବେଷଣାର ମାନକୁ ବଢ଼ାଇ ପାରିବେ। ‘ସ୍ୱୟମ’ ପୋର୍ଟାଲରୁ ମନ ମୁତାବକୁ ଆଡଭାନ୍ସଡ୍ କୋର୍ସ ମଧ୍ୟ କରିପାରିବେ। ଏତଦ୍ ବ୍ୟତୀତ ଉଭୟ ଆଧୁନିକ ଏବଂ ପାରମ୍ପରିକ ଶିକ୍ଷା କ୍ଷେତ୍ରରେ ଭାରତର ପ୍ରଜ୍ଞା ଏଣିକି ସମଗ୍ର ବିଶ୍ୱରେ ପହଞ୍ଚିପାରିବ।

ସମଗ୍ର ଶିକ୍ଷାର ପୂର୍ଣ୍ଣ ରୂପାୟନ ସାଙ୍ଗକୁ ମୋଦିଜୀଙ୍କ ଗରିବ କଲ୍ୟାଣର ପରିକଳ୍ପନାକୁ ଆମେ ୫ଜି ବଳରେ ସାକାର କରିପାରିବା। କମନ ସର୍ଭିସ ସେଣ୍ଟରର ଏକ ବିସ୍ତୃତ ନେଟୱର୍କ ଗରିବମାନଙ୍କୁ ବିଶେଷ କରି ଦୁର୍ଗମ ଅଞ୍ଚଳର ଅଧିବାସୀଙ୍କୁ ବରଦାନ ସଦୃଶ ହେବ। ଫସଲ ବୀମା ପଞ୍ଜୀକରଣ, ପିଏମ୍ଜିଏ ନାମାଙ୍କନ, ପେନ୍‌ସନ୍ ପଞ୍ଜୀକରଣ, ଇ–ଶ୍ରମ ଏବଂ ଜାତୀୟ କ୍ୟାରିୟର ସେବା ପଞ୍ଜୀକରଣ ଭଳି ଲୋକାଭିମୁଖୀ କାର୍ଯ୍ୟ ଆହୁରି ଅଧିକ ସୁରୁଖୁରୁରେ ହେବ।

ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପାଇଁ ୫ଜି ସେବାର ଶୁଭାରମ୍ଭ ସତରେ ଏକ ସ୍ମରଣୀୟ ମୁହୂର୍ତ୍ତ। ୫ଜିର ସ୍ପିଡ୍ ଓ କନେକ୍ଟିଭିଟି ଭବିଷ୍ୟତରେ ସାରା ଓଡ଼ିଶାକୁ ଗୋଟିଏ ପରିବାରରେ ପରିଣତ କରିବ, ଏହା ନିଃସନ୍ଦେହ। ଡେଲିଭରି ନୁହେଁ, ଫାଷ୍ଟ ଡେଲିଭରିର ଯୁଗରେ ଆମେ ପ୍ରବେଶ କରିସାରିଛେ। ଏହି ଫାଷ୍ଟ ଡେଲିଭରିକୁ ସୁନିଶ୍ଚିତ କରିବ ବ୍ୟାପକ ଡିଜିଟାଲ କନେକ୍ଟିଭିଟି। ଲୋକେ ଯେତିକି ଅଧିକ କନେକ୍ଟ ହେବେ, ସେତିକି ଅଧିକ ସଶକ୍ତ ହେବେ, ଆତ୍ମନିର୍ଭର ହେବେ। ୨୦୧୪ରେ ମାତ୍ର ୬ କୋଟି ବ୍ରଡବ୍ୟାଣ୍ଡ ୟୁଜର ଥିଲେ, ଯାହା ଆଜି ବୃଦ୍ଧି ପାଇ ୮୦ କୋଟିରୁ ଅଧିକ ହୋଇସାରିଛନ୍ତି। ସେହିପରି ୨୦୧୪ରେ ଦେଶରେ ମାତ୍ର ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା, ଆଜି ଏହି ସଂଖ୍ୟା ପାଖାପାଖି ୮୫ କୋଟି। ଉଲ୍ଲେଖଯୋଗ୍ୟ ଯେ, ସହରୀ ଇଣ୍ଟରନେଟ୍ ୟୁଜରମାନଙ୍କୁ ସଂଖ୍ୟାରେ ଟପିବାକୁ ବସିଲେଣି ଆମ ଗ୍ରାମାଞ୍ଚଳ ୟୁଜରମାନେ। ୨ଜି, ୩ଜି, ୪ଜି ଲଞ୍ଚ ସମୟରେ ଭାରତ ଟେକ୍ନୋଲୋଜି କ୍ଷେତ୍ରରେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଥିଲା। କିନ୍ତୁ ୫ଜି କ୍ଷେତ୍ରରେ ଆମେ ଆତ୍ମନିର୍ଭରତାର ପ୍ରମାଣ ଦେଇ ନୂଆ ଇତିହାସ ରଚିଛୁ। ପ୍ରଥମଥର ପାଇଁ ଟେଲିକମ୍ ଟେକ୍ନୋଲୋଜିରେ ବୈଶ୍ୱିକ ମାନ ବା ଗ୍ଲୋବାଲ ଷ୍ଟାଣ୍ଡାର୍ଡ ନିର୍ଦ୍ଧାରଣ କରି ବିଶ୍ୱର ନେତୃତ୍ୱ ନେଉଛି ଆଜି ଭାରତ। ଭାରତ ସରକାର ଡିଜିଟାଲ ପେମେଣ୍ଟର ମାର୍ଗକୁ ସରଳ କରିବା ସାଙ୍ଗକୁ ଆପ୍ ମାଧ୍ୟମରେ ସିଟିଜେନ୍ ସେଣ୍ଟ୍ରିକ୍ ଡେଲିଭରି ବ୍ୟବସ୍ଥାର ପ୍ରସାର କରୁଛନ୍ତି। ଟେକ୍ନୋଲୋଜି ଆଜି ଗଣତାନ୍ତ୍ରିକ ହୋଇଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ୫ଜି ବଳରେ ଏକ ବିଶାଳ ଡିଜିଟାଲ ଗଣତନ୍ତ୍ରରେ ରୂପାନ୍ତରିତ କରିବାର ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଆରମ୍ଭ ହୋଇସାରିଛି। କେବଳ ସୀମିତ ବର୍ଗଙ୍କ ପାଇଁ ନୁହେଁ, ୧୩୦ କୋଟି ଭାରତୀୟଙ୍କ ପାଇଁ ଟେକ୍ନୋଲୋଜିର ଲାଭ ମିଳିବା ଆରମ୍ଭ ହୋଇଛି। ତାହା ନ ହୋଇଥିଲେ ମାରାତ୍ମକ କରୋନା ମହାମାରୀକୁ ଆମେ ଏତେ ଦୃଢ଼ ଭାବେ ଆୟତ୍ତ କରିପାରି ନ ଥାଆନ୍ତେ।

୫ଜି ବଳରେ ଶିଳ୍ପ ବିପ୍ଳବ ୪.୦ରୁ ଭାରତ, ବିଶେଷକରି ଓଡ଼ିଶା କେବଳ ଲାଭବାନ ହେବ ନାହିଁ ବରଂ ଏହାର ନେତୃତ୍ୱ ମଧ୍ୟ ନେବ। କୁହାଯାଏ, ସପ୍ତଦଶ ଶତାବ୍ଦୀ ଡଚ୍‌ମାନଙ୍କର ଥିଲା ତ ଅଷ୍ଟାଦଶ ଶତାବ୍ଦୀ କାଳେ ଫ୍ରେଞ୍ଚମାନଙ୍କର ଥିଲା। ପୁଣି ଊନବିଂଶ ଶତାବ୍ଦୀ ବ୍ରିଟିଶମାନଙ୍କର ଥିଲା ତ ବିଂଶ ଶତାବ୍ଦୀ ଆମେରିକାନମାନଙ୍କର ଥିଲା। ହେଲେ ଏକବିଂଶ ଶତାବ୍ଦୀ ଏସୀୟ, ବିଶେଷକରି ଭାରତୀୟଙ୍କର ହିଁ ହେବ। ନିଜକୁ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥନୀତିରେ ପରିଣତ କରି ଭାରତ ଉପରୋକ୍ତ ଭବିଷ୍ୟବାଣୀ ସତ ହେବା ନେଇ ସଙ୍କେତ ଦେଇଛି ମାତ୍ର। ବିଭିନ୍ନ କ୍ଷେତ୍ରରେ ଭାରତର ଜନସାଧାରଣଙ୍କର ସ୍କିଲିଂ, ଅପ୍–ସ୍କିଲିଂ, ରି–ସ୍କିଲିଂ ଆଦି କରାଇ ଆମେ ନିଶ୍ଚୟ ଗ୍ଲୋବାଲ ଲିଡର ବା ବିଶ୍ୱଗୁରୁ ହୋଇପାରିବା। ୫ଜି କନେକ୍ଟିଭିଟି ଏକ ଜନଆନ୍ଦୋଳନରେ ପରିଣତ ହେବାକୁ ଯାଉଛି। ଏହା ସାମ୍ପ୍ରତିକ ବିଶ୍ୱକୁ ମୋଦିଜୀଙ୍କର ଏକ ବିରାଟ ଅବଦାନ କହିଲେ ଭୁଲ୍ ହେବ ନାହିଁ। ଗରିବ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ୫ଜି ଆଗକୁ ଦେଶରେ ଯେଉଁ ବିରାଟ ବିପ୍ଳବକୁ ଜନ୍ମ ଦେବାକୁ ଯାଉଛି, ତାହା ଆଗାମୀ ଶତାବ୍ଦୀର ଭାରତ ଇତିହାସରେ ଯେପରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ, ଏହା ହିଁ ଆମର ସଙ୍କଳ୍ପ ହେଉ। ଜନଧନ–ଆଧାର–ମୋବାଇଲ ଆଧାରିତ ଜୀବନଶୈଳୀ ୫ଜି ଯୋଗୁ ଆହୁରି ସହଜ, ସୁଲଭ ଏବଂ ଦ୍ରୁତ ହେବାକୁ ଯାଉଛି ଏହା ନିଶ୍ଚିତ।

– ଶିକ୍ଷା, ଦକ୍ଷତା ବିକାଶ
ଓ ଉଦ୍ୟମିତା ମନ୍ତ୍ରୀ
ଭାରତ ସରକାର

# ‘ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ’

## ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଘାଟିତ




ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୪।୧:** ଶ୍ରୀଜଗନ୍ନାଥ ହେଉଛନ୍ତି ବୈଦିକ ଠାକୁର। କାହିଁ କେଉଁକାଳରୁ ସେ ଶ୍ରୀକ୍ଷେତ୍ରରେ ବିରାଜମାନ। ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ। ସାମଗ୍ରିକ ଭାବେ ବିଶ୍ୱ, ରାଜନୀତି ଓ ପରିବେଶର ବିକାଶ ହୋଇପାରିଲେ ଆଧ୍ୟାତ୍ମିକ ଚେତନା ବିକଶିତ ହୋଇପାରିବ ବୋଲି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଜଗଦ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଗୁରୁବାର ଟାଉନ ହଲରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍ ୱାଇଡ୍ ପକ୍ଷରୁ ଆୟୋଜିତ ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶକୁ ଉଦ୍‌ଘାଟନ କରି ଶଙ୍କରାଚାର୍ଯ୍ୟ ଏହି ମତବ୍ୟକ୍ତ କରିଛନ୍ତି। ଆଧ୍ୟାତ୍ମିକ ଚେତନାର ଜାଗରଣ ସମ୍ପର୍କରେ ଏହି ୩ ଦିନିଆ ସମାବେଶରେ ଆଲୋଚନା କରାଯିବ। ସମାବେଶରେ ବିଶ୍ୱର ବିଭିନ୍ନ ଦେଶର ବହୁ ବିଦ୍ୱାନ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ସାଧୁସନ୍ଥ ଯୋଗଦେଇଛନ୍ତି।

ଶଙ୍କରାଚାର୍ଯ୍ୟ କହିଥିଲେ, ଗୋହତ୍ୟା ଓ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଶାସନତନ୍ତ୍ର ଶାସନ ଗାଦିରେ ବସିବା ଯୋଗ୍ୟ ନୁହେଁ। ଗୋମାତା ସମ୍ପର୍କରେ ଟିପ୍ପଣୀ ଦେଇଥିବା କୋର୍ଟ ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସେ ତାଗିଦା କରିଥିଲେ। ଆଜିର କମ୍ପ୍ୟୁଟର ଓ ଆଣବିକ ବୋମା ଯୁଗରେ ସାଧୁସନ୍ଥ ଓ ଅଭିଭାବକମାନେ ଶାସ୍ତ୍ର ପୁରାଣ ସମ୍ପର୍କରେ ଜ୍ଞାନ ଆହରଣ କରିପାରିଲେ ସମଗ୍ର ବିଶ୍ୱରେ ଭାରତ ଆଧ୍ୟାତ୍ମିକ ଗୁରୁ ହେବା ସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇପାରିବ। ଆମର ଆତ୍ମା ହେଉଛି ଚୈତନ୍ୟଯୁକ୍ତ। ଆମକୁ ସର୍ବଦା ନିଜ କର୍ମ ଉପରେ ଧ୍ୟାନ ରଖିବାକୁ ହେବ। ବିନା ସ୍ୱାର୍ଥରେ ନିଜ କର୍ମ କଲେ ହିଁ ମୋକ୍ଷପ୍ରାପ୍ତି ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏ ନେଇ ଅନେକ ଜିଜ୍ଞାସୁ ନିଜର ପ୍ରଶ୍ନ ରଖିଥିବାବେଳେ ଜଗଦ୍‌ଗୁରୁ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି ଅଧିବେଶନରେ ସଙ୍ଗଠନର ସ୍ମରଣିକା ‘ଦାରୁବ୍ରହ୍ମ’ ଉନ୍ମୋଚିତ ହୋଇଥିଲା।

ପ୍ରାକ୍ ଉଦ୍‌ଘାଟନୀ ଅଧିବେଶନରେ ପୂଜ୍ୟ ସ୍ୱାମୀ ସମର୍ପଣାନନ୍ଦ ଗିରି ଏବଂ ଡ. ହରେକୃଷ୍ଣ ଶତପଥୀ ଉଦ୍‌ବୋଧନ ଦେଇ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଆଡକୁ ମୁହାଁଇଥିବା ଯୁବସମାଜକୁ ଫେରାଇ ଆଣିବା ପାଇଁ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ଅପରାହ୍ନ ଅଧିବେଶନରେ ପୁରୀରୁ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଆମେରିକାରୁ ପ୍ରବାସୀ ଭାରତୀୟ ଡ. ପଞ୍ଚାନନ ଶତପଥୀ, କାନାଡ଼ାରୁ ଡ. ସୁନନ୍ଦା ମିଶ୍ର, ୟୁକେରୁ ସୁସ୍ମିତ ରାଜହଂସ ଏବଂ ପୁରୀରୁ ଡ. ନରେଶ ଦାଶ ପ୍ରମୁଖ ଏହି ବିଷୟ ଉପରେ ମତ ରଖିଥିଲେ। ଅଧିବେଶନକୁ ଡ. ଗୁରୁ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲଡ୍‌ର ଟ୍ରଷ୍ଟି ଡ. ଭଗବାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟି ଡ. ହର ପ୍ରସନ୍ନ ଦାସ ସଙ୍ଗଠନର ଲକ୍ଷ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ତଥା ଅନ୍ୟ ଟ୍ରଷ୍ଟି ସୁକାନ୍ତ ସାହୁ ଓ ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିଲିକାରେ ୧୮୪ ପ୍ରଜାତିର ୧୧,୩୧,୯୨୯ ପକ୍ଷୀ

## ଗତ ବର୍ଷ ତୁଳନାରେ ୫ ପ୍ରତିଶତ ବୃଦ୍ଧି

**ବାଲୁଗାଁ, ୪।୧ (ଡି.ଏନ୍.ଏ.)**

ବୁଧବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ମିଳିତ ଆନୁକୂଲ୍ୟରେ ପକ୍ଷୀ ଗଣନା କରାଯାଇଥିଲା। ବିଭାଗୀୟ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ଚିଲିକାରେ ମୋଟ୍ ୧୮୪ ପ୍ରଜାତିର ୧୧ଲକ୍ଷ ୩୧ହଜାର ୯୨୯ ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଗତ ବର୍ଷ ଚିଲିକାରେ ୧୦ଲକ୍ଷ ୭୪ହଜାର ୧୮୩ଟି ପକ୍ଷୀଙ୍କ ସମାଗମ ହୋଇଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୫୭ ହଜାର ୭୫୬ଟି ପକ୍ଷୀ ଅର୍ଥାତ୍ ୫ ପ୍ରତିଶତ ବୃଦ୍ଧି ପାଇଛି। ପକ୍ଷୀ ଅଭୟାରଣ୍ୟ ନଳବଣରେ ଚଳିତ ବର୍ଷ ୩ଲକ୍ଷ ୪୨ହଜାର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଗତବର୍ଷ ଏଠାରେ ୩ ଲକ୍ଷ ୫୮ହଜାର ୮୮୯ପକ୍ଷୀଙ୍କ ସମାଗମ ହୋଇଥିଲା।

# ବିଏସ୍‌କେୱାଇରେ ନିରନ୍ତର ସେବା ପାଇଁ ୬ ପରାମର୍ଶଦାତା ନିଯୁକ୍ତ

**ଭୁବନେଶ୍ୱର, ୪।୧ (ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଚାଲିଥିବା ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିରନ୍ତର ବିକାଶ ଲାଗି ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଏବଂ ମେଡିକାଲ କଲେଜ ଓ ହସ୍ପିଟାଲରେ ୬ ଜଣ ନୂଆ ପରାମର୍ଶଦାତାଙ୍କୁ ନିଯୁକ୍ତି ଦେଇଛନ୍ତି। ସେହି ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲର ସୁପରିଚାଳନା ଓ ବିକାଶ ପାଇଁ ସଞ୍ଜୟ ସେଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ପୁଷ୍ପାଞ୍ଜଳି ରଣା, କେ. ଶାନ୍ତି ଓ ରଞ୍ଜନ ବିଶ୍ୱାଳଙ୍କୁ ଯଥାକ୍ରମେ ବିଏସ୍‌କେୱାଇ, ଏମ୍‌କେସିଜି ମେଡିକାଲ୍ କଲେଜ ଓ ହସ୍ପିଟାଲ ବ୍ରହ୍ମପୁର ଏବଂ ନିରାମୟ ଯୋଜନାର ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଓଡ଼ିଶାର ଗାଁ ଗହଳିରେ ବଡ଼ ମେଡିକାଲ ଭାବେ

### ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ମେଡିକାଲ କଲେଜ ଓ ହସ୍ପିଟାଲରେ ମିଳିଲା ନିଯୁକ୍ତି

ଜଣାଶୁଣା କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ ପାଇଁ ୨ ଜଣ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ସେମାନେ ହେଲେ ଦିଲୀପ କୁମାର ସାହୁ ଏବଂ ସ୍ୱପ୍ନାରାଣୀ ପାତ୍ର। ଏହି ନବନିଯୁକ୍ତ ପରାମର୍ଶଦାତାମାନେ ଅବୈତନିକ ଭାବେ ଜନସାଧାରଣଙ୍କ ପାଇଁ ଓ ସରକାରୀ ବ୍ୟବସ୍ଥା ମଧ୍ୟରେ ସେବା ପ୍ରଦାନ ନିମନ୍ତେ ଇଚ୍ଛା ପ୍ରକଟ କରିଛନ୍ତି। ତେବେ ରାଜ୍ୟ ସରକାର ନିର୍ଦ୍ଧାରିତ ନିୟମ ଅନୁଯାୟୀ ସେମାନଙ୍କ ଗସ୍ତ ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇଦେବେ ବୋଲି ବିଭାଗୀୟ କାର୍ଯ୍ୟାଳୟ ବିଜ୍ଞପ୍ତିରୁ ଜଣାପଡ଼ିଛି।

# ସ୍ୱାଭିମାନ ଅଞ୍ଚଳରେ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ

**ଚିତ୍ରକୋଣ୍ଡା, ୪।୧ (ଡି.ଏନ୍.ଏ.)**

ଆଦିବାସୀ ଅଧ୍ୟୁଷିତ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ପ୍ରଥମକରି ବୁଧବାର ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ବଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଦୁଇଟି ବାଇକ୍ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। ଏହି ବାଇକ୍ ଆମ୍ବୁଲାନ୍ସ ମାଧ୍ୟମରେ ଦୁର୍ଗମ ଅଞ୍ଚଳରୁ ରୋଗୀ, ଗର୍ଭବତୀ ମହିଳାଙ୍କୁ ନିକଟତମ ଡାକ୍ତରଖାନାକୁ ନିଆଯାଇପାରିବ। ସ୍ୱାଭିମାନ ଅଞ୍ଚଳରେ ଚିକିତ୍ସା କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ହେବ ବୋଲି ମତ ପ୍ରକାଶ ପାଇଛି। ଗୋଟିଏ ଆମ୍ବୁଲାନ୍ସ ବଡ଼ପଡ଼ାଠାରେ ଓ ଅନ୍ୟଟି ନାକାମାମୁଡ଼ିଠାରେ ରହିବ। ନାକାମାମୁଡ଼ିଠାରେ ଥିବା ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ଯନ୍ତ୍ରୀ, ଅଣ୍ଡରାପାଲି ପଞ୍ଚାୟତ ପାଇଁ ବ୍ୟବହାର ହେବ। ଏହି ୨ ଆମ୍ବୁଲାନ୍ସ ନାବାର୍ଡ ଯୋଗାଇ ଦେଇଛି। ଏହାକୁ ପରିବର୍ତ୍ତନ ଅନୁଷ୍ଠାନ ପରିଚାଳନା କରିବ ବୋଲି ଜଣାପଡ଼ିଛି। ଉଦ୍‌ଘାଟନୀ ଉତ୍ସବରେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ, ଡା. ଅଭିଜିତ ଶତପଥୀ, ହରିପ୍ରସାଦ ଶର୍ମା, ପାପରମେଟେଲା ସରପଞ୍ଚ ନରସିଂହ ସିଦ୍ଧାରୀ, ବଡ଼ପଡ଼ା ସରପଞ୍ଚ ନିଲୁ ଖିଲ, ବିମଳା ହନ୍ତାଳ, ପରିବର୍ତ୍ତନର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ନାବାର୍ଡ ଡାଇରେକ୍ଟର ଧର୍ମେନ୍ଦ୍ର ବେହୁରିଆ, ଜାନବାଇ ସେକ୍ଟର ସୁପରଭାଇଜର ଶଶାଙ୍କ ଶେଖର କରଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ଉଦ୍‌ଘାଟିତ ହୋଇଥିବା ବାଇକ୍ ଆମ୍ବୁଲାନ୍ସ।

# ଟେଲି–ମାନସ ହେଲ୍ପଲାଇନ୍ ନମ୍ବରର ବ୍ୟାପକ ପ୍ରଚାର କରିବାକୁ ନିର୍ଦ୍ଦେଶ

## ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ପଦକ୍ଷେପ

**ଭୁବନେଶ୍ୱର, ୪।୧ (ବ୍ୟୁରୋ)**

କୋଭିଡ୍ ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢୁଥିବା ଦେଖାଯାଇଛି। ତେଣୁ ଏହାର ମୁକାବିଲା ପାଇଁ ରାଜ୍ୟରେ ଦୁଇଟି ଟେଲି–ମାନସ ସେଲ୍ କରାଯାଇଛି। କଟକ ଏସ୍‌ସିବିରେ ଥିବା ମେଣ୍ଟାଲ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ବ୍ରହ୍ମପୁର ଏମ୍‌କେସିଜି ପରିସରରେ ଥିବା ଡିଷ୍ଟ୍ରିକ୍ଟ ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ ୟୁନିଟ୍‌ରେ ଏହି ଦୁଇଟି ସେଲ୍ କାର୍ଯ୍ୟ କରିବ। ତେବେ ଏହି ଟେଲି–ମାନସ ସେଲ୍ ନମ୍ବରର ବ୍ୟାପକ ପ୍ରଚାର କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ସହ ଆଉ ୮ ବିଭାଗର ସଚିବ ଓ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ସେଲ୍ ମାନସିକ ସମସ୍ୟା ଥିବା ବ୍ୟକ୍ତିଙ୍କୁ ସାଇକୋଲୋଜିକାଲ ଫାଷ୍ଟଏଡ୍, କାଉନ୍‌ସେଲିଂ କରିବ। ଏଥିପାଇଁ ୧୪୪୧୬ ହେଲ୍ପଲାଇନ ନମ୍ବରକୁ ଯୋଗଯୋଗ କରିବା ପାଇଁ କୁହାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସେଲ୍ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ତେଣୁ ଏହି ଟେଲି–ମାନସ ହେଲ୍ପଲାଇନ ନମ୍ବର(୧୪୪୧୬)କୁ ବ୍ୟାପକ ଭାବେ ବିଭିନ୍ନ ବିଭାଗ, ସ୍କୁଲ, କଲେଜ ଭଳି ସ୍ଥାନରେ ଡିସ୍‌ପ୍ଲେ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିପାଇଁ ୩୦ଜଣ ମାନସିକ ରୋଗ ବିଶେଷଜ୍ଞ ଏବଂ ୩୦ଜଣ ମାନସିକ ରୋଗ ଚିକିତ୍ସକ (କ୍ଲିନିକାଲ ସାଇକୋଲୋଜିଷ୍ଟ)ଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଯାଇଛି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେଉଁମାନେ ମାସକୁ କେତେଦିନ କେଉଁଠି କାର୍ଯ୍ୟ କରିବେ ସେ ନେଇ ମଧ୍ୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୫ ଜାନୁୟାରୀ, ୨୦୨୩



ଭାରତ ଯୋଡ଼ୋ ଯାତ୍ରା ଅବସରରେ ବୁଧବାର ଉତ୍ତର ପ୍ରଦେଶର ବାଗପତରେ ରାହୁଲ ଗାନ୍ଧୀଙ୍କ ସହ ଟିଭି ଅଭିନେତ୍ରୀ କାମ୍ୟା ପଞ୍ଜାବୀ ।

# ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେଲେ କାମ୍ୟା ପଞ୍ଜାବୀ

**ଲକ୍ଷ୍ନୌ,୪।୧:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ ଭାରତ ଯୋଡ଼ୋ ଯାତ୍ରା ଉତ୍ତର ପ୍ରଦେଶର ବାଗପତରେ ପହଞ୍ଚିଛି । ଏଠାରେ ଟିଭି ଅଭିନେତ୍ରୀ କାମ୍ୟା ପଞ୍ଜାବୀ ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ । ରାହୁଲଙ୍କ ସହ କାମ୍ୟା ପଞ୍ଜାବୀଙ୍କ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଫଟୋରେ ରାହୁଲ ଗାନ୍ଧୀ ଏକ ଧଳା ଟି-ଶର୍ଟ ଏବଂ କାମ୍ୟା ଏକ ପଞ୍ଜାବୀ ଧଳା ରଙ୍ଗର ଶୁଟରେ ନଜର ଆସିଛନ୍ତି । କାମ୍ୟା 'ଅସ୍ତିତ୍ୱ ଏକ ପ୍ରେମ କାହାନୀ', 'ବନୁ ମେଁ ତେରି ଦୁଲହନ', 'ପିୟା କା ଘର', 'ମର୍ଯ୍ୟାଦା: ଲେକିନ କବ ତକ' ଏବଂ 'କ୍ୟୁଁ ହୋତା ହୈ ପ୍ୟାର୍' ଭଳି ଅନେକ ଲୋକପ୍ରିୟ ଟିଭି ଶୋ'ରେ ଅଭିନୟ କରିଛନ୍ତି । ଏଥି ସହିତ ସେ ରିଆଲିଟି ଶୋ' ବିଗ ବସର ସପ୍ତମ ସିଜନରେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

# ଗୁଜରାଟ ଏଏପିରେ ପରିବର୍ତ୍ତନ

## ଇସୁଦାନ ଗଡଭି ରାଜ୍ୟ ସଭାପତି

**ଅହମ୍ମଦାବାଦ,୪।୧:** ଗୁଜରାଟ ବିଧାନସଭା ନିର୍ବାଚନ ପରାଜୟ ପରେ ଆମ ଆଦମୀ ପାର୍ଟି(ଏଏପି) ରାଜ୍ୟରେ ଏକ ବଡ ପରିବର୍ତ୍ତନ କରିଛି । ଏଏପିର ରାଜ୍ୟ ସଭାପତି ଗୋପାଳ ଇଟାଲିୟାଙ୍କୁ ଜାତୀୟ ଯୁଗ୍ମ ସଚିବ ଏବଂ ମହାରାଷ୍ଟ୍ରରେ ଏଏପିର ସହ-ପ୍ରଭାରୀ କରାଯାଇଛି । ଗୁଜରାଟ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାନ ଗଡଭିଙ୍କୁ ନୂତନ ରାଜ୍ୟ ସଭାପତି କରାଯାଇଛି । ସଭାପତିଙ୍କ ବ୍ୟତୀତ ରାଜ୍ୟରେ ୬ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଛି ।



ଗତ ବର୍ଷ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଇସୁଦାନ ଏବଂ ଗୋପାଳ ଇଟାଲିୟା ନିଜ ଆସନରେ ହାରିଯାଇଥିଲେ । ଗୁଜରାଟ ବିଧାନସଭା ନିର୍ବାଚନ ଜିତିବାକୁ ଆମ ଆଦମୀ ପାର୍ଟି ସମସ୍ତ ଉଦ୍ୟମ କରିଥିଲା । କିନ୍ତୁ ଦଳକୁ କେବଳ ପାଞ୍ଚଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି ।

# ମୂଲ୍ୟାୟନ ଲାଗି କମିଟି ଗଢ଼ିଲା କଂଗ୍ରେସ

**ଗୁଜରାଟ ନିର୍ବାଚନ ଫଳାଫଳ**

**ନୂଆଦିଲ୍ଲୀ,୪।୧(ପି.ଟି.)**

ଗତ ମାସରେ ଶେଷ ହୋଇଥିବା ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ମୂଲ୍ୟାୟନ କରିବା ସହ ପ୍ରତିକାର ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବା ଲାଗି ଦଳ ପକ୍ଷରୁ ବୁଧବାର ୩ ଜଣିଆ ଫ୍ୟାକ୍ଟ-ଫାଇଣ୍ଡିଂ କମିଟି ଗଠନ କରାଯାଇଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗଠନ କରିଥିବା ଏହି କମିଟିରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ନୀତିନ ରାଉତ୍ ଅଧ୍ୟକ୍ଷ ଥିବାବେଳେ ସକିଲ ଅହମଦ ଖାନ୍ ଏବଂ ସପ୍ତଗିରି ଉଲାକା ସଦସ୍ୟ ରହିଛନ୍ତି । ଦୁଇ ସପ୍ତାହ ମଧ୍ୟରେ କମିଟି ଏହାର ରିପୋର୍ଟ କଂଗ୍ରେସ ଅଧ୍ୟକ୍ଷଙ୍କୁ ପ୍ରଦାନ କରିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି । ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୧୭ଟି ଆସନ ଜିତିଥିଲା । ଏହି ଦଳକୁ ୨୭.୨୮ ପ୍ରତିଶତ ଭୋଟ ମିଳିଥିଲା, ଯାହାକି ଗୁଜରାଟରେ ଦଳ ପାଇଁ ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ ।

# ଆଜମ ଖାନ୍‌ଙ୍କ ମାମଲା ସ୍ଥାନାନ୍ତର ହେବନି

**ନୂଆଦିଲ୍ଲୀ,୪।୧**

ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କ ବିରୋଧରେ ରାମପୁର ସ୍ୱତନ୍ତ୍ର କୋର୍ଟରେ ବିଚାରାଧୀନ ଥିବା ଫୌଜଦାରି ମାମଲାଗୁଡ଼ିକୁ ଉତ୍ତରପ୍ରଦେଶ ବାହାରକୁ ସ୍ଥାନାନ୍ତର ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି । ଆଜମ୍‌ଙ୍କୁ ଜାଣିଶୁଣି ଅସୁବିଧାରେ ପକାଯାଉଛି ବୋଲି ତାଙ୍କ ଓକିଲ କପିଲ ସିବଲ କହିବା ସହ ମାମଲାରୁ ରାଜ୍ୟ ବାହାରକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ । ଆପରାଧିକ ମାମଲାଗୁଡ଼ିକୁ ସ୍ଥାନାନ୍ତର କରିବା ଲାଗି ଅଧିକ ବଳିଷ୍ଠ କାରଣ ଆବଶ୍ୟକ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଏସ୍.ଏ. ନାଜିର ଏବଂ ପି.ଏସ୍. ନରସିଂହଙ୍କ ଖଣ୍ଡପୀଠ କହିଛନ୍ତି ।

# ୨୦୨୪ ପାଇଁ ବିହାରରୁ ବିଗୁଲ ବଜାଇଲା ଭାଜପା

**ନୂଆଦିଲ୍ଲୀ,୪।୧**



ଜେ.ପି. ନଡ୍ଡା

ଆଗାମୀ ୨୦୨୪ ଲୋକ ସଭା ନିର୍ବାଚନ ଏବଂ ୨୦୨୫ ବିହାର ବିଧାନସଭା ନିର୍ବାଚନ ଲାଗି ଭଜାପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ବିହାର ମୁଜାଫରପୁର ଜିଲାରୁ ବିଗୁଲ ବଜାଇଛନ୍ତି । ବୈଶାଳୀରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ବିହାର ବଡ଼ ଧରଣର ପରିବର୍ତ୍ତନ ଚାହୁଁଥିବା ଦାବି କରିଥିଲେ । ସେଥିପାଇଁ ବିହାର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଷ୍ଟ୍ରୀୟ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଭାଜପା ସରକାର ଆଣିବାକୁ ମନ ସ୍ଥିର କରିସାରିଲେଣି । ଭାଜପାଠାରୁ ସମ୍ପର୍କ ଛିନ୍ନ କରି ମହାମେଣ୍ଟ ସରକାର ଗଢ଼ିଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାଜପା ଅଧ୍ୟକ୍ଷ ସମାଲୋଚନା କରିଥିଲେ । ରାଜ୍ୟବାସୀ ଡିଏନ୍‌ଏକୁ ଜନାଦେଶ ଦେଇଥିଲେ । ମେଣ୍ଟ ଭାଙ୍ଗି ନୀତୀଶ ରାଜ୍ୟବାସୀଙ୍କୁ ଅପମାନିତ କରିଛନ୍ତି । ତାଙ୍କୁ ଗଣତାନ୍ତ୍ରିକ ଉପାୟରେ ଜବାବ ଦେବା ଲାଗି ସମୟ ଆସୁଛି ବୋଲି ନଡ୍ଡା କହିଛନ୍ତି । ଏନ୍‌ଡିଏ ବିହାରର ବିକାଶ ଚାହେଁ, ନୀତୀଶଙ୍କ ଭଳି ଆର୍‌ଜେଡି ସହ ସାମିଲ ହୋଇ କ୍ଷମତା ଦଖଲ କରିବାକୁ ଚାହେଁ ନାହିଁ । ପୂର୍ବରୁ ଆର୍‌ଜେଡି ସରକାରରେ ବିହାରରେ ଜଙ୍ଗଲ ରାଜ୍ ଚାଲିଥିଲା । ରାଜନୀତିରେ ନୀତୀଶଙ୍କ ପାର୍ଶ୍ୱ ପରିବର୍ତ୍ତନ ଯୋଗୁ ରାଜ୍ୟବାସୀ ପୁଣିଥରେ ଅରାଜକତାର ସମ୍ମୁଖୀନ ହେବା ଆରମ୍ଭ କରିଛନ୍ତି ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି ।






















































# ଖୋଜା ଚାଲିଛି

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟ ରଖିବା ହେଲା ବଡ଼ କଥା। ନିଜ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖି ଏ ରାସ୍ତାରେ ପାଦ ଦେଇଛନ୍ତି ରକୁଲ୍ ପ୍ରୀତ ସିଂ। କାହାକୁ ସେ ଅପେକ୍ଷା କରିଛନ୍ତି ଜାଣିବେନି? କଥା କ'ଣ କି ଏକ କମେଡ଼ିଭିତ୍ତିକ କାହାଣୀ ଖୋଜୁଛନ୍ତି ସେ। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ରକୁଲ୍ ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡ଼ିଭିତ୍ତିକ କାହାଣୀ ଖୋଜୁଛି।' ଏକଥା ଜାଣିବା ପରେ ଜନୈକ ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା। ସେ ତାଙ୍କୁ କହିଥିଲେ ଯେ, ଯଦି ଆପଣ ଏଭଳି ଏକ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି। ଆଉ ତା'ପରେ ରକୁଲ୍ ଏ ନେଇ ଦିନରାତି ଏକାଠି କରିଦେଇଛନ୍ତି। ଏ ସମ୍ପର୍କରେ ରକୁଲ୍ କହନ୍ତି, 'ବର୍ତ୍ତମାନ ମୁଁ ଏକ କମେଡ଼ିକୁ ଆଧାର କରି କାହାଣୀଟିଏ ଖୋଜୁଛି। ଅବଶ୍ୟ ଯା ଭିତରେ ୨-୩ଟି ଏପରି କାହାଣୀର ସୁରାକ ମୋତେ ମିଳିଥିଲା, ହେଲେ ସେଗୁଡ଼ିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ତୟାର।' ତେବେ ରକୁଲ୍ଙ୍କ ଏହି କାହଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।


ରକୁଲ୍

# ରହସ୍ୟ ଖୋଲିଲେ ସାନ୍ୟା


ସାନ୍ୟା

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗ୍ନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିଶନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡ଼ିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡ଼ିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''

# ଅନନ୍ୟାଙ୍କ ଅବସୋସ

ଅନନ୍ୟା ପାଣ୍ଡେ ବଲିଉଡ୍‌ରେ ଏଣ୍ଟ୍ରି କରିବାର ଇତି ମଧ୍ୟରେ ପାଞ୍ଚ ବର୍ଷ ହୋଇଗଲାଣି। ପୁଣି ଅନ୍ୟତମ ନାମୀ ପ୍ରଯୋଜକ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ ତାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ସେ ମାତ୍ର ପାଞ୍ଚୋଟି ସିନେମା ('ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨', 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ' ଏବଂ 'ଲାଇଗର')ରେ ଅଭିନୟ କରିସାରିଛନ୍ତି। ସେପଟେ ସେ ଆକ୍ଟିଂ କରିଥିବା 'ଖୋ ଗୟେ ହମ୍ କାହାଁ'ର ଶୁଟିଂ ନିକଟରେ ଶେଷ ହୋଇଛି। ଏବେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଅବସୋସ କରୁଛନ୍ତି ଏହି ଅଭିନେତ୍ରୀ। ନିଜ ସମ୍ପର୍କରେ ଅନନ୍ୟା କହନ୍ତି, 'ଯେତେବେଳେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ କ୍ୟାରିୟରକୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିଲି। କରନ୍‌ଜୀଙ୍କ ପରି ନାମୀ ପ୍ରଯୋଜକ ମୋତେ ବ୍ରେକ୍ ଦେଇଥିଲେ। ହେଲେ ତା'ପରେ ମୋତେ ଆଶାନୁରୂପ ଅଫର ମିଳିଲା ନାହିଁ। ଗତ ପାଞ୍ଚ ବର୍ଷ ଭିତରେ ମୁଁ ମାତ୍ର ପାଞ୍ଚଟି ଫିଲ୍ମରେ ଅଭିନୟ କରିଛି। ହୁଏତ ଆଗକୁ ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ମୋ ଉପରେ ପଡ଼ିପାରେ। ସେ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡ଼ିବ।' ତେବେ ଅନନ୍ୟାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।


ଅନନ୍ୟା

ପରଦା ପଛରେ

# କାହାଣୀ ଚୟନ ବଡ଼ କଥା


ସୁତାଂଶୁ ମହାନ୍ତି

'କେବଳ ସିନେମାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଲେ ହେବ ନାହିଁ, ତା' ପୂର୍ବରୁ ଭଲ କାହାଣୀ, ସେହି ଅନୁସାରେ କଳାକାର ଚୟନ, ନିର୍ଦ୍ଦେଶନା, ସଙ୍ଗୀତ ଏବଂ ଠିକ୍ ଉପସ୍ଥାପନା ଫିଲ୍ମଟିକୁ ଦର୍ଶକାଦୃତ କରିଥାଏ। ତେଣୁ ଯେତେବେଳେ ସିନେମାଟି ନିର୍ମାଣ କରିବାକୁ ଆଗେଇଲି ଉପରୋକ୍ତ ବିଷୟ ପ୍ରତି ପ୍ରଥମେ ନଜର ଦେଇଥିଲି ବୋଲି କହନ୍ତି ଯୁବ ପ୍ରଯୋଜକ ସୁତାଂଶୁ ମହାନ୍ତି। କେନ୍ଦ୍ରାପଡ଼ାରେ ଜନ୍ମିତ ଏହି ନବାଗତ ପ୍ରଯୋଜକଙ୍କ ଦ୍ୱାରା ପ୍ରସ୍ତୁତ ଦୁଇଟି ସିନେମା- 'ଟୋକା ନମ୍ବର ୱାନ୍' ଏବଂ 'ଜେଜେ ନମ୍ବର ୱାନ୍' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ 'କେନ୍ଦ୍ରାପଡ଼ା ଟୋକା' ଟାଇଟଲ ବିଶିଷ୍ଟ ଆଉ ଏକ ଓଡ଼ିଆ ଚିତ୍ରର ପ୍ରାରମ୍ଭିକ କାମ ଚାଲୁରହିଛି। ନିଜର ଆଭିମୁଖ୍ୟ ସମ୍ପର୍କରେ ସୁତାଂଶୁ କହନ୍ତି, 'ପାଠ ପଢ଼ିବା ସମୟରୁ ମୁଁ ସମାଜସେବାକୁ ପ୍ରାଥମିକତା ଦେଇଆସିଥିଲି ଏବଂ ଏବେ ମଧ୍ୟ ତାହା ଚାଲୁରହିଛି। ବିଶେଷ ଭାବରେ କରୋନା ସମୟରେ ଅନେକ ଲୋକଙ୍କୁ ମୋ ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରିଛି। ଆଗକୁ ଭଲ କାହାଣୀକୁ ଆଧାର କରି ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରଖିଛି।'

ରିଲିଜ ଅପେକ୍ଷାରେ

# ମାମା ୱେଡ୍‌ସ ପାପା

ସାଧାରଣତଃ ପିଲାମାନଙ୍କର ବିବାହ ମା'-ବାପାମାନେ କରିଥାଆନ୍ତି। ହେଲେ ମା-ବାପାଙ୍କ ବାହାଘର ପିଲାମାନେ କରୁଛନ୍ତି- ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ହେଲେ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମାମା ୱେଡ୍‌ସ ପାପା'। 'ଏପରି ଏକ ମ୍ୟାରେଜ ପଛରେ କି କାରଣ ରହିଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମରେ ସସ୍‌ପେନ୍ସ, କମେଡ଼ି, ରୋମାନ୍ସ ଏବଂ ଫ୍ୟାମିଲି ଡ୍ରାମା ରହିଛି। ସବୁ ବର୍ଗର ଦର୍ଶକ ଏଥିରୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ପାଇବେ ବୋଲି କହନ୍ତି ଏହାର କାହାଣୀ, ଚିତ୍ରନାଟ୍ୟ ରଚୟିତା ତଥା ନିର୍ଦ୍ଦେଶକ ଆପୁ କାନୁନଗୋ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟ ସୁବୁଦ୍ଧି। ଏହି ଚିତ୍ରର ବିଭିନ୍ନ ଭୂମିକାରେ ଅଭିଷେକ, ରିଷିତା, ପ୍ରିୟଙ୍କା, ବଲିଉଡ୍ ଅଭିନେତା କ୍ରିଷ୍ଣା ଅଭିଷେକ, ଜ୍ୟୋତି ମିଶ୍ର, ଦେବୁ ପଟ୍ଟନାୟକ ଗୁଣ୍ଟୁ, ଐଶ୍ୱର୍ଯ୍ୟା ଏବଂ ଶିଶୁ କଳାକାର ମୁନି ଅଭିନୟ କରିଛନ୍ତି। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଏହା ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ମିଡିଆ ପ୍ଲାନର ଅମରେଶ ବେହୁରା। ଏହାପୂର୍ବରୁ ବି. ଚନ୍ଦ୍ରପ୍ରିୟ ସୁବୁଦ୍ଧି 'ଓୟେ ଗିଟାର' ନାମକ ସିନେମା ପ୍ରଯୋଜନା କରିସାରିଛନ୍ତି।


(ବାମରୁ) ରିଷିତା,ଅଭିଷେକ,ପ୍ରିୟଙ୍କା

# ଭୁଲିବେନି ପୂଜା


ପୂଜା

ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡ଼େ। ହେଲେ ସେ ଗୋଟିଏ କଥାକୁ ଶେଷ ଜୀବନ ପର୍ଯ୍ୟନ୍ତ ଭୁଲି ପାରିବେ ନାହିଁ। ନିକଟରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ହ୍ରିତିକ ରୋଶନ ତାଙ୍କୁ ଏକ ଗିଫ୍ଟ ଦେଇଥିଲେ। ତାହା କ'ଣ ଥିଲା ଜାଣନ୍ତି? ମହେଞ୍ଜୋଦାରୋର ଏକ ପ୍ରତିକୃତି। ସେହି ଗିଫ୍ଟକୁ ଯେତେବେଳେ ସେ ଖୋଲିଦେଲେ ସେତେବେଳେ ତାଙ୍କର ଖୁସିର ସୀମା ରହି ନ ଥିଲା। ଏ ବିଷୟରେ ପୂଜା କହନ୍ତି, 'ନିକଟରେ ଏକ ସାକ୍ଷାତ ଅବସରରେ ହ୍ରିତିକ ମୋତେ ଏକ ଗିଫ୍ଟ ଦେଇଥିଲେ। ଦେବା ସମୟରେ ସେ ମୋତେ କହିଥିଲେ ଯେ, 'ଏହି ଗିଫ୍ଟଟି ମୋ ପାଇଁ ସ୍ପେଶାଲ।' ଘରକୁ ଯିବା ପରେ ଯେତେବେଳେ ତାକୁ ଖୋଲି ଦେଖିବା ପରେ ମୋ ଖୁସିର ସୀମା ରହି ନ ଥିଲା। କାରଣ ତାହା ଥିଲା ମହେଞ୍ଜୋଦାରୋର ଏକ ରିପ୍ଲିକା। ଏହି ଗିଫ୍ଟଟିକୁ ମୁଁ ସାରାଜୀବନ ଭୁଲି ପାରିବି ନାହିଁ।' ୨୦୧୬ରେ ପରଦା ଉପରକୁ ଆସିଥିଲା 'ମହେଞ୍ଜୋଦାରୋ', ଯାହାର ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର। ଅନ୍ୟପକ୍ଷରେ ପୂଜାଙ୍କ ଅଭିନୀତ ତଥା ଫରହଦ୍ ସାମ୍‌ଜୀଙ୍କ ନିର୍ଦ୍ଦେଶିତ 'କିସି କା ଭାଇ କିସିକି ଜାନ୍ ଚଳିତ ବର୍ଷ ଏପ୍ରିଲ ୨୧ରେ ମୁକ୍ତିଲାଭ କରିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୫/୨୦୨୩ Bhubaneswar, Thursday, January 5/ 2023

# 'ନୂଆ ଚ୍ୟାଲେଞ୍ଜ ପାଇଁ ନେଦରଲାଣ୍ଡ ପ୍ରସ୍ତୁତ'

ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି)

ପାଖେଇ ଆସିଛି ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ। ମେଗା ପ୍ରତିଯୋଗିତା ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପ୍ରସ୍ତୁତ। ଭାରତୀୟ ଦଳ ଡିସେମ୍ବର ୨୭ରୁ ରାଉରକେଲାରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଥିବାବେଳେ ବିଶ୍ୱକପ୍ ଟ୍ରଫି ଟୁର୍ ରାଜ୍ୟ ଭ୍ରମଣରେ ରହିଛି। ଏପଟେ

## ଭୁବନେଶ୍ୱରରେ ଭବ୍ୟ ସ୍ୱାଗତ

ବୁଧବାର ଭୁବନେଶ୍ୱରରେ ଆସି ପହଞ୍ଚିଛି ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡ। ଆଗାମୀ ଟୁର୍ନାମେଣ୍ଟ ପାଇଁ ପ୍ରଥମ ବିଦେଶୀ ଦଳ ଭାବେ ଭୁବନେଶ୍ୱରରେ ପାଦ ଦେଇଛି। ଗୁରୁବାର ପ୍ରଥମ ପଦାର୍ପଣକାରୀ ଚିଲି ଦଳ ଆସି ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଫଳରେ ସ୍ୱାଭାବିକ ଭାବେ ସାରା ଓଡ଼ିଶାରେ ଏବେ ହକି ଫିଭର। ନୂଆ ରୂପରେ ସଜେଇ ହେଉଛି ଭୁବନେଶ୍ୱର ଓ ରାଉରକେଲା ସମେତ ସାରା ଓଡ଼ିଶା।

## କ୍ୱାର୍ଟର ଫାଇନାଲ ଆମର ପ୍ରଥମ ଲକ୍ଷ୍ୟ

ଓ ଥର ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ ଦଳକୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଥିଏରି ବ୍ରିଙ୍କମାନଙ୍କ ନେତୃତ୍ୱାଧୀନ ଦଳ ଭୁବନେଶ୍ୱରରେ ବିଶ୍ୱକପ୍ ପାଇଁ ଅନ୍ତିମ ପ୍ରସ୍ତୁତି କରିବ। ଏହାପରେ ଚଳିତ ମାସ ୧୦ ତାରିଖରେ ରାଉରକେଲା ଯିବ। ସେଠାରେ ବିର୍ସାମୁଣ୍ଡା ଷ୍ଟାଡିୟମରେ ଦଳ ୧୪ ତାରିଖରେ ମାଲେସିଆ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଇତିହାସରେ ନେଦରଲାଣ୍ଡ ଏକ ଶକ୍ତିଶାଳୀ ଦଳ ଭାବେ ବେଶ୍ ପରିଚିତ। ୧୯୭୩, ୧୯୯୦ ଓ ୧୯୯୮ରେ ଏହି ଦଳ ଟାଇଟଲ ହାସଲ କରିଥିବାବେଳେ ୪ ଥର ରୌପ୍ୟ ପଦକ ପାଇଛି। ଏହା ମଧ୍ୟରେ ଗତ ୨ ସଂସ୍କରଣ ସାମିଲ। ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ଏହି ଦଳ ରନରଅପ୍ ହୋଇଛି। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ନେଦରଲାଣ୍ଡ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ବେଲଜିୟମଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ସମାନ ଭେନ୍ୟୁରେ ଦ୍ୱିତୀୟ ଥର ପାଇଁ ଖେଳିବାକୁ ଯାଉଥିବାରୁ ଏହି ଦଳ ପୂର୍ବଭଳି ପ୍ରଦର୍ଶନ ଆଶା ରଖିଛି। ମାତ୍ର ଏଥର ଦଳକୁ କିଛି ନୂଆ ଚ୍ୟାଲେଞ୍ଜ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୋଚ୍ ଜେରୋନ ଡେଲମି ସ୍ୱୀକାର କରିଛନ୍ତି। "ଆମେ ଗେମ୍ ପରେ ଗେମ୍ ଫାଇଟ୍ କରିବୁ। କ୍ୱାର୍ଟର ଫାଇନାଲ ପ୍ରବେଶ ଆମର ପ୍ରଥମ ଟାର୍ଗେଟ ରହିବ। ଏହାପରେ ସେମିଫାଇନାଲ ଏବଂ ସ୍ୱାଭାବିକ ଭାବେ ଫାଇନାଲ ଖେଳିବାକୁ ଲକ୍ଷ୍ୟ ରହିବ। ଯଦି ଏହା ସମ୍ଭବ ହୁଏ ତେବେ ଆମେ ଟୁର୍ନାମେଣ୍ଟ ଜିତିପାରିବୁ। ଏବେକାର ନେଦରଲାଣ୍ଡ ଏକ ଭିନ୍ନ ଦଳ। ଗତ ସଂସ୍କରଣ ଖେଳିଥିବା ଦଳ ସହ ଏହାର ତୁଳନା କରାଯାଇ ପାରିବନାହିଁ। ଦଳରେ ବିଶେଷ ଅଭିଜ୍ଞ ଖେଳାଳି ନାହାନ୍ତି। ତେଣୁ ଅନଭିଜ୍ଞତା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭାହେବ। ଆମେ ଏହି ଚ୍ୟାଲେଞ୍ଜକୁ କିପରି ସାମ୍ନା କରିପାରୁଛୁ ତା' ଉପରେ ଅନେକକିଛି ନିର୍ଭର କରିବ। ତେବେ ଦଳକୁ ନେଇ ମୁଁ ଅନେକ ଆଶାବାଦୀ'' ବୋଲି ଡେଲମି ପ୍ରକାଶ କରିଛନ୍ତି।



ହକି ବିଶ୍ୱକପ ଖେଳିବା ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିବାପରେ ନେଦରଲାଣ୍ଡ ଦଳ।

**ହକି ବିଶ୍ୱକପ୍**




**ଆଉ ୮ ଦିନ**

### ଖୁସି ଲାଗୁଛି: ବ୍ରିଙ୍କମାନ

ବିଶ୍ୱକପ୍ ପାଇଁ ଗତ କିଛି ମାସ ମଧ୍ୟରେ ଦଳର ପ୍ରସ୍ତୁତିକୁ ନେଇ ସନ୍ତୁଷ୍ଟ ଅଛନ୍ତି ଅଧିନାୟକ ଥିଏରି ବ୍ରିଙ୍କମାନ। ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ବିଶ୍ୱକପ୍ ପାଇଁ ଗତ କିଛିମାସ ଧରି ଆମେ ପ୍ରସ୍ତୁତି ଚଳାଇ ଆସିଛୁ। ତେଣୁ ଟୁର୍ନାମେଣ୍ଟ ପାଇଁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଁ କହିପାରିବି। ଆମେ ଏବେ ଭାରତରେ ପହଞ୍ଚିଛୁ। ସାମୟିକ ବିଶ୍ରାମ ନେଇ ପ୍ରଥମ ମ୍ୟାଚ ପାଇଁ ଅଭ୍ୟାସ ଆରମ୍ଭ କରିବୁ। ପୁଣିଥରେ ଭାରତ ଆସିଥିବାରୁ ବହୁତ ଖୁସି ଲାଗୁଛି। ବିଶେଷ କରି ଏଠାକାର ହକି ପ୍ରଶଂସକଙ୍କ ସମ୍ମୁଖରେ ଖେଳିବା ପାଇଁ ବହୁତ ଆଗ୍ରହୀ ଅଛି'' ବୋଲି ବ୍ରିଙ୍କମାନ କହିଛନ୍ତି। ଟୁର୍ନାମେଣ୍ଟରେ ପ୍ରଦର୍ଶନର ଛାପ ଛାଡ଼ିବା ଭଳି ଅନେକ ଖେଳାଳି ଦଳରେ ରହିଛନ୍ତି। ସେମାନେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଜୋରିଟ କ୍ରୁନ୍, ଜୋନାସ ଡି ଜିଉସ ଓ ଗୋଲକିପର ପିରମିନ ବ୍ଲାକ୍‌ଙ୍କ ଉପରେ ନିଶ୍ଚିତ ନଜର ରହିବ। ବ୍ୟକ୍ତିଗତ ଭାବେ ମୁଁ ଗୋଲ ସ୍କୋର କରି ହକି ଦର୍ଶକଙ୍କ ମନୋରଞ୍ଜନ କରିବା ଲକ୍ଷ୍ୟ ରଖିଛି ବୋଲି ବ୍ରିଙ୍କମାନ ପ୍ରକାଶ କରିଛନ୍ତି।

ନେଦରଲାଣ୍ଡ ପୁଲ୍ 'ସି'ରେ ଚିଲି, ମାଲେସିଆ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୪ରେ ମାଲେସିଆ ବିପକ୍ଷ ମ୍ୟାଚ ପରେ ଏହି ଦଳ ୧୬ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଏହାପରେ ଭୁବନେଶ୍ୱର ଆସି ୧୯ ତାରିଖରେ ଚିଲି ବିପକ୍ଷରେ ମ୍ୟାଚ ଖେଳିବ। ନେଦରଲାଣ୍ଡର ସମସ୍ତ ଗ୍ରୁପ୍ ମ୍ୟାଚ ଅପରାହ୍ନ ୩ଟାରେ ଆରମ୍ଭ ହେବ। ବିଶ୍ୱକପ୍‌ରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ଭାରତ, ଆର୍ଜେଣ୍ଟିନା, ଜର୍ମାନୀ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ ଓ ୱେଲ୍ସ।

## ଶକିଲଙ୍କ ଶତକ: ପାକିସ୍ତାନ ୪୨ ରନରେ ପଛୁଆ

**କରାଚୀ,୪।୧ (ପି.ଟି):** ସୌଦ୍ ଶକିଲଙ୍କ ପ୍ରଥମ ଟେଷ୍ଟ ଶତକ ଓ ସର୍ଫରାଜ ଅହମଦଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ପାକିସ୍ତାନ ୪୨ ରନ୍ ପଛରେ ରହିଛି। ନ୍ୟୁଜିଲାଣ୍ଡର ୪୪୯ ରନ୍ ଜବାବରେ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ପାକିସ୍ତାନ ୯ ଉଇକେଟ ହରାଇ ୪୦୭ ରନ୍ ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫୪/୩ରୁ ଖେଳ ଆରମ୍ଭ କରିଥିଲା ପାକିସ୍ତାନ। ୭୪ ରନରେ ଅପରାଜିତ ଥିବା ଇମାମ ଉଲ୍ ହକ୍ ଆଉ ୯ ରନ୍ ଯୋଡି ପ୍ୟାଭିଲିୟନ୍ ଫେରିଥିଲେ। ୫ମ ଉଇକେଟରେ ସୌଦ୍ ଶକିଲ୍ ଓ ସର୍ଫରାଜଙ୍କ ମଧ୍ୟରେ ୧୫୦ ରନର ଭାଗୀଦାରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ୪ ବର୍ଷ ପରେ ଟେଷ୍ଟ ଦଳରେ ସୁଯୋଗ ପାଇଥିବା ସର୍ଫରାଜ ଦ୍ୱିତୀୟ ଟେଷ୍ଟରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିଥିଲେ। ସର୍ଫରାଜ ୧୦୯ ବଲ୍ ଖେଳି ୧୦ ଚୌକା ମାରିଥିଲେ। ବଡ ଶଟ୍ ଖେଳିବାକୁ ଯାଇ ସେ ଡାରିଲ ମିଚେଲଙ୍କ ବଲରେ ଷ୍ଟମ୍ପିଂ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଆଘା ସଲମାନ୍ ୪୧ ରନ୍ କରିବା ସହିତ ଷଷ୍ଠ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୫୩ ରନ୍ ଯୋଡିଥିଲେ। ମାତ୍ର ଏକଦା ୩୯୩/୬ ଥିବା ପାକିସ୍ତାନ ପରବର୍ତ୍ତୀ ୩ ଉଇକେଟ ମାତ୍ର ୧୬ ରନରେ ହରାଇ ସଙ୍କଟରେ ପଡିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଶକିଲ ୧୨୪ ଓ ଅବ୍ରାର ଅହମଦ୍ ୦ କ୍ରିଜ୍‌ରେ ଉପସ୍ଥିତ ଅଛନ୍ତି।

# ମୁମ୍ବାଇକୁ ଏୟାରଲିଫ୍ଟ ହେଲେ ପନ୍ତ

ନୂଆଦିଲ୍ଲୀ,୪।୧ (ପି.ଟି)

ଭାରତୀୟ ଉଇକେଟ କିପର ବ୍ୟାଟର ରିଷଭ ପନ୍ତଙ୍କୁ ବୁଧବାର ମୁମ୍ବାଇ ଏୟାରଲିଫ୍ଟ କରାଯାଇଛି। ସେଠାରେ ପନ୍ତଙ୍କ ଲିଗାମେଣ୍ଟ ଅସ୍ତ୍ରୋପଚାର କରାଯିବ ବୋଲି ବିସିସିଆଇ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଡିସେମ୍ବର ୩୦ରେ ଏକ ଭୟଙ୍କର ସଡକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ପନ୍ତ। ଜାତୀୟ ରାଜପଥ ୫୮ରେ ଆସୁଥିବା ବେଳେ ଏକ ଖାଲକୁ ଏଡାଇବାକୁ ଯାଇ ତାଙ୍କ ମର୍ସିଡିଜ୍ କାର ଡିଭାଇଡରରେ ପିଟି ଜଳି ଯାଇଥିଲା। ଗୁରୁତର ଭାବରେ ଆଘାତ ପାଇଥିବା ପନ୍ତଙ୍କୁ ଡେରାଡୁନ୍‌ସ୍ଥିତ ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପନ୍ତଙ୍କ ମୁଣ୍ଡ, ବେକ, ଆଣ୍ଠୁ ଓ ଗୋଇଠିରେ ଆଘାତ ଲାଗିଥିବା ବେଳେ ସୋମବାର ତାଙ୍କୁ ଆଇସିୟୁରୁ ଜେନେରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଲିଗାମେଣ୍ଟ ଅସ୍ତ୍ରୋପଚାର ତଥା ଅନ୍ୟ ଚିକିତ୍ସା ପାଇଁ ପନ୍ତଙ୍କୁ ଏୟାର ଆମ୍ବୁଲାନ୍ସ ଜରିଆରେ ମୁମ୍ବାଇ ସ୍ଥାନାନ୍ତର କରାଯାଇଥିବା ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ପନ୍ତଙ୍କୁ ମୁମ୍ବାଇ ସ୍ଥିତ କୋକିଳା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଓ ମେଡିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଭର୍ତ୍ତି କରାଯିବ। ସେଠାରେ ବରିଷ୍ଠ ସ୍ପୋର୍ଟ୍ସ ଅର୍ଥୋପେଡିକ୍ ସର୍ଜନ ଡିନଶ ପର୍ଡିୱାଲା ତାଙ୍କର ଚିକିତ୍ସା କରିବେ ବୋଲି ଶାହା ସୂଚନା ଦେଇଛନ୍ତି। ବିସିସିଆଇର ମେଡିକାଲ ଟିମ୍ ପନ୍ତଙ୍କ ଚିକିତ୍ସା ଓ ରିହାବିଲିଟେଶନ୍ କାର୍ଯ୍ୟକ୍ରମକୁ ତଦାରଖ କରିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ପନ୍ତଙ୍କୁ ଆବଶ୍ୟକ ଥିବା ସମସ୍ତ ସାହାଯ୍ୟ ଓ ସହଯୋଗ ବୋର୍ଡ ପ୍ରଦାନ କରିବ ବୋଲି ମଧ୍ୟ ସେ କହିଛନ୍ତି। ୨୫ ବର୍ଷୀୟ ଉଇକେଟ କିପର ବ୍ୟାଟର ପନ୍ତ ଦିଲ୍ଲୀରୁ କାର୍ ଚଳାଇ ରୁରକୀ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପନ୍ତଙ୍କ ଆଖିପତା ଉପରେ ଆଘାତ ଲାଗିଥିବା ବେଳେ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ତେବେ ଆଣ୍ଠୁ ଓ ଗୋଇଠିରେ ଲାଗିଥିବା ଆଘାତ ବେଶ୍ ଗମ୍ଭୀର ରହିଛି। ଉଭୟ ସ୍ଥାନରେ ଫୁଲା ରହିଥିବାରୁ ଏମ୍‌ଆର୍‌ଆଇ ସମ୍ଭବ ହୋଇ ନ ଥିବା ବେଳେ ଟିୟର ଗ୍ରେଡେଶନ୍ ହୋଇପାରି ନାହିଁ। ମାତ୍ର ଆଘାତ କାରଣରୁ ସେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଭାରତୀୟ ଦଳରୁ ଦୂରରେ ରହିବେ। ଆସନ୍ତା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ଓ ଆଇପିଏଲରୁ ସେ ଦୂରେଇ ରହିବେ। ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ଖେଳାଳି ହୋଇଥିବା କାରଣରୁ ପନ୍ତଙ୍କ ଚିକିତ୍ସା ଭାର ବିସିସିଆଇ ବହନ କରିବ ଏବଂ ଏନ୍‌ସିଏ ମେଡିକାଲ ଟିମ୍ ମୁଖ୍ୟ ନିତିନ ପଟେଲ ଚିକିତ୍ସା ଦାୟିତ୍ୱ ତଦାରଖ କରିବେ।




## ଖ୍ୱାଜା-ଲାବୁଶେନଙ୍କ ଶତକୀୟ ଭାଗୀଦାରି

**ସିଡନୀ, ୪।୧ (ପି.ଟି):** ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଟେଷ୍ଟର ପ୍ରଥମ ଦିନର ଖେଳ ବର୍ଷା ବାଧାପ୍ରାପ୍ତ ରହିଛି। ଓପନର ଉସମାନ ଖ୍ୱାଜା(୫୪*) ଓ ମାର୍ନସ୍ ଲାବୁଶେନ୍(୭୯)ଙ୍କ ଶତକୀୟ ଭାଗୀଦାରି ଫଳରେ ଅଷ୍ଟ୍ରେଲିଆ ୪୭ ଓଭରରେ ୨ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଛି। ବର୍ଷା ଓ ଖରାପ ଆଲୋକ କାରଣରୁ ଅଧା ଦିନର ଖେଳ ସମ୍ଭବ ହୋଇ ନ ଥିଲା। ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦୀର୍ଘ ୫ ବର୍ଷ ପରେ ଦଳରେ ସ୍ଥାନ ପାଇଥିବା ଓପନର ମ୍ୟାଟ୍ ରେନଶ କୋଭିଡ କାରଣରୁ ବାଦ୍ ପଡିବାରୁ ଖ୍ୱାଜା ଇନିଂସ ଓପନ କରିଥିଲେ। ଡେଭିଡ ୱାର୍ନର(୧୦) ଦଳୀୟ ସ୍କୋର ୧୨ ରନରେ ଏନରିଚ୍ ନର୍ଜେଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଖ୍ୱାଜା ଓ ଲାବୁଶେନ୍ ଦ୍ୱିତୀୟ ଉଇକେଟରେ ୧୬୦ ରନ୍ ଯୋଡିଥିଲେ। ୧୨୧ ବଲ୍ ଖେଳିଥିବା ଖ୍ୱାଜା ୬ ଚୌକା ସହିତ ୫୪ ରନରେ ଅପରାଜିତ ରହିଛନ୍ତି। ଅନ୍ୟ ପକ୍ଷରେ ୧୫୧ ବଲ୍ ଖେଳିଥିବା ଲାବୁଶେନ୍ ୧୩ ଚୌକା ସହିତ ୭୯ ରନ କରି ଇନିଂସର ଅନ୍ତିମ ବଲରେ ଆଉଟ ହୋଇଥିଲେ। ଲାବୁଶେନ୍ ଆଉଟ ହେବା ପରେ ଖରାପ ଆଲୋକ କାରଣରୁ ସ୍ପିନ୍ ବୋଲିଂ ପାଇଁ ଏଲଗାରଙ୍କୁ ଅମ୍ପାୟର ଅନୁରୋଧ କରିଥିଲେ। ସେ ଏହାକୁ ଗ୍ରହଣ ନ କରିବାରୁ ଖେଳ ବନ୍ଦ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ଦୁଇ ଟେଷ୍ଟ ଜିତିବା ସହ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଆଗୁଆ ରହିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭ ଓଭରରେ ୧୪୭/୨ ( ମାର୍ନସ୍ ଲାବୁଶେନ୍-୭୯, ଉସମାନ ଖ୍ୱାଜା-୫୪*, ଡେଭିଡ ୱାର୍ନର-୧୦, ଏନରିଚ୍ ନର୍ଜେ-୨/୨୬)।

# ରଣଜୀ ଟ୍ରଫି: ଓଡ଼ିଶା ବୋଲର ନିରାଶ

ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବୋଲରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଫଳରେ ନାଗାଲାଣ୍ଡ ଦୃଢ଼ ବ୍ୟାଟିଂ କରି ବଡ଼ ସ୍କୋର ଛିଡ଼ା କରିଛି। ଗ୍ରୁପ୍ 'ଏ'ର ଅପେକ୍ଷାକୃତ ଦୁର୍ବଳ ଦଳ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ପ୍ରଥମ ଇନିଂସରେ ୪୩୩ ରନ ସଂଗ୍ରହ କରି ଏହି ଦଳ ଘରୋଇ ବୋଲରଙ୍କ ବିଫଳତାକୁ ପଦାରେ ପକାଇ ଦେଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୧୧୧ ରନ ସଂଗ୍ରହ କରିଛି। ଅନୁରାଗ ଷଡ଼ଙ୍ଗୀ ୭୫ ଓ ଶାନ୍ତନୁ ମିଶ୍ର ୩୧ ରନକରି ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଓଡ଼ିଶା ୩୨୨ ରନ ପଛରେ ରହିଛି। ୨ ଦିନ ଖେଳ ଶେଷ ହୋଇଯାଇଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା କମିଛି।

### ବିଷ୍ଟଙ୍କ ଶତକ

ପ୍ରଥମ ଦିବସ ଖେଳ ଶେଷ ବେଳକୁ ନାଗାଲାଣ୍ଡ ୨୯୧ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ଅର୍ଥାତ୍ ଦ୍ୱିତୀୟ ଦିବସରେ ଏହି ଦଳ ୪ ଉଇକେଟ ବିନିମୟରେ ଆହୁରି ୧୪୨ ରନ ସଂଗ୍ରହ କରି ନେଇଥିଲା। ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ଅଭିଜ୍ଞ ଚେତନ ବିଷ୍ଟ। ଚଳିତ ସିଜନରେ ନାଗାଲାଣ୍ଡ ପକ୍ଷରୁ ଖେଳୁଥିବା ମହାରାଷ୍ଟ୍ରର ବିଷ୍ଟ ଶତକ ହାସଲ କରି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୨୧୩ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହାୟତାରେ ୧୨୯ ରନ କରିଥିଲେ। ୮ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ସେଡେଝାଲେ ରୁପେରୋ ଓଡ଼ିଶା ବୋଲରଙ୍କୁ ସବୁଠାରୁ ବେଶି ନିରାଶ କରିଥିଲେ। ସେ ସଫଳତାର ସହ ଘରୋଇ ବୋଲରଙ୍କୁ ମୁକାବିଲା କରି ୭୧ ରନରେ ଅପରାଜିତ ରହିଥିଲେ। ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୁପେରୋ ନିଜ ଇନିଂସ ମଧ୍ୟରେ ୮ ଚୌକା ଓ ୧ ଛକା ମାରିଥିଲେ। ଓଡ଼ିଶା ପକ୍ଷରୁ ଦୁଇ ଷ୍ଟ୍ରାଇକ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ଓ ତାରିଣୀ ସ' ଦ୍ୱିତୀୟ ଦିବସରେ ଉଇକେଟ ପାଇ ନ ଥିବାବେଳେ ଜୟନ୍ତ ବେହେରା ୨ଟି ଓ ଶାନ୍ତନୁ ମିଶ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ପ୍ରୟାସ ସିଂ ମଧ୍ୟ ଉଇକେଟ ଶୂନ୍ୟ ରହିଥିଲେ।




**ସଂକ୍ଷିପ୍ତ ସ୍କୋର**

ନାଗାଲାଣ୍ଡ ପ୍ରଥମ ଇନିଂସ: ୪୩୩/ଅଲ୍‌ଆଉଟ (ଚେତନ ବିଷ୍ଟ-୧୨୯, ସେଡେଝାଲି ରୁପେରୋ-୭୧*, ଶ୍ରୀକାନ୍ତ ମୁଣ୍ଡେ-୬୬, ହୋକାଇତୋ ଝିମୋମି-୫୯, ନାଗାହୋ ଚିଶି-୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୩/୮୯, ତାରିଣୀ ସ'-୩/୮୬, ଜୟନ୍ତ ବେହେରା-୨/୯୪, ଶାନ୍ତନୁ ମିଶ୍ର-୧/୨୦)। ଓଡ଼ିଶା ପ୍ରଥମ ଇନିଂସ: ୧୧୧/୦ (ଅନୁରାଗ ଷଡ଼ଙ୍ଗୀ-୭୫*, ଶାନ୍ତନୁ ମିଶ୍ର-୩୧*)।

## ଚେସ୍ ଖେଳାଳି କମଳାକାନ୍ତଙ୍କ ପରଲୋକ



**ଭୁବନେଶ୍ୱର, ୪।୧ (ସ୍ପୋର୍ଟ୍ସ ବ୍ୟୁରୋ):** ବରିଷ୍ଠ ଚେସ୍ ଖେଳାଳି କମଳାକାନ୍ତ ବିଷୋୟୀଙ୍କ ୭୩ ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ଦୀର୍ଘ ଦିନଧରି ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ୧୯୫୦ରେ କଟକର ସୁଭଦ୍ରାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କମଳାକାନ୍ତ ଏକଧାରାରେ ଜଣେ ଚେସ୍ ଖେଳାଳି ଓ କବି ରହିଥିଲେ। ଏହା ସହିତ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ୨୦୦୮ରେ ଅବସର ଗ୍ରହଣ କରିଥିଲେ। ସେ କଟକ ଜିଲ୍ଲା ଚେସ୍ ସଂଘର ପ୍ରତିଷ୍ଠାତା ସଭ୍ୟ ରହିଥିଲେ। ଚେସ୍ ଖେଳ ପ୍ରତି ଅବଦାନ ପାଇଁ କଟକ ଜିଲ୍ଲା ଚେସ୍ ସଂଘ ପକ୍ଷରୁ ତାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି। ମୃତୁ ଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ରହିଥିଲେ। ବାଲିକୁଦାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ଆନ୍ତଃବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଆରମ୍ଭ

ଭୁବନେଶ୍ୱର, ୪।୧

ଚଳିତ ବର୍ଷ ସମଗ୍ର ରାଜ୍ୟରେ ହକିକୁ ନେଇ ଉତ୍ସାହ ଦେଖିବାକୁ ମିଳୁଥିବାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। ସମଗ୍ର ଓଡିଶାରୁ ୯ଟି ବିଶ୍ୱବିଦ୍ୟାଳୟ ମହିଳା ହକି ଦଳ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ। ବୁଧବାର ସକାଳୁ ଖେଳାଳିମାନେ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ ଷ୍ଟାଡିୟମ୍‌ରେ ନାମ ପଞ୍ଜୀକରଣ କରିବା ସହ ହକି ଅଭ୍ୟାସ କରିଥିଲେ। ଅପରାହ୍ନ ସାଢ଼େ ୨ଟାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଦ୍ୱିତୀୟ ମ୍ୟାଚ୍ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ।



ଆନ୍ତଃବିଶ୍ୱବିଦ୍ୟାଳୟ ହକି ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଚହଲଙ୍କୁ ନେଇ ଚିନ୍ତାରେ ଭାରତ

ପୁଣେ,୪।୧ (ପି.ଟି)

ଗୁରୁବାର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ ପୂର୍ବରୁ ଦଳର ପ୍ରମୁଖ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ଭାରତ। ପ୍ରଥମ ଟି୨୦ରେ ପଦାର୍ପଣ କରିଥିବା ଶୁବମାନ ଗିଲଙ୍କ ପାୱାର ପ୍ଲେରେ ଧିମା ବ୍ୟାଟିଂ ମଧ୍ୟ ଚିନ୍ତାର ଆଉ ଏକ କାରଣ। ତେବେ ଭାରତର ପ୍ରମୁଖ ସ୍ପିନର ଅପେକ୍ଷାକୃତ ଅନଭିଜ୍ଞ ଶ୍ରୀଲଙ୍କା ବ୍ୟାଟିଂ ଲାଇନଅପ୍ ସମ୍ମୁଖରେ ନିଷ୍ପ୍ରଭ ମନେ ହୋଇଥିଲେ। ଅନ୍ୟପକ୍ଷରେ ଗିଲଙ୍କ ଧିମା ବ୍ୟାଟିଂ କାରଣରୁ ଋତୁରାଜ ଗାଏକ୍ୱାଡଙ୍କୁ ଏକ ସୁଯୋଗ ମିଳିବାର ସମ୍ଭାବନା ବୃଦ୍ଧି ପାଇଛି। ଆଇପିଏଲ୍ ଓ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟକୁ ମିଶାଇ ଗିଲ୍ ସମୁଦାୟ ୯୬ଟି ଟି୨୦ ମ୍ୟାଚ ଖେଳିଥିବା ବେଳେ ତାଙ୍କର କ୍ୟାରିୟର ଷ୍ଟ୍ରାଇକ୍ ରେଟ୍ ୧୨୮.୭୪ ରହିଛି। ତେବେ ପ୍ରାରମ୍ଭରୁ ସେଟ୍ ହେବା ପରେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ଗିଲଙ୍କ ଷ୍ଟାଇଲ ରହି ଆସିଛି। ସମାନ ଆଭିମୁଖ୍ୟ କାରଣରୁ ନିକଟରେ ଲୋକେଶ ରାହୁଲଙ୍କୁ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ତେଣୁ ଗିଲଙ୍କୁ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ନିହାତି ଆବଶ୍ୟକ। ଦଳରେ ରହିଥିବା ଋତୁରାଜ ଗାଏକ୍ୱାଡ ଏବଂ ରାହୁଲ ତ୍ରିପାଠୀ ଓପନ୍ କରିବାରେ ସମର୍ଥ ଥିବା ବେଳେ ଗିଲଙ୍କ ସ୍ଥାନରେ ଉଭୟ ଖେଳାଳିଙ୍କୁ ଏକ ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ଉଭୟ ଅକ୍ଷର ପଟେଲ ଓ ଯୁଜବେନ୍ଦ୍ର ଚହଲ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଶ୍ରୀଲଙ୍କା ସ୍ପିନରମାନେ ରନ୍ ସ୍କୋରର ପର୍ଯ୍ୟାପ୍ତ ସୁଯୋଗ ଦେଇ ନ ଥିବା ବେଳେ ଦୁଇ ଭାରତୀୟ ସ୍ପିନର ମହଙ୍ଗା ରହିଥିଲେ। ଶେଷ ଓଭରରେ ଅକ୍ଷର ପଟେଲ ୧୩ ରନ୍ ଡିଫେଣ୍ଡ କରିବାରେ ସଫଳ ହୋଇଥିବା ବେଳେ ଚହଲ ୨ ଓଭରରେ ଦେଇଥିଲେ ୨୬ ରନ୍। ଦ୍ୱିତୀୟ ମ୍ୟାଚରେ ଚହଲଙ୍କ ସ୍ଥାନରେ ୱାଶିଂଟନ୍ ସୁନ୍ଦରଙ୍କୁ ସୁଯୋଗ ମିଳିପାରେ।

**ଆଜି ଦ୍ୱିତୀୟ ଟି୨୦**

**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ**



ଯୁଜବେନ୍ଦ୍ର ଚହଲ



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ